Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୩ ଶ | ସଂ ୨୬ ସଂଖ୍ୟା
ତା ୨୧ ରଖ ମାହେ ଜୁନ ସନ ୧୮୭୮ ମସିହା । ମୁ । ଅଷାଢ଼ ଦ ୧୬ ଜ ସନ ୧୨୮୫ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୪୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୵

ଆଗାମୀ ମାସ ତା ୧ ରଖରୁ ଯେଉଁମାନେ ଉତ୍କଳଦୀପିକା ନ ପାଇବେ ସେମାନେ ଜାଣିବେ ଯେ ଏକବର୍ଷରୁ ଅଧିକ କାଳର ମୂଲ୍ୟ ତାହାଙ୍କ ଉପରେ ପାଉଣା ହେବା ଓ ବିଲ ଓ ତାଗିଦ ଚିଠୀ ଦିବା ପ୍ରତ୍ୟକ୍ଷେ ସେମାନେ ଆପଣା ଦେୟ ମୂଲ୍ୟ ଦେବାକୁ ବିଳମ୍ବ କରିବାରୁ ତାହାଙ୍କ ନାମ ଗ୍ରାହକଶ୍ରେଣୀରୁ ଅପସୃତ ହେଲା । ଏ ପରେ ଟଙ୍କା ଆଦାୟର ଆଇନସଙ୍ଗତ ଉପାୟ ଅବଲମ୍ବିତ ହେବ ।

———

ଇଉରୋପର ତାରସମ୍ବାଦମାନଙ୍କରୁ ଜଣାଯାଏ ଯେ କନଗ୍ରେସ ସଭାର କାର୍ଯ୍ୟ ମନ୍ଦ ମନ୍ଥର ଗତିରେ ଚଳୁଅଛି । ଲର୍ଡ ବିକନ୍‌ସଫିଲ୍‌ଡ କହୁଅଛନ୍ତି କି ରୁଷୀୟ କନଷ୍ଟାଣ୍ଟିନୋପଲ ନଗର ନିକଟରୁ ଶୀଘ୍ର ସେନା ଉଠାଇନେବାର ବନ୍ଦୋବସ୍ତ ନ କଲେ କନଗ୍ରେସ ସଭାର କାର୍ଯ୍ୟ ଚଳି ନ ପାରେ ଓ ରୁଷୀୟ ପ୍ରତିନିଧିମାନେ ଏ ବିଷୟରେ ସମ୍ରାଟଙ୍କର ମତ ପ୍ରାର୍ଥନା କରି ଅଛନ୍ତି । ଏଥିମଧ୍ୟରେ ଶୁଣାଯାଏ ଯେ ରୁଷୀୟ ସମ୍ରାଟ ବର୍ଲିନ ନଗରକୁ ଆସିବେ । ଅବଧି ଯେପରି ଭାବରେ ସଭାର କାର୍ଯ୍ୟ ଚଳି ଆସିଅଛି ତହିଁରୁ ଶାନ୍ତି ସ୍ଥାପନର ସମ୍ପୂର୍ଣ୍ଣ ସମ୍ଭାବନା ଦେଖାଯାଏ ।

—॰✻॰—

କଥିତ ହୁଅଇ ଯେ ଦେଶୀୟ ରାଜାଙ୍କଠାରୁ ସୌଦାଗରଙ୍କର ପାଉଣା ଆଦାୟ ବିଷୟରେ ଗବର୍ଣ୍ଣମେଣ୍ଟ ଇଣ୍ଡିୟା ନୂତନ ନିୟମ କରିଅଛନ୍ତି ସେ ନିୟମଟି ଏହି ଯେ କୌଣସି ଇଂରେଜୀୟ ସଉଦାଗରର କି ମହାଜନର କୌଣସି ରାଜା ଉପରେ କିଛି ପାଉଣା ଥିଲେ ଇଣ୍ଡିୟା ଗବର୍ଣ୍ଣମେଣ୍ଟର ସେକ୍ରେଟରୀଙ୍କୁ ଆବେଦନ କରିବ ଓ ତହିଁର ପ୍ରମାଣ ସମସ୍ତ ଉପସ୍ଥିତ କରିବ । ପାଉଣା ଯଥାର୍ଥ ଥିବାର ଜଣାଗଲେ ଗବର୍ଣ୍ଣମେଣ୍ଟ ଦେଶୀୟ ରାଜାଠାରୁ ସେ ଟଙ୍କା ତଲବ କରିବେ । ଦେଶୀୟ ସୌଦାଗର ଓ ମହାଜନଙ୍କର ଅପରାଧ କିସ ଯେ ତାହାଙ୍କ ପକ୍ଷରେ ଏପରି ନିୟମ ନ ହୋଇ କେବଳ ଇଉରୋପୀୟଙ୍କ ପକ୍ଷରେ ହେଲା । ଅନେକ ରାଜା ଋଣ କରିବାକୁ ଯେମନ୍ତ ତତ୍ପର ପରିଶୋଧ କରିବାକୁ ତେମନ୍ତ ଅଳସୁଆ ଅଟନ୍ତି ଏମାନଙ୍କୁ ସୁପଥରେ ଆଣିବା କାରଣ ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି ଭଲ ହୋଇଅଛି ଦେଶୀୟ ମହାଜନଙ୍କ ପକ୍ଷରେ ଏହି ନିୟମ ହେବାର ଉଚିତ ।

———

ଗତ ସୋମବାର ଓ ମଙ୍ଗଳବାର ଏ ନଗରରେ ପ୍ରଚୁର ବୃଷ୍ଟି ହୋଇଥିଲା । ଲୋକେ ଏଥିପୂର୍ବ ଗ୍ରୀଷ୍ମରେ ଦରମରପ୍ରାୟ ହୋଇ ରହିଥିଲେ ଏ ବୃଷ୍ଟି ଯେମନ୍ତ ସମସ୍ତଙ୍କ ଦେହରେ ଜୀବନ ସଞ୍ଚାର କଲା । ଯେପରି ଭାବରେ ବର୍ଷା ହେଲା ତହିଁରେ ନିଶ୍ଚୟ ଜଣାଗଲା ଯେ ବର୍ଷାକାଳର ମେଘ ପ୍ରବେଶ ହେଲା, ମାତ୍ର ଦୁଃଖର ବିଷୟ ଯେ ଏ ବର୍ଷା ଚତୁର୍ଦ୍ଦିଗ ନୁହଇ ଏ ନଗରର ଉତ୍ତର ଓ ଉତ୍ତରପୂର୍ବ ଆଡେ ପ୍ରଚୁର ବୃଷ୍ଟି ହେଲା ମାତ୍ର ଅନ୍ୟ ଦିଗରେ କେବଳ ଧୂଳି ମାରିବା ଭଳି ଛିପିରି କରି ସ୍ତବ୍ଧ ରହିଲା । ଏଥିରେ ଫସଲର ଅବସ୍ଥା ସର୍ବତ୍ର ଭଲ ହୋଇ ନାହିଁ । ଶୀଘ୍ର ସେ ସବୁ ଅଞ୍ଚଳରେ ବୃଷ୍ଟି ନ ହେଲେ ଅନେକ କ୍ଷତି ହେବ । ବାୟୁର ଗତିରୁ ଜଣାଯାଉଅଛି ଯେ ଶୀଘ୍ର ନଦୀରେ ପାଣି ପଡିବ ଏବଂ ନଗରବାସିଙ୍କର ଜଳକଷ୍ଟ ନିବାରଣ ହେବ । ସମ୍ପ୍ରତି କେବଳ ଅସହ୍ୟ ଗ୍ରୀଷ୍ମରୁ ଲୋକେ ନିସ୍ତାର ପାଇଅଛନ୍ତି ଏତିକି ବୋଲିଯାଇପାରେ । ଓଲାଉଠାରୋଗ ଏ ନଗରରେ ଭାରି ପ୍ରବଳ ହୋଇଥିଲା କିନ୍ତୁ ବୃଷ୍ଟି ଉତ୍ତାରୁ ତାହା ବିଶେଷ ଊଣା ପଡିଅଛି ସୁଖର ବିଷୟ ଅଟଇ ।

—॰○✻○॰—

ଏଥିପୂର୍ବେ ବାବୁ ଉମେଶଚନ୍ଦ୍ରମଣ୍ଡଳ ବାଲେଶ୍ୱରର ବଙ୍ଗାଳିପିଲାଙ୍କୁ ବଙ୍ଗଳାଭାଷା ଶିକ୍ଷା ଦେବାସକାଶେ ଗବର୍ଣ୍ଣମେଣ୍ଟ ସ୍କୁଲରେ ଜଣେ ପଣ୍ଡିତ ନିଯୁକ୍ତ କରିବାକାରଣ ସ୍ଥାନୀୟ ଶିକ୍ଷାକମିଟୀ ଠାରେ ପ୍ରସ୍ତାବ କରିଥିଲେ । ଅର୍ଥାଭାବରୁ ଶିକ୍ଷାକମିଟୀ ତାହା ମନୋନୀତ ନ କରିବାରୁ ସମ୍ପ୍ରତି ବାବୁମହାଶୟ ଆପଣା ହାତରୁ ବାର୍ଷିକ ଟ୬୦୲ଙ୍କା ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି । ଏଥିରେ ମାସକୁ ଟ୧୫୲ଙ୍କା ବେତନରେ ଜଣେ

Digitized by srujanika@gmail.com

ବଙ୍ଗଳା ପଢାଇବାର ଶିକ୍ଷକ ରହିବ ଓ ଆଗାମୀ ବର୍ଷ ଆରମ୍ଭରୁ ବଙ୍ଗଳା ଶିକ୍ଷା ଉଠାଯିବ । ବାବୁମହାଶୟ ହାତରୁ ଟଙ୍କା ଦେଇ ଅପଣା ଠାଣ ରଖିଲେ ପ୍ରଶଂସାର ବିଷୟ ଅଟଇ କିନ୍ତୁ ଯେବେ ବଙ୍ଗାଳୀଙ୍ଗମାନେ ନିଯୁମିତ ବେତନ ଉପରେ ମାସକୁ ଟ° ଲେଖାଏ ଦେବାକୁ ଅସ୍ୱୀକୃତ ହେଲେ ତେବେ ଜଣାଯାଏ ଯେ ବଙ୍ଗଳା ଶିକ୍ଷାକୁ ସେମାନେ ତେତେ ଆସ୍ଥା କରନ୍ତି ନାହିଁ ଓ ମଧ୍ୟ ଓଡଶାରେ ବଙ୍ଗଳାଭାଷାର ଶିକ୍ଷା ଦେବାକାରଣ ବିଶେଷ ବନ୍ଦୋବସ୍ତର କୌଣସି ଆବଶ୍ୟକତା ଆମ୍ଭେମାନେ ଦେଖୁନାହୁଁ । ଏ ଅବସ୍ଥାରେ ଉକ୍ତ ବାର୍ଷିକ ଟ ୨୦୦୯ ଙ୍କା ଅନ୍ୟ କୌଣସି ପ୍ରକାର ଶିକ୍ଷା ଦେବାରେ ବ୍ୟୟ କରଥିଲେ ଆମ୍ଭମାନଙ୍କ ମତରେ ବଡ ହିତକର ହୋଇଥାନ୍ତା ।

---

୯ ଆଇନ ଜାରି ହେବାରେ ଆମ୍ଭେମାନେ ମନେ କରଥିଲୁଁ ଯେ ଗବର୍ଣ୍ଣମେଣ୍ଟ ଦେଶୀୟ ସମ୍ବାଦପତ୍ରମାନଙ୍କ ପ୍ରତି ବଡ କଠୋର ହୋଇ ଅଛନ୍ତି କିନ୍ତୁ ସମ୍ପ୍ରତି ଶୁଣୁଅଛୁଁ ଯେ ଦେଶୀୟ ସମ୍ବାଦପତ୍ରର ଉନ୍ନତି ପକ୍ଷରେ ଗବର୍ଣ୍ଣମେଣ୍ଟ କେତୋଟି ଉପାୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ସେ ଉପାୟମାନ ଏହି ଯେ ଇଂରାଜୀସମ୍ବାଦପତ୍ରଙ୍କୁ ସୁଲଭ ମୂଲ୍ୟରେ ତାରସମ୍ବାଦମାନ ଯୋଗାଇବାର ଯେ ବିଧି ଅଛି ଦେଶୀୟ ସମ୍ବାଦପତ୍ର ପକ୍ଷରେ ତାହା ଖଟିବ ଏବଂ ପ୍ରେସ କମିଶ୍ନରସାହେବ ଇଂରାଜୀ ସମ୍ବାଦପତ୍ରକୁ ଯେମନ୍ତ ସରକାରୀ ପ୍ରଧାନ ସମ୍ବାଦମାନ ଯୋଗାଉଅଛନ୍ତି ଦେଶୀୟ ସମ୍ବାଦପତ୍ରକୁ ସେହିପରି ଯୋଗାଇବେ । ଏଥିରେ ଦେଶୀୟ ସମ୍ବାଦମାନଙ୍କର ଅଧିକ କି ଉପକାର ହେବ ଆମ୍ଭେମାନେ ବୁଝିପାରୁନାହୁଁ କାରଣ ଇଂରାଜୀ ସମ୍ବାଦପତ୍ରରୁ ଉକ୍ତ ବିଷୟମାନ ଏଥିପୂର୍ବରୁ ଦେଶୀୟ ସମ୍ପାଦକମାନେ ପ୍ରାପ୍ତ ହୋଇ ଆସୁଅଛନ୍ତି ତେବେ ଗବର୍ଣ୍ଣମେଣ୍ଟଙ୍କର ଦେଶୀୟ ସମ୍ବାଦପତ୍ର ପ୍ରତି ଯେ ସୁଦୃଷ୍ଟି ପଡଅଛି ଏହାକି ବଡ ସୁଖର ବିଷୟ ଅଟଇ । ଏ ଦୁଇ କଥାକୁ ଏକତ୍ରେ ମିଶାଇ ଦେଖିଲେ ସ୍ପଷ୍ଟ ଜଣାଯାଏ ଯେ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କର ପ୍ରକୃତ ହିତାକାଙ୍କ୍ଷୀ ଅଟନ୍ତି କାରଣ ଏକପକ୍ଷରେ ଯେମନ୍ତ ସମ୍ବାଦପତ୍ରର ଦୋଷ ପରିହାର ନିମିତ୍ତ କଠିନ ଦଣ୍ଡବିଧି ଗୋଟିଏ ପ୍ରସ୍ତୁତ କଲେ ତେମନ୍ତ ପକ୍ଷାନ୍ତରେ ସମ୍ବାଦପତ୍ରର ପୁଷ୍ଟିସାଧନ ପକ୍ଷରେ ମଧ୍ୟ ଯତ୍ନବାନ୍ ହେଲେ । ଯେବେ ଆଇନ ଜାରି କରିବା ପୂର୍ବ ଦେଶୀୟ ସମ୍ବାଦପତ୍ର ପ୍ରତି ଏତେ ଆସ୍ଥା ଦେଖାଇଥାନ୍ତେ ତେବେ ପ୍ରାୟ ଆଇନ କରିବା ଆବଶ୍ୟକ ହୁଅନ୍ତା ନାହିଁ ।

---

ପଟେଟର ରାଜାଠାରୁ ଖୋରାକ ପାଇବା ସକାଶେ ତିନିଜଣ ଲୋକ ତାହାଙ୍କ ରଖାଇସ୍ତ୍ରୀଙ୍କ ପୁତ୍ର ବୋଲି ନାଲିଶ କରିଥିଲେ । ରାଜା ଉତ୍ତର ଦେଲେ କି ସେ ଜାତିରେ କ୍ଷତ୍ରିୟ ଏବଂ ମୁଦେଇର ମାତା ଜାତିରେ ଲୋହାରୁଣୀ ଅଟଇ ସୁତରାଂ ସେ ଖୋରାକ ପୋଷାକର ଦାବୀ କରି ନ ପାରେ । ରାଜାର ବିବାହ ସମୟରେ କନ୍ୟା ସହିତ କେତେଗୁଡିଏ ଦାସୀ ରାଜାଙ୍କ ନଅରକୁ ଆସିବାର ରୀତି ସେମାନଙ୍କ ଖାନଦାନରେ ପ୍ରଚଳିତ ଅଛି ସେହି ଦାସୀଙ୍କ ମଧ୍ୟରୁ କାହାର ସନ୍ତାନାଦି ହେଲେ ସେମାନେ ଖୋରାକ ପୋଷାକ ପାଆନ୍ତି ମୁଦେଇ ସେପରି ନୁହେ ସୁତରାଂ କୌଣସିରୂପେ ଖୋରାକ ପୋଷାକ ପାଇବାର ଯୋଗ୍ୟ ହୋଇ ନ ପାରେ । ଯାହା ହେଉ ଅଧଃସ୍ଥ ଅଦାଲତ ମକଦ୍ଦମା ଡିକ୍ରୀ କଲେ ଓ ଯୁଡିସିଏଲ କମିଶ୍ନର ସେ ରାୟକୁ ବାହାଲ କଲେ । ସେ ଏହିପରି ମନ୍ତବ୍ୟ ପ୍ରକାଶ କଲେ ଯେ 'ହିନ୍ଦୁମାନଙ୍କ ମଧ୍ୟରେ ଜାରଜପୁତ୍ର ଅପମାନର ବିଷୟ ନୁହଇ' । ହାଇକୋର୍ଟରେ ଅପିଲ ହେବାରୁ ରାୟ ରଦ ହେଲା । ବିଚାରପତି କହିଲେ ଯେ ହିନ୍ଦୁମାନଙ୍କ ମଧ୍ୟରେ ଜାରଜପୁତ୍ର ଘୃଣିତ ବୋଲି ତାହାଙ୍କ ଶାସ୍ତ୍ରରୁ ପ୍ରକାଶ ପାଉଅଛି ଏବଂ ବ୍ୟବହାରରେ ତାହା ଦେଖା ଯାଉଅଛି । ଅତଏବ ଯୁଡିସିଏଲ କମିଶ୍ନରଙ୍କ ମତ ଭ୍ରମାତ୍ମକ ଅଟଇ । ମୁଦେଇ ଦାସୀପୁତ୍ର ନୁହେ । ଯେପ୍ରକାର ବ୍ୟବହାର ହିନ୍ଦୁଶାସ୍ତ୍ରରେ ନିନ୍ଦନୀୟ ବୋଲି ସ୍ଥିର ହୋଇଅଛି ମୁଦେଇ ସେହି ବ୍ୟବହାରଜନିତ ଅସମ୍ଭାବିତ ପୁତ୍ର ଅଟଇ ଅତଏବ ସେ ଖୋରାକ ପୋଷାକ ପାଇବାର ଯୋଗ୍ୟ ନୁହେ । ଆମ୍ଭେମାନେ ଏ ମତରେ ବଡ ସନ୍ତୁଷ୍ଟ ହେଲୁ ନାହିଁ । ଅନେକ ରାଜା ପାପପ୍ରଣୟରେ ବିସ୍ତର ରତ ଥିବାର ଦେଖା ଯାଏ ଅପଣା ରାଣୀ ଓ ଉପରକ୍ଷିତା ପ୍ରାୟ ଦାସୀ ଛଡା କେତେ ପ୍ରକାରରେ କେତେ ସ୍ତ୍ରୀ ଆଣି ରଖନ୍ତି ସେମାନଙ୍କ ସନ୍ତାନମାନଙ୍କୁ ଖୋରାକ ଦେବାକୁ ପଡିବା ଏକମାତ୍ର ଡର ଥିଲା ଯେବେ ହାଇକୋର୍ଟ ତାହା ଉଠାଇ ଦେଲେ ତେବେ ସେମାନଙ୍କର ଅଧିକ ସାହସ ହେଲା ଅଥଚ ସେମାନଙ୍କ ପାପରୁ ଯେଉଁମାନେ ଜନ୍ମ କଲେ ସେମାନଙ୍କର କି ଦୋଷ ହେଲା ଯେ ସେମାନେ କଷ୍ଟ ପାଇବେ ଓ ଯେଉଁ ରାଜା ତାହାଙ୍କୁ ଜନ୍ମ ଦେଲେ ସେ ନିଶ୍ଚିନ୍ତ ହୋଇ ବସିବେ ।

---

## ନାଲଜଲ କବୁଲିୟତ ।

ଆମ୍ଭେମାନେ ଓଡିଶା ଗବର୍ଣ୍ଣମେଣ୍ଟ ଗେଜେଟରେ ଦେଖିଲୁଁ ଯେ ଗତ ମଇମାସ ଶେଷ ପର୍ଯ୍ୟନ୍ତ ମା ୧୫୬୭୧ ଣ ସକାଶେ ଜଲକର କବୁଲିୟତ ହୋଇଅଛି । ଏ କବୁଲିୟତମାନ ସବୁ ପାଞ୍ଚବର୍ଷୀୟା ଅଟଇ ଏବଂ ଖରିଫ ଅର୍ଥାତ୍ ବର୍ଷାକାଳର ଫସଲ ସକାଶେ ହୋଇଅଛି । ମାଛଗାଁ ନାଲ ଅଞ୍ଚଳରେ କବୁଲିୟତର ସଂଖ୍ୟା ଅଧିକ ତହିଁତଳେ ତାଳଦଣ୍ଡା ଓ ତହିଁତଳେ କେନ୍ଦ୍ରାପଡା ହୋଇଅଛି ଯଥା ;

| | |
|---|---|
| ମାଛଗାଁ | ମା ୫୨୩୭ ଣ |
| ତାଳଦଣ୍ଡା | ମା ୪୪୫୧ ଣ |
| କେନ୍ଦ୍ରାପଡା | ମା ୩୯୮୫ ଣ |
| ହାଇଲେବଲ | ମା ୧୯୯୮ ଣ |

ଗତବର୍ଷ ଏହି ସମୟ ପର୍ଯ୍ୟନ୍ତ କେବଳ ମା ୨୦୫୬ ଣ ଭୂମି ସକାଶେ କବୁଲିୟତ ହୋଇ ଥିଲା । ଏବର୍ଷ ତହିଁର ଦ୍ୱିଗୁଣ ଅଧିକ ଭୂମିର ଏତାବେଳକେ ପାଞ୍ଚବର୍ଷ ପାଇଁ କବୁଲିୟତ ହେବାର ଦେଖି ନିଶ୍ଚୟ ଜଣା ଯାଉଅଛି ଯେ ନାଲଜଲ ପ୍ରତି ଲୋକଙ୍କ ଆଗ୍ରହ ହେଲଣି ଏବଂ ତହିଁର ଉପଯୋଗିତା ପକ୍ଷରେ ଲୋକଙ୍କ ମନ ମାତି ଗଲଣି । ବାସ୍ତବରେ ଗତବର୍ଷ ନାଲଜଲହେତୁ ଅଧିକାଂଶ ଲୋକଙ୍କ କ୍ଷେତ ରକ୍ଷା ପାଇଥିଲା ଓ ଧାନ ଚାଉଳର ମୂଲ୍ୟ ଅତ୍ୟନ୍ତ ଉଚ୍ଚ ହେବାରୁ ଜଲକର ଦେବାରକୁ ବାଧା ନାହିଁ ବରଂ ଉଦାର ଲାଭ ହୋଇଅଛି । ଏ ବର୍ଷ ମଧ୍ୟ ବୃଷ୍ଟି ଅତ୍ୟନ୍ତ ବିଳମ୍ବରେ ଆରମ୍ଭ ହେଲା ଓ ଗତ୍ ଅପେକ୍ଷାକୃତ ଟାଣ ହେବାରୁ ଶଙ୍କା ମନରେ ହେଲା ବୋଲି କେତେ ସ୍ଥଳରେ ରଡି ପଡିଗଲା । ଏଥିରେ ଅନୁମାନ ହୁଅଇ ଯେ ଏହି ଜୁନମାସ ମଧ୍ୟରେ ଅନେକ କବୁଲିୟତ ହୋଇଥିବ କାରଣ ଜଲକରର ଅନୁକୂଳରେ ସମସ୍ତ ଘଟନା ଘଟିଅଛି । ଯେବେ ଗତ ବର୍ଷପରି ଏ ବର୍ଷ ନାଲଜଲ ନେବାର କବୁଲିୟତ ହେବ ଏବଂ ସେହିପରି ଜଲକର ଅଦାୟ ହେବ ତେବେ ବଳପୂର୍ବକ ଜଲକର ନେବାର ଆଇନର ଆଉ ପ୍ରସ୍ତାବ ହେବ ନାହିଁ । ଅସମୟରେ ନାଲଜଲ ଯେ କିପରି ଉପକାରୀ ସେ

Split by PDF Splitter
Digitized by srujanika@gmail.com

Split by PDF Splitter



ପକ୍ଷରେ କିଛି ସନ୍ଦେହ ନାହିଁ ଏବଂ ଏଣିକି ପୂର୍ବ ନିୟମରେ ଆଉ ବର୍ତ୍ତମାନ ଶୁଳ୍କ ନାହାନ୍ତି କମ୍ପା ବୃଷ୍ଟି ହେଉ ନାହିଁ । ସୁତରାଂ ନାଳତଳର ଅପର କ୍ରମଶଃ ବଢିବାର ସମ୍ଭାବନା କିନ୍ତୁ ଯେ ପରିମାଣରେ କବୁଲସୂତ୍ର ହେଲେ ନାଳର ସମସ୍ତ ବ୍ୟୟ ନିର୍ବାହ ହେବ ସେ ପର୍ଯ୍ୟନ୍ତ କେତେକାଳରେ ହେବ ତାହା ସ୍ଥିର କରିବା ବଡ କଠିନ ଅଟଇ ।

---

### ଗୋଟିଏଦେଶୀୟ କୁ ପ୍ରଥା ।

ଉର୍ଦ୍ଦୂରେ ଗୋଟିଏ ପ୍ରବାଦ ଅଛି ତହିଁର ମର୍ମ ଏହି ଯେ ନ ଖୁଆଇବା ଗୋଟିଏ ଦୋଷ କିନ୍ତୁ ଖୁଆଇବା ଶଏ ଦୋଷ । ନ ଖୁଆଇଲେ ଲୋକେ କହିବେ ଯେ ଅମୁକ କେମନ୍ତ ଲୋକ କେବେ ଦଶଜଣଙ୍କୁ ଅମନ୍ତ୍ରଣ କରି ଖୁଆଏ ନା କିନ୍ତୁ ଖୁଆଇଲେ ନାନାକଥାରେ ଦୋଷ ବାହାରେ କୌଣସି ଦ୍ରବ୍ୟ ଭଲ ହୋଇ ନ ଥିଲେ ଦୋଷ, ସମୟ ଅଗପଛ ହୋଇ ଗଲେ ଦୋଷ, ସ୍ଥାନର ପରିପାଟି ନ ହେଲେ ଦୋଷ, ପରିବେଷଣ ସୁଶୃଙ୍ଖଳାରେ ନ ହେଲେ ଦୋଷ ଇତ୍ୟାଦି । ଏହି ହେତୁରୁ କେତେଲୋକ କାଳେ କୌଣସେ ତ୍ରୁଟି ହେଲେ ନିନ୍ଦା ହେବ ଏହି ଡରରେ ଅମନ୍ତ୍ରଣ ନ କରି ବରଂ ନ ଖୁଆଇବାର ଏକ ଦୋଷକୁ ଅପେକ୍ଷାକୃତ ସାମାନ୍ୟ ଦୋଷ ବୋଲି ଗ୍ରହଣ କରନ୍ତି । ଅଥଚ ଆମ୍ଭମାନଙ୍କର ସାମାଜିକ ନିୟମ ଏପରି ଯେ ଦଶଜଣ ବ୍ରାହ୍ମଣ ଓ ସ୍ୱଜାତିଙ୍କୁ ଭୋଜନ ଦେବା ପ୍ରାୟ ସମସ୍ତ କ୍ରିୟାକଲାପର ଅଙ୍ଗ ଅଟଇ । ପ୍ରଶଂସା ହେଉ ବା ନିନ୍ଦା ହେଉ ଦଶଜଣଙ୍କୁ ଅମନ୍ତ୍ରଣ କରି ଖୁଆଇବା ନିତାନ୍ତ ଆବଶ୍ୟକ ଏ ନିୟମକୁ କେହି ଲଙ୍ଘନ କରି ନ ପାରେ । ସୁତରାଂ ଗୃହସ୍ଥ ଲୋକ ଦଶଜଣଙ୍କୁ ଅମନ୍ତ୍ରଣ କରି ତହିଁସଙ୍ଗେ ଅଗତ୍ୟା ଖୁଆଇବାର ଶଏ ଦୋଷକୁ ଅମନ୍ତ୍ରଣ କରି ଆଣେ । ଯେବ୍ୟକ୍ତି ସ୍ୱୟଂ ସୁଚତୁର ଅଥବା ଦୁଇଏକଜଣ ସୁଦକ୍ଷ ବ୍ୟକ୍ତିର ସାହାଯ୍ୟ ନେଇ ସେ ସୁଶୃଙ୍ଖଳାରେ କାର୍ଯ୍ୟ ନିର୍ବାହ କରି ନଏ ନୋହିଲେ ନାନା ପ୍ରକାର ନିନ୍ଦା କଥା ଶୁଣିବାକୁ ପଡେ କାରଣ ନିନ୍ଦାତ ତାହାର ସଙ୍ଗେ୨ ରହିଅଛି ।

ଜଣେ ପତ୍ରପ୍ରେରକର ପତ୍ର ପାଠକରି ଉପଲକ୍ଷିତ କଥାମାନ ଆମ୍ଭମାନଙ୍କ ମନରେ ପଡିଲା । ଗତ କେତେକ ଦିନରେ ଯେମନ୍ତ ଗ୍ରୀଷ୍ମ ହୋଇଥିଲା ତାହା ସମସ୍ତଙ୍କ ମନରେ ଅଛି ସେହି ଅସହ୍ୟ କାଳମଧ୍ୟରେ କେତେଗୁଡିଏ ନିମିତ୍ୟ ପଡି ଗଲା । ସେ କାଳରେ ପତ୍ରପ୍ରେରକ କାହାର ଆମନ୍ତ୍ରଣରେ ଯାଇ କଷ୍ଟ ପାଇଥିବାର ବୋଧ ହୁଅଇ । ବାସ୍ତବରେ ଆମ୍ଭମାନଙ୍କର ସାମାଜିକ ରୀତି ଯେପରି ଚଳି ଆସୁଅଛି ତହିଁରେ କଷ୍ଟ ପାଇବାର କଥା ଅତ୍ୟନ୍ତ ଗ୍ରୀଷ୍ମ ସମୟରେ ଆମନ୍ତ୍ରଣ ନ କରିବା ଉଚିତ କିନ୍ତୁ ନ କଲେ କ୍ରିୟା ଅଙ୍ଗହୀନ ହୁଅଇ ଓ ପାଞ୍ଚଜଣର କଥା ଶୁଣିବାକୁ ପଡଇ । ଯେବେ ଆମନ୍ତ୍ରଣ କଲ ତେବେ ପଦାରେ ବସାଇବା ନିନ୍ଦାର କଥା ଅଥଚ ଗୃହକୁ ପଶାଇଲେ ବାୟୁ ରୁଦ୍ଧ ହୋଇ ଗ୍ରୀଷ୍ମର କଷ୍ଟ ଅତ୍ୟନ୍ତ ହେବ । ଉତ୍କୃଷ୍ଟ ଖାଦ୍ୟଦ୍ରବ୍ୟ ସମସ୍ତ ଗୁରୁପାକ ସୁତରାଂ ଗ୍ରୀଷ୍ମ କାଳରେ ଅହିତକର ଅଥଚ ଉତ୍କୃଷ୍ଟ ଦ୍ରବ୍ୟ ନ ହେଲେ ନିନ୍ଦା କଥା ହେବ । ଏସମସ୍ତ କୁପ୍ରଥାକୁ ସଂଶୋଧନ କରିବା ସହଜ କଥା ନୁହଇ । କେବଳ ଏହିଠାରେ ଏପରି କୁପ୍ରଥା ପ୍ରଚଳିତ ଅଛି ଏମନ୍ତ ନୁହେ ବଙ୍ଗଳାରେ ମଧ୍ୟ ନ୍ୟୂନାଧିକରେ ଏ ସମସ୍ତ ଦୋଷ ଅଛି । ବଙ୍ଗଳାରେ ଶିକ୍ଷାର ଉନ୍ନତି ଅନେକ ଦିନରୁ ଆରମ୍ଭ ହୋଇ ଅଛି ଓ ସେଠାଲୋକେ ଅପେକ୍ଷାକୃତ ଅନେକ ପରିମାଣରେ ସଭ୍ୟ ହୋଇ ଅଛନ୍ତି ଯେବେ ସେଠାରେ ପ୍ରସ୍ତାବିତ ସାମାଜିକ କୁରୀତି ସମ୍ପୂର୍ଣ୍ଣରୂପେ ବିନାଶ ପ୍ରାପ୍ତ ହୋଇ ନାହିଁ ସେସ୍ଥଳେ ଏଠାରେ ଏତେ ଶୀଘ୍ର କିପରି ତାହା ହେବ ? ଯାହା ହେଉ ଯେବେ ନବ୍ୟ ସମ୍ପ୍ରଦାୟର ଲୋକମାନେ ଏସବୁ ବିଷୟରେ ଦୃଷ୍ଟିପାତ କରନ୍ତେ ତେବେ ଅନେକ ସାମାଜିକ କୁରୀତି ସଂଶୋଧନ ହୋଇ ଯାନ୍ତା କିନ୍ତୁ ଦୁଃଖର ବିଷୟ ଯେ ନବ୍ୟଶିକ୍ଷିତ ଲୋକଙ୍କର ଏସମସ୍ତ ବିଷୟରେ ଯେପରିମାଣରେ ଦୃଷ୍ଟି ନିକ୍ଷେପ କରିବା କର୍ତ୍ତବ୍ୟ କର୍ମ ଅଟଇ ତାହା ସେମାନେ କରୁ ନାହାନ୍ତି । ଆଉ ପ୍ରାଚୀନଲୋକଙ୍କୁ ବର୍ତ୍ତମାନର ରୀତି ସମସ୍ତ ଶିଖାଇବା ବଡ ସହଜ କଥା ନୁହେ ।

---

## ସାପ୍ତାହିକସଂବାଦ ।

ଏଠା ରେଜଷ୍ଟ୍ରୀ ମହକୁମାର ପ୍ରଧାନ କେରାଣୀ ବାବୁ ରାମଶଙ୍କରସେନଙ୍କ ନାମରେ ଘୁଷ ନେବାର ନାଲିଶ ହେବାରୁ ସବ୍‌ରେଜଷ୍ଟ୍ରାର ତାହାଙ୍କୁ ସସ୍‌ପେଣ୍ଡ କରିଅଛନ୍ତି ଏବଂ ମକଦ୍ଦମା ବିଚାରାଧୀନରେ ଅଛି ।

ଯେଉଁବ୍ୟକ୍ତି ଏଠାରେ ଲାହୋରର ରାଜା-ବୋଲି ପରିଚିତ ଓ ଯାହା ନାମରେ ଟଙ୍କା ଠକିନେବାର ନାଲିଶ ହୋଇଥିବା କଥା ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ସେ ବ୍ୟକ୍ତି ମାଜିଷ୍ଟ୍ରେଟ ସାହେବଙ୍କ କଚେରିରେ ଗତ ସୋମବାର ଖଲାସ ପାଇ ତହିଁର ଦୁଇ ଏକଦିନ ଉତ୍ତାରୁ ପୁରୀକୁ ଯାଇଅଛନ୍ତି ।

ପୁରୀର ଇନ୍‌ସ୍ପେକ୍ଟରସୁପରିଣ୍ଟେଣ୍ଡେଣ୍ଟ ହୋମ୍‌ସ ସାହେବ ଗତକାଲି ପୁଲିସର ଭାର ନେବା କାରଣ ନିଯୁକ୍ତ ହୋଇଅଛନ୍ତି ।

ମୋଜଫରପୁରର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଡାସନ ସାହେବ ପୁରୀ ପୁଲିସର ଭାର ନେବେ ।

ବାବୁ ମହାନନ୍ଦ ଗୁପ୍ତ ଡେପୁଟୀକଲେକ୍ଟର କୋଷ୍ଟକେନାଲର ଜମି କ୍ରୟ କରିବା କାରଣ ବାଲେଶ୍ୱରକୁ ବଦଳ ହେଲେ ।

ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ସବ୍ ଡେପୁଟୀକଲେକ୍ଟର ପୁରୀଜିଲାରେ କର୍ମ କରିବାକୁ ପ୍ରେରିତ ହେଲେ ।

ଗତ ସୋମବାର ଅପରାହ୍ନକାଳରେ ଦୁଇ ଜଣ ଗୁଜମୂଲିଆ ଚୌଧୁରୀବଜାରରେ ଏକ କୋଠା ନିର୍ମାଣ କର୍ମରେ ଲାଗିଥିଲେ ଦୈବାତ୍ ତାହାଙ୍କ ଉପରେ ଖଣ୍ଡେ ପୁରୁଣା କାନ୍ଥ ପଡିବାରୁ ଜଣକର ମୁଣ୍ଡ ଓ ଜଣକର ଶିର୍ଦ୍ଦାଣ୍ଡରେ ସାଙ୍ଘାତିକ ଅଘାତ ଲାଗିଲା । ସେମାନଙ୍କୁ ଚିକିତ୍ସାର୍ଥ ହାସପାତାଲକୁ ପଠାଗଲା । ସେହି ଗୃହରେ ଏକବ୍ୟକ୍ତିର ପ୍ରାଣ ଗଲା ।

ବାବୁ ହରେକୃଷ୍ଣ ଦାସ ଭଦ୍ରକ ମୁକାମର ସବଡେପୁଟୀ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତ ପ୍ରକାଶିତ ବଙ୍ଗଳା ଗବର୍ଣ୍ଣମେଣ୍ଟ ଗଜେଟରେ କେନ୍ଦ୍ରାପଡା ଓ ଯାଜପୁର ମିଉନିସିପାଲିଟିର କେତେଗୁଡିଏ ଲେଖାଁଏ ଉପବିଧି ପ୍ରଚାରିତ ହୋଇଅଛି । ଏ ଉପବିଧିମାନ ଛାପା କରାଇ ଲୋକଙ୍କୁ ବାଣ୍ଟି ଦେବାର ଉଚିତ । ତାହା ହେଲେ ଲୋକେ ସତର୍କ ହୋଇ କର୍ମ କରିବେ । ମୂରଦାର ପୋତାଇବା ଓ ପୋଡିବା ବିଷୟରେ କେତେଗୁଡିଏ ବିଧି ହୋଇଅଛି କି ଯାହା ଏଠା ଲୋକଙ୍କୁ ନୂତନ ବୋଧ ହେବ ସୁତରାଂ ସେ ସମସ୍ତ ଭଲ କରି ଲୋକଙ୍କୁ ଜଣାଇ ନ ଦେଲେ ଅନେକ ଲୋକ ବୃଥା କ୍ଲେଶରେ ପଡି ପାରନ୍ତି ।

ମଧ୍ୟପ୍ରଦେଶରେ ଅପରାଧର ସଂଖ୍ୟା ବୃଦ୍ଧି ହେଉଅଛି । ପ୍ରଧାନ କମିଶ୍ନର ଏଥିରେ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଦ୍ରବ୍ୟର ଦୁର୍ମୂଲ୍ୟ

Digitized by srujanika@gmail.com

Split by PDF Splitter

120



ଏବଂ ସାମାନ୍ୟ ଅପରାଧ ମଧ୍ୟରେ ଏପ୍ରକାର ଗାଢ଼ ସମ୍ପର୍କ ଅଛି ଯେ ପ୍ରାୟ ଏକକୁ ଅନ୍ୟର ହେତୁ ବୋଲଯାଇ ପାରେ ଏବଂ ଯେଉଁମାନେ ଅନ୍ୟ ଅବସ୍ଥାରେ ସତ ଉପାୟଦ୍ୱାରା ଆପଣା ଖାଇବା ନିର୍ବାହ କରୁଥିଲେ ଦ୍ରବ୍ୟର ମୂଲ୍ୟ ଉଚ୍ଚ ହେବାରୁ ସେମାନେ ବାଧ୍ୟ ହୋଇ ସାମାନ୍ୟ ଚୋରୀ ଇତ୍ୟାଦି ଅପରାଧ କରୁ ଅଛନ୍ତି । ଏମନ୍ତେ ଦେଖାଯାଏ ଯେ ଉନ୍ନତି ସଙ୍ଗେ୨ ଯେମନ୍ତ ଦରିଦ୍ରତା ତେମନ୍ତ ଅପରାଧ ମଧ୍ୟ ବୃଦ୍ଧି ହେଉ ଅଛି ।

ଏକଶତ ବର୍ଷରୁ ଅଧିକ ବଞ୍ଚିବାର ଶୁଣିଲେ ଅମ୍ଭେମାନେ ଆଶ୍ଚର୍ଯ୍ୟ ହେଉଁ କିନ୍ତୁ ପାଲମଲ ଗେଜେଟରେ ଲେଖାଅଛି ଯେ ମେକ୍ସିକୋରେ ଏକ ବ୍ୟକ୍ତିର ବୟସ ବ ୧୮୦ ର୍ଷ ହୋଇଅଛି ଓ ଅବଧି ତାହାର ଦେହ ଟାଣ ଅଛି ସେ ଅଞ୍ଚଳର ଲୋକମାନେ ତାହାକୁ ରାକ୍ଷସ ବୋଲି କହନ୍ତି । ଏଥିରେ ହିନ୍ଦୁପେଟ୍ରିଅଟ ଆଉ କେତେ ଉଦାହରଣଦ୍ୱାରା ଦେଖାଇ ଅଛନ୍ତି ଯେ ଭାରତ ବର୍ଷରେ କେତେ୨ ଲୋକ ବ ୩୦୦ ର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିଥିଲେ । କେବଳ ଅମର ହୋଇ ରହିବା କଥା ଶୁଣିବାକୁ ବାକି ରହିଲା ।

ପାରିସ ନଗରରେ ପ୍ରଦର୍ଶନ ସକାଶେ ଯେଉଁ ଘର ନିର୍ମାଣ ହୋଇଅଛି ତହିଁର ଦୀର୍ଘ ୨୩୧୫ ଫିଟ ଏବଂ ପ୍ରସ୍ଥ ୧୪୧୫ ଫିଟ । ଗୋଟିଏ ଘରର ଲମ୍ବା ଅଧମାଇଲ ବାଟ ସହଜକଥା ନୁହେ ।

ଲଣ୍ଡନନଗରର ଚିକିତ୍ସକମାନେ ଧୂଁଆପତ୍ରର ବ୍ୟବହାର ତ୍ୟାଗ କରିବାକୁ ଲୋକଙ୍କୁ ପରାମର୍ଶ ଦେଉ ଅଛନ୍ତି ତାହାଙ୍କ ମତରେ ପୂର୍ବଠାରୁ ବର୍ତ୍ତମାନର ଧୂଁଆପତ୍ର ଅଧିକ କଷାକ୍ତ ଅଟଇ ଓ ଅନେକ ମନୁଷ୍ୟ ଅଧିକ ପରିମାଣରେ ଏହା ବ୍ୟବହାର କରି ସମ୍ପୂର୍ଣ୍ଣରୂପେ ଅନ୍ଧ ହୋଇ ଅଛନ୍ତି ।

ଲଣ୍ଡନରେ ସଙ୍ଗୀତ ଓ ନାଟ୍ୟାଭିନୟ ସକାଶେ ୪୭୨ ଟା ଘର ଅଛି ତହିଁରେ ତିନିଲକ୍ଷଲୋକ ବସି ପାରନ୍ତି । ଲଣ୍ଡନୀୟମାନେ ତେବେତ ଅଚ୍ଛା ମୌଜ କରନ୍ତି ।

ଥିବେଟ, ବୋଖାର୍ ଓ ମଙ୍ଗରେ ଦୁର୍ଭିକ୍ଷ ପଡ଼ିବାର ଶୁଣାଯାଏ । ଦୁର୍ଭିକ୍ଷ ଏକା ଭାରତ ବର୍ଷକୁ ଧରି ବସି ନାହିଁ ।

ଢାକା ନଗରର ଜଲକଲ ଦୁଇସପ୍ତାହ ଚାଲି ବନ୍ଦ ହୋଇଗଲା । କଲ ମରାମତ ହେଉ ଅଛି । ଇଞ୍ଜିନିୟରଙ୍କର ବେତନ ଏତେ ପ୍ରଶଂସା ହେଲା । କିନ୍ତୁ କାର୍ଯ୍ୟତ ଏହିପରି ।

ବମ୍ବେଇ ଗେଜେଟରେ ଲେଖାଅଛି କି ବେରାର ବିଷୟରେ ସେକ୍ରେଟରୀ ଅବଷ୍ଟେଟ ଏହି ସ୍ଥିର କରିଅଛନ୍ତି କି ନିଜାମ ସାବାଲଗ ହେବା ପର୍ଯ୍ୟନ୍ତ ଉକ୍ତ ପ୍ରସଙ୍ଗ ସ୍ଥଗିତ ରହିବ ।

ମୃତବାବୁ ପ୍ୟାରୀଚରଣ ସରକାରଙ୍କ ପୁତ୍ର ଯୋଗେନ୍ଦ୍ରନାଥ ସରକାର କି ସେ ବିଲାତରେ ଅଧ୍ୟୟନ କରି ବାରିଷ୍ଟର ହୋଇ ଆସି ଅଛନ୍ତି ଚଳିତମାସ ସକାଶେ ହାବଡାର ଏକଟିଂ ମୁନସଫ ହୋଇ ଅଛନ୍ତି ମାସକୁ ଟ ୧୬୮।୯/୮ ବେତନ ପାଇବେ ବାରିଷ୍ଟର ହୋଇ ମାସକୁ ଦେଢଶ ଟଙ୍କାର ଚାକରି କରିବା କଥାକୁ କେହି୨ ଘୃଣା କରୁ ଅଛନ୍ତି । ମାତ୍ର ଅମ୍ଭମାନଙ୍କ ବିବେଚନାରେ ବାରିଷ୍ଟରମାନେ ଏପରି କର୍ମ କଲେ ସାଧାରଣ ଉପକାର ଅଛି ଓ ସେମାନେ ମଧ୍ୟ ଶୀଘ୍ର ଉନ୍ନତ ପାଇ ପାରିବେ ।

ହିନ୍ଦୁପେଟ୍ରିୟଟ ଶୁଣିଅଛନ୍ତି ଯେ ସ୍କୁଲ ଇନସ୍ପେକ୍ଟରମାନଙ୍କ ନିଯୋଗ ବିଷୟରେ ଦାର୍ଜିଲିଂରେ ସମ୍ପ୍ରତି ଏକ କମିଟୀ ବସିଅଛି ଓ ବାବୁ ଭୂଦେବ ମୁଖୋର୍ଯ୍ୟା ସେଠାକୁ ଆମନ୍ତ୍ରିତ ହୋଇ ଯାଇ ଅଛନ୍ତି ।

ମହୀସୁରର ମହାରାଜାଙ୍କ ବିବାହ ଉପଲକ୍ଷରେ ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ବର ଓ କନ୍ୟା ସକାଶେ ଅଧଲକ୍ଷଟଙ୍କାର ଯୌତୁକ ପଠାଇ ଥିଲେ । ମହୀସୁରର ପ୍ରଧାନ କମିସନର ସେ ସବୁ ମହାରାଜାଙ୍କୁ ଅର୍ପଣ କଲେ ଓ ଦ୍ରବ୍ୟମାନ ମହାରାଜାଙ୍କ ସାକ୍ଷାତରେ ପ୍ରବେଶ ହେବାମାତ୍ରକେ ଏକତିରିଶ ଗୋଟା ତୋପ ସଲାମି ପଡ଼ିଲା ।

ବରେଲିଷ୍ଟେସନ ଜଜ ବୁଲିବାକୁ ଯାଇଥିଲେ ଫେରି ଆସିବା ସମୟରେ ବାଟରେ ଜଣେ ଦେଶୀୟ ଲୋକ ତାହାଙ୍କୁ ଏକବାଡ଼ି ମାଇଲା । ଭାଗ୍ୟକ୍ରମେ ସେ ଆପଣା ମୁଣ୍ଡକୁ ବଞ୍ଚାଇ ନେଲେ କିନ୍ତୁ ଦେହରେ ଆଘାତ ବସି ଦୁଇ ଏକସ୍ଥାନ ଛିଣ୍ଡି ଗଲାପ୍ରାୟ ହୋଇଅଛି । ଏ ପ୍ରକାର ଅତ୍ୟାଗ୍ରହର କାରଣ କିଛି ଜଣା ଯାଇ ନାହିଁ ।

ସଂବାଦପତ୍ରରେ ପାଠକଲୁଁ ଯେ ଏଲାହାବାଦରେ ଚଳିତମାସ ପ୍ରଥମ ସପ୍ତାହରେ ଖରା ତୀକ୍ଷ୍ଣ ହୋଇଥିଲା । କ୍ରମାଗତ ତିନିଦିନ ତାପମାନ ଯନ୍ତ୍ରରେ ୧୧୬ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଉଠି ଥିଲା ଓ ଏକଦିନ ୧୧୭ ଡିଗ୍ରୀ ହୋଇଥିଲା । ସରଦ ଗରମିରେ କିଲ୍ଲା ମଧ୍ୟରେ ଦୁଇଜଣ ସିପାହି ମରିଗଲେ ।

ନେପାଲ ଗବର୍ଣ୍ଣମେଣ୍ଟ ସରଜଙ୍ଗ ବାହାଦୁରଙ୍କୁ ମାନ୍ୟ କରିବାକୁ ପାସୋରି ଯାଇ ନାହାନ୍ତି । ଶୁଣିଲୁଁ ଯେ ତାହାଙ୍କର ଦୁଇଗୋଟି ପୂର୍ଣ୍ଣ ଅବୟବର ଧାତୁମୟ ପ୍ରତିମୂର୍ତ୍ତି ନିର୍ମିତ କରି ଆପଣା ରାଜଧାନୀରେ ବସାଇବାର ସ୍ଥିର କରିଅଛନ୍ତି । ପ୍ରତିମୂର୍ତ୍ତି ନିର୍ମାଣର ଭାର ଏକ କମ୍ପାନୀକୁ ଦିଆ ଯାଇଅଛି ଏଥିର ମୂଲ୍ୟ ପଞ୍ଚାଶହଜାର ଟଙ୍କା ହେବ ।

ଏକ ସଂବାଦପତ୍ର ଅନୁମାନ କରନ୍ତି କି ରୁସୀୟା ବର୍ତ୍ତମାନ ସମୟରେ ଛଅଲକ୍ଷ ସେନା ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ କରିଇ ପାରେ । ଏଥି ମଧ୍ୟରୁ ଚାରିଲକ୍ଷରୁ ଅଧିକ ସେନା ଇଉରୋପୀୟ ଓ ଆସିୟାସ୍ଥ ତୁରସ୍କରେ ନିଯୁକ୍ତ ଅଛନ୍ତି ସୁତରାଂ ଦୁଇଲକ୍ଷ ସେନାରୁ ଅଧିକ ରୁସୀୟା ପାଇବେ ନାହିଁ ।

ଦେଶୀୟ ଭାଷାମାନ ଇଂରାଜୀ ରୋମାନ ଅକ୍ଷରରେ ଲେଖିବା କାରଣ ଏକ ସମାଜ ଲାହୋରରେ ସ୍ଥାପିତ ହୋଇଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ହୃଷିକେଶ ।—ସମ୍ବାଦବାହିକା ପୁରୀସମାଜଠାରେ କାହିଁକି ସହାନୁଭୂତି ପ୍ରକାଶ ନ କଲେ ସେ କଥା ତାହାଙ୍କୁ ପଚାରିଲେ ସେ ଉତ୍ତର ଦେଇ ପାରିବେ । ଏପରି ପତ୍ର ଅମ୍ଭେ ପ୍ରକାଶ କରିବାକୁ ଇଚ୍ଛା ନ ରଖୁଁ ।

ଜଣେ ଗରିବ ଯାହାର ଘର ପୋଡ଼ାଲୁ ତର ।—ଯାହାକୁ ତଦାରଖର ଭାର ଦିଆ ଯାଇଅଛି ସେ ଯେବେ ଉତ୍ତମରୂପେ କାର୍ଯ୍ୟ ନ କରେ ତେବେ ତାହାର ଦୋଷ ଚହଲ ଦିଅ ସେ ଅବଶ୍ୟ ଦଣ୍ଡ ପାଇବ । ଭଲ କର୍ମ କରିବ ନାହିଁ ଅଗଠୁଁ ଏପରି ଆଶଙ୍କା କରିବାର କିଛି ହେତୁ ନାହିଁ ।

## ବିଜ୍ଞାପନ ।

ଉତ୍କଳ ସଭାର ବାର୍ଷିକ ଅଧିବେଶନ ଆଗାମୀ ଜୁଲାଇ ତା ୬ ଦିନରେ ହେବ ବୋଲି ଉତ୍କଳମଧୁପରେ ବିଜ୍ଞାପନ ଦିଆ ଯାଇଥିଲା, କିନ୍ତୁ କୌଣସି ଅସୁବିଧା ବଶତଃ ଉକ୍ତ ଅଧିବେଶନ ଜୁଲାଇ ତା ୪ ଦିନ ଗୁରୁବାର ଦିନ ସନ୍ଧ୍ୟା ସ ୬॥ ଘଣ୍ଟା ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀର ହୋମହଲରେ ହେବ, ଅତଏବ ପ୍ରାର୍ଥନା ଯେ ଉକ୍ତ ସମୟରେ ସମସ୍ତ ଉତ୍ସୁକମାନେ ସଭାସ୍ଥଳକୁ ଶୁଭାଗମନ କରି ବାଧିତ କରିବା ହେବେ ।

କଟକ
୨୮।୬।୭୮

ଶ୍ରୀ ଗୋପାଳ ଚନ୍ଦ୍ର ଦତ୍ତ
ଉ, ସ, ସମ୍ପାଦକ ।

ଏହି ଉତ୍କଳ ଦୀପିକା ସହର କଟକ ଦରଘାବଜାର- ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ | ସ ୨୭ ସଂଖ୍ୟା

ତା ୬ ରଖ ମାହେ ଜୁଲାଇ ସନ ୧୮୭୮ ମସିହା । ମୂ । ଅଷାଢ଼ ତା ୨୪ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬
ମଫସଲପାଁଇ ଡାକମାସୁଲ ଟ୧୵

ଶ୍ରୀଯୁକ୍ତ ଇଲିଅଟସାହେବ ଯେ ଗବର୍ଣ୍ଣମେଣ୍ଟଇଣ୍ଡିଆ ଅଧୀନରେ ବାୟୁବୀୟ ଘଟନା ସନ୍ଦର୍ଶନ ଓ ରିପୋର୍ଟ କରିବାନିମିତ୍ତ ନିଯୁକ୍ତ ହୋଇଅଛନ୍ତି ସେ ଗତ ତେରବର୍ଷର ବାୟୁ ଓ ବୃଷ୍ଟିର ଅବସ୍ଥା ସମାଲୋଚନା କରି ଗବର୍ଣ୍ଣମେଣ୍ଟଇଣ୍ଡିଆଙ୍କୁ ଜଣାଇଅଛନ୍ତି ଯେ ଏ ବର୍ଷର ମୌସୁମିବୃଷ୍ଟି ନିୟମିତ ପରିମାଣରୁ କିଛି ଊଣା ହେବ କିନ୍ତୁ ଏମନ୍ତ ସମ୍ଭବ ହୁଅଇ ଯେ ଗତବର୍ଷାପେକ୍ଷା ଏ ବର୍ଷର ବୃଷ୍ଟି ଶୁଦ୍ଧାଆଡେ ସମାନ ହେବ । ଇଲିୟୃଟସାହେବଙ୍କ ଗଣନା ଠିକହେଲେ ଏବର୍ଷ କୌଣସି ପ୍ରଦେଶରେ ଦୁର୍ଭିକ୍ଷ ପଡିବାର ସମ୍ଭାବନା ନାହିଁ ସୁଖରବିଷୟ ଅଟଇ ।

———

ଗତ ମାସ ତା ୮ ରିଖ ସୁଧା ମା ୧୯୮୪୪ଣ ଜମି ସକାଶେ ଜଳକର କବୁଲିୟତ ହେବାର ସାପ୍ତାହିକ ବିଜ୍ଞାପନୀ ବାହାରିଅଛି । ଏ ସବୁ କବୁଲିୟତ ୪ ୫ ବର୍ଷ ମିୟାଦର ଅଟଇ । ଗତ ବର୍ଷ ଏହି ସମୟ ପର୍ଯ୍ୟନ୍ତ କେବଳ ୭୧୨୪୩୨ଣ ଜମି ସକାଶେ କବୁଲିୟତ ହୋଇଥିଲା । ମାଛଗାଁ ନାଳ ଅଞ୍ଚଳରେ ସର୍ବାପେକ୍ଷା ଅଧିକ ଭୂମିର କବୁଲିୟତ ହୋଇଅଛି । ଗତ ମାସ ତା ୨୪ ରିଖ ପର୍ଯ୍ୟନ୍ତ ବୃଷ୍ଟି ହୋଇ ନ ଥିଲା ତଦୃଷ୍ଟିରେ ଅନୁମାନ ହୁଅଇ ଯେ ଆହୁରି ଅନେକ ଜମି ସକାଶେ କବୁଲିୟତ ହୋଇଥିବ । ପଛବର୍ଷା ନାଳଜଳ ବିଷୟ ପକ୍ଷରେ ଅତ୍ୟନ୍ତ ଉପକାରୀ ଅଟଇ ।

———

କୁମାରୀ ମେରୀକାର୍ପେଣ୍ଟର ଯେ କି ଅନେକଦିନ ତଳେ ଭାରତବର୍ଷୀୟ ସ୍ତ୍ରୀମାନଙ୍କ ଉନ୍ନତିସାଧନ କାମନାରେ ବିଲାତରୁ ଏଦେଶକୁ ଆସିଥିଲେ ସମ୍ପ୍ରତି ସେ ବଙ୍ଗପ୍ରଦେଶର ବାଳକାମାନଙ୍କ ସକାଶେ ପାଞ୍ଚଗୋଟି ଛାତ୍ରବୃତ୍ତି ସଂସ୍ଥାପନ କରିଅଛନ୍ତି । ତନ୍ମୋଟ ବୃତ୍ତି ବାର୍ଷିକ ଟ ୪୮ ଲେଖାଏ ଏବଂ ଦଶ୍ମୋଟ ବୃତ୍ତି ବାର୍ଷିକ ଟ ୬୦ ଙ୍କା ଅଟଇ । ଲଣ୍ଡନନଗରରେ ବସିଥିବା ନାସନାଲ ଇଣ୍ଡିୟାନ ଆସୋସିଏସନ ସଭାଯୋଗେ ଉକ୍ତ ବୃତ୍ତିମାନ ମିଳିବାର ନିୟମ ହୋଇଅଛି । ଏହି ପାଞ୍ଚୋଟି ବୃତ୍ତିକୁ ଲେଫ୍ଟନାଣ୍ଟଗବର୍ଣ୍ଣର ସାହେବ କଲିକତା ବର୍ଦ୍ଧମାନ ଢାକା ରାଜସାହି ଓ ବେହାର ବିଭାଗମାନଙ୍କରେ ପ୍ରତ୍ୟେକଙ୍କୁ ଗୋଟାଏ ଲେଖାଏଁ ବାଣ୍ଟି ଦେଇ ଅଛନ୍ତି । ଓଡିଶାବିଭାଗରେ ଗୋଟାଏ ନ ପଡିବାର ହେତୁ କି ? ।

———

ଗତ ସପ୍ତାହରୁ ବର୍ଷାକାଳ ଆରମ୍ଭ ହୋଇଅଛି ଏବଂ ଏ ସପ୍ତାହରେ ନଦୀରେ ମଧ୍ୟ ବଢିପାଣି ଆସିଅଛି । କିନ୍ତୁ ବର୍ଷାରିତୁ ଅବଧି ବଡ ଦୁର୍ବଳ ଥିବାର ବୋଧ ହୁଅଇ । ଥରେ ଲଗାଣ ବୃଷ୍ଟି ହୋଇ ନାହିଁ କିମ୍ବା ନଦୀରେ ନିୟମିତପ୍ରକାର ବଢିପାଣି ଆସି ନାହିଁ । ଜିଲ୍ଲାର ଶୃଙ୍ଗଆଡେ କେତେବେଳେ କେମନ୍ତ ମନ୍ଦାଏ ବର୍ଷା ହେଉଅଛି । ଏକସମୟରେ ଚତୁର୍ଦ୍ଦିଗ ବୃଷ୍ଟି ହୋଇ ନାହିଁ ଏବଂ ଅନେକ ବିଳମ୍ବରେ ବର୍ଷାରିତୁ ଆରମ୍ଭ ହେବାରୁ ବିଆଳୀଫସଲର ବିଶେଷ ହାନି ହୋଇଅଛି । ଶାରଦ ପକ୍ଷରେ ମଧ୍ୟ ବିସ୍ତର ବିଳମ୍ବ ହୋଇଅଛି ଏ ସବୁ କାରଣରୁ ଅବଧି ଆଗାମୀ ଫସଲ ପକ୍ଷରେ ଲୋକଙ୍କର ଦୃଢବିଶ୍ୱାସ ଜନ୍ମୁ ନାହିଁ ସୁତରାଂ ଧାନ ଚାଉଳର ଭାଉ ପୂର୍ବପ୍ରାୟ ସୁଲଭ ନ ରହି ବରଂ ଅଳ୍ପ ତେଜ ହୋଇଅଛି । ଏଣିକି ଯେବେ ସୁପାଳକ ହେବ ତେବେ ରକ୍ଷା ନୋହିଲେ ଶୀଘ୍ର ଭାଉ ସହଜ ହେବାର ଆଶା ଦେଖାଯାଉ ନାହିଁ ।

———

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଦେୱାନୀ କାର୍ଯ୍ୟବିଧିକୁ ସଂଶୋଧନ କରିବାକାରଣ ଗୋଟିଏ ଆଇନର ପାଣ୍ଡୁଲିପି ଶ୍ରୀଯୁକ୍ତ ହୁଟଲିଷ୍ଟୋକ୍ସସାହେବ ବ୍ୟବସ୍ଥାପକ ସଭାରେ ଉପସ୍ଥିତ କରିଅଛନ୍ତି । ପ୍ରସ୍ତାବିତ ଆଇନରେ ୩୬ ଧାରା ଅଛି ଓ ତଦ୍ୱାରା ପ୍ରଚଳିତ ଆଇନର ପ୍ରାୟ ୪୦ ଧାରା ସଂଶୋଧନ ହୋଇଅଛି ସଂଶୋଧନ ମଧ୍ୟରେ ଅପିଲର ନିୟମ ଓ ଅରଜୀରେ ସତ୍ୟତା ଲେଖିବାର ନିୟମ ପ୍ରଧାନ ଅଟଇ । ସତ୍ୟତା ଲେଖିବା ଓ ତାହା ପ୍ରମାଣକରିବା ବିଷୟରେ ଯେସମସ୍ତ ନିୟମ ପ୍ରଚଳିତ ଆଇନରେ ଅଛି ସେସବୁ ବାସ୍ତବରେ ବଡ କଠିନ ଅଟଇ ସେ ନିୟମ ହେତୁ ଅନେକଲୋକ ମୋକଦ୍ଦମା କରିବାକୁ ଅକ୍ଷମ ହେଉ ଅଛନ୍ତି । ମାନ୍ଦ୍ରାଜର ଜଣେ ମହାଜନ ରଙ୍ଗୁନ-

Digitized by srujanika@gmail.com

ରେ ଏକବ୍ୟକ୍ତି ନାମରେ ନାଲଶ କରିବା-ସକାଶେ ଅରଜୀ ପଠାଇଲା ମାତ୍ର ଅରଜୀରେ ଥିବା ସତ୍ୟତା ପାଠ ପ୍ରମାଣ କରିବା କାରଣ ମାନ୍ଦ୍ରାଜରୁ ରଙ୍ଗୁନକୁ ଜଣେ ଗୁହା ପଠାଇବାର ପ୍ରୟୋଜନ ଥିଲା ବିଶେଷ ଖର୍ଚ୍ଚାହେତୁ ତାହା ସେ ନ କଲାକୁ ଅରଜୀ ଆଇନାନୁସାରେ ଅଗ୍ରାହ୍ୟ ହେଲା । ପୂର୍ବ ଦେବାନୀ କାର୍ଯ୍ୟବିଧିରେ ସତ୍ୟତା ପାଠ ଲେଖିବା ବିଷୟରେ ଯେସମସ୍ତ ନିୟମ ଥିଲା ତହିଁରେ କି ଅସୁସାର ହୋଇଥିଲା ଯେ ଗବର୍ଣ୍ଣମେଣ୍ଟ ମୂହେଇ ପ୍ରତି ଏପରି କଠିନ ନିୟମ କଲେ । ଯାହା ହେଉ ପ୍ରଚଳିତ କାର୍ଯ୍ୟବିଧି ଏ ବିଷୟରେ ଶୀଘ୍ର ସଂଶୋଧିତ ହେଲେ ଅନେକ ବୃଥାକଷ୍ଟରୁ ମାମଲତକାରମାନେ ନିସ୍ତୃତି ପାଇବେ । ହବହାଉସସାହେବ ଆପଣା ନାମ ରଖିବାକାରଣ ଏତେ ତରତର ହୋଇ ଦେବାନୀ କାର୍ଯ୍ୟବିଧିକୁ ଜାରି କରିଗଲେ ମାତ୍ର ବର୍ଷଗୋଟାଏ ପୂର୍ଣ୍ଣ ନ ହେଉଣୁ ତହିଁମଧ୍ୟରୁ ଗ୍ଲଳ-ଶଟା ବିଧାନ ସଂଶୋଧନ କରିବାର ଆବଶ୍ୟକ ହେଲା । ଏଥିପାଇଁ ସର୍ବସାଧାରଣରେ ବର୍ତ୍ତମାନର ବ୍ୟବସ୍ଥାପକ ସଭାର କାର୍ଯ୍ୟ ତେତେ ତୁଷ୍ଟିକର ହେଉ ନାହିଁ ।

---

ଗତ ଡାକଯୋଗେ ବିଲାତରୁ ଯେ ସମସ୍ତ ସମ୍ବାଦ ଆସିଅଛି ତହିଁରୁ ଜଣାଯାଏ ଯେ ପାର୍ଲିମେଣ୍ଟ ସଭାର ହାଉସ ଅବକମନସଙ୍କ ନିକଟରେ ଭାରତବର୍ଷ ସମ୍ପର୍କରେ ତଳଲିଖିତ କଥାମାନ ହୋଇଥିଲା ଯଥା;—

ଦେଶୀୟ ରାଜାଙ୍କ ସେନା—ଷ୍ଟାନହୋପ ସାହେବ ସଭାକୁ ଜଣାଇଲେ ଯେ ଦେଶୀୟ ରାଜାଙ୍କ ସହିତ ହୋଇଥିବା ସନ୍ଧିପତ୍ର ବିରୁଦ୍ଧରେ ସେମାନଙ୍କ ସୈନ୍ୟସଂଖ୍ୟା ସହିତ ହସ୍ତକ୍ଷେପଣ କରିବାକୁ ଗବର୍ଣ୍ଣମେଣ୍ଟ ଇଚ୍ଛା କରୁ ନାହାନ୍ତି ମାତ୍ର ଉକ୍ତ ସୈନ୍ୟକୁ ଭଲ ଅସ୍ତ୍ର ଦେବାର କଥା ସନ୍ଧିପତ୍ରରେ ନାହିଁ ସୁତରାଂ ଦେବା ନ ଦେବା ପ୍ରଧାନକ୍ଷମତାଙ୍କର ସ୍ୱେଚ୍ଛାଧୀନ ଅଟଇ ।

କୁଚବେହାରର ମହାରାଜା—ମହାରାଜାଙ୍କ ବିଷୟରେ ଜଣେ ସଭ୍ୟ ପ୍ରଶ୍ନ କରିବାରୁ ଷ୍ଟାନହୋପ ସାହେବ ଉତ୍ତର ଦେଲେ ଯେ ମହାରାଜା ନାବାଲଗ ଅଟନ୍ତି କିନ୍ତୁ ସେ ଇଚ୍ଛାପୂର୍ବକ ବିଲାତକୁ ଆସି ଅଛନ୍ତି କେହି ତାଙ୍କୁ ବଳପୂର୍ବକ ଘରୁ କାଢି ଆଣି ନାହିଁ । ମହାରାଜାଙ୍କ ପିତା ବଞ୍ଚିଥିବା ସମୟରେ ଏହାଙ୍କୁ ବିଲାତ ପଠାଇବାକୁ ମାନସ କରିଥିଲେ ଏବଂ ମହାରାଜାଙ୍କର ମଧ୍ୟ ସେହି ଇଚ୍ଛା ହେଲା । ଆଉ ରାଣୀମାନେ ମହାରାଜାଙ୍କ ଆସିବା ବିରୁଦ୍ଧରେ ଗବର୍ଣ୍ଣମେଣ୍ଟରେ ଯେଉଁ ଦରଖାସ୍ତ କରିଥିଲେ ତହିଁର ପ୍ରତିଲିପି ସେ ପ୍ରାପ୍ତ ହୋଇ ନାହାନ୍ତି ।

ପ୍ରେସକମିଶ୍ନର—ଷ୍ଟାନହୋପ ସାହେବ ଜଣାଇଲେ ଯେ ଦେଶୀୟଭାଷାର ସଂବାଦପତ୍ର ଓ ପୁସ୍ତକ ବିଷୟରେ ହୋଇଥିବା ନୂତନ ଆଇନ ଅନୁସାରେ କାର୍ଯ୍ୟର ତତ୍ତ୍ୱାବଧାରଣ ନିମିତ୍ତ ଏବଂ ସଂବାଦପତ୍ରମାନଙ୍କର ଅଭିପ୍ରାୟ ଓ ଉଦ୍ଦେଶ୍ୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା ଏବଂ ସମ୍ପାଦକ ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ସମସ୍ତ ବିଷୟରେ ମଧ୍ୟସ୍ଥ ସ୍ୱରୂପ କର୍ମ କରିବା ନିମିତ୍ତ ଜଣେ ପ୍ରେସକମିଶ୍ନର ନିଯୁକ୍ତ ହୋଇଅଛନ୍ତି । ନୂତନ ଆଇନାନୁସାରେ ଯେଉଁ ସଂବାଦପତ୍ରର ପ୍ରୁଫ ଦେଖିବାର ଆବଶ୍ୟକ ତାହା ମଧ୍ୟ ଏହି ମହାଶୟ ଦେଖିବେ ମାତ୍ର ଆଇନର ଏ ନିୟମ ବର୍ତ୍ତମାନ ସ୍ଥଗିତ ରଖିବା କାରଣ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ନିଷେଧ ଆଜ୍ଞା ହୋଇଅଛି ।

---

କମିଶ୍ନରୀ କଚେରୀର ଜାଲ ମକଦମାରେ ଉକ୍ତ କଚେରୀର ମହାଫିଜ ସରମୋହରର ଓ ଜଣେ ଗଡଜାତ ଇଲାକାର ଠିକାମୋହରର ଏପରି ତିନିଜଣ ଅମଲା ବରଖାସ୍ତ ହୋଇ ଅଛନ୍ତି । ଏଥିମଧ୍ୟରେ ସରମୋହରର ବାବୁ ଆର୍ତ୍ତବନ୍ଧୁ କରଙ୍କ ବରଖାସ୍ତି ସମ୍ବାଦ ଶୁଣି ନଗରବାସିମାନେ ଚମକିତ ଓ ଅତ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି । ଅନ୍ୟ ଦୁଇଜଣ ଅଳ୍ପଦିନର ଚାକର ଅଥବା ଅନ୍ୟ କାରଣରୁ ଲୋକଙ୍କ ସହାନୁଭୂତି ଲାଭ କରି ପାରି ନାହାନ୍ତି । ଆର୍ତ୍ତବାବୁଙ୍କ କଥା ଏକ ସପ୍ତାହକାଳ ନାନା ସ୍ଥାନରେ ପଡିଅଛି ଓ କୌଣସିଠାରେ ଲୋକେ ଦୁଃଖ ଭିନ୍ନ ଅନ୍ୟ କିଛି ଭାବ ପ୍ରକାଶ କରୁ ନାହାନ୍ତି । ଏପରି ହେବାର କାରଣ ଏହି ଯେ ଆର୍ତ୍ତବାବୁ ଅନେକ ଦିନର ଚାକର ପ୍ରାୟ ପେନସନ ପାଇବାର ଯୋଗ୍ୟ ହୋଇଅଛନ୍ତି ତାହାଙ୍କ ଚରିତ୍ରବିରୁଦ୍ଧରେ କେବେ କିଛି ଶୁଣାଯାଇ ନାହିଁ ବରଂ ସେ ଏଠା ଭଦ୍ରମଣ୍ଡଳୀରେ ବିଶେଷରୂପେ ପରିଚିତ ଓ ସେମାନଙ୍କ ଜାଣିବାରେ ସଚ୍ଚରିତ୍ର ଲୋକ ଅଟନ୍ତି । ସେ ଏମନ୍ତ ଦୁଷ୍କର୍ମରେ ଲିପ୍ତ ଥିବେ ଏହା କାହାର ମନକୁ ଆସୁ ନାହିଁ । ବାସ୍ତବରେ କମିଶ୍ନରସାହେବ ସେପରି କିଛି ଦୋଷାରୋପ କରି ନାହାନ୍ତି କେବଳ ଅତ୍ୟନ୍ତ ଅସାବଧାନତା ଦୋଷରୁ ତାହାଙ୍କୁ ଏପରି ଦଣ୍ଡ ଦେଇ ଅଛନ୍ତି । ଆର୍ତ୍ତବାବୁଙ୍କର ଯେ ଅସାବଧାନତା ହୋଇଅଛି ଏଥିରେ ଦ୍ୱିରୁକ୍ତି ନାହିଁ କିନ୍ତୁ ଏପରି ଅମଲା କିଏ ଅଛି କି ଯାହାଠାରେ ଅସାବଧାନତା କେବେ ଲକ୍ଷିତ ହୋଇ ନାହିଁ ଅସାବଧାନତା ଲେଖକର ଗୋଟିଏ ଅଙ୍ଗ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଅତଏବ ବହୁକାଳର ଚାକରଠାରେ ଏକଥର ଅସାବଧାନତା ପ୍ରକାଶ ହେଲେ ତାହାକୁ ଏକାବେଳକେ ବାହାର କରିଦେବା ଅତ୍ୟନ୍ତ ନିଷ୍ଠୁରତା ଅଟଇ । ପୁନଃ ଅସାବଧାନତା ପ୍ରକାଶ ହେଲେ ଓ ହାକିମ ଜରିମାନା ଓ ସସପେଣ୍ଡ କରି ସୁଦ୍ଧା ତାହା ନିବାରଣ କରି ନ ପାରିଲେ ବାହାର କରିଦେବା ତେତେ ଅନ୍ୟାୟ ବୋଲାଯାଇ ନ ପାରେ କିନ୍ତୁ ଏଠାରେ ସାମାନ୍ୟ ଅପରାଧରେ ଅତ୍ୟନ୍ତ ଗୁରୁତର ଦଣ୍ଡ ହୋଇଅଛି ଏହିଯୋଗୁଁ ଲୋକେ ଦୁଃଖିତ ଅଛନ୍ତି ଏବଂ ଅମଲାମାନେ ବିଶେଷରେ ଭୀତ ହୋଇଅଛନ୍ତି । କାରଣ ଏପରି ଅବସ୍ଥାରେ କିଏ ଦୃଢ଼ରୂପେ ବିଶ୍ୱାସ କରିବ ଯେ ତାହାର ଚାକରୀ ସବୁଦିନେ ଥିବ । ଚାକରୀ ଟାଲମଟାଳ ବୋଲି ଯାହା ପ୍ରବାଦ ଅଛି ତାହା ବର୍ତ୍ତମାନ ଉତ୍ତମରୂପେ ହୃଦୟଙ୍ଗମ ହେଉଅଛି ।

---

କମିଶ୍ନରୀ କଚେରୀର ଜାଲମକଦମା ।

ଦୁଇ ତିନିବର୍ଷ ତଳେ ଏକ ଖୁନମକଦମାରେ ବଙ୍ଗଳାର ପୁଲିସ ଏତାଦୃଶ ବିଚକ୍ଷଣତା ଦେଖାଇଥିଲେ ଯେ ମୃତବ୍ୟକ୍ତି ବାସ୍ତବରେ ମରିଥିବାର ଅକାଟ୍ୟ ପ୍ରମାଣ ନିମିତ୍ତ ଦୁଇଟା ମନୁଷ୍ୟମୁଣ୍ଡ ଉପସ୍ଥିତ କରିଥିଲେ । ଏକବ୍ୟକ୍ତିର ଦୁଇଟା ମୁଣ୍ଡ କିପରି ହେଲା ଏହା ଭାବି ଲୋକେ ବ୍ୟସ୍ତ ହୋଇଗଲେ । ସମ୍ପ୍ରତି ଏଠା କମିଶ୍ନରୀ କଚେରୀରୁ ଏକବ୍ୟକ୍ତି ଦୁଇଥର ମରିବାର ଦଲିଲ ବାହାରିଅଛି ଏବଂ ଏହି ବିଷୟ ଏ ନଗରରେ ଆନ୍ଦୋଳିତ ହେଉଅଛି । ସାମାନ୍ୟ ଲୋକପରି ଅଦାଲତଙ୍କର ମଧ୍ୟ ବିଶ୍ୱାସ ଯେ ମନୁଷ୍ୟ ଥରେ ମରେ କିନ୍ତୁ ସହମୋହରୀ କାଗଜରୁ ପାଆଯାଗଲା ଯେ ଏକବ୍ୟକ୍ତି ଦୁଇଥର ମରିଅଛି । ଏଥିରେ ଅଦାଲତ ବଡ ହରବର-ରେ ପଡି ଯେଉଁ ମହକୁମାରୁ ଏମନ୍ତ ଅଦ୍ଭୁତ ଦସ୍ତାବିଜ ବାହାରିଥିଲା ସେହିଠାକୁ ତାହାର ତଦନ୍ତ ନିମିତ୍ତ ପଠାଇଲେ । ସେ ମହକୁମା ଏଠା କମିଶ୍ନରୀ କଚେରୀ । କମିଶ୍ନରସାହେବ ଏପରି ଅଦ୍ଭୁତ କଥା ଶୁଣି ମହାଫିଜଙ୍କୁ ସସପେଣ୍ଡ କରି ଅନୁସନ୍ଧାନ ନିମିତ୍ତ ଆପଣା ଆସିଷ୍ଟାଣ୍ଟଙ୍କୁ

Digitized by srujanika@gmail.com

Split by PDF Splitter



ଭାର ଦେଲେ । ଅନୁସନ୍ଧାନରେ ଜଣାଗଲା ଯେ ଗତ ଫେବୃଏରୀ ମାସରେ ଏକବ୍ୟକ୍ତି ଏକ ଖଣ୍ଡ କାଜି ରିପୋର୍ଟର ସହିମୋହରୀ ନକଲ ନେଇଥିଲା । ସେ ନକଲରେ ମୌଲବୀ ମହମ୍ମଦ ଫାରକଙ୍କର ମୃତ୍ୟୁ ଦିବସ ତା ୨୫ ରିଖ ସେପ୍ଟେମ୍ବର ସନ ୧୮୭୪ ଓ ରିପୋର୍ଟର ତାରିଖ ସେହି ବର୍ଷର ତା ୧୬ ରିଖ ଅକ୍ଟୁବର ବୋଲି ଲେଖାଅଛି । ଅନ୍ୟ ଏକବ୍ୟକ୍ତି ସେହି ଦସ୍ତାବିଜର ଆଉ ଏକପ୍ରସ୍ତ ନକଲ ମାର୍ଚ୍ଚ ମାସରେ ନେଲା । ସେ ନକଲରେ ସେହି ମୌଲବିଙ୍କ ମୃତ୍ୟୁ ଦିବସ ତା ୨୧ ରିଖ ଅଗସ୍ତ ଏବଂ ରିପୋର୍ଟର ତାରିଖ ସେହି ବର୍ଷର ଅକ୍ଟୁବର ମାସ ତା ୧୧ ରିଖ ଅଟଇ । ଅସଲ ରିପୋର୍ଟ ଖଣ୍ଡିକ ଅପ୍ରେଲ ମାସରେ ସେ ବର୍ଷର ଅନ୍ୟାନ୍ୟ କାଗଜ ସଙ୍ଗେ ନଷ୍ଟ ହୋଇଅଛି । ସୁତରାଂ ତାହା ସଙ୍ଗେ ମିଶାଇ କେଉଁ ନକଲ ଠିକ ତାହା ବୋଲିବା ଅସମ୍ଭବ । ତେବେ ସିରସ୍ତାର ରୋଜନାମଚା ଓ ଅନ୍ୟାନ୍ୟ ବହିରୁ ଜଣାଗଲା ଯେ ତା ୧୧ରିଖ ଅକ୍ଟୁବରରେ କାଜି ବାସ୍ତବରେ ମୌଲବିଙ୍କ ମୃତ୍ୟୁ ବିଷୟରେ ଖଣ୍ଡିଏ ରିପୋର୍ଟ କରିଥିଲା । ଆହୁରି ଜଣାଗଲା ଯେ ଯେଉଁ ତାରିଖରେ ପ୍ରଥମ ନକଲ ଅଦାଲତରେ ଦାଖଲ ହେଲା ଠିକ ସେହିଦିନ କମିଶ୍ନରୀ କଚେରୀରେ ଅସଲ କାଗଜ ନଷ୍ଟ ହେଲା । କମିଶ୍ନର ସାହେବ ବିବେଚନା କଲେ ଯେ ପ୍ରଥମ ନକଲରେ ରିପୋର୍ଟର ତାରିଖ ତା ୧୬ରିଖ ଅକ୍ଟୁବର ଲେଖାଅଛି ଏବଂ ସିରସ୍ତାରେ ତହିଁର କିଛି ନିଦର୍ଶନ ନାହିଁ ଏବଂ କାଗଜ ନଷ୍ଟ ହେବାଦିନ ତାହା ଅଦାଲତରେ ଦାଖଲ ହେଲା ଅତଏବ ସେହି ପ୍ରଥମ ରିପୋର୍ଟକୁ ସେ ଜାଲ ଜ୍ଞାନ କରି ମହାଫିଜ ଓ ତାହାକୁ ମୁକାବିଲା କରିଥିବା ଦୁଇଜଣ ଅମଲାକୁ ବରଖାସ୍ତ କଲେ ଏବଂ ନକଲଲେଖକ ଓ ମୁହରିକୁ ଅଦାଲତର ଅନୁମତି ଗ୍ରହଣ ପୂର୍ବକ ଫଉଜଦାରୀ ସୁପର୍ଦ୍ଦ କରିବାର ଆଜ୍ଞା ଦେଲେ ।

କେହି୨ ପଚାରି ପାରନ୍ତି କି ଏପରି ଦୁଇଖଣ୍ଡ ନକଲ ବାହାରିବାର ପ୍ରୟୋଜନ କି ଥିଲା ? ପ୍ରୟୋଜନ ଆମ୍ଭେମାନେ ଏହିପରି ଅବଗତ ହୋଇଅଛୁଁ ଯେ ପ୍ରଥମ ନକଲ ନେବା ବ୍ୟକ୍ତି ଏକ ନାଲିଶ ଏଠା ସବ ଜଜଙ୍କ ଅଦାଲତରେ ହିଂସା ପାଇବା ସକାଶେ କରିଥିଲା । ସେଥିରେ ତାହାକୁ ପ୍ରମାଣ କରିବାର ଆବଶ୍ୟକ ଥିଲା ଯେ ମୌଲବୀ ମହମ୍ମଦ ଫାରକ ସେପ୍ଟେମ୍ବର ମାସ ତା ୨୫ ରିଖରେ ମରିଅଛନ୍ତି । ମୁଦାଲା ମୃତ୍ୟୁର ଦିବସ ଅଗସ୍ତ ମାସ ତା ୨୧ ରିଖ କହିଲା ଓ ଅନ୍ୟାନ୍ୟ ପ୍ରମାଣ ମଧ୍ୟରେ କାଜିର ଜୋବାନବନ୍ଦୀ କରାଇଲା ଓ ତାହାଙ୍କ ଯଦ୍ଦ୍ୱାରା ତହିଁର ପୋଷକତା କରାଇଲା । ଏହିପରି ମୁଦାଲା ପକ୍ଷର ପ୍ରମାଣ ପ୍ରବଳ ହେବାରୁ ମୁଦେଇର ନାଲିଶ ତମାଦି ଦୋଷରୁ ଡିସମିସ ହେଲା । ଏଥିଉତ୍ତାରୁ ମୁଦେଇ ଅନୁସନ୍ଧାନ ଦ୍ୱାରା ଜାଣିଲା ଯେ କାଜି ଉକ୍ତ ମୌଲବୀଙ୍କ ମୃତ୍ୟୁ ବିଷୟରେ କମିଶ୍ନରୀକୁ ରିପୋର୍ଟ କରିଥିଲେ ତହୁଁ ସେହି ରିପୋର୍ଟର ନକଲ ଆଣି ଅଦାଲତଙ୍କୁ ଦେଖାଇ ସାନି ତଜବିଜର ପ୍ରାର୍ଥନା କଲା । ନକଲ ପ୍ରାପ୍ତ ମାତ୍ରେ ହାକିମଙ୍କୁ ଦେଖାଇଥିଲା ମାତ୍ର ସେ କହଇ ଯେ ଖର୍ଚ୍ଚ ସଂଘଟନ କରିବାରେ ବିଳମ୍ବ ହେବାରୁ ତତ୍କ୍ଷଣାତ ସାନିତଜବିଜର ଦରଖାସ୍ତ ନ ଦେଇ ଦୁଇମାସ ଉତ୍ତାରୁ ତାହା କଲା । ସାନି ତଜବିଜ ଦରଖାସ୍ତ ଦାଖଲ ହୁଅନ୍ତେ ମୁଦାଲା ଆପେ ପାଇଥିବା ନକଲ ଅଦାଲତରେ ଦର୍ଶାଇଲା । ଦୁଇ ନକଲର ସବୁ କଥା ସମାନ କେବଳ ଯେଉଁ ପକ୍ଷ ଯେଉଁ ତାରିଖ ପ୍ରମାଣ କରିବାକୁ ଚେଷ୍ଟା କରିଅଛି ତାହା ନକଲରେ ସେହି ତାରିଖ ଅଛି ଆଉ ରିପୋର୍ଟର ତାରିଖରେ ମଧ୍ୟ ଏକଦିନ ଅନ୍ତର ଅଛି । ଏ ଅବସ୍ଥାରେ କେଉଁ ନକଲ ଠିକ? କମିଶ୍ନର ସାହେବ ଦ୍ୱିତୀୟ ନକଲକୁ ଠିକ ଥିବାର ସିଦ୍ଧାନ୍ତ କରିଅଛନ୍ତି ମାତ୍ର ଅଦାଲତଙ୍କ ବିଚାର ଅବଧି ଶେଷ ହୋଇ ନାହିଁ ସୁତରାଂ ଆମ୍ଭେମାନେ ବର୍ତ୍ତମାନ କିଛି ମତ ଦେଇ ନପାରୁଁ ଅଦାଲତରୁ ନିଷ୍ପତ୍ତି ହେଲେ ଆମ୍ଭମାନଙ୍କ ମନ୍ତବ୍ୟ ସହିତ ପାଠକଙ୍କୁ ସବିଶେଷ ଜଣାଇବୁଁ ।

---

## ସାପ୍ତାହିକସଂବାଦ ।

ଶୁଣିଲୁଁ ଯେ ଏଠା ମିଉନିସିପଲ କମିଟୀ ମୁସଲମାନଙ୍କ କବର ସ୍ଥାପନ କଦମରସୁଲରୁ ଖାନନଗର ପଡିଆକୁ ଉଠାଇଦେବାର ସ୍ଥିର କରିଅଛନ୍ତି । ଆପାତତଃ ମୁସଲମାନଙ୍କୁ ଏ ନିୟମ କଷ୍ଟକର ବୋଧ ହେବ କିନ୍ତୁ ଯେସ୍ଥଳେ ହିନ୍ଦୁ ଓ ଖ୍ରୀଷ୍ଟୀୟାନଙ୍କର ଶ୍ମଶାନଭୂମି ନଗର ବାହାରେ ଅଛି ସେସ୍ଥଳେ ମୁସଲମାନଙ୍କର ନଗର ମଧ୍ୟରେ କାହିଁକି ରହିବ ଓ ତାହା ସାଧାରଣ ସ୍ୱାସ୍ଥ୍ୟପ୍ରତି ଅନିଷ୍ଟକର ବୋଲି ଏକପ୍ରକାର ନିଶ୍ଚୟରୂପେ ସିଦ୍ଧାନ୍ତ ହୋଇଅଛି ।

ଏଠା ସେସନ ଅଦାଲତରେ ଏକ କୋର୍ଟଫିସ ଚୋରି ମାମଲା କେତେଦିନ ହେଲା ଉପସ୍ଥିତ ହୋଇ ତହିଁର ଅନୁସନ୍ଧାନ ଲାଗିଅଛି । ଚଳିତମାସ ତା ୧ ରିଖରେ ଜଣେ ମୋହରିର ଏଥିପାଇଁ ସସପେଣ୍ଡ ହୋଇଅଛି । କଥିତ ହୁଅଇ ଯେ ପ୍ରାୟ ଷଠାବଧିଟଙ୍କାର କୋର୍ଟଫିସ ଅଦୃଶ୍ୟ ହୋଇଅଛି ।

କେନ୍ଦ୍ରାପଡାରେ ଏବର୍ଷ ରଥଯାତ୍ରା ବଡ ଧୂମଧାମରେ ହୋଇଥିଲା । ବାବୁ ରାମଗୋବିନ୍ଦ ଜଗଦେବ ଛେରା ପହରାକର୍ମ ଅଦାଲତ ଡିକ୍ରୀ ଅନୁସାରେ ପାଇଥିବାରୁ ଏପରି ହୋଇଥିଲା । ଭୋଜନ ନାଚ ରୋଷନାଇ ବାଣ ଇତ୍ୟାଦି ଆମୋଦର ଅଭାବ ନ ଥିଲା ।

ଏଠା କମିଶ୍ନରୀ କଚେରୀରେ ଯେଉଁ ତିନିଖଣ୍ଡ କର୍ମ ଖାଲି ହୋଇଅଛି ତହିଁ ପାଇଁ ଏକଶତରୁ ଅଧିକ ଦରଖାସ୍ତ ପଡିଅଛି ।

ତାରଡାକ ସଂବାଦରୁ ଜଣାଯାଏ ଯେ କଂଗ୍ରେସ ସଭାର କାର୍ଯ୍ୟ ସନ୍ତୋଷଜନକରୂପେ ଚାଲୁଅଛି । ବଲଗେରିଆ ବିଷୟ ନିଷ୍ପତ୍ତି ହୋଇ ବୋସନିୟା ଓ ହରଜଗୋବିନା ଅଷ୍ଟ୍ରିୟାକୁ ଦେବାର ସ୍ଥିର ହୋଇଅଛି ଓ ଏନିଷ୍ପତ୍ତି ଗ୍ରହଣ କରିବା କାରଣ ତୁରସ୍କକୁ ପ୍ରାର୍ଥନା ହୋଇଅଛି ।

ଲଣ୍ଡନରେ ରୁପାର ବଜାର ପୂର୍ବାପେକ୍ଷା ନରମ ହୋଇ ଅଛି ।

ଗୃରଆଡେ ବୃଷ୍ଟି ହେଲାଣି କିନ୍ତୁ ଶରଦଗରମିରେ ମନୁଷ୍ୟ ମରିବା ଅବଧି ରହିତ ହୋଇ ନାହିଁ । ଉତ୍ତରପଶ୍ଚିମ ଓ ପଞ୍ଜାବର ଏକ୨ ସ୍ଥାନରୁ ଏପରି ଦୁଃଖଜନକ ସଂବାଦ ଆସୁଅଛି ।

ଦୁର୍ଭିକ୍ଷ ହେତୁରୁ ମହିସୁରର ମହାରାଜାଙ୍କର ପ୍ରାୟ ନଉଲକ୍ଷ ଟଙ୍କା ଋଣ ହୋଇ ଅଛି । ଏଥିର ପରିଶୋଧ ନିମିତ୍ତ ଗବର୍ଣ୍ଣମେଣ୍ଟ ସେରାଜ୍ୟର ସମସ୍ତ ମହକୁମାର ବ୍ୟୟରୁ ମୋଟରେ କେତେ ଟଙ୍କା କାଟି ଦେଇଅଛନ୍ତି । ବ୍ୟୟଲାଘବ ଦୁର୍ଭିକ୍ଷର କ୍ଷତି ପୂର୍ଣ୍ଣ କରିବାର ପ୍ରକୃତ ଉପାୟ ବୋଲି ସମସ୍ତେ କହୁ ଅଛନ୍ତି କିନ୍ତୁ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ସେପକ୍ଷରେ ବିଶେଷ ଦୃଷ୍ଟି କରୁ ନାହାନ୍ତି ।

ସୁରତର ଦୁଇଜଣ ସମ୍ପାଦକଙ୍କ ନାମରେ ଯେଉଁ ମୋକଦ୍ଦମା ହୋଇଥିଲା ତହିଁର ତଦନ୍ତ ଶେଷ ହୋଇ ସେମାନେ ଦୌରାସୁପର୍ଦ୍ଦ ହୋଇ ଅଛନ୍ତି ।

Digitized by srujanika@gmail.com

ଆମେରିକାରେ ଗହମଫସଲ ଏବର୍ଷ ଅତ୍ୟନ୍ତ ଉତ୍ତମ ହୋଇଅଛି ଏବଂ ସେଠାର ଖର୍ଚ୍ଚରୁ ବଳ ପଡିବାରୁ ଅଧିକ ପରିମାଣରେ ଇଂଲଣ୍ଡ ପ୍ରଭୃତି ସ୍ଥାନକୁ ଆମଦାନୀ ହେଉ ଅଛି । ଗ୍ରେଟବ୍ରିଟେନର ବଜାରମାନଙ୍କରେ ଆମେରିକାର ଗହମ ଏତେ ଅଧିକ ପରିମାଣରେ ଜମା ହେଲାଣି ଯେ ସେଠା ଚଷାମାନେ କ୍ଷତିଗ୍ରସ୍ତ ହେବାର ଶଙ୍କା କରୁ ଅଛନ୍ତି । ସେମାନଙ୍କର ଫସଲ ଭଲ ହୋଇ ନାହିଁ ଅଥଚ ବିଦେଶରୁ ଆମଦାନୀ ହେବାରୁ ମହାର୍ଘ ମୂଲ୍ୟରେ ବିକ୍ରୟ କରିବାକୁ ପାରୁ ନାହାନ୍ତି ।

ଦେଶୀୟ ସଂବାଦପତ୍ର ସମ୍ପର୍କୀୟ ଆଇନ ବିରୁଦ୍ଧରେ କଲିକତା ଓ ପୁନାରୁ ଯେଉଁ ଆବେଦନ ପତ୍ରମାନ ପାର୍ଲିମେଣ୍ଟ ସଭାକୁ ପ୍ରେରିତ ହୋଇଥିଲା ସେ ସମସ୍ତ ଗ୍ଲାଡଷ୍ଟୋନ ସାହେବଙ୍କ ନିକଟରେ ପହଞ୍ଚି ସଭାରେ ଅର୍ପିତ ହେବାର ସଂବାଦ ଆସିଅଛି ।

ସଡକରେ ଆଲୁଅ କରିବା ଶକାଶେ ଯେ ସମସ୍ତ ଲଣ୍ଠନ ବଡ଼ ବଡ଼ ନଗରମାନଙ୍କରେ ଅଛି ସେସବୁ ତାଡିତ ଯୋଗେ ଜ୍ୱାଳାଇବା ଏବଂ ଲିଭାଇବାର ଏକସୂତ୍ର ବାହାରିଅଛି ତହିଁରେ ଏତେ ଶୀଘ୍ର ଉକ୍ତ କାର୍ଯ୍ୟ ହେଉଅଛି ଯେ ୯ ମାଇଲ ବାଟରେ ବସିଥିବା ଲଣ୍ଠନମାନ ଏକଜଣ ମନୁଷ୍ୟ ୧୫ ସେକଣ୍ଡ ମଧ୍ୟରେ ଜାଳୁଅଛି ଏବଂ ଲିଭାଇବାକୁ ମଧ୍ୟ ତେତିକ ସମୟ ଲାଗୁ ଅଛି ।

ହୋସଙ୍ଗାବାଦ ଜିଲ୍ଲାରେ ଗୁରବାର ନାମରେ ଏକଜଙ୍ଗଲ ଅଛି ତହିଁରେ ପ୍ରଜା ବସାଇବା ଓ ତାହାକୁ ଆବାଦ କରିବା ଉଦ୍ଦେଶରେ ମଧ୍ୟପ୍ରଦେଶର ପ୍ରଧାନ କମିଶନର ଘୋଷଣା ଦେଇ ଅଛନ୍ତି କି କେହି ବ୍ୟକ୍ତି ମା ୧୦୦୦ ଏରୁ ଅନ୍ୟୂନ ଜମି ନେଇ ମଧ୍ୟପ୍ରଦେଶ ଛଡା ଅନ୍ୟାନ୍ୟ ସ୍ଥାନରୁ କୃଷୀ ଆଣି ଆବାଦ କରିବାକୁ ପ୍ରାର୍ଥୀ ହେଲେ ତାହାର ପ୍ରାର୍ଥନାନୁସାରେ ଜମି ଦିଆଯିବ । ପ୍ରଥମ ତିନବର୍ଷ କିଛି ଖଜଣା ଦେଣ ପଡିବ ନାହିଁ ତହିଁ ଉତ୍ତାରୁ ବର୍ଷେଯାଏ ବାର୍ଷିକ ପ୍ରତିମାଣ ଟ ୦ ୵ ଲେଖାଏଁ ଖଜଣା ପଡିବ ଏବଂ ତେଣିକି ବ ୧୦ ବର୍ଷ ଯାଏ ବାର୍ଷିକ ପ୍ରତିମାଣ ଟ ୦ । ଲେଖାଏଁ ପଡିବ । ଆଜିକାଲି ଏଠାରେ ଜମି ସକାଶେ ଯେମନ୍ତ ଲୋକଙ୍କର ଟଣାଟଣି ଏବଂ ପେଟ ପାଳିବା ଯେମନ୍ତ କଠିନ ଯେବେ କେତେ ଗୁଡିଏ ଲୋକ ଏପରି ନିୟମରେ ଜମି ପାଇବା ଲୋଭରେ ଉଠି ଯାଇ ବାସ କରନ୍ତି ତେବେ ଅଳ୍ପକାଳରେ ତାହାଙ୍କର ଅବସ୍ଥା ଭଲ ହୋଇ ପାରେ ।

ଭାରତବର୍ଷରୁ ମାଲଟାଦ୍ୱୀପକୁ ଯେଉଁ ସୈନ୍ୟ ପ୍ରେରିତ ହୋଇଅଛନ୍ତି ତାହାଙ୍କ ସକାଶେ ଗବର୍ଣ୍ଣମେଣ୍ଟଙ୍କର ସର୍ବସୁଦ୍ଧା ସତୁରିଲକ୍ଷ ଟଙ୍କା ଖର୍ଚ୍ଚ ପଡିବ ଏମନ୍ତ ଅନୁମାନ ହୋଇଅଛି ।

ହିନ୍ଦୁପେଟ୍ରିଅଟ ଶୁଣି ଅଛନ୍ତି ଯେ ଫରିଦପୁରର ରୋଡସେସ ଏକାଉଣ୍ଟଣ୍ଟ ତହବିଲ ଭାଙ୍ଗି ପଳାଇ ଅଛି । ସରକାରୀ ଟଙ୍କାର ଲୋଭ ଭାରି ପ୍ରବଳ ବୋଲିବାକୁ ହେବ । ଏତେ କଟକଣା ଥିଆଉ ବିଶ୍ୱାସଘାତକତା କମ ନାହିଁ । କର୍ମଚାରୀଙ୍କୁ ଆୟତ୍ତ କରିବା ଭାର ହେଲା ।

ଭାରତବର୍ଷୀୟ ସଭା ଦୁର୍ଭିକ୍ଷ କମିଶନ ମଧ୍ୟରେ ବଙ୍ଗପ୍ରଦେଶ ପକ୍ଷରୁ ଜଣେ ସଭ୍ୟ ନିଯୁକ୍ତ ହେବା କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ଆବେଦନପତ୍ର ପଠାଇ ଥିଲେ ମାତ୍ର ଗବର୍ଣ୍ଣମେଣ୍ଟ ନାସ୍ତି କରି ସଭାକୁ ଜଣାଇ ଅଛନ୍ତି ଯେ ସଭା ଯେତେବେଳେ ଯାହା ପ୍ରସ୍ତାବ କରିବେ ତହିଁର ବିବେଚନା ହେବ । ଆଉ ଅଧିକ ସଭ୍ୟ ନିଯୁକ୍ତ କରିବାର ପ୍ରୟୋଜନ ନାହିଁ ।

## CORRESPONDENCE.

To the Editor of the Utkul Dipica.

Dear Sir,

Now that the heat has abated and the rains (I may here as well inform your readers and those to whom it may concern) have set in and have been filling up all dried up tanks the repository of all the filth and sweepings of the Town, I may as well think of filling half of your corinthian columns and indulge in all the refined results of my reckless ramblings. So here am I, jolling down what I saw and heard and thought and invented and never thought but only invented. If the results receive your approbation (for probative force they have) you can your columns and the mind of your readers with all the reckonings of your faithful *Rigmarole*.

Now to the point—

First and Imprimis I have been walking, all round the Town, and seen, what do you think? the tanks and their contents in various grades of putrifaction. Of course the Municipality cannot take care of every thing and unfortunately the putrid tanks come into the catigory of that all absorbing word "every thing." No doubt, rigorous type which that fell desease cholera assumed for sometime has to some extent been mitigated, but where is the guarantee of its not reassuming its former character when the tanks have become to, prolific of disease. However we have complaint for want of water nor have we any reason to tax the Public Works Department for shutting out the gates of mercy to the mankind of Cuttack.

As you are going to come out with your leader on the Ruth Festival I desist from the temptation of dropping a line about it and suggesting the sagacious thought of enforcing quarantine against the Pooree Pilgrims entering the city. But I am sure the health officer will look to this, and what is his business cannot be mine and as I am always averse to carp and criticize the doing of responsible officers I may as well bid you farewell for the present.

With the most obequious
Salaam
I remain your
Rigmarole.

## NOTICE.

A lecture on "what shall I do to be saved?" is to be delivered by Babu Jadumani Ghosh at 7-30 p. m. to-night at the Cuttack Printing Company's Hall. Gentlemen are respectfully requested to attend.

Cuttack, The 6th July 1878. } Madhusudan Rao

ଚିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ପକ୍ଷରେ ସମାନ ଉପକାରୀ ଔଷଧ । ହଜରେ ବଡ ଏକ ପୌଣ୍ଡର ମୂଲ୍ୟ ଟ ୨୦୧ ଙ୍କା, ଡାକର ଖରଚ୍ଚା ଟ ୦ ୪ ଅଣା ଅଟେ ସଙ୍ଗେ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ବୋଟାନିକେଲ ଗାର୍ଡନର ସୁପରେଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

ଏହି ଉତ୍କଳ ଦୀପିକା ସହର କଟକ ଚଉଧୁରୀବଜାର-ସ୍ଥିତ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସ ୨୮ ଖ୍ୟା

ତା ୧୩ ରିଖ ମାହେ ଜୁଲାଇ ସନ ୧୮୭୮ ମସିହା । ମୂ । ଅଷାଢ଼ ଦ ୩୧ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲଥିଁାଇ ଡାକମାସୁଲ ଟ୧୷

ଆମ୍ଭମାନଙ୍କ ଏକ୍‌ଟିଂ ମାଜିଷ୍ଟ୍ରେଟ ହାଣ୍ଡଲି ସାହେବଙ୍କ ଅନୁଗ୍ରହରୁ ଆଙ୍ଗୋଲ ନଗରର ଅବସ୍ଥା ବଡ ଭଲ ଦିଶୁଅଛି । ବର୍ଷାକାଳରେ ନାଳସବୁ ପରିଷ୍କାର ନ ହେବାରୁ ଥରେ ଥରେ ସଡକ ଉପର ଦେଇ ଯୁଭା ପିଲ୍ଲ ଚାଲିବା କଠିନ ହୁଅଇ ଏବର୍ଷ ଚାରିଆଡେ ସଡକପାଖ ନାଳ-ମାନ ପରିଷ୍କାର ହୋଇଅଛି ଓ ସାହେବ ସ୍ୱୟଂ ଭ୍ରମଣ କରି ଏସମସ୍ତ ଦେଖୁଅଛନ୍ତି ।

---

ବାହାରୁ ଅବଗତ ହେଲୁଁ ଯେ ବାଲେ-ଶ୍ୱରର କଲେକ୍ଟର ସଦରକୁ ଲେଖି ତଲଲ-ଖିତ ଅଜ୍ଞାଟି ଅଣାଇ ଅଛନ୍ତି । ଯଥା;– ଜୈଣ ଲୋକ ନିଶିକର ଯେବେ ଟ ୧୦୦୦୲ ଙ୍କା ଲଭ କରନ୍ତି ତେବେ ସେମାନଙ୍କ ସରଦାର ଉପରେ ଗୋଟିଏ ଲାଇସେନ୍‌ସ ଟାକ୍‌ସ ବସିବ ଅନ୍ୟ ବ୍ୟକ୍ତିଙ୍କୁ ଟାକ୍‌ସ ଦେବାକୁ ହେବ ନାହିଁ ।

---

ଶୁଦ୍ଧ ଉତ୍କଳଭାଷା ଲେଖିବା ବିଷୟରେ ବାଲେଶ୍ୱରର ସମ୍ବାଦବାହିକା ଓ ଉତ୍କଳଦର୍ପଣ ମଧ୍ୟରେ ତର୍କବିତର୍କ ଲାଗି ରହିଅଛି ଏବଂ ଅପରର ଭାଷାଗତଦୋଷମାନ ଦେଖାଇ ଦେବା-ରେ ତ୍ରୁଟି କରୁ ନାହାନ୍ତି । ଆମ୍ଭମାନଙ୍କ ବିବେ-ଚନାରେ ଏପରି ତର୍କବିତର୍କ ସରଳ ଭାବରେ ଚାଲିଲେ ସାଧାରଣର ଉପକାର ଅଛି । ଅନେକ ଲୋକ କେତେ ଗ୍ରାମ୍ୟଭାଷାକୁ ଭଲ ଓଡ଼ିଆ ଭାଷା ବୋଲି ରଚନାରେ ସନ୍ନିବେଶିତ କରିବାକୁ ସୁଖ ପାନ୍ତି ଏବଂ ଏହି ଦୁଇ ଭାଷାର ପ୍ରକୃତ ପ୍ରଭେଦ ବାରି ପାରନ୍ତି ନାହିଁ । ଆମ୍ଭମାନଙ୍କ ମତରେ ଲିଖିତ ଭାଷାରେ ଇତର ଶବ୍ଦମାନ ତ୍ୟାଗକରିବା ଉଚିତ ।

---

ଦେଶୀୟ ସମ୍ବାଦପତ୍ର ସମ୍ପର୍କରେ ଚଳିତମାସ ତା ୧୬ ରିଖରେ ପାର୍ଲିମେଣ୍ଟ ସଭାରେ ତର୍କ ହେବ । ଏଥି ମଧ୍ୟରେ ଇଣ୍ଡିଆ ଆଫିସରୁ ଏକ ପତ୍ର ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ନିକଟକୁ ଆସିଅଛି ତହିଁରେ ଲେଖାଅଛି ଯେ ଏପରି ଆଇନର ଆବଶ୍ୟକତା ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ଓ ସ୍ଥାନୀୟ ହାକିମଙ୍କ ବିଚାରରେ ସ୍ଥିର ହେବାର ଉପଯୁକ୍ତ ହେଉ ଅଛି । କେବଳ ଉକ୍ତ ଆଇନର ୯ ଧାରା କି ଯହିଁରେ ପ୍ରୁଫ ଦେଖାଇବାର ବିଧାନ ଅଛି ତାହା ଚଳିପାରିବ ନାହିଁ ବୋଲି ରଦ ହେଲା ଆଉ ସେକ୍ରେଟରୀଙ୍କ ବିବେଚନାରେ ଦଣ୍ଡବିଧିର ନିୟମମାନ ପ୍ରତି-ପାଳନ କରିବାର କର୍ତ୍ତବ୍ୟ ଆଉ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟର ସମାଲୋଚନା ରହିତ କରିବା ଉଚିତ ନୁହଇ ଏବଂ ସେ ବିଶ୍ୱାସ କରନ୍ତି ଯେ ଦେଶୀୟ ଓ ଇଂରେଜ ହାକିମମାନେ ଏ ପ୍ରକାର ସମାଲୋ-ଚନାରେ ଅତ୍ୟନ୍ତ ଚିନ୍ତିତ ହେବେ ନାହିଁ । କେବଳ ବିଦ୍ରୋହସୂଚକ ଲେଖାକୁ ଶାସନ କରି-ବାକୁ ହେବ । ପରିଶେଷରେ ଲର୍ଡକ୍ରାନବ୍ରୁକ୍ ଲେଖିଅଛନ୍ତି କି ଦେଶୀୟ ସଂବାଦପତ୍ରର ଅଧି-କାରୀମାନେ ଅନର୍ଥକ ନିନ୍ଦାଉକ୍ତି କରିବାକୁ ନଯାଇ ଯଥାର୍ଥ ଦୁଃଖର ସମାଲୋଚନା କରିବାକୁ ଏ ଆଇନଦ୍ୱାରା ପ୍ରବୃତ୍ତ ହେବେ । ଏହିପରି ଦେଖା ଯାଏ ଯେ ଦେଶୀୟ ସମ୍ବାଦ ପତ୍ର ସମ୍ପର୍କୀୟ ଆଇନଟି ଅନେକ ସଙ୍କୁଚିତ ହୋଇ ଆସିଲାଣି । ପାର୍ଲିମେଣ୍ଟସଭାରେ ଆହୁରି କିଛି ଫଳ ଲଭିବାର ସମ୍ଭାବନା ଅଛି ।

---

ଏ ସପ୍ତାହରେ ଇଉରୋପରୁ ଏହିପରି ତାର-ଡାକ ସମ୍ବାଦ ଆସିଅଛି ଯେ କଂଗ୍ରେସ ମହା-ସଭା ସରବୀୟାର ସ୍ୱାଧୀନତା ସ୍ୱୀକାର କରିଅ-ଛନ୍ତି ଏବଂ ବୋଷନୀୟା ଓ ହର୍ଜଗୋବିନା ଏପରି ଦୁଇ ପ୍ରଦେଶ ଅଧିକାର କରିବା କାରଣ ଅଷ୍ଟ୍ରୀୟାକୁ କ୍ଷମତା ଦେଇଅଛନ୍ତି । ତୁରଷ୍କ ଏଥିରେ ପ୍ରଥମେ ଆପତ୍ତି କରିଥିଲେ କିନ୍ତୁ ପରେ ସମ୍ମତ ହୋଇଅଛନ୍ତି ଓ ତହିଁର ବିସ୍ତାରିତ ନିୟମମାନ ତୁରଷ୍କ ଓ ରୁସିୟା ଆପଣା ମଧ୍ୟରେ ସ୍ଥିର କରିବେ । ପୂର୍ବ ରୌମିଲୀୟା ସ୍ୱାଧୀନ ହେବ ଓ ତହିଁରେ ଜଣେ ଖ୍ରୀଷ୍ଟିୟାନ ଗବର୍ଣ୍ଣର ନିଯୁକ୍ତ ହେବ ଯେ ତାହାକୁ ତୁରଷ୍କ ଅନ୍ୟ ରାଜାଙ୍କ ମଞ୍ଜୁରରେ ନିଯୁକ୍ତ କରିବେ ।

ବେସାରାବିଆ ମଧ୍ୟରୁ ଅଧେ ରୋମାନିୟା ଓ ଅଧେ ରୁସିୟାକୁ ଦିଆଗଲା । ଓ ଅନ୍ତିବାରି ମଣ୍ଟିନିଗ୍ରୋକୁ ଦିଆଗଲା ।

ଚଳିତ ମାସ ତା ୪ ରିଖରେ ଡାନ୍ୟୁବନଦୀ-ରେ ନୌକା ଯାତାୟାତର ବିଷୟ ଏହିପରି ସ୍ଥିର ହେଲା ଯେ ସମସ୍ତ ଦେଶର ବାଣିଜ୍ୟତରୀ

Digitized by srujanika@gmail.com

କଳା ଅବରୋଧରେ ଇହାଁରେ ଯାତାୟାତ କରି ପାରିବ । ତୁରଷ୍କ ରୁସିଯ଼ଙ୍କୁ ଯେଉଁ କ୍ଷତିପୂରଣ ଦେବ ଇହାଁ ପକ୍ଷରେ ସିଦ୍ଧାନ୍ତ ହେଲା କି ଏଥି ପୂର୍ବ ଯେତେ ଗୁଡ଼ାଏ ଅନ୍ୟ କର୍ମରେ ବ୍ୟୟିତ ହୋଇ ଯାଇଅଛି ବର୍ତ୍ତମାନର କ୍ଷତିପୂରଣର ଦାବି ତାହାକୁ ଛୁଇଁବ ନାହିଁ ଏବଂ ଭୂମିଦ୍ୱାରା କିଛି କ୍ଷତିପୂରଣ ଦିଆ ଯିବ ନାହିଁ । ଅତଃପର ବଟୌମ ବନ୍ଦର ବିଷୟରେ ବିଚାର ଲାଗିଅଛି । ଏଥି ଉପରେ ରୁସିଯ଼ାର ଜିଦି ଥିଲା କିନ୍ତୁ ଇଂରାଜ ଗବର୍ଣ୍ଣମେଣ୍ଟ ଏହା ଦେବାକୁ ସମ୍ମତ ନୁହନ୍ତି କଥିତ ହୁଅଇ ଯେ ଏ ପ୍ରସଙ୍ଗଟି ସହଜରେ ତୁଟିବ ନାହିଁ ।

ଏଥିଉତ୍ତାରୁ ଜଣାଗଲା ଯେ ବଟୌମ ରୁସିଯ଼ାକୁ ଦିଆଗଲା ଓ ସେଥିପାଇଁ ଲଣ୍ଡନର ସମ୍ବାଦପତ୍ରମାନ ଘୋର ଅସନ୍ତୋଷ ପ୍ରକାଶ କରୁଅଛନ୍ତି ।

---

## କମିଶନରୀ କଚେରୀର ଜାଲ ମୋକଦ୍ଦମା ।

ଏ ମୋକଦ୍ଦମାରେ ଯେଉଁମାନଙ୍କୁ ଫଉଜଦାରୀ ସୁପର୍ଦ୍ଦ ହେବାର ଆଜ୍ଞା ହୋଇଅଛି ସେମାନେ ଅବଶ୍ୟ ପ୍ରେରିତ ହୋଇ ନାହାନ୍ତି । ଏମନ୍ତ ଗୁରୁତର ବିଷୟରେ ଏପ୍ରକାର ବିଲମ୍ବ ହେବା ଭଲ ନୁହଇ କାରଣ ଇହିଁରେ ସୁବିଚାରର ହାନି ହୋଇ ପାରେ । ଶୁଣାଯାଏ ଯେ ଏଥିମଧ୍ୟରେ ମୁଦ୍ଦେଇ ଅନେକ ପ୍ରମାଣ ସଂଗ୍ରହ କରି ଅଦାଲତରେ ସେସମସ୍ତ ଉପସ୍ଥିତ କରିବାକୁ ପ୍ରାର୍ଥୀ ହୋଇଅଛି ଏବଂ ପ୍ରଥମ ନକଲ ଜାଲ ନୁହଇ ବୋଲି ପ୍ରମାଣ କରିବାକୁ ଭରସା ସାହସୀ ହୋଇଅଛି । ପ୍ରକୃତରେ କେଉଁ ନକଲ ଜାଲ ଏ ବିଷୟରେ ଆମ୍ଭମାନଙ୍କ ମତାମତ ପ୍ରକାଶ କରିବୁଁ ନାହିଁ ବୋଲି ପୂର୍ବରୁ ଆମ୍ଭେମାନେ କହିଅଛୁଁ ଓ କମିଶନରଙ୍କ ବିଚାର ସର୍ବସାଧାରଣଙ୍କ ମନକୁ ଲାଗି ନାହିଁ । ଅମଲା ଓ ଅନ୍ୟ ଲୋକମାନେ କହୁଅଛନ୍ତି ଯେ କମିଶନର ସାହେବଙ୍କ ମିଜାଜ ବଡ କଡା ଯେହେତୁ ଏକାବେଳକେ ଛଅଜଣ ଅମଲାକୁ ବାହାର କରିଦେଲେ କିନ୍ତୁ ଆମ୍ଭେମାନେ ବିଚାର କରୁଅଛୁଁ ଯେ କମିଶନର ସାହେବଙ୍କ କଡା ମିଜାଜର ପରିଚୟ ତାହାଙ୍କ ଆଜ୍ଞାରୁ ମିଳୁ ନାହିଁ ସେ ଅତ୍ୟନ୍ତ ସଂଶୟର ବିଷୟରେ ଏକ ନକଲକୁ ଜାଲ ସ୍ଥିର କରି ତତ୍ସମ୍ପର୍କୀୟ ଅମଲାଙ୍କୁ ବର୍ଖାସ୍ତ କରିଅଛନ୍ତି । ଏଥିରେ ଯଦ୍ୟପି ଦୁ ଏକଜଣ ଅମଲା ସାମାନ୍ୟ ଦୋଷରେ ଗୁରୁଦଣ୍ଡ ପାଇଅଛି ମାତ୍ର ମୋଟରେ ଆଜ୍ଞା କଠିନ ହୋଇ ନାହିଁ । ଯଦ୍ୟପି କମିଶନର ସାହେବ ଉଭୟ ଦଲିଲରେ ଲିପ୍ତଥିବା ସମସ୍ତ ଅମଲା ଓ ପକ୍ଷଙ୍କୁ ଫଉଜଦାରୀକୁ ପଠାଇ ଥାନ୍ତେ ଓ ସେଠାରେ ବିଚାର ଶେଷ ହେଲା ଉତ୍ତାରୁ ଯାହାର ଯେପରିମାଣରେ ଦୋଷ ବାହାରନ୍ତା ତାହାକୁ ତଦ୍ରୂପ ଦଣ୍ଡ ଦେଇ ଥାନ୍ତେ ତେବେ ତାହାଙ୍କର ଆଜ୍ଞାକୁ ଆମ୍ଭେମାନେ ଯଥାର୍ଥରୂପେ କଠିନ ବୋଲି ବୋଲନ୍ତୁ । ବାସ୍ତବରେ ଯେପରି ଘଟନା ହୋଇଅଛି ଓ ଇହିଁରେ ସରକାରୀ କଚେରୀର ଯେପର୍ଯ୍ୟନ୍ତ ଦୁର୍ନାମ ହୋଇଅଛି ତଦ୍ଦୃଷ୍ଟିରେ ଉପରଲିଖିତ ପ୍ରାଯ଼ କଠିନ ଆଜ୍ଞାର ଅତ୍ୟନ୍ତ ପ୍ରୟୋଜନ ଥିଲା । ଯେବେ ଅମଲାମାନେ ଏତାଦୃଶ ସାହସ କାର୍ଯ୍ୟ କରି ପିନଲକୋଡକୁ ପର୍ଯ୍ୟସ୍ତ କରିବେ ତେବେ ଲୋକଙ୍କର ରକ୍ଷା ଆଉ କାହିଁ ?

---

## ସଂସ୍କୃତ ଭାଷାର ଯୋଗ୍ୟତା ।

ବଙ୍ଗଦେଶର ଶିକ୍ଷାବିଭାଗର ଡିରେକ୍ଟର ସାହେବ ସଂସ୍କୃତଭାଷା ଶିକ୍ଷାର୍ଥୀଙ୍କର ଉତ୍ସାହ ଉଦ୍ଦେଶରେ ଗୋଟିଏ ମହତ୍କାର୍ଯ୍ୟ ସାଧନ କରି ଅଛନ୍ତି ଓ ଇହିଁସକାଶେ ତାହାଙ୍କୁ ଆମ୍ଭେମାନେ ଅନ୍ତଃକରଣ ସହିତ ଧନ୍ୟବାଦ ଦେଉଅଛୁଁ । ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣର ମାନ୍ୟବର ସର ଅସଲି ଇଡନସାହେବଙ୍କ ଗତ ଜୁନମାସ ତା ୨୨ ରିଖ ଲିଖିତ ନିର୍ଦ୍ଧାରଣରୁ ଜଣାଯାଏ ଯେ ସଂସ୍କୃତ କଲେଜରେ ଛାତ୍ରମାନେ ପରୀକ୍ଷାଦେଇ ଉତ୍ତୀର୍ଣ୍ଣହେଲେ ବିଦ୍ୟାସାଗର ନ୍ୟାୟରତ୍ନ ପ୍ରଭୃତି ଉପାଧିମାନ ପ୍ରାପ୍ତ ହୁଅନ୍ତି ଓ ତହିଁର ଯୋଗ୍ୟତା ପତ୍ର ଉକ୍ତକଲେଜର ପ୍ରିନସିପଲଙ୍କ ସ୍ୱାକ୍ଷର ସଂଯୁକ୍ତରେ ଛାତ୍ରମାନଙ୍କୁ ଦିଆ ଯାଏ । ଯେଉଁ ପ୍ରକାର ପରୀକ୍ଷାଦେଲେ କଲେଜର ଛାତ୍ରମାନେ ଯୋଗ୍ୟତା ପତ୍ର ପ୍ରାପ୍ତ ହୁଅନ୍ତି ସେହିପ୍ରକାର ପରୀକ୍ଷା ବାହାରର ଛାତ୍ରମାନଙ୍କଠାରୁ ଗୃହୀତ ହୋଇ ତାହାଙ୍କୁ ତଦ୍ରୂପ ଉପାଧି ଓ ଯୋଗ୍ୟତା ପତ୍ର ଦେଲେ ଭଲ ହେବ ଏପରି ପ୍ରସ୍ତାବ ଡିରେକ୍ଟରସାହେବ କରିବାରୁ ଲେଫ୍ଟନାଣ୍ଟ ଗବର୍ଣ୍ଣର ତାହା ମନୋନୀତ କରି କହିଅଛନ୍ତି କି ଉପରଲିଖିତ ପ୍ରକାରରେ ପ୍ରଦତ୍ତ ହୋଇଥିବା ଯୋଗ୍ୟତା ସୂଚକ ଉପାଧିମାନ ଏଦେଶରେ ବଡ ଆଦରଣୀୟ ଅଟଇ ଏବଂ ଗୁଣୀଙ୍କଦ୍ୱାରା ତାହା ସ୍ୱୀକୃତ ହେଲେ ଶିକ୍ଷିତ ସମ୍ପ୍ରଦାୟରେ ତାହା ଅଧିକ ସନ୍ତୋଷକର ହେବ । ଏବଂଶ ଏହାଦ୍ୱାରା ଚତୁଷ୍ପାଠିମାନଙ୍କର ଉତ୍ସାହ ଓ ଉନ୍ନତି ହୋଇ ପାରିବାର ସମ୍ଭାବନା । ଅତଏବ ଲେଫ୍ଟନାଣ୍ଟ ଗବର୍ଣ୍ଣର ଏ ବିଷୟରେ କେତେଗୁଡ଼ାଏ ନିୟମ ସ୍ଥିରକରି ଗବର୍ଣ୍ଣମେଣ୍ଟ ଗଜେଟରେ ତାହା ପ୍ରଚାର କରିଅଛନ୍ତି । ଆମ୍ଭେମାନେ ଉକ୍ତ ନିୟମ ଓ ସୂତ୍ରକର ତାଲିକା ଅପରନ୍ତ ପତ୍ରିକାରେ ପ୍ରକାଶ କଲୁଁ । ପାଠକମାନେ ତହିଁରୁ ସବିଶେଷ ଅବଗତ ହେବେ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଏହାଦ୍ୱାରା ଅନେକ ଉପକାର ହେବ । ପ୍ରଥମେ ଯେଉଁ ଶାସ୍ତ୍ରଅଧ୍ୟାୟୀମାନେ ଆପଣାମାନଙ୍କୁ ପଦଯେନ ଅସ୍ଥାଲନ କରୁଥିଲେ ତାହାଙ୍କର ଲାଭ ହେବ ଓ କ୍ରିୟାକଳାପାଦି ଉପଲକ୍ଷରେ ଆମନ୍ତ୍ରିତ ପଣ୍ଡିତଙ୍କ ବିଦାୟସମୟରେ କର୍ତ୍ତା ଅନେକଚିନ୍ତା ଓ ବିବାଦରୁ ରକ୍ଷାପାଇବେ । ଯେବେ ଏଥିସଙ୍ଗେ ଦେଶୀୟ ରାଜାମାନେ ଆପଣା ରାଜଧାନୀ ପଣ୍ଡିତମାନଙ୍କୁ ଏହି ପରୀକ୍ଷା ଦେବାକୁ ବାଧ୍ୟକରନ୍ତି ଓ ପରୀକ୍ଷା ନ ଦେଲେ ତାହାଙ୍କର ଜାଗିର ଅଟକ ହୋଇ ଅନ୍ୟ ଯୋଗ୍ୟ ବ୍ୟକ୍ତିକୁ ଦିଆଯିବ ଏପରି ନିୟମ କରନ୍ତି ତାହା ହେଲେ ସଂସ୍କୃତ ଭାଷାର ଅବଶ୍ୟ ବିସ୍ତାର ହେବ ସନ୍ଦେହ ନାହିଁ । ମୋଗଲବନ୍ଦି ଲୋକଙ୍କୁ କେବଳ ସ୍କୁଲର ଶିକ୍ଷକ କରିବାଦ୍ୱାରା ଉତ୍ସାହ ଦିଆଯାଇ ପାରେ ଓ ଯେଉଁମାନେ ସଂସ୍କୃତ ଶିକ୍ଷା କରି ପଣ୍ଡିତ ହେବେ ସେମାନଙ୍କୁ ତଦନୁଯୋଗ୍ୟ କାର୍ଯ୍ୟ କିଛି ନ ଦେଲେ କିପରି ସେମାନଙ୍କର ଶିକ୍ଷାକରିବାକୁ ଉତ୍ସାହ ହେବ । ଏତେବେଳେ ଅତି ପୂର୍ବପରି ରାଜାଙ୍କଠାରୁ ବୃତ୍ତିଲାଭ ହେବାର ଆଶା ନାହିଁ ।

---

## ଉତ୍କଳର ଆଶା ଓ ନୈରାଶ୍ୟ

ଗତ ସପ୍ତାହ ଶୁକ୍ରବାର ସନ୍ଧ୍ୟା ସମୟରେ ଟ୍ରେଡିଂ କମ୍ପାନିଙ୍କ କୋଠାରେ ଉତ୍କଳ ସଭାର ବାର୍ଷିକ ଅଧିବେଶନ ହୋଇଥିଲା । ବାବୁ ଗୟାନାଥ ବସୁ ସଭାପତି ପଦରେ ବରଣ ହେଲା-ଉତ୍ତାରୁ ସଭାର ବାର୍ଷିକ ବିଜ୍ଞାପନୀ ସମ୍ପାଦକ ମହାଶୟ ପାଠ କଲେ । ତହିଁ ଉତ୍ତାରୁ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଶୀର୍ଷାଙ୍କିତ ବିଷୟରେ ଗୋଟିଏ ବକ୍ତୃତା କଲେ । ପ୍ୟାରୀ ବାବୁଙ୍କ ବକ୍ତୃତା କରିବା ଶକ୍ତି ବିଷୟରେ ଅନେକ ଥର ଆମ୍ଭେମାନେ ଲେଖିଅଛୁଁ ସୁତରାଂ ସେପକ୍ଷରେ ଆଉ କିଛି ବୋଲିବା ଅନାବଶ୍ୟକ କେବଳ ସେ

Split by PDF Splitter
Digitized by srujanika@gmail.com

ଯେଉଁ କଥାମାନ ଉକ୍ତ ବକ୍ତୃତାରେ କହିଥିଲେ ତାହା ବିସ୍ତୃତ ପାଠକଙ୍କୁ ଜଣାଇବାର ଆବଶ୍ୟକ ବିବେଚନା କରି ଏପ୍ରସ୍ତାବର ଅବତାରଣା କରୁଅଛୁଁ । ପ୍ରଥମେ ବିଷୟଟି ବିରୋଧାଭାଷପରି ଜଣାଯିବାରୁ ଅମ୍ଭେମାନେ ବ୍ୟସ୍ତ ହୋଇଥିଲୁଁ କିନ୍ତୁ ସବିଶେଷ ଅବଗତ ହେବାରୁ ସେ ବ୍ୟସ୍ତ ବିଦୂରିତ ହେଲା ବକ୍ତାମହାଶୟ କହିଲେ ଯେ ପୃଥିବୀସଙ୍ଗେ ତୁଳନା କଲେ ଉନ୍ନତି ପ୍ରସଙ୍ଗରେ ବର୍ତ୍ତମାନ ଉତ୍କଳର ବାଲ୍ୟାବସ୍ଥା ଏବଂ ଭାରତବର୍ଷ ସଙ୍ଗେ ତୁଳନା କଲେ ଯୌବନାବସ୍ଥା ଅଟଇ । ଏଥିର ମର୍ମ ଏହି ଯେ ଇଉରୋପ ଓ ଆମେରିକାରେ ଯେମନ୍ତ ଉନ୍ନତି ହୋଇଅଛି ଓଡ଼ିଶା ତାହା ଶିକ୍ଷା କରୁଅଛି ଓ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନ ପରି ଓଡ଼ିଶାର କେତେକ ଉନ୍ନତି ହୋଇଥିଲେ ବଙ୍ଗଳା କିମ୍ବା ବମ୍ବେଇ ସଙ୍ଗେ ସମକକ୍ଷ ହୋଇ ନାହିଁ । ଯଥା ଉପେନ୍ଦ୍ରଭଞ୍ଜ ପରି ଜଣେ କବି ଓଡ଼ିଶାରେ ହୋଇଥିଲେହେଁ ସେ କାଳିଦାସ କିମ୍ବା ବ୍ୟାସଙ୍କ ପରି ନୁହନ୍ତି । କିନ୍ତୁ ବର୍ତ୍ତମାନ କାଳରେ ଓଡ଼ିଶା ଉନ୍ନତି ଦିଗକୁ ପଦ ଚାଳନା କରୁଅଛି ନ କରିବ କାହିଁକି ତାହାତ ଏଯୁଗର ଧର୍ମ ଅଟଇ ଅର୍ଥାତ୍ ଉନ୍ନତି ଊନବିଂଶ ଶତାବ୍ଦୀର ଧର୍ମ ଅଟଇ ଆଜକାଲି ସବୁଆଡ଼ୁ ଉନ୍ନତିର ପରିଚୟ ପ୍ରାପ୍ତ ହେଉଅଛି । ଯାପାନ ଦ୍ୱୀପ ଉନ୍ନତିବ ଲଭିଲା ଶ୍ୟାମର ରଜା ଉନ୍ନତିର ବିଶେଷ ଚେଷ୍ଟା କରୁଅଛନ୍ତି ଏବଂ ଏତେ ଅସଭ୍ୟ ଯେ ଓଡ଼ିଶାର କନ୍ଧମାନେ ସେମାନେ ସୁଦ୍ଧା ସ୍ୱେଚ୍ଛା ପୂର୍ବକ କରଦେଇ ଶିକ୍ଷା ଲାଭଦ୍ୱାରା ଆପଣା ଉନ୍ନତିର ଚେଷ୍ଟା କରୁଅଛନ୍ତି ଏହିକାଳର ମାହାତ୍ମ୍ୟରେ ଓଡ଼ିଶା ଉନ୍ନତି ଦିଗକୁ ଦୃଷ୍ଟି କରୁଅଛି ଏହାର ଆଶା ଅନ୍ୟାନ୍ୟ ଦେଶ ପରି ଉନ୍ନତି ହେବା କିନ୍ତୁ ଭାରି ନୈରାଶ୍ୟ ଏହା ସଙ୍ଗେ ୨ ରହିଅଛି । ଯଥା; ଏଠାରେ ମଧ୍ୟମ ଶ୍ରେଣୀ ଲୋକର ସଂଖ୍ୟା ଅତ୍ୟନ୍ତ ଊଣା ମଧ୍ୟମ ଶ୍ରେଣୀରେ ବ୍ରାହ୍ମଣ କରଣ ଓ ଖଣ୍ଡାଏତ ଏହାଙ୍କ ଦ୍ୱାରା ସର୍ବ ଦେଶରେ ଉନ୍ନତି ସାଧିତ ହୁଅଇ । ଆଉ ଏଠା ଲୋକ ଶ୍ରମଶୀଳ ନୁହନ୍ତି, ଏହାଙ୍କର ଅଧ୍ୟବସାୟ । ବାଣିଜ୍ୟାଦିର ଅଡମ୍ବର ଏଠାରେ ନାହିଁ । ସ୍ତ୍ରୀ ଶିକ୍ଷାର ଉନ୍ନତି ହୋଇନାହିଁ । ଇତ୍ୟାଦି କାରଣରୁ ବକ୍ତା ଉତ୍କଳର ଉନ୍ନତି ପ୍ରତି ନୈରାଶ୍ୟ ପ୍ରକାଶ କଲେ । ଏହାଙ୍କ ବକ୍ତୃତା ଶେଷ ହେଲା ଉତ୍ତାରୁ ସଭାପତି ବାବୁ ରାଧାନାଥ ରାୟ କେତେ ଗୁଡ଼ିଏ ସଦ୍ୟୁକ୍ତି ଦେଖାଇ ବକ୍ତାଙ୍କ ପ୍ରଦର୍ଶିତ କେତେକ ହେତୁର ଅସାରତା ଦେଖାଇଲେ ଓ ନୈରାଶ୍ୟର କାରଣ ନଥିବାର ପ୍ରତିପନ୍ନ କଲେ ରାଧାନାଥ ବାବୁ ବକ୍ତା ନୁହନ୍ତି ସୁତରାଂ ଅଳ୍ପ କଥାରେ ଆପଣା ମତ ପ୍ରକାଶ କରି କ୍ଷାନ୍ତ ରହିଲେ କିନ୍ତୁ ତାହାଙ୍କର ମଧୁର ବଚନରେ ସମସ୍ତେ ସନ୍ତୁଷ୍ଟ ହୋଇଥିଲେ ଏବଂ ପ୍ରତି କଥାରେ ତାହାଙ୍କର ନମ୍ର ସ୍ୱଭାବ ଓ ଗମ୍ଭୀର ବୁଦ୍ଧିର ପରିଚୟ ପାଇ ଶ୍ରୋତାମାନେ ମୋହିତ ହେଲେ

---

## ପୁରୀର ରଥଯାତ୍ରା ।

ଯଦ୍ୟପି କି ପୁରୀରାଜାଙ୍କ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହେତୁରୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ପର୍ବାଦିର କିଛି ବ୍ୟାଘାତ ହୋଇ ନାହିଁ ବରଂ ସର୍ବସାଧାରଣ ଏକବାକ୍ୟ ହୋଇ କହୁଅଛନ୍ତି କି ରାଜାଙ୍କର ମାତା ସ୍ୱୟଂ ମନ୍ଦିରର ସମସ୍ତ ବିଷୟର ତତ୍ତ୍ୱାବଧାରଣ କରିବାରୁ ପୂର୍ବାପେକ୍ଷା ନୀତି ଭଲ ହେଉଅଛି ଓ ମନ୍ଦିରର ସମସ୍ତ କର୍ମ ଯଥା ସମୟ ଓ ନିୟମିତ ପ୍ରଥାରେ ଚାଲୁ ଅଛି ତଥାଚ ଅନୁମାନ ହୁଅଇ ଯେ ରାଜାଙ୍କ ଉପରେ ବିପଦ ପଡ଼ିବାରୁ ଲୋକ ଉତ୍ସାହହୀନ ହୋଇ ଅଛନ୍ତି । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଅଦୌ ରୀତିମତ ରଥ ନିର୍ମାଣ କରିବାର ଉଦ୍ୟମ ନଥିଲା । ଅନେକ ବିଳମ୍ବରେ ଏବଂ ସ୍ଥାନୀୟ ହାକିମ ଓ ଭଦ୍ର ଲୋକଙ୍କ ବିଶେଷ ଯତ୍ନରେ ରଥମାନ ପ୍ରସ୍ତୁତ ହେଲା । ଯାତ୍ରୀ ସଂଖ୍ୟା ଅନ୍ୟାନ୍ୟ ବର୍ଷରେ ଯେତେ ହେଉଥିଲା ତହିଁର ତୃତୀୟାଂଶ ମଧ୍ୟ ଏଥର ହୋଇ ନାହିଁ । ସ୍ୱଦେଶୀ ଓ ବିଦେଶୀ ମିଶି କୋଡ଼ିଏହଜାର ହେବେ କି ନାହିଁ ସନ୍ଦେହ । ରଥଯାତ୍ରାରେ ଏତେ ଊଣା ଯାତ୍ରୀ ପୂର୍ବେ କେବେ ଦେଖାଯାଇ ଥିଲାକି ନା ମନେ ପଡ଼ୁ ନାହିଁ । ଅବଶ୍ୟ ଆଜିକାଲି ଯେପରି କାଳ ପଡ଼ିଅଛି ଏଥିରେ ଅନେକ ଲୋକ ଅଧିକ ବ୍ୟୟ ପଡ଼ିବା ଭୟରେ ଘରୁ ବାହାରିବାକୁ ସାହସ କରି ନଥିବେ । କିନ୍ତୁ ଏହା ମଧ୍ୟ ପ୍ରସିଦ୍ଧ ଯେ ରଥଯାତ୍ରା ସମୟରେ ବଙ୍ଗଦେଶୀୟ ଯାତ୍ରୀ ଅଧିକ ହୁଅନ୍ତି ଓ ଏ ପ୍ରଦେଶରେ କୌଣସିଠାରେ ବିଶେଷ ଅନ୍ନକଷ୍ଟ ହୋଇ ନାହିଁ କିମ୍ବା ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିବାର ରଟନା ହୋଇ ନାହିଁ । ଖାଦ୍ୟ ସାମଗ୍ରୀର ଦର ଯେମନ୍ତ ଭାରତବର୍ଷର ପ୍ରାୟ ସର୍ବତ୍ର ଚଢ଼ି ହୋଇଅଛି ସେହିପରି ଏଠାରେ ସୁତରାଂ ଏଥିଲାଗି ଯାତ୍ରୀ ସଂଖ୍ୟା ଏତାଦୃଶ ଊଣା ହେବାର ବୋଲି ଯାଇ ନ ପାରେ । ମାତ୍ର ଦୁର୍ମୂଲ୍ୟସଙ୍ଗେ ରାଜାଙ୍କର ଦୁର୍ଦ୍ଦଶାକୁ ଯୋଗ କଲେ ଯାତ୍ରୀ ଊଣା ହେବାର କାରଣ ସୁନ୍ଦରରୂପେ ଜଣା ଯାଉଅଛି । ବାସ୍ତବରେ କେତେ ଲୋକଙ୍କର ଭାବ ଏହି ଯେ ଶ୍ରୀ ଜଗନ୍ନାଥ ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ନାହାନ୍ତି ରାଜାଙ୍କ ସଙ୍ଗେ ଯାଇଅଛନ୍ତି ଓ କେତେ ବିଦେଶୀୟ ଲୋକ ଏମନ୍ତ କହିବାର ଶୁଣା ଯାଇଅଛି ଯେ ରାଜା ନାହାନ୍ତି କେବଳ ଠାକୁର ଦର୍ଶନରେ ସମ୍ପୂର୍ଣ୍ଣ ଫଳ ହେବ ନାହିଁ । ରାଜା ଯେବେ କଏଦ ହୋଇ ଗଲେ ଆଉ ଠାକୁରଙ୍କ ଯାତ୍ରା କିଏ କରିବ ଏମନ୍ତ ଭାବି କେତେ ଲୋକ ଅସି ନ ଥିବେ ଓ ମଧ୍ୟ କେତେ ବୃଦ୍ଧାଲୋକ ଏପରି ସୁଦ୍ଧା କହିବାର ଶୁଣି ଅଛୁଁ ଯେ ଠାକୁରତ ଆପଣା ରାଜାଙ୍କୁ ରକ୍ଷା କଲେ ନାହିଁ ତାଙ୍କୁ ଦର୍ଶନ କରି କି ହେବ ଫଳତଃ ରାଜାଙ୍କ ଦଣ୍ଡ ଲଭିବା ସଙ୍ଗେ ରଥଯାତ୍ରା ଯାତ୍ରୀ ଊଣା ହେବାର ବିଶେଷ ସମ୍ପର୍କ ଅଛି ।

ଯାହା ହେଉ ରଥଯାତ୍ରାର କାର୍ଯ୍ୟମାନ ଏ ବର୍ଷ ନିର୍ବିଘ୍ନରେ ଏବଂ ଯଥା ସମୟରେ ସମ୍ପନ୍ନ ହେବାର ଶୁଣି ଅମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ ଏବଂ ଏଥି ସକାଶେ ସେଠାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଙ୍ଗ ସାହେବ ବିଶେଷରେ ପ୍ରଶଂସା ଭାଜନ ହୋଇଅଛନ୍ତି କାରଣ ସେ ସ୍ୱୟଂ ରଥ ପାଶରେ ଉପସ୍ଥିତ ହୋଇ ଏବଂ ଆପଣା ଡେପୁଟୀ କଲେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତ କରାଇ ଏମନ୍ତ ବନ୍ଦୋବସ୍ତ କଲେ ଯେ ବେଳ ଦୁଇପ୍ରହର ସମୟରେ ଠାକୁରମାନେ ରଥରେ ଆସୀନ ହେଲେ ଏବଂ ସେହିଦିନ ରଥ ଟଣା ହୋଇ ଦୁଇଦିନ ମଧ୍ୟରେ ସମସ୍ତ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଗଲା । କୌଣସି କାର୍ଯ୍ୟର ବିଶୃଙ୍ଖଳା ହୋଇ ନାହିଁ କିମ୍ବା କୌଣସି ଦୁର୍ଘଟନା ଘଟି ନାହିଁ । ଏହା ବୋଲି ଓଲଉଠା ରୋଗ ଅନ୍ୟାନ୍ୟ ବର୍ଷପରି ଆପଣା ବିକ୍ରମ ଦେଖାଇବାକୁ ତ୍ରୁଟି କରି ନ ଥିଲା । ଏ ରୋଗରେ ଅନେକ ଯାତ୍ରୀ ନାଶ ହୋଇଅଛନ୍ତି ଓ ନଗରବାସିମାନେ ଏତେବେଳକେ ନିସ୍ତାର ପାଇ ନାହାନ୍ତି ତେବେ ଏହାଙ୍କ ପ୍ରତି କୋପ କିଛି ଊଣା ଥିଲା ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏ ନଗରରେ ଆଦୌ ବୃଷ୍ଟି ହୋଇ ନାହିଁ । ଗର୍ମ୍ମ ଭାରିଟାଣ ହୋଇ ଅଛି ଓ

Split by PDF Splitter

Digitized by srujanika@gmail.com

Split by PDF Splitter



ତହିଁ ସଙ୍ଗେ ଓଲାଉଠା ରୋଗ ପୂର୍ବଠାରୁ ପ୍ରବଳ ହୋଇ ଅଛି । ନଦୀ ମଧ୍ୟ ପ୍ରବୃତ୍ତିରୂପେ ବଢ଼ି ନାହିଁ । ଆଷାଢ଼ ଶେଷ ହେଲା ଏଥିରେ ଏପରି ଗତିର ଲକ୍ଷଣ ଦେଖି ସମସ୍ତେ ଚିନ୍ତିତ ଅଛନ୍ତି ।

ପୁରୀ ଅଞ୍ଚଳରେ ଓଲାଉଠା ରୋଗ ଅତ୍ୟନ୍ତ ପ୍ରବଳ ହେବାର ଶୁଣାଯାଏ । ଗୁଣ୍ଡିଚା ବାସି ଛଯ୍ୟାସି ଥରେ ବର୍ଷା ହୋଇ ଥିଲା ନୋହିଲେ ଆଉ ବୃଷ୍ଟି ନାହିଁ ।

ଏଥର ଦୌରାରେ ପୁରୀରୁ ଗୋଟାଏ ଅସ୍ୱାଭାବିକ ଅପରାଧର ମକଦ୍ଦମା ଆସି ଅଛି ।

ଇଉରୋପରେ ଏବର୍ଷ ଫସଲର ଅବସ୍ଥା ଭଲ ଦେଖା ଯାଏ ବୋଧ ହୁଅଇ ଏଥର ସେହିଠାରୁ ଦାନା ଆଣାଇ ଆମ୍ଭମାନଙ୍କର ପ୍ରାଣ ରକ୍ଷା ହେବ ।

ପ୍ରୟାଗର କୂଅସବୁ ଏତେ ଗଭୀର ଯେ ସହଜ ସମୟରେ ବୃଷ୍ଟି ହେଲେ ପାଣି ଦଗଇ ନାହିଁ ଓ ଯାତ୍ରିମାନେ ପଇସାଦେଇ ଜଳ କିଣନ୍ତି । ଗତ ଖରାରେ ଅନେକ କୂଅ ଶୁଖିଯାଇ ଅଛି ଅବଧି ସେସବୁରେ ଜଳ ହୋଇ ନାହିଁ । ଏହାଦେଖି ଜଣେ କହୁଅଛନ୍ତି କି କ୍ଷେତକୁ ଜଳ ଯୋଗାଇବା ପାଇଁ କୂଅ ଖୋଳାଇବା ବିଷୟରେ ଗବର୍ଣ୍ଣମେଣ୍ଟ ଉତ୍ସାହ ଦେଉଅଛନ୍ତି ମାତ୍ର ଖରା ଟାଣ ହେଲେ ନଦୀ ଓ ନାଳସଙ୍ଗେ କୂଅସବୁ ଶୁଖିଯାଏ ଏଥିର ଉପାୟ କଣ ?

ସ୍କୁଲ ସମାଚାରରୁ ଅବଗତ ହେଲୁଁ । ଗତବର୍ଷର ସ୍କୁଲରିପୋର୍ଟରୁ ସ୍କୁଲରେ ବଙ୍ଗାଳି କର୍ମଚାରୀ ଅଧିକ ସଂଖ୍ୟକ ନାହାନ୍ତି ଦେଖି ଷ୍ଟେଟଲଟସାହେବ ଦୁଃଖ ପ୍ରକାଶକରି କହୁଅଛନ୍ତି ଯେ, ବଙ୍ଗାଳମାନେ ଟିକେ ସାମାନ୍ୟ ଲେଖାପଢ଼ା ଜାଣିଲେ ଇଉରୋପୀୟ ବା ହିନ୍ଦୁସ୍ଥାନୀ ଅପେକ୍ଷା ସ୍କୁଲର କାର୍ଯ୍ୟର ଅଧିକତର ଉପଯୋଗୀ ହୁଅନ୍ତି । ଯହିଁରେ ସ୍କୁଲରେ ବଙ୍ଗାଳୀ ସଂଖ୍ୟା ଅଧିକ ହୁଏ ସେଥିପାଇଁ ସେ ଅନୁରୋଧ କରି ଅଛନ୍ତି ।

ପଞ୍ଜାବର ବନ୍ନୁ ଜିଲ୍ଲାର ଏକସ୍ଥାନରେ ଗୋଟାଏ ଘୂର୍ଣ୍ଣି ବାୟୁ ଜାତ ହୋଇ ବଡ଼ କୌତୁକ କରିଥିଲା । ଅନ୍ୟାନ୍ୟ ଉପଦ୍ରବ ମଧ୍ୟରେ ଗୋଟାଏ ପୁଷ୍କରିଣୀର ଜଳ ଶୁଖାଇ ଦେଇଥିଲା ତହିଁଉତ୍ତାରୁ ଗୋଟାଏ ଛପର ଘର ମଧ୍ୟରେ ପ୍ରବେଶ କଲା । ଘରବାଲା ଚାଲି ଉଡି ଯିବାର ଆଶଙ୍କା କରି ପିଢା ଉପରେ ବସିଲା ମାତ୍ର ବାୟୁ ତାହା କେତେ ମାତର ପିଢାରୁ ମନୁଷ୍ୟ ସହିତ ଉର୍ଦ୍ଧ୍ୱକୁ ଉଡାଇ ନେଲା କେତେବେଳେ ମନୁଷ୍ୟ ସ୍ଥିର ହୋଇ ନପାରି ଖସିପଡି ଜଗଡ଼ା ଖାଇ ମରିଗଲା । ଲୋକମାନେ ଏ ବ୍ୟାପାର ଦେଖି ଚମତ୍କୃତ ହେଲେ । ଏହି ହେତୁରୁ ଘୂର୍ଣ୍ଣି ବାୟୁର ନାମ ଖଣ୍ଡିଆ ଭୂତ ହୋଇଛି କିନା ।

କୃଷ୍ଣ ନଗର ଗ୍ରେଡଷ୍ଟେସ ତହବିଲରୁ ଟଙ୍କା ଆତ୍ମସାତ କରିଥିବା ବ୍ୟକ୍ତି ବେଣୀଗୋପାଳ ବାନାର୍ଜ୍ଜୀ ଧରା ପଡ଼ି ଅଛି । ମକଦ୍ଦମା ବିଚାରରେ କେତେକଥା ବାହାରିପାରେ । ଏବ୍ୟକ୍ତି ପନ୍ଦର ହଜାର ଟଙ୍କା ଖାଇ ଯାଇଅଛି । ଦୁଃଖି ପ୍ରଜାଙ୍କ ପ୍ରଦତ୍ତ କର ଏପରି ଅପବ୍ୟୟ ହେବା ବଡ ଶୋଚନାର ବିଷୟ ଅଟଇ ।

ଏକଖଣ୍ଡ ଗୁଜରାଟି କାଗଜରେ ଲେଖାଅଛି ଯେ ସୁରଟର ସମ୍ପାଦକଙ୍କ ନାମର ମକଦ୍ଦମାରେ ଅସାମୀମାନେ ପ୍ରାୟ ଅଢେଇଶତ ଗୁହାର ତାଲିକା ଦେଇ ତାହାଙ୍କୁ ଖଲାସ କରିବାର ପ୍ରାର୍ଥନା କରି ଅଛନ୍ତି । ସୁରଟରେ କି ଏତେ ଗୁହା ମିଳଇ ।

ବାଙ୍କ ଅବ ବଙ୍ଗାଳର ଗତ ସଭାରେ ଗତ ବର୍ଷ ସକାଶେ ବର୍ଷକୁ ଟ ୧୦୮ ଙ୍କା ଲେଖାଏ ଅଂଶିମାନଙ୍କୁ ଲାଭ ଦେବାର ସ୍ଥିର ହୋଇଅଛି ।

ରଙ୍ଗୁନରୁ ତାର ଯୋଗେ ସମ୍ବାଦ ଆସିଅଛି ଯେ ମନ୍ଦାଲେ ନଗରର ଦେଟା ପାଟେଗା ମଧ୍ୟରେ ଭୟଙ୍କର ଅଗ୍ନି କାଣ୍ଡ ହୋଇ ଯାଇଅଛି । ସମ୍ବାଦ ଆସିଲା ବେଳକୁ ୨୦୦୦ ରୁ ଅଧିକ ଘର ପୋଡ଼ି ଯାଇଥିଲା ଓ ଅଗ୍ନି ଲିଭି ନଥିଲା । ଏଥିଉତ୍ତାରୁ ଜଣାଗଲା ଯେ ସର୍ବ ପ୍ରାୟ ୪୭୫୦ ଘର ପୋଡିଗଲା ରାଜାଙ୍କ ନଅର ବଞ୍ଚି ଯାଇଅଛି କେତେ ଲୋକ ମଲେ ଜଣାପଡ଼ ନାହିଁ ।

ବମ୍ବେଇରେ ରେଲ ଗ୍ରେଟ ସମ୍ପାନ୍ତ ଇଂରେଜ କର୍ମଚାରୀ ନାମରେ ଘୁଷ ନେବାର ମୋକଦ୍ଦମା ହୋଇଥିଲା କିନ୍ତୁ ସେ ଯୁରିଙ୍କ ବିଚାରରେ ମୁକ୍ତ ପାଇଲା ।

---

ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

। କି । ଅଠଗଡ଼ର ଅନ୍ତର୍ଗତ ପ୍ରସିଦ୍ଧ ଧବଳେଶ୍ୱର ନାମକ ମହାଦେବ ଯେଉଁ କଳା ବଳଦ ଧଳା କରିବାରୁ କିମ୍ବଦନ୍ତୀ ରଚନା କଲେ ବୋଲି ଖ୍ୟାତ ଅଛି ତାଙ୍କ ଦେଉଳର ଚୂଡ଼ା ଓ ବେଢ଼ା ଇତ୍ୟାଦି ମନ୍ଦ ଅବସ୍ଥାରେ ଅଛି । ଏହା ଦେଖି ଆମ୍ଭେ ଗତ ବସନ୍ତପଞ୍ଚମୀ ଦିନଠାରୁ ସାଧାରଣଙ୍କ ନିକଟରେ ଭିକ୍ଷା କରି କିଛି ଅର୍ଥ ସଞ୍ଚୟ କରି ଥିଲୁଁ । ତାହାଦ୍ୱାରା ଗତ ଶ୍ରୀପଞ୍ଚମୀ ଦିନ ଉକ୍ତ ଦେଉଳର ମରାମତି କର୍ମ ଆରମ୍ଭ ହୋଇଅଛି । ସଞ୍ଚିତ ଅର୍ଥ ମଧ୍ୟରେ ଉକ୍ତ କର୍ମ ନିଷ୍ପନ୍ନ ହୋଇ ପାରିବ ନାହିଁ । ଅତଏବ ସର୍ବସାଧାରଣଙ୍କ ନିକଟରେ ପ୍ରାର୍ଥନା ଯେ ଆପଣମାନେ କିଛି୨ ଭିକ୍ଷା ପ୍ରଦାନ କଲେ ଉକ୍ତ କର୍ମ ନିଷ୍ପନ୍ନ ହେବ ଓ ଆପଣମାନେ ମଧ୍ୟ ପୁଣ୍ୟଭାଜନ ହେବେ । ଯେ ଯାହା ଦେବେ ତାହା ଆମ୍ଭ ନିକଟକୁ ଅଥବା କଟକ ତାଗରପଡ଼ା ନିବାସୀ ଶ୍ରୀ ଗୋପୀନାଥ ସାହୁଙ୍କ ନିକଟକୁ ପଠାଇବେ । ପ୍ରକାଶ ଥାଉ ଯେ ଉକ୍ତ ମରାମତି ବିଷୟରେ ଆମ୍ଭ ପ୍ରାର୍ଥନା ଅନୁସାରେ ଉକ୍ତ ଦଳର ରାଜା ଶ୍ରୀ ଶ୍ରୀ ଭାଗୀରଥୀ ବେବର୍ତ୍ତା ପଟ୍ଟନାୟକ ଅଧିକ ଉଦ୍‌ଯୋଗୀ ଅଛନ୍ତି । ଇତି ।

ତା ୫ ଇଏ ଜୁନ ସନ ୧୮୭୮ ମସିହା ।

ବଶମ୍ବଦ
ଶ୍ରୀ ଗୌରାଙ୍ଗଚରଣ ଦାସ
। ପ୍ର । ପାଏଜା । ମୌ । ବୋଧପୁର

---


ସିଙ୍କୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜ୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ଚିକିତ୍ସାରେ ସମାନ ଉପକାରି ଔଷଧ । ଟିନରେ ବନ୍ଦ ଏକ ପାଉଣ୍ଡର ମୂଲ୍ୟ ଟ ୨୦୮ ଙ୍କା, ଡାକର ଖରଚା ଟ ୦ ୭ ଅଣା ଅତିରିକ୍ତ ଲାଗିବ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ହାବଡାସ୍ଥ ବଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।


---

ମୂଲ୍ୟପ୍ରାପ୍ତି

| | | |
|---|---|---|
| ଶ୍ରୀ ଶ୍ରୀ ରାଜା ବାହାଦୁର ମୟୂରଭଞ୍ଜ | ବକାୟ | ଟ ୭୯ |
| " " " " ଢେଙ୍କାନାଳ | " | ଟ ୬ ୷ |
| ଚୌଧୁରୀ ରାଧାନାଥ ଷଡ଼ଙ୍ଗୀ ମହାପାତ୍ର | " | ଟ ୭୯ |
| ବାବୁ ରଘୁନାଥ ଘୋଷ କଟକ | " | ଟ ୨୯ |
| " ଜଗନ୍ନାଥ ସରକାର " | " | ଟ ୭୯ |
| " ଜାନକୀ ପଟ୍ଟନାୟକ ରାୟବାହାଦୁର | " | ଟ ୭ ୷ |
| ସାଉଥ୍‌ଓରା କଦମାଳ | | ଟ ୬ । |
| ମୁନସି ଅଲ୍ଲାଜାନ କଟକ | " | ଟ ୨୯ |
| ଶ୍ରୀ ଶ୍ରୀ ରାଜା ବାହାଦୁର କେନ୍ଦୁଝର | " | ଟ ୭ ୷ |
| " " " ରଣପୁର | ଅଗ୍ରିମ | ଟ ୭୯ |
| " " " ଖଣ୍ଡପଡ଼ା | ବକାୟ | ଟ ୭୯ |
| ଦେବ୍ସି ଗୋପିନାଥ ପଟ୍ଟନାୟକ ଅନୁଗୁଳ | " | ଟ ୬ ୷ |
| ବାବୁ ଚନ୍ଦ୍ରଶେଖର ମୁଦୁଲି କଟକ | " | ଟ ୭୯ |
| ମୁନସି ଅମିରଣୀ ଇନ୍‌ଷ୍ଟ୍ରକଟର ସବଜାତ ପୁରୀ | " | ଟ ୭ ୷ |
| ବାବୁ ଗଣେଶ ପ୍ରସାଦ ସିଂହ | " | ଟ ୪୯ |
| " ରାଧାମୋହନ ଦାସ କଲିକତା | " | ଟ ୭ ୷ |
| " କୃଷ୍ଣମୋହନ ଘୋଷ କଟକ | " | ଟ ୭୯ |

---

☞ ଏହି ଉତ୍କଳ ଦୀପିକା ସହର କଟକ ଚଉଧୁରୀବଜାର-ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଶ
ସ ୨୯ ଖ୍ୟା

ତା ୨୦ ରିଖ ମାହେ ଜୁଲାଇ ସନ ୧୮୭୮ ମସିହା । ମୁ । ଶ୍ରାବଣ ଦ ୭ ଜ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୯
ମଫସଲପାଁଇ ଡାକମାସୁଲ ଟ୧୳

ଆଷାଢ଼ ଗତ ହୋଇ ଶ୍ରାବଣର ପ୍ରାୟ ଏକ ସପ୍ତାହ ଗତ ହେଲା । ଅବଶ୍ୟ ଉପ୍ଯୁକ୍ତ ପରିମାଣରେ ବୃଷ୍ଟି ହେଉ ନାହିଁ । ପ୍ରାୟ ଦ ୧୫ ଦିନ ଉତ୍ତାରୁ ଗତ ଦୁଇଦିନ ଏ ନଗରରେ କିଞ୍ଚିତ ବୃଷ୍ଟି ହୋଇଥିଲା କିନ୍ତୁ ଟାଣ ଖରା ଓ ଅତ୍ୟନ୍ତ ଗ୍ରୀଷ୍ମ ହେତୁ ତଦ୍ୱାରା କିଛି ଉପକାର ଜଣାଯାଉ ନାହିଁ । ମୋଫସଲରେ କେଉଁ ଆଡ଼େ ଏକଦିନ ବୃଷ୍ଟି ହେଉଅଛି ଓ କେଉଁ ଆଡ଼େ କିଛି ନାହିଁ । ଅବଶ୍ୟ ରୁଆ ବେଣ୍ଡୁଡ଼ା ଅନେକ ସ୍ଥାନରେ ହୋଇ ନାହିଁ । ଏଣେ ରୋଗର ବୃଦ୍ଧି ଦେଖି ସମସ୍ତେ ଆଟଙ୍କା ହୋଇଅଛନ୍ତି ଏବଂ ଉତ୍ତମ ଫସଲର ଆଶା କାହାର ମନରେ ଜାତ ହୋଇ ନାହିଁ ।

---

କମିସନରି ଅଫିସରେ ଯେଉଁ ଡିଷ୍ଟ୍ରିକ୍ଟ କର୍ମ ଖାଲି ଥିଲା ଓ ଯହିଁ ନିମନ୍ତେ ପ୍ରାୟ ୧୫୦ ଦରଖାସ୍ତ ପଡ଼ିଥିଲା ଗତ ଶନିବାର ସ୍ୱୟଂ କମିଶନର ସାହେବ ତହିଁର ବନ୍ଦୋବସ୍ତ କଲେ । ସରକାରି ମୋହରରି କର୍ମରେ ବାବୁ ଗୋପୀମୋହନ ସେନ ନିଯୁକ୍ତ ହୋଇଅଛନ୍ତି । ଏ ମହାଶୟ ଯଦ୍ୟପି କ ଓଡ଼ିଆ ସିରସ୍ତାରେ କର୍ମ କରୁ ନାହାନ୍ତି କିନ୍ତୁ ଇଂରାଜୀ ସିରସ୍ତା ଓ ଶିକ୍ଷାବିଭାଗରେ କର୍ମ କରିଅଛନ୍ତି ଏବଂ ଫାଷ୍ଟଆର୍ଟସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୀ ଏ ପରୀକ୍ଷା ଦେବା ନିମିତ୍ତେ ଯତ୍ନ କରୁଅଛନ୍ତି । ଏହାଙ୍କୁ ନିଯୁକ୍ତକରିବାଦ୍ୱାରା କମିସନର ସାହେବ ଯୋଗ୍ୟ ଲୋକଙ୍କୁ ଲୋଡ଼ିବାର ପରିଚୟ ଦେଇଅଛନ୍ତି । ମହାଫିଜ କର୍ମରେ ବାବୁ ଗୟାନାଥ ପାଲ ନିଯୁକ୍ତ ହୋଇଅଛନ୍ତି ।

---

ରେଜେଷ୍ଟରି ହୋଇଥିବା ଚିଠି ଓ ପାର୍ସଲ ଜମା କରିବା ବିଷୟରେ ଗତ ନବମ୍ବର ମାସରେ ଗବର୍ଣ୍ଣମେଣ୍ଟ ନିୟମ କରି ଯେଉଁ ଘର ପ୍ରଚାର କରିଥିଲେ ତାହା ସଂଶୋଧିତ ହୋଇ ନୂତନ ଘର ନିରୂପିତ ହୋଇଅଛି । ଆଗାମୀ ଅଗସ୍ତମାସ ତା ୧ ରିଖରୁ ସେହି ଘର ପ୍ରଚଳିତ ହେବ । ପୂର୍ବେ ଦଶଟଙ୍କାରେ ଏକଅଣା ପଚାଶ ଟଙ୍କାରେ ଦୁଇଅଣା ପଚିଶଟଙ୍କାରେ ଚାରିଅଣା ପଚସ୍ତରି ଟଙ୍କାରେ ଛଅଣା ଏବଂ ଏକଶତ ଟଙ୍କାରେ ଆଠଅଣା ଥିଲା । ନୂତନ ଘର ଏହି ହୋଇଅଛି ଯେ ସାର୍ଟିଫିକଟ ଲିଖିତ ମୂଲ୍ୟ ପଚିଶଟଙ୍କା ଅଥବା ତହିଁରୁ ଊଣା ହେଲେ ଦୁଇଅଣା ଏବଂ ଶଏଟଙ୍କାରୁ ଅଧିକ ନ ହେଲେ ଚାରିଅଣା ଜମା ଖର୍ଚ୍ଚା ଲାଗିବ ଓ ଶଏଟଙ୍କାରୁ ଅଧିକ ହେଲେ ପ୍ରତି ଏକଶତ କିମ୍ବା ତହିଁର ଅଂଶ ନିମନ୍ତେ ଅଧିକା ଚାରିଅଣା ଲାଗିବ । ଜମା କରିବାର ତାତ୍ପର୍ଯ୍ୟ ଏହି ଯେ ଚିଠି ବା ପାର୍ସଲ ହଜି ଗଲେ ତହିଁର ମୂଲ୍ୟ ସରକାର ଦେବେ ଓ ଏଥର ଯେମନ୍ତ ଘର ଊଣା ହେଲା ତହିଁରେ ଜମା କରିବାକୁ ଲୋକଙ୍କର ଅଧିକ ଆଗ୍ରହ ବଢ଼ିବ ସନ୍ଦେହ ନାହିଁ ।

---

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଆମ୍ଭମାନଙ୍କ ଲେଫ୍ଟନାଣ୍ଟଗବର୍ଣ୍ଣର ସବ୍‌ଅସଲି ଇତନ ମାସକୁ ଦୁଇଶତଟଙ୍କା ଲେଖାଏ ବେତନରେ ତ ୩୦ ଣ ନୂତନ ମୁନସଫ ନିଯୁକ୍ତ କରିବାକୁ ଇଚ୍ଛା କରି ଅଛନ୍ତି । ଖଜଣା ମୋକଦ୍ଦମା ସବୁ ଦେୱାନିଅଦାଲତକୁ ଅସିବାରେ ବଙ୍ଗଳାର ମୁନସଫି ଅଦାଲତମାନଙ୍କରେ ଅନେକ ମୋକଦ୍ଦମା ପଡ଼ି ରହିଲା ଓ ତାହା ଦେଖି କେତେଜଣ ଅଧିକା ମୁନସଫ ନିଯୁକ୍ତ କରିବା କାରଣ ଗବର୍ଣ୍ଣମେଣ୍ଟ ନିକଟରେ ହାଇକୋର୍ଟ ପ୍ରସ୍ତାବ କରି ଥିଲେ । ସେହି ପ୍ରସ୍ତାବରେ ଲେଫ୍ଟନାଣ୍ଟଗବର୍ଣ୍ଣର ସମ୍ମତ ହୋଇ ଅଛନ୍ତି । ବଙ୍ଗଳାର ପୂର୍ବ ଲେଫ୍‌ଟନାଣ୍ଟଗବର୍ଣ୍ଣର ସରୁଚିଟର୍ଡ ଟେମ୍ପଲସାହେବ ମାସକୁ ଟ ୧୫୦ ଙ୍କା ବେତନରେ ସବ୍ ମୁନସଫ ନାମରେ ଏକଶ୍ରେଣୀ କର୍ମଚାରୀ ସୃଷ୍ଟି କରିବାର ପ୍ରସ୍ତାବ କରିଥିଲେ ତାହା ହୋଇଥିଲେ ବଡ଼ ଊଣାକଥା ହୋଇଥାନ୍ତା ସବୁଅସଲି ଇତନ ସେପରି କ୍ଷୁଦ୍ରଭାବ ଗ୍ରହଣ କରି ନାହାନ୍ତି ସ୍ୱଗର ବିଷୟ ଅଟଇ ଏବଂ ଅଧୁନାକାଳର ସମୟରେ ଅଳ୍ପବେତନରେ ହାକିମି ପଦ ଦେବା ନିତାନ୍ତ ଅମର୍ଯ୍ୟାଦାର କର୍ମ ମାସକୁ ଟ ୨୦୦ ଙ୍କା ବେତନ ସ୍ଥିର କରି ସବୁଇତନସାହେବ ନୂତନ ମୁନସଫଙ୍କୁ ଡେପୁଟିଙ୍କ ସରି କରିଦେଇ ଅଛନ୍ତି ଓ ତାହା ଭଲ ହୋଇ ଅଛି ।

---

Digitized by srujanika@gmail.com

Split by PDF Splitter



ଏସପ୍ତାହରେ ଏନଗରରେ ଓଲାଉଠାରୋଗ ଅତ୍ୟନ୍ତ ପ୍ରବଳ ହୋଇଥିଲା । ପ୍ରାୟ ପ୍ରତିଦିନ ଦୁଇ ଚାରିଜଣ ଏହି ରୋଗରେ ଶମନଭବନ ଦେଖିଲେ । ଅଧିକାଂଶ ଲୋକ ରୋଗ ଧରିବାର ୧୫।୨୦ ଘଣ୍ଟା ମଧ୍ୟରେ ମରଗଲେ । ନଗରବାସିମାନେ ଏଥିରେ ବଡ଼ ଭୀତ ଅଛନ୍ତି ଓ ସନ୍ଧ୍ୟା ଉତ୍ତାରୁ ଭୟରେ କେହି ଦାଣ୍ଡକୁ ବାହାରୁ ନାହାନ୍ତି । ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ଦେଖି କଲେକ୍ଟର ସାହେବଙ୍କ ଅନୁରୋଧରେ ଡାକ୍ତର ସାହେବ ରୋଗିଙ୍କ ଚିକିତ୍ସା ସକାଶେ ଦୁଇଜଣ ନେଟିଭ ଡାକ୍ତର ନିଯୁକ୍ତ କରିଅଛନ୍ତି ଓ ଲୋକଙ୍କର ମଧ୍ୟ ଇଂରାଜୀ ଚିକିତ୍ସା ପ୍ରତି ବହୁତ ଅଧିକ ଆଗ୍ରହ ଦେଖାଯାଏ ମାତ୍ର ରୋଗ ବଡ଼ ପ୍ରବଳ ଚିକିତ୍ସା ମାନୁ ନାହିଁ ଏବଂ ଓଲାଉଠାର ଚିକିତ୍ସା ବଡ଼ ସହଜ ବ୍ୟାପାର ନୁହଇ । ଅନୁକ୍ଷଣେ ଲାଗି ରହିବାକୁ ହୁଅଇ ଓ ଏକ ରୋଗୀ ପଛରେ ଦୁଇ ତିନିଜଣ ବରାବର ଲାଗି ନ ରହିଲେ କର୍ମ ଚଳଇ ନାହିଁ । ଏହା ଛଡ଼ା ଏଠା ଲୋକମାନେ ରୋଗର ପ୍ରଥମ ଅବସ୍ଥାରେ ପ୍ରାୟ ହେଳା କରନ୍ତି । ରୋଗ ଉଦୟ ହେଲା ମାତ୍ରକେ କି କରିବାକୁ ହେବ ଏବଂ କେଉଁଠାରେ ଚିକିତ୍ସାର ଔଷଧ ପାଇବ ଏବିଷୟ ଘୋଷଣାଦ୍ୱାରା ମାଜିଷ୍ଟ୍ରେଟ ସର୍ବସାଧାରଣଙ୍କୁ ଆଦ୍ୟରୁ ଜଣାଇ ଦେଲେ ବଡ଼ ଉପକାର ହୋଇପାରନ୍ତା । ତଥାପି ଡାକ୍ତର ନିଯୋଗ କରିବାରେ କେତେକ ଉପକାର ହୋଇଅଛି । ଯାହା ହେଉ ଗତ ଦୁଇଦିନ ହେଲା ଏ ରୋଗ କିଞ୍ଚିତ୍ କ୍ଷମା ହୋଇଅଛି ମାତ୍ର ପ୍ରଚୁର ବୃଷ୍ଟିଦ୍ୱାରା ଋତୁ ଶୀତଳ ନ ହେଲେ ଏ ରୋଗ ଛାଡ଼ିବ ନାହିଁ ଅଧିକାଂଶ ଲୋକଙ୍କର ଏହି ବିଶ୍ୱାସ ଅଟଇ ।

---

## ଇଉରୋପୀୟ ସମାଚାର ।

ଏ ସପ୍ତାହରେ ଯେ ସମସ୍ତ ସମ୍ବାଦ ତାରଯୋଗେ ଇଉରୋପରୁ ଆସିଅଛି ତହିଁରୁ ଜଣାଯାଏ ଯେ କନଗ୍ରେସ ସଭା ରୁଷୀୟାକୁ ବଟୋମନଗର ଦେବାକୁ ସମ୍ମତ ହୋଇ ଅଛନ୍ତି । ଉକ୍ତ ବନ୍ଦର ସମସ୍ତଙ୍କୁ ଛଡ଼ାହେବ ଅର୍ଥାତ୍ କେହି ସେଠାରେ କଷ୍ଟମ ମାସୁଲ ଇତ୍ୟାଦି ଆଦାୟ କରି ପାରିବେ ନାହିଁ ଗ୍ରୀଷଦେଶର ସୀମା ମଧ୍ୟ ନିର୍ଣ୍ଣୟ ହୋଇଅଛି ।

ବଟୋମନଗର ରୁଷୀୟା ଛାଡ଼ି ନ ଦେବାରୁ ଭବିଷ୍ୟତରେ ରୁଷୀୟା ପ୍ରବଳ ହୋଇ ନ ପାରେ ଏହି ଉଦ୍ଦେଶରେ ଇଂଲଣ୍ଡ ଓ ତୁରସ୍କ ମଧ୍ୟରେ ଏକ ସନ୍ଧିପତ୍ର ଲେଖାପଡ଼ି ହୋଇଅଛି ତହିଁରେ ଇଂଲଣ୍ଡ ତୁରସ୍କକୁ ରୁଷୀୟ ଆକ୍ରମଣରୁ ରକ୍ଷାକରିବାକୁ ସ୍ୱୀକୃତ ହୋଇଅଛି ଏବଂ ଏଥିର ସୁବିଧା ନିମିତ୍ତ ତୁରସ୍କ ଇଂଲଣ୍ଡକୁ ସାଇପ୍ରସଦ୍ୱୀପ ଦେଇ ଅଛି । ଏ ସନ୍ଧିପତ୍ର ବଡ଼ ସନ୍ତୋଷଜନକ ହୋଇଅଛି । ଉକ୍ତ ଦ୍ୱୀପ ସୁଲତାନଙ୍କ ରାଜ୍ୟର ଅନ୍ତର୍ଗତ ଥିବ । ଇଂଲଣ୍ଡ ଏହାକୁ ଅଧିକାର କରି ବାର୍ଷିକ ରାଜସ୍ୱରୁ ବ୍ୟୟ ଯାଇ ଯାହା ବଳିପଡ଼ିବ ତାହା ସୁଲତାନଙ୍କୁ ଦେବ ଓ ଯେତେବେଳେ ରୁଷୀୟା କାର୍ସବଟୋମ ଓ ଆର୍ଦ୍ଦହାମ ତୁରସ୍କକୁ ଫେରଦେବ ସେତେବେଳେ ଇଂଲଣ୍ଡ ମଧ୍ୟ ସାଇପ୍ରସରୁ ଅନ୍ତର ହୋଇ ଯିବ । ଭାରତବର୍ଷରୁ ଯେଉଁ ସେନା ମାଲଟାଦ୍ୱୀପକୁ ପ୍ରେରିତ ହୋଇ ଅଛନ୍ତି ସେମାନେ ସାଇପ୍ରସଦ୍ୱୀପରେ ରହିବେ ବୋଲି ସ୍ଥିର ହୋଇଅଛି । ଚଳିତମାସ ତା ୧୮ ରିଖରେ ସେମାନେ ମାଲଟାରୁ ଯାଇଥିବେ । ସାଇପ୍ରସଦ୍ୱୀପରେ ସର୍ବସୁଦ୍ଧା ୧୦,୦୦୦ ସୈନ୍ୟ ରହିବାର ବର୍ତ୍ତମାନ ସ୍ଥିର ହୋଇଅଛି ଅର୍ଥାତ୍ ମାଲଟାରୁ ପ୍ରେରିତ ହୋଇଥିବା ଭାରତବର୍ଷୀୟ ସୈନ୍ୟ ଏବଂ ତିନିପଲଟନ ଇଂରାଜ ସୈନ୍ୟ ।

କନଗ୍ରେସ ସଭା ପ୍ରାୟ ଶେଷହୋଇ ଆସିଲା । ଯେଉଁ ସନ୍ଧିପତ୍ର ଲେଖାପଡ଼ା ହେବ ତାହା ପ୍ରସ୍ତୁତ ହୋଇଅଛି ଏବଂ ତୁରସ୍କର ଆୟବ୍ୟୟ ଇତ୍ୟାଦି ବୁଝିବା ସକାଶେ କମିଶନରମାନେ ନିଯୁକ୍ତ ହେବାର ସ୍ଥିର ହୋଇଅଛି ।

---

## ସାଇପ୍ରସଦ୍ୱୀପ ।

ତୁରସ୍କ ସହିତ ସନ୍ଧିପୂର୍ବକ ସାଇପ୍ରସଦ୍ୱୀପ ଇଂରାଜଙ୍କର ଅଧିକାର ମଧ୍ୟରେ ଆସିଲା । ତାରସମ୍ବାଦରୁ ଜଣାଯାଏ ଯେ ଚଳିତ ମାସ ତା ୧୨ ରିଖରେ ସାମିଯାଶା ଉକ୍ତ ସନ୍ଧିର ବୃତ୍ତାନ୍ତ ସାଇପ୍ରସଦ୍ୱୀପ ମଧ୍ୟରେ ଘୋଷଣା କଲେ ଏବଂ ବାରଙ୍ଗ ସାହେବ ସେହି କ୍ଷଣି ବ୍ରିଟିସଗବର୍ଣ୍ଣମେଣ୍ଟ ପକ୍ଷରୁ ଦଖଲ ବସାଇଲେ । ପୁଣି ଭାରତବର୍ଷୀୟ ସେନାଦ୍ୱାରା ଏ ଦ୍ୱୀପ ରକ୍ଷିତ ହେବ ଏବଂ ବୋଧ ହୁଅଇ ଏତେବେଳ ପର୍ଯ୍ୟନ୍ତ ମାଲଟାରୁ ଭାରତବର୍ଷୀୟ ସେନା ସେଠାରେ ପହଞ୍ଚି ଥିବେ । ସୁତରାଂ ସାଇପ୍ରସଦ୍ୱୀପ ସଙ୍ଗେ ଆମ୍ଭମାନଙ୍କର ବିଶେଷ ସମ୍ବନ୍ଧ ହେଲା ଏବଂ ଏ ଦ୍ୱୀପର ବିବରଣ ଜାଣିବାକୁ ପାଠକମାନଙ୍କର କୌତୁକ ହୋଇପାରେ ଏଣୁ ନିମ୍ନଲିଖିତ ବିଷୟମାନ ସଙ୍କଳନ କରି ପ୍ରକାଶ କରୁଅଛୁଁ ।

ସାଇପ୍ରସଦ୍ୱୀପ ଭୂମଧ୍ୟସାଗରର ଗୋଟିଏ ବଡ଼ ଏବଂ ସୁନ୍ଦର ଦ୍ୱୀପ ଅଟଇ । ଏହା ଉକ୍ତ ସାଗରର ପୂର୍ବରେ ଏବଂ ଆସିଆମାଇନରର ଦକ୍ଷିଣରେ ସ୍ଥିତ । ଏହାର ଆକୃତି କେତେକ ପରିମାଣରେ ବାଦାମୀ ପ୍ରାୟ । ଏହାର ଦୀର୍ଘ ମା ୧୩୨ ଇଲ ଏବଂ ପ୍ରସ୍ଥ ୩୦ ଠାରୁ ୫୦ ମାଇଲ ପର୍ଯ୍ୟନ୍ତ ଅଟଇ । ଲୋକ ସଂଖ୍ୟା ଅନୁମାନିକ ୧,୧୦,୦୦୦ ଏଥି ମଧ୍ୟରୁ ପ୍ରାୟ ଅଧେ ଗ୍ରୀକ୍ଜାତୀୟ ଅଟନ୍ତି । ଏହା ମଧ୍ୟରେ ଏକ ପର୍ବତଶ୍ରେଣୀ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ଏହାର ପ୍ରଧାନ ନଦୀର ନାମ ପିଡ଼ିୟା ତାହା ଦୁଇଶାଖାରେ ପୂର୍ବ ଦିଗକୁ ଧାବିତ ହେଉଅଛି । ଏ ନଦୀର ଆକୃତି ବଡ଼ ନୁହେ ଏବଂ ଗ୍ରୀଷ୍ମ କାଳରେ ଶୁଖିଯାଏ । ଅନ୍ୟ ପ୍ରକାରରେ ମଧ୍ୟ ଜଳ ପାଇବାର ସୁବିଧା ଏଠାରେ ଅତ୍ୟନ୍ତ ଅଛି କାରଣ କୂଅ ପାଣି ପ୍ରାୟ ଖାରିଆ ହୁଅଇ । ଏଠାର ଜଳ ବାୟୁ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାର ଅଟଇ । ଉତ୍ତର ଉପକୂଳ ସମଶୀତଳ ଏବଂ ପର୍ବତ ପାଶରେ ଶୀତ ଅଧିକ ହୁଅଇ ଓ କେତେ ମାସ ପର୍ଯ୍ୟନ୍ତ ପର୍ବତ ଉପରେ ବରଫ ଜମି ଥାଏ । ଏହାର ସମଭୂମିରେ ଗ୍ରୀଷ୍ମ ବହୁ ଅଧିକ ହୁଅଇ ଏବଂ କୃଷି ଓ ଜଳପ୍ରଣାଳୀର ଅଭାବ ହେତୁରୁ ଥରେ ୨ ମରୁଡ଼ି ହୁଅଇ । ଏଠାର ମାଟି ସ୍ୱଭାବତଃ ଉର୍ବର ଏଠାରୁ ଅନେକ ପ୍ରକାର ବାଣିଜ୍ୟ ଦ୍ରବ୍ୟ ବିଦେଶକୁ ରପ୍ତାନି ହୁଅଇ । ଖଣିଜ ଦ୍ରବ୍ୟ ମଧ୍ୟରେ ତମ୍ବା ଓ ଲୁହା ସକାଶେ ଏ ଦ୍ୱୀପ ପ୍ରସିଦ୍ଧ ପୂର୍ବେ ବହୁତ ତମ୍ବା ଏଠାରୁ ରପ୍ତାନି ହେଉଥିଲା । କୃଷିଜ ମଧ୍ୟରେ ଗହମ, ଯବ, ଅଫିମ୍, ରେସମ ଏବଂ ଫଳ ମଧ୍ୟରେ ଦ୍ରାକ୍ଷା, ଅଙ୍ଗୁର ପ୍ରଧାନ । ଏଠାରେ ଉତ୍ତମ ମଦ ପ୍ରସ୍ତୁତ ହୋଇ ବିଦେଶକୁ ରପ୍ତାନି ହୁଅଇ । ପୂର୍ବ କାଳରେ ଏଠାର ମଦ ଅତି ଉତ୍କୃଷ୍ଟ ବୋଲି ଗଣ୍ୟ ହେଉଥିଲା । ଏଠାରେ ପାଇନ୍ କାଠର ଜଙ୍ଗଲ ଅଛି । ତୈଳ ବିଶେଷ ପ୍ରାପ୍ତ ହୁଅଇ ଏବଂ ଏ ଦ୍ୱୀପର ଅନେକ ସ୍ଥାନରେ ଧାନ ଓ ଅନ୍ୟାନ୍ୟ ଶସ୍ୟ ଉତ୍ପନ୍ନ ହେବାର ସମ୍ପୂର୍ଣ୍ଣ ସୁବିଧା ଅଛି । ଗୃହପାଳିତ ପଶୁ ଯଥା; ଛେଳି ମେଣ୍ଢା ପ୍ରଭୃତି ଏଠାରେ ବହୁତ ଜାତ ହୁଅଇ ଏବଂ ନାନାବିଧ ଶିକାର ଯୋଗ୍ୟ ଏବଂ ଅନ୍ୟ ପକ୍ଷୀ ଏଠାରେ ମିଳଇ । ବଳୁଆ ଓ ଠେକୁଆ ଛଡ଼ା କୌଣସି ଚତୁଷ୍ପଦ ବନ୍ୟଜନ୍ତୁ ଏଠାରେ ନାହିଁ କିନ୍ତୁ ଅନେକ

Digitized by srujanika@gmail.com

Split by PDF Splitter



ଜାତୀୟ ସର୍ପ ଓ ମାକଡ଼ସା ପରି ଏକ ପ୍ରକାର ପୋକ ଦେଖାଯାଏ । ଏଠାରେ ସୁନା ରୁପା ଏବଂ ଅନ୍ୟାନ୍ୟ ଧାତୁ ମିଳିବାର କଥିତ ହୁଅଇ । ଏବଂ ହୀରା ସଦୃଶ ଏକ ପ୍ରକାର ସ୍ୱଚ୍ଛପଥର ପ୍ରାପ୍ତ ହୁଅଇ । ସମୁଦ୍ରକୂଳରେ ସୂର୍ଯ୍ୟୋତ୍ତାପଦ୍ୱାରା ଲବଣ ପ୍ରସ୍ତୁତ ହୁଅଇ । ଏଠା ନିବାସିମାନେ ରେସମ ଏବଂ କପା ଲୁଗା ବୁଣନ୍ତି ଏବଂ ଏକ ପ୍ରକାର ଖାନ ଗାଲିଚା ପ୍ରସ୍ତୁତ କରନ୍ତି ।

ଏ ଦ୍ୱୀପଟି ପ୍ରାଚୀନକାଳରୁ ବିଖ୍ୟାତ ଅଟଇ ଏବଂ ଏହାର ପ୍ରାଚୀନ ଇତିହାସ ଅଛି । ଏ ପ୍ରସ୍ତାବରେ ତହିଁର ବାହୁଲ୍ୟ ବିବରଣ ଅନାବଶ୍ୟକ ବୋଧକରି ତାହା ଲେଖିବାରୁ କ୍ଷାନ୍ତ ହେଲୁଁ ତେବେ ସଂକ୍ଷେପରେ ଏତିକି ବୋଲିବା ଯଥେଷ୍ଟ ଯେ ପ୍ରଥମେ ଫିନିସୀୟଲୋକ ଏଠାରେ ବସତି କଲେ ତହିଁଉତ୍ତାରୁ ଯଥାକ୍ରମେ ମିଶ୍ର, ପାରସ ଗ୍ରୀସ ଓ ରୋମ ଏହାକୁ ଅଧିକାର କରିଥିଲେ । ପରେ ଏହା କନ୍‌ଷ୍ଟାଣ୍ଟାଇନ ସାମ୍ରାଜ୍ୟର ଅନ୍ତର୍ଗତ ହେଲା ତହିଁଉତ୍ତାରୁ ସେହି ବଂଶୋଦ୍ଭବ ଆଇଯାକ କମନେନ୍‌ସ ନାମକ ଏକବ୍ୟକ୍ତି ଏଠାର ସ୍ୱାଧୀନ ରାଜା ହେଲେ । ଏହାଙ୍କଠାରୁ ଇଂଲଣ୍ଡର ଅଧିପତି ପ୍ରଥମ ରିଚର୍ଡ ସନ ୧୧୯୧ ମସିହାରେ ଛଡ଼ାଇନେଇ କିଛିକାଳ ଲେଗକର ଗଏଡଲୁସି ଗନନଙ୍କୁ ଅର୍ପଣ କଲେ ଏହାଙ୍କ ବଂଶ ତିନିଶତବର୍ଷ ଭୋଗ କଲାଉତ୍ତାରୁ ଉତ୍ତରାଧିକାରୀ ଅଭାବରେ ଭିନିସିୟଙ୍କ ହସ୍ତଗତ ହେଲା । ପରିଶେଷରେ ତୁରକମାନେ ସନ୧୫୭୧ ମସିହାରେ ଏହାକୁ ଅଧିକାର କଲେ ସମ୍ପ୍ରତି ପୁନର୍ବାର ଇଂରାଜଙ୍କ ହାତକୁ ଆସିଲା ।

ତୁରକମାନଙ୍କର ଶାସନର ଦୋଷରୁ ଏ ଦ୍ୱୀପର ପୂର୍ବସମୃଦ୍ଧି ଅନେକ ହ୍ରାସ ହୋଇଅଛି ତୁରସ୍କ ଜୟ କଲବେଳେ ଏହାର ଲୋକସଂଖ୍ୟା ୪୦୦୦୦୦ ଥିଲା ଶାସନକର୍ତ୍ତାଙ୍କ ଅତ୍ୟାଚାରରୁ କ୍ରମେ ୬୦୦୦୦ ପର୍ଯ୍ୟନ୍ତ ଊଣା ହୋଇଅଛି । ସାଇପ୍ରସର ରାଜଧାନୀର ନାମ ନିକୋଷିୟା ସେହିଠାରେ ଗବର୍ଣ୍ଣର ବାସ କରନ୍ତି । ଗବର୍ଣ୍ଣର ପ୍ରତିବର୍ଷ ବଦଳି ହୁଅଇ ଘାଟ ଇଜାରାପରି ଏ ପ୍ରତିବର୍ଷ ନିଲାମ ହେଉଥିବାର ବୋଲାଯାଇ ପାରେ କାରଣ ଯେବ୍ୟକ୍ତି ଅଧିକ ଟଙ୍କା ଦିଅଇ ସେହି ନିଯୁକ୍ତ ହୋଇ ଆସେ । ଆସିଲାରୁ କୌଣସିରୂପେ ଅଧିକ ଟଙ୍କା ଉଠାଇବା ତାହାର ଏକମାତ୍ର ଉଦ୍ଦେଶ୍ୟ ହୁଅଇ ଓ ପ୍ରତ୍ୟେକ ଗବର୍ଣ୍ଣର ଆପଣା ପୂର୍ବ କର୍ମଚାରିଠାରୁ ଅଧିକ ନିଷ୍ଠୁରରୂପେ କର ଆଦାୟ କରେ । କେବଳ କର ନେଇ ସନ୍ତୁଷ୍ଟ ହେଲେ ମଧ୍ୟ ରକ୍ଷା ହୁଅନ୍ତା ପ୍ରଜାଙ୍କର ସମସ୍ତ ଫସଲ ନେବାରେ ସୁଦ୍ଧା ତ୍ରୁଟି ହୁଅଇ ନାହିଁ । ଏହି କାରଣରୁ ପ୍ରଜାମାନେ କେବଳ କର ଦେବାଭଳି ଶସ୍ୟ ଉତ୍ପାଦନ କରନ୍ତି । କର ନ ଦେଲେ ଭାରି ଶାରୀରିକ ପୀଡ଼ା ଓ ପ୍ରାଣଦଣ୍ଡ ପର୍ଯ୍ୟନ୍ତ ହୁଅଇ । ପ୍ରଜାମାନେ କର ଦେଇ ନ ପାରିଲେ ସୁତରାଂ ଦେଶ ଛାଡ଼ି ପଳାୟନ କରନ୍ତି । ଏହିପ୍ରକାରରେ ଲୋକସଂଖ୍ୟା ଊଣା ଓ କୃଷିର ହାନି ହୋଇଅଛି । ତୁରସ୍କମାନେ ଏ ଦ୍ୱୀପକୁ ଅସ୍ମଦ୍ଦେଶୀୟ ଗଡ଼ଜାତି ରାଜା ବଗେଷଙ୍କ ମୁସ୍ତାଜରି ମହାଲପ୍ରାୟ କରି ଅଛନ୍ତି ଓ ତହିଁର ମନ୍ଦଫଳ ଏହି ହୋଇ ଅଛି ଯେ ଉତ୍ତମ ନଗରମାନ ଦୁର୍ଦ୍ଦଶାପନ୍ନ ଗ୍ରାମପ୍ରାୟ ହୋଇଅଛି ଏବଂ ଉତ୍ତମ କୃଷିଭୂମିମାନ ନୀରସ ବଣପ୍ରାୟ ହୋଇଅଛି । ଇଂରାଜଙ୍କ ହାତକୁ ଏ ଦ୍ୱୀପ ଆସିଲା ଏଥିରେ ଯେମନ୍ତ ତୁରସ୍କର ତେମନ୍ତ ଏ ଦ୍ୱୀପବାସିଙ୍କର ଉପକାର ହେବ ଆସିୟାମାଇନରରେ ରୁଷୀୟଙ୍କର ପରାକ୍ରମ କୌଣସି ସମୟରେ ପ୍ରବଳ ହୋଇ ନ ପାରିବ ଏହି ଉଦ୍ଦେଶ୍ୟରେ ଇଂଲଣ୍ଡ ସାଇପ୍ରସକୁ ଗ୍ରହଣକରି ସେଠାରେ ସୈନ୍ୟର ଛାଉଣି କଲେ । ତୁରସ୍କ ପକ୍ଷରେ ଏହା ଭାରି ସହାୟତା କରିବ ଏବଂ ସାଇପ୍ରସଦ୍ୱୀପ ଇଂରାଜଙ୍କ ସୁଶାସନ ପ୍ରଣାଳୀରେ ଏବଂ ଇଂରାଜଙ୍କ ଧନ ଓ ସାହସ ଓ ବାଣିଜ୍ୟବଳରେ ଅଳ୍ପକାଳ ମଧ୍ୟରେ ଅତ୍ୟନ୍ତ ସମୃଦ୍ଧିଶାଳୀ ହେବ ଓ ଏଠା ଲୋକଙ୍କୁ ଆଉ ପୂର୍ବପ୍ରାୟ କୌଣସି ଦୁଃଖ ସହିବାକୁ ହେବ ନାହିଁ ।

---

ଆମ୍ଭମାନଙ୍କ ଖୋରଧାସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯଥା ।— ପୁରୀଜିଲା ଅନ୍ତର୍ଗତ ।ପ୍ରା ରହାଙ୍ଗ ଓ ସିରେଇ ଓ ଲେମ୍ବାଇ ପରଗଣାର କେତେକ ମଉଜାରେ ଜଳ ବୃଷ୍ଟି ହେବାରୁ ଚଷିମାନେ ଧାନ ବୁଣୁଥିଲେ ଆଉ ବରଷା ନ ହେବାରୁ ସେ ସବୁ ଶୁଖିଗଲାଣି । ଅନ୍ୟ ପ୍ରଗନାମାନଙ୍କରେ ବୃଷ୍ଟି ନାହିଁ ଖୋରଧା ଇଲାକାରେ ବର୍ଷା ଅଭାବେ ଧାନଗଛସବୁ ଜଳିଯାଇ ଗୋରୁ ଖାଇଗଲେଣି । କେବଳ କଲମଜକୁର ପାଞ୍ଚଗଡ଼ ଜଙ୍ଗଲମଧ୍ୟରେ କେତେକ ମଉଜ ବରଷାପାଣିରେ କହୁଡ଼ା ହୋଇଥିଲା ସେ ମଧ୍ୟ ଟାଣରେ ଶୁଖିଗଲାଣି ଖୋରଧା ଇଲାକା ପାହାଡ଼ମାନଙ୍କରେ ବର୍ଷା ହେଲେ ସେ ଯାଗାମାନଙ୍କରେ ଥିବା ଝରମୁହମାନ ଫିଟିଗଲେ ସେହି ଝରପାଣିରେ ଅନେକ ଯାଗାରେ ଧାନଫସଲ ଅନାବୃଷ୍ଟିରେ ତରଦୁଦ ହେଉଥିଲା ଏ ସନରେ ବୃଷ୍ଟି ନ ହେବାରୁ ଝରମୁହମାନ ବନ୍ଦ ଅଛି ଅବଶ୍ୟ କୂଅ ବାଡ଼ିମାନଙ୍କରେ ଜଳ ହୋଇନାହିଁ ଖୋରଧା ଉବଜନର ହାକିମ ଯଏଣ୍ଟମେଜିଷ୍ଟ୍ରର ବାଣପୁର ତରଫକୁ ଗସ୍ତରେ ଯାଇଅଛନ୍ତି ପ୍ରଜାମାନଙ୍କୁ ଜଳ ଦେବାପକ୍ଷେ ନଦୀ ଓ ପୁଷ୍କରଣୀର ବନ୍ଧମାନ ନିର୍ମାଣ କରିବାର ଯତ୍ନ କରି ଅଛନ୍ତି ବୃଷ୍ଟି ହେଲେ ଫଳ ହେବ ନ ହେଲେ ନିଷ୍ଫଳ ହେବ ଖୋରଧାରେ ଟଙ୍କାକୁ ମୋଟ ଚାଉଳ ୯ ଓ ୧୦ ସେର ସରୁ ୭ ଓ ୮ ସରେ ହସାବ ମିଳୁଅଛି ଲୋକମାନେ ଅତି କଷ୍ଟରେ ଦିନପାତ କରୁଅଛନ୍ତି ଓଲାଉଠାରୋଗ ଆଉ ନାହିଁ ।

---

## ସାପ୍ତାହିକସଂବାଦ ।

ଗତ ମଇ ମାସରେ କଟକ ବନ୍ଦର ବାଟେ ପାଞ୍ଚଲକ୍ଷ ଟଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା ଏବଂ ଦୁଇଲକ୍ଷ ଅଠସ୍ତରି ହଜାର ଟଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା । ଏଣିକି ରପ୍ତାନୀ କ୍ରମଶଃ ଊଣା ପଡ଼ୁଅଛି ।

ଗତମାସ ତା ୨୨ ରିଖ ପର୍ଯ୍ୟନ୍ତ ମା୨୯୪୨୦ଣ ଜମି ସକାଶେ ପାଞ୍ଚଶାଲା ଜଳକର କବୁଲିୟତ୍ ହୋଇଥିଲା । ଗତବର୍ଷ ଏହିସମୟ ପର୍ଯ୍ୟନ୍ତ କେବଳ ମା୧୨୬୦୦ ଣର କବୁଲିୟତ୍ ହୋଇଥିଲା । ପ୍ରତିମାଣ ଟ ୧୮ ଙ୍କା ଲେଖାଏ ଦରରେ କବୁଲିୟତ୍ ହୋଇଅଛି ।

ପୁରୀର ଜଏଣ୍ଟ ମାଜିଷ୍ଟ୍ରେଟ ଗ୍ରୀଭସ ସାହେବ ଛୁଟୀ ଫେରତା ଆଉ ଏଠାକୁ ଆସିବେ ନାହିଁ । ସେ ଗୟାଜିଲ ସଦର କଚେରିକୁ ବଦଳୀ ହୋଇଅଛନ୍ତି ।

ଏଥର ଦୌରାରେ ପୁରୀରୁ ଯେଉଁ ଅସ୍ୱାଭାବିକ ଗମନ ମୋକଦ୍ଦମା ଆସିଥିଲା ତାହା ପ୍ରମାଣ ହେଲା ନାହିଁ ସୁତରାଂ ଆସାମୀ ମୁକ୍ତ ପାଇଲା ।

ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ଏଠା ଜେଲଖାନାରୁ ଜଣେ କଇଦୀ ଲୁଗା ଆଣିବା ବାହାନାରେ ପହରାବାଲା ପାଖରୁ ଅନ୍ତର ହୋଇ ପାଚେରି ଡେଇଁ ପଳାୟନ କଲା ଅବଶ୍ୟ ଧରା ପଡ଼ି ନାହିଁ । ଏହି ଗୋଟିଏ ଘଟନା ଦେଖି ଜେଲଦାରର ନୂତନ ବନ୍ଦୋବସ୍ତର ଦୋଷ ଦିଆଯାଇ ନ ପାରେ ।

ବାଲେଶ୍ୱର ସମ୍ବାଦବାହିକା ଲେଖିଅଛନ୍ତି ଯେ ଗତ କାଲି ବାହୁଡ଼ାଯାତ୍ରା ହୋଇଥିଲା ।

Digitized by srujanika@gmail.com

ବାରବାଟୀ ସାଇରେ ଗୋଟିଏ ସାନଟିଅ ଆପଣା ସାନଭାଇକୁ କାଖେଇ ଯାତ୍ରା ଦେଖିବା ନିମନ୍ତେ ଆସିଥିଲା । ପିଲାଟି ଦେହରେ କେତେ ଅଲଙ୍କାର ଥିଲା । ଜଣେ ମଦଖୀ ଆସି ଟୋକୀଟିକୁ କହିଲା "ତୋ ଭାଇକୁ ଦେ, ତୋ ବାପ ପାଖକୁ ନେଇ ଯିବ, ଯାହାରେ ଗୋଳମାଳ ହୋଇଅଛି" ଏହିରୂପେ କହି ସାନ ପିଲାଟିକୁ ତାହା ଭଉଣୀ କାଖରୁ ଛଡାଇ ନେଲା ସେହି ଟୋକୀଟି ସେହି ଲୋକକୁ ଚିହ୍ନିଲା ନାହିଁ, ତାହା ଲୁଗାକାନି ଧରି ତାହା ପଛେ ପଛେ ଗଲା । ମଦଖୀ ଗୋଳମାଳ ମଧ୍ୟରେ ପଶି ସାନପିଲାକୁ ନେଇ ଅଦୃଶ୍ୟ ହୋଇଗଲା । ବାଳକଟି କାନ୍ଦି ଘରକୁ ଗଲା । ତାହା ବାପ ମାଆ ଡକା ପାରି ପିଲାକୁ ଖୋଜିବାକୁ ଲାଗିଲେ, ନ ପାଇ ଥାନାରେ ଇଜାହାର ଦେଲେ । ଏଣେ ମଦଖୀ, ପିଲାଦେହରୁ ଅଳଙ୍କାର ବାହାର କରି ନେଇ ତାକୁ ଦାଣ୍ଡରେ ଛାଡି ଦେଲା ।

ସୁଖର ବିଷୟ ଯେ, ପିଲାଟି ପାଆ ଯାଇଅଛି ଓ ଚୋର ଧରା ପଡିଅଛି ।

ମନୁଷ୍ୟ ଯେତେବେଳେ ଅନ୍ୟର ଦୋଷ ଦେଖି କ୍ରୋଧରେ ଅନ୍ଧ ହୁଏ ଏବଂ ଈର୍ଷାଭାବରେ ତାହାର ବିଚାର କରେ ତେତେବେଳେ ଯେବେ ସେ ଥରେ ଆପଣା ପ୍ରତି ଦୃଷ୍ଟି କରେ ତାହା ହେଲେ ତେତେ ସ୍ୱର୍ଗ ନ ଥାଏ, ଅନେକ ନରମ ହୋଇଯାଏ ! କୌଣସି ଚୋରକୁ ଏକ ରାଜା ପ୍ରାଣଦଣ୍ଡର ଆଜ୍ଞା ଦେଲେ, ସେ ଅନ୍ୟ ଉପାୟ ନ ଦେଖି ରାଜାଙ୍କୁ କହିଲା ମୁଁ ଗୋଟିଏ ଅତି ଗୁରୁତର ଗୁପ୍ତକଥା କହିଯିବି ମୁଁ ଏମନ୍ତ ଏକ ଗଛ ତିଆର କରିପାରେଁ ଯହିଁରେ ସୁନା ଫଳିବ । ଏହା ଶୁଣି ରାଜା ମନ୍ତ୍ରୀବର୍ଗ ଏବଂ ପ୍ରଧାନ ଧର୍ମ ଯାଜକଙ୍କୁ ସଙ୍ଗେ ନେଇ ଏକ ନିର୍ଜନ ସ୍ଥାନରେ ଉପସ୍ଥିତ ହେଲେ । ଚୋର କ୍ଷଣକାଳ ମନ୍ତ୍ର ତନ୍ତ୍ର ପଢି ଗଣ୍ଠିରୁ ସୁନା ବାହାର କଲା । ଏବଂ କହିଲା ଏହାକୁ ପୋତିଲେ ଗଛ ହେବ ଏବଂ ତହିଁରେ ସୁନା ଫଳିବ । କିନ୍ତୁ ଯେ କେବେ ଚୋରି କରି ନାହିଁ ଏମନ୍ତ ଲୋକଦ୍ୱାରା ଏହାକୁ ମାଟିରେ ପୋତିବାକୁ ହେବ, ମୁଁ ଅପବିତ୍ର ମୋହଦ୍ୱାରା କାର୍ଯ୍ୟ ହେବ ନାହିଁ, ଅତଏବ ମହାରାଜଙ୍କ ହସ୍ତରେ ଏହା ମୁଁ ଅର୍ପଣ କଲି । ରାଜା ମହା ମୁସ୍କିଲରେ ପଡିଲେ ଏବଂ କହିଲେ ମୁଁ ପିଲାଦିନେ ପିତାଙ୍କ ତହବିଲରୁ କେତେକ ଟଙ୍କା ଚୋରି କରିଅଛି, ଯଦଚ ସେଥିପାଇଁ ଅନୁତପ୍ତ ହୋଇଅଛି କିନ୍ତୁ ତଥାପି ମୋହୋର ହସ୍ତ ଅପବିତ୍ର, ଅତଏବ ଏହା ମୁଁ ପ୍ରଧାନ ମନ୍ତ୍ରୀଙ୍କ ଦେଲି । ସେ କିଛି କାଳ ଭାବି କହିଲେ ମୋତେ ଅନେକ ଟଙ୍କା କଉଡ଼ୀ ଘାଣ୍ଟିବାକୁ ହୁଏ, ଟେକ୍ସ ଆଦାୟ କରିବାକୁ ହୁଏ, ମୁଁ ଯେ ସାଧୁ ଏହାତ କହି ପାରିବ ନାହିଁ, ଏହା କଲ୍ଲାର ଗବର୍ଣ୍ଣରଙ୍କୁ ଦିଆଯାଉ । ସେ ମଧ୍ୟ ନାହିଁ ନାହିଁ ବୋଲି ପଛକୁ ହଟିଲେ ଏବଂ କହିଲେ ପ୍ରଧାନ ଧର୍ମ ଯାଜକଙ୍କୁ ଦିଆଯାଉ । ସେ କହିଲେ ମୋତେ ଦାନସଂଗ୍ରହ କରି ଖରଚପତ୍ର କରିବାକୁ ହୁଏ । ଏହା ଶୁଣି ଚୋର କହିଲା ରାଜନ ! ଜନସମାଜର ମଙ୍ଗଳପାଇଁ ଆମ୍ଭ ପାଞ୍ଚଜଣଙ୍କୁ ଫାଶୀ ହେବାର ଉଚିତ, କାରଣ ଆମ୍ଭମାନଙ୍କ ମଧ୍ୟରେ ଜଣେସୁଦ୍ଧା ସତ୍‌ଲୋକ ନାହିଁ । ରାଜା ଚୋରର ଚତୁରତା ଦେଖି ଅତ୍ୟନ୍ତ ଖୁସି ହେଲେ ଏବଂ ତାହାକୁ କ୍ଷମା କଲେ ।

କୃଷ୍ଣନଗର ଜିଲ୍ଲାର ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଭଦ୍ରଲୋକର ତିନୋଟି ପୁଅ ଗୋଟିଏ ଗଛରେ ଚଢ଼ୀ ପକ୍ଷୀ ବସାରୁ ପକ୍ଷୀ ଆଣିବାକୁ ଗଲେ । ସେ ବସାରେ ସାପଥିଲା, ସେହିସାପ କ୍ରମାଗତ ତିନିଭାଇଙ୍କି କାମୁଡିଲା । ସେ ତିନିହେଁ ସେହିଠାରେ ମରିଗଲେ । ସେମାନଙ୍କ ପିତା ଖୋଜିବାକୁଯାଇ ଏରୂପ ଦୁର୍ଦ୍ଦଶା ଦେଖି ସେ ଗଛରେ ଫାଶିଦେଇ ପ୍ରାଣତ୍ୟାଗକଲା, ସନ୍ତାନମାନଙ୍କର ମାତା ଘରେ ଏହି ଦୁଃଖର କଥାଶୁଣି ଶୋକ ସମ୍ଭାଳି ନପାରି ଦଉଡ଼ୀଦେଇ ମରିଅଛନ୍ତି ।

ଗୁଜରାଟରେ ଜଣେ ଇଉରୋପୀୟ ଭଦ୍ରଲୋକ କେତେଲୋକଙ୍କୁ ଅନଶନ କରଥିଲେ । ଦୈବାତ୍ ଘରର ଛାତ ଭାଙ୍ଗି ପଡିବାରୁ ୫୦ ଜଣ ତହିଁ ତଳେ ରହିଗଲେ । ଡେପୁଟୀ କମିଶ୍ନର ଓ ପୁଲିସ ଶୀଘ୍ର ସେଠାକୁ ଆସି ପୋତି ପଡିଥିବା ଲୋକଙ୍କୁ ବାହାର କରିବାରେ ଦେଖାଗଲା ଯେ ୫୦ ଜଣ ମଧ୍ୟରୁ ୧୯ ଜଣ ମରିଯାଇ ଥିଲେ ଓ ଅବଶିଷ୍ଟ ଲୋକ ଉଣା ଅଧିକରେ କଠିନ ଆଘାତ ପାଇଥିଲେ ।

ମାନ୍ଦ୍ରାଜରେ ଦୁର୍ଭିକ୍ଷର ଭାବ ପୂର୍ବପ୍ରାୟ ରହିଅଛି । କୌଣସି ଜିଲ୍ଲାରେ କିଛି ନ୍ୟୁନ ହୋଇ ନାହିଁ ।

କଟକରୁ ଏକବ୍ୟକ୍ତି ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି ଯେ ଯାଜପୁର ମିଉନିସିପାଲିଟି ମଧ୍ୟରେ ଥିବା ଭୂମି ଉପରେ ରୋଡସେସ ଓ ପବ୍ଲିକୱର୍କସ୍ କରମାନ ଆଦାୟ ହେଉଅଛି । ଏହା ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ ଅଟଇ । କଲେକ୍ଟରସାହେବଙ୍କ ନିକଟରେ ଦରଖାସ୍ତ ଦିଆଯାଅଛି ଓ ସେ କାନୁନଗୋଇ ଦ୍ୱାରା ତଦାରକ କରାଇ ଅଛନ୍ତି ମାତ୍ର ଅଦ୍ୟାପି କିଛି ଆଜ୍ଞା ହୋଇନାହିଁ । ଯେସ୍ଥଳେ ସରକାର ସ୍ୱୟଂ ଆଇନବିରୁଦ୍ଧ କର ନେଉ ଅଛନ୍ତି ସେସ୍ଥଳେ ଜମିଦାରମାନଙ୍କୁ ଅନ୍ୟାୟ କରନେବା ହେତୁରୁ କାହିଁକି ଦୋଷୀ କରନ୍ତୁ ।

କଥିତ ହୁଅଇ ଯେ ଚୀନଦେଶରୁ ଜଣେ ଅତ୍ୟନ୍ତ ତେଙ୍ଗାମନୁଷ୍ୟ ପାରିସନଗରକୁ ଯାଉଅଛି । ଏ ମନୁଷ୍ୟଟି ୭୨ ଫିଟରୁ ଅଧିକଲମ୍ବ । ଜାହାଜରେ ଥିବା କଷ୍ଟ ସବୁ ଛୋଟ ହେବାରେ ସେ ମେଜ ଉପରେ ଶୟନ କରଇ ।

ଏ ବର୍ଷ ରଙ୍ଗପୁର ଦିନାଜପୁର ଜଲପାଇଗୋଡି ଏବଂ କୁଚବେହାର ଜିଲ୍ଲାମାନଙ୍କରେ ଏତେ ଅଧିକ ବୃଷ୍ଟି ହୋଇଅଛି ଯେ ଧୋଇ ହେବାର ସମ୍ଭାବନା । ଆଉ କେତେ ଜିଲ୍ଲାସଙ୍ଗେ ଓଡିଶା ମଧ୍ୟ ବୃଷ୍ଟି ଅଭାବରୁ କଷ୍ଟ ପାଉଅଛି । ମେଘର ଗତି ଏପରି କାହିଁକି ହେଲା ?

କଲକତାରେ ଜଣେ ମୁସଲମାନ ଆପଣା ମାତା ଭଗ୍ନି ଏବଂ ଜଣେ ପ୍ରତିବାସିର ଶିଶୁକୁ ବଧ କରି ପୁଲିସ ଆସିଲାବେଳେ ଆପଣା ହାତରେ ଥିବା ଛୁରିକୁ ଆପଣା ଛାତିରେ ଏମନ୍ତ ସବଳରୂପେ ମାରିଦେଲା ଯେ ତତ୍କ୍ଷଣାତ୍ ପଞ୍ଚତ୍ୱ ପାଇଲା । ତାହାର ସ୍ତ୍ରୀ ସୁଯୋଗକ୍ରମେ ପଳାଇଯାଇ ଆପଣା ପ୍ରାଣରକ୍ଷା କଲା ।

ସିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ ଜ୍ୱରର ଚିକିତ୍ସାରେ ସମାନ ଉପକାରି ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦୲ ଙ୍କା, ଡାକର ଖରଚା ଟ ୦ ୫ ଅଣା ଅତିରିକ୍ତ ଲାଗଇ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ହାବଡାସ୍ଥ ବଟାନିକେଲ ଗାର୍ଡେନର ସୁପରଇଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବ୍ରଜମୋହନ ଘୋଷ | କଟକ | ବକାୟା | ଟ ୧୲୵ |
| " ଶମ୍ଭୁଦାସ | ସିଲହଟ | ଅଗ୍ରିମ | ଟ ୩୲ |
| " ଜଗବନ୍ଧୁ ମହାନ୍ତି | କଟକ | ବକାୟା | ଟ ୩୲ |
| " କୃଷ୍ଣଚନ୍ଦ୍ର ଘୋଷ | " | " | ଟ ୨୲ |
| " ଗୌରଚନ୍ଦ୍ର ବସୁ | " | " | ଟ ୨୲ |

ଏହି ଉତ୍କଳ ଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଗ
ସଂ ୩୦ ସଂଖ୍ୟା

ତା ୨୫ ଋଶ ମାହେ ଜୁଲାଇ ସନ ୧୮୬୮ ମସିହା । ମୁ । ଶ୍ରାବଣ ବ ୧୪ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୮୵

ଏତେଦିନେ ବର୍ଷାକାଳପରି ଜଣାଗଲା । ଏ ସପ୍ତାହରେ ଯଦ୍ୟପି କି ବୃଷ୍ଟିର ପରିମାଣ ଅଧିକ ନୁହଇ କିନ୍ତୁ ଝଡି କଲାପରି ବର୍ଷା ହେଉଅଛି ଏବଂ ଆକାଶ ମେଘାଚ୍ଛନ୍ନ ହୋଇ ରହିଅଛି ଏଥିରୁ ଅନୁମାନ ହୁଅଇ ଯେ ଏ ବୃଷ୍ଟି ଚତୁର୍ଦ୍ଦିଗକୁ ହୋଇଥିବ । ଯେବେ ତାହା ହୋଇଥାଏ ତେବେ ଅନେକ ଉପକାର ହେବ । ଯାହା-ହେଉ ଭୂଭୂର ଅବସ୍ଥା ଏପରି ହେବାରୁ କେତେ ଦିନ ଗ୍ରୀଷ୍ମର ଯନ୍ତ୍ରଣା କାହାରିକୁ ଭୋଗ କରି-ବାକୁ ହୋଇ ନାହିଁ ଏବଂ ଓଲାଉଠାରୋଗ ଅନେକ ପରିମାଣରେ ଊଣା ପଡିଅଛି କିନ୍ତୁ ଏକାବେଳକେ ରହିତ ହୋଇ ନାହିଁ । ଯେ ପର୍ଯ୍ୟନ୍ତ ଖାଦ୍ୟଦ୍ରବ୍ୟ କିଞ୍ଚିତ୍‌ମାତ୍ର ସୁଲଭ ହୋଇ ନାହିଁ ସେ ପର୍ଯ୍ୟନ୍ତ ଫସଲର ଅବସ୍ଥା ଭଲ ଥିବାର କୋଲାଯାଇ ନ ପାରେ ।

---

ସେଦିନ ବାଲେଶ୍ବରର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ ଯେ ସେଠା ଲୋକମାନେ ସେଠା ଇଂରାଜୀସ୍କୁଲର ହେଡମାଷ୍ଟରଙ୍କ ବିରୁ-ଦ୍ଧରେ ଦରଖାସ୍ତ କରିବାରୁ କମିଟିରେ ତହିଁର ବିଚାର ହୋଇ ଯଦ୍ୟପି କି ତାହାଙ୍କର କିଛିଦୋଷ ପାଯ୍ୟା ନ ଗଲା ତଥାତ ତାହାଙ୍କୁ ବାଲେଶ୍ବରରେ ରଖିବା ଉଚିତ ବୋଧ ହେଲା ନାହିଁ ଏବଂ ଉପଯୁକ୍ତ ବେତନରେ ଅନ୍ୟସ୍ଥାନକୁ ବଦଳ କରିବା କାରଣ କମିଟୀ ମତ ଦେଲେ । ସମ୍ପ୍ରତି ଶୁଣୁଅଛୁଁ ଯେ କଟକ କଲେଜର ପ୍ରିନ୍‌ସିପଲ ଏଜରସାହେବଙ୍କ ବିରୁଦ୍ଧରେ ଛାତ୍ରମାନେ ଏକ ଦରଖାସ୍ତ ଡିରେକ୍ଟର ସାହେବଙ୍କ ନିକଟକୁ ପଠାଇ ଅଛନ୍ତି । ଏଜରସାହେବଙ୍କ ଉପରେ କି କି ଦୋଷାରୋପ ହୋଇଅଛି ଦରଖାସ୍ତ ଦେଖି ନ ଥିବାରୁ ଆମ୍ଭେମାନେ କହି ନ ପାରୁଁ । ଅନୁମାନ ହୁଅଇ ଏଠା ଶିକ୍ଷାକମିଟୀ ନିକଟକୁ ତଦନ୍ତ ନିମିତ୍ତ ତାହା ଆସିପାରେ ଓ ସେତେ-ବେଳେ ସମସ୍ତ ବୃତ୍ତାନ୍ତ ଜଣାପଡିବ ।

---

ନନ୍ଦପୁରର ରୋଡସେସ ଟଙ୍କା ଆତ୍ମସାତ୍ କରିବା ଅପରାଧରେ ବେଣୀଗୋପାଲ ମୁଖାର୍ଜ୍ଜୀ ହୌସ-ପୋର୍ଦ୍ଦ ହୋଇଅଛି । ସେଠାର ରୋଡସେସ ହିସାବ ତଦନ୍ତ କରିବା ସକାଶେ ବଏସ ସାହେବ ପ୍ରେରିତ ହୋଇଅଛନ୍ତି ଓ କଥିତ ହୁଅଇ ଯେ କେବଳ ସନ ୧୮୬୨ ସାଲର ହିସାବ ବୁଝିବାରେ ୪ ୬୫୦୦୦ ଙ୍କା ତହବିଲ ତସରୁଫ ହେବାର ଜଣା ପଡିଅଛି । ଦୁଃଖିପ୍ରଜାଙ୍କଠାରୁ ଗୃହୀତ ଟଙ୍କା ଏତେ ପରିମାଣରେ ଅପବ୍ୟୟ ହୋଇଗଲା କେହି ଜାଣି ପାରିଲେ ନାହିଁ ବଡ ଖେଦର ବିଷୟ ଅଟଇ । ରୋଡସେସ ଟଙ୍କାର କି କେହି ରକ୍ଷକ ନାହିଁ ? ସେ ଦିନ ବାଲେଶ୍ବରରେ କେତେ ଟଙ୍କା ଏହିପରି ଆତ୍ମସାତ୍ ହୋଇଥିଲା ଆଜ ନନ୍ଦପୁରରେ ଧରା ପଡିଲା ଅନ୍ୟ ସ୍ଥାନରେ ଯେ ହୋଇ ନ ଥିବ ଏହା କିଏ କହିପାରେ । ଆମ୍ଭମାନଙ୍କ ବିବେଚନାରେ ସମସ୍ତ ଜିଲାର ରୋ-ଡସେସ ଜମାଖର୍ଚ୍ଚ ଥରେ ଏକାଉଣ୍ଟାଣ୍ଟ ମହଲ୍ଲ-ମାର ଉପଯୁକ୍ତ କର୍ମଚାରିଦ୍ବାରା ତଦନ୍ତ ହେଲେ ବଡ ଭଲ ହୁଅନ୍ତା । ଭରସା ହୁଅଇ ଏଥର ଗବର୍ଣ୍ଣମେଣ୍ଟ ଏଥି ପକ୍ଷରେ ଦୃଷ୍ଟି ବିତରି କରିବେ ।

---

ଶିକ୍ଷାବିଭାଗର ଅଧସ୍ତନ କର୍ମଚାରିମାନଙ୍କର ନିମନ୍ତେ ସାତଗୋଟି ରେଡ୍ ମଞ୍ଜୁର ହୋଇଅଛି ଏବଂ ସେକ୍ରେଟରୀ ଅବଷ୍ଟେଟ ଏଥିରେ ସମ୍ମତ ହୋଇଅଛନ୍ତି ।

ପ୍ରଥମ ରେଡ୍ ବା ଶ୍ରେଣୀରେ ୬ ଜଣ; ଏମାନଙ୍କର ମାସିକ ବେତନ—

| | | | | | |
|---|---|---|---|---|---|
| | | ୪୦୦ | ଠାରୁ | ୫୦୦ | ପର୍ଯ୍ୟନ୍ତ |
| ଦ୍ବିତୀୟରେ | ୧୦ ଜଣ, | ୩୦୦ | „ | ୪୦୦ | „ |
| ତୃତୀୟରେ | ୨୫ ଜଣ, | ୨୦୦ | „ | ୩୦୦ | „ |
| ଚତୁର୍ଥରେ | ୪୦ ଜଣ, | ୧୫୦ | „ | ୨୦୦ | „ |
| ପଞ୍ଚମରେ | ୬୦ ଜଣ, | ୧୦୦ | „ | ୧୫୦ | „ |
| ଷଷ୍ଠରେ | ୭୫ ଜଣ, | ୭୫ | „ | ୧୦୦ | „ |
| ସପ୍ତମରେ | ୧୦୦ ଜଣ, | ୫୦ | „ | ୭୫ | „ |

ଏତେଦିନେ ଏ ବିଭାଗର ଅଳ୍ପବେତନ-ଭୋଗୀ କର୍ମଚାରିଙ୍କର ଦୁଃଖ ଏକପ୍ରକାର ଦୂର ହେଲା କିନ୍ତୁ ୩୦ ଠାରୁ ୫୦ ପର୍ଯ୍ୟନ୍ତ ଆଉ ଗୋଟିଏ ବଡ ରେଡ୍ କଲେ ବଡ ଭଲ ହୁଅନ୍ତା ।

---

ଗବର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି କି ପୁରୀର ରାଜାଙ୍କୁ ଅଳ୍ପଦିନତଳେ ଦିଆଯାଇଥିବା ମହା-ରାଜା ପଦ ଘୋଷଣାପତ୍ରଦ୍ବାରା ଫେରନେବେ

Digitized by srujanika@gmail.com

ଯେହେତୁ ରାଜା କାରାବାସ ଦଣ୍ଡ ପାଇବାରୁ ତାହା ଭୋଗ କରିବାର ଅଧିକାରୀ ହୋଇ ନ ପାରନ୍ତି ଗବର୍ଣ୍ଣମେଣ୍ଟ ଯାହାଙ୍କ ଏକ ସମୟରେ ଏତେବଡ଼ ମର୍ଯ୍ୟାଦା ଦେଇଥିଲେ ତାହାଙ୍କୁ ପ୍ରାଣ ଥାଉଁ ଥାଉଁ ମାରି ରଖିବାରେ କି କଷ୍ଟର ଭାବନା ହେଉ ନାହିଁ । ରାଜା ଯେ ଅପରାଧ ନିମିତ୍ତ ଦଣ୍ଡ ପାଇ ଅଛନ୍ତି ତାହା ଅବଶ୍ୟ ଗରିଷ୍ଠ ଅଟଇ କିନ୍ତୁ ତାହାଙ୍କର ଅଳ୍ପବୟସ, ସଙ୍ଗଦୋଷ, ଶିକ୍ଷାର ଅଭାବ, ମୂର୍ଖତା ଇତ୍ୟାଦି ବିବେଚନା କଲେ ତାହାଙ୍କର ଦୋଷ ସେତେ ଗୁରୁତର ବୋଧ ହେବ ନାହିଁ । ଏ ସମସ୍ତ ବିବେଚନା କରି ଯେବେ ଗବର୍ଣ୍ଣମେଣ୍ଟ ତାହାଙ୍କୁ କ୍ଷମା ଦିଅନ୍ତି ତେବେ ବଡ଼ ସୁଖର ବିଷୟ ହେବ । ବାସ୍ତବରେ ରାଜାଙ୍କର ଚିରକାଳ କାରାବାସରେ କିଛି ଲାଭ ନାହିଁ । କିନ୍ତୁ ରାଜା ଯେ ପରିମାଣରେ କଷ୍ଟ ପାଇଅଛନ୍ତି ତହିଁରୁ ଏମନ୍ତ ଭରସା ହୋଇ ପାରେ ଯେ ସେ ମୁକ୍ତିପାଇଲେ ଜଣେ ଉତ୍ତମ ଲୋକ ହେବେ ।

---

ଚଳିତମାସ ତା ୧୪ ରିଖରେ ମାନ୍ଦ୍ରାଜ ପ୍ରଦେଶ କଡ଼ାଲୋରରୁ ଯେଉଁ ସମ୍ବାଦ ଆସି ଅଛି ତାହା ପଢ଼ି ଶରୀରରୁ ରକ୍ତ ଶୁଖିଯାଉ ଅଛି । ସମ୍ବାଦଟି ଏହି ଯେ ଦୁର୍ଭିକ୍ଷର ସମ୍ଭାବନା ଅତ୍ୟନ୍ତ ବୋଧ ହେଉଅଛି । ବୃଷ୍ଟି ହେଉ ନାହିଁ । ସୁତରାଂ ଖାଦ୍ୟଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଉଅଛି । ଚିଙ୍ଗଲପଟ୍ଟ ଓ ଦକ୍ଷିଣ ଆରକଟ ଜିଲାରେ ଇଷ୍ଟକୋଷ୍ଟ କେନାଲ ନାମରେ ଗୋଟିଏ ନାଳ ଖୋଳାଇ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି ଓ କୁଲିମାନଙ୍କର ବସା ଓ ଚିକିତ୍ସାଳୟ ନିମିତ୍ତ ସ୍ଥାନ ବାଛି ରଖିବା ଏବଂ ସାହାଯ୍ୟକର୍ମଚାରିମାନ ପ୍ରେରଣ କରିବାର ଆଜ୍ଞା ହୋଇଅଛି । ଦୁଇବର୍ଷ ଦୁର୍ଭିକ୍ଷ ଉତ୍ତାରୁ ଯେବେ ପୁନର୍ବାର ଦୁର୍ଭିକ୍ଷ ପଡ଼ିବ ତେବେ ଭାରତବର୍ଷର କୌଣସି ଅଞ୍ଚଳରେ ଲୋକଙ୍କର ପ୍ରାଣ ପାଇବା କଠିନ ହେବ । ବର୍ତ୍ତମାନତ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ହେତୁ ଲୋକଙ୍କର କଷ୍ଟର ସୀମା ନାହିଁ ଏଥିଉପରେ ଦୁର୍ଭିକ୍ଷ ହେଲେ ଆଉ କି ବାକି ରହିବ । ସତେ କି ଦୈବ ଏତେ ପ୍ରତିକୂଳ ହେବେ ! ଏ ସପ୍ତାହରେ ଏକପ୍ରକାର ବର୍ଷା ହେବାର ଦେଖି କିଞ୍ଚିତ୍ ଭରସା ହେଉଅଛି ଯେ ସେପରି ହେବେ ନାହିଁ ।

---

ଚୀନଦେଶରେ ଅଫିମର ଧୂମ ଅର୍ଥାତ୍ ମଦତ୍ ପାନ କରିବାର କୁ ପ୍ରଥା ଅତ୍ୟନ୍ତ ପ୍ରଚଳିତ ହେବାରୁ ତାହା କିରୂପେ ନିବାରିତ ହେବ ଏଥିର ଉପାୟ ସମସ୍ତ ଉଚ୍ଚକର୍ମଚାରୀଙ୍କଠାରୁ ପାଇବା ଆଶାରେ ଏକ ରାଜଆଜ୍ଞା ପେକିନ ନଗରରେ ପ୍ରଚାରିତ ହୋଇଅଛି । ଯେ ସମସ୍ତ ଉତ୍ତର ଆସିଅଛି ତହିଁର ସାଧାରଣ ଭାବ ଏହି ଯେ ଏକାବେଳକେ ଏହା ରହିତ କରିବା ସମ୍ଭବ ନୁହଇ । ବିଚାର ହୋଇଅଛି ଯେ ସାଧାରଣ ଲୋକଙ୍କପ୍ରତି ହସ୍ତକ୍ଷେପଣ କରିବା ପୂର୍ବେ ସରକାରୀ ଚାକରଙ୍କ ମଧ୍ୟରେ ଏ ଦୋଷଟିକୁ ଅଗ୍ରେ ନିର୍ମୂଳ କରିବା ଉଚିତ ଏବଂ ଅଫିମର ଚାଷ ଏତେ ବୃଦ୍ଧି ହୋଇଅଛି ଯେ ଏକାଥରକେ ସବୁ ନିଷେଧ କରିବା ଅସାଧ୍ୟ ଅଟଇ । ତଦନୁସାରେ ଅନେକ ମାଜିଷ୍ଟ୍ରେଟଙ୍କଠାରେ ଏହି ଦୋଷ ବଦ୍ଧମୂଳ ହେବାର ଦେଖାଯାଇ ସେମାନଙ୍କ କର୍ମ ଯାଇଅଛି । ପୁଣି ଏହିଆଜ୍ଞା ବଳରେ କେତେଲୋକ ରୋଜଗାର କରି ନେଉ ଅଛନ୍ତି ଯେବେ ଇଂରାଜ ଗବର୍ଣ୍ଣମେଣ୍ଟ ଏ ଦେଶରେ ଏପରି ନିୟମ ପ୍ରଚଳିତ କରନ୍ତେ ତେବେ ଅନେକ କର୍ମଚାରୀ ମରିପଡ଼ନ୍ତେ ସତ୍ୟ ମାତ୍ର ଭଦ୍ରଲୋକଙ୍କ ମଧ୍ୟରେ ମଦତର ବ୍ୟବହାର ବିସ୍ତର ଊଣା ପଡ଼ନ୍ତା । ମଦତର ବ୍ୟବହାର ଓଡ଼ିଶାରେ ଏମନ୍ତ ବୃଦ୍ଧି ହେଉଅଛି ଯେ ଅଳ୍ପଦିନରେ ଚୀନସ୍ଥିତି ଏହାଠାରେ ପରାସ୍ତ ହେବ ।

---

ଏଠା ରେଜିଷ୍ଟ୍ରୀ ମହକୁମା ରିସ୍ୱତ ମକଦ୍ଦମାରେ କିସନା ବାବୁ ଗ୍ରମଶଙ୍କର ସେନ ଓ ଚପରାସୀ ସସପେଣ୍ଡ ହୋଇ ମକଦ୍ଦମା ତଦନ୍ତ ହେଉଥିବାର ପୂର୍ବେ ଲେଖିଥିଲୁଁ । ଗତ ମଙ୍ଗଳବାର ସେ ମକଦ୍ଦମା ନିଷ୍ପତ୍ତି ପାଇଲା । ଚପରାସି ରିସବତ ୫ଙ୍କା ନେଇଥିବାର ପ୍ରମାଣ ହେବାରୁ ତାକୁ କଲେକ୍ଟର ସାହେବ କର୍ମଚ୍ୟୁତ କଲେ ଓ ଗ୍ରମଶଙ୍କର ବାବୁଙ୍କ ପକ୍ଷରେ ସାହେବ ବୋଲନ୍ତି ଯେ ସେ ମଧ୍ୟ ସେହିଦୋଷର ଦୋଷୀ ଥିବାର ବୋଧ ହେଉଅଛି କିନ୍ତୁ ଯଥେଷ୍ଟ ପ୍ରମାଣ ନ ଥିବାରୁ ତାଙ୍କୁ ଦଣ୍ଡଦେଇ ନପାରୁଁ । ସେ କିଛି ଲୋଭଆଶାରେ ଦସ୍ତାବିଜମାନ ଫେରି ଦେବାରେ ବିଳମ୍ବ କରୁଥିବାର ମଧ୍ୟ ଜଣା ଯାଏ, ଯାହାହେଉ ତାଙ୍କୁ ଏଥର କାମରେ ରଖି ବିଶେଷରୂପେ ତାଗିଦ କରୁଅଛୁଁ ଭବିଷ୍ୟତରେ ତାହାପ୍ରତି ଲେଶମାତ୍ର ସନ୍ଦେହ ହେଲେ ଆଉ ଦୟା ପ୍ରକାଶ ନ କରି ତାଙ୍କୁ କର୍ମଚ୍ୟୁତ କରିବୁଁ । ସେ ଏହି ତାଗିଦରେ ସତର୍କ ହୋଇ ଆପଣାର ଚରିତ୍ର ସଂଶୋଧନ କରି ସଦ୍ବ୍ୟବହାରପୂର୍ବକ କର୍ମ ନିର୍ବାହ କରୁ । ଆମ୍ଭେମାନେ ଭରସାକରୁଁ ଯେ ଗ୍ରମଶଙ୍କର ବାବୁ ଏ ମହତ୍ ଆଦେଶକୁ ବିଫଳ କରିବେ ନାହିଁ ।

କଲେକ୍ଟରସାହେବ ଭବିଷ୍ୟତକୁ ରିସବତ ରହିତ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରି ଅଛନ୍ତି କି କୌଣସି ନିରୂପିତ ସମୟରେ ଦସ୍ତାବିଜମାନ ରେଜିଷ୍ଟ୍ରୀ ନିମନ୍ତେ ଗ୍ରହଣ ହେବ । ସବରେଜିଷ୍ଟ୍ରାର ସ୍ୱହସ୍ତେ ଦସ୍ତାବିଜମାନ ଦାଖଲକାରଙ୍କଠାରୁ ନେବେ ଓ ଗଣିକରି ନିର୍ଦ୍ଦିଷ୍ଟ ଆବଶ୍ୟକୀୟ ସାର୍ଟିଫିକଟ ଲେଖିବାକୁ ଦେବେ । ଏପରି ହେଲେ କିରାନି ବା ଅମଲା ଦସ୍ତାବିଜ ନେବାରେ ହରକତ କରି ଲାଞ୍ଚ ନେବା ନିମନ୍ତେ ଦାଖଲ କାରଙ୍କୁ ବାଧ୍ୟ କରି ପାରିବେ ନାହିଁ । ଦସ୍ତାବିଜର ନକଲ ଶେଷ ହେଲାରୁ ଫେରିଦେବା ନିମନ୍ତେ ମିସଲରେ ଦାଖଲକାରଙ୍କ ଉପସ୍ଥିତିର ତାରିଖ ହେବ ଓ ସବ୍‌ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ଦସ୍ତାବିଜ ଫେରିଦିଆ ଯିବ । ଲାଞ୍ଚ ରହିତପକ୍ଷରେ ଯେତେଦୂର ଉତ୍ତମ ବ୍ୟବସ୍ଥା କରାଯାଇପାରେ ତାହା ହୋଇଅଛି ଓ ଏ ନିୟମ ଅନୁସାରେ ସଂପାଦିତ କାର୍ଯ୍ୟ ହେଲେ ରେଜିଷ୍ଟ୍ରୀ ରିସବତ ସମୂଳେ ରହିତ ନ ହେଲେ ମଧ୍ୟ ଅନେକ ପରିମାଣରେ ନ୍ୟୂନ ହୋଇ ଯିବ । ଏ ଉତ୍ତମ ନିୟମ ନିମନ୍ତେ ଆମ୍ଭେମାନେ ବିଡନସାହେବଙ୍କୁ ପ୍ରଶଂସା କରୁଅଛୁଁ । ସମସ୍ତ ହାକିମମାନଙ୍କୁ ବିଶେଷତଃ ଦେୱାନୀ ଅଦାଲତର ହାକିମମାନଙ୍କୁ ରିସବତ ନିବାରଣ ପକ୍ଷରେ ଏହିପରି ଦୃଷ୍ଟି ରଖିବାର ଉଚିତ ତାହା ହେଲେ ରିସବତ ବ୍ୟବହାର ନିଶ୍ଚୟ ଅନେକ ହ୍ରାସ ହେବ ।

ବିଡନସାହେବଙ୍କ ନିୟମ ସମ୍ବନ୍ଧରେ ଆମ୍ଭମାନଙ୍କର ଏକ ପ୍ରସ୍ତାବ ଏହି ଯେ ଦସ୍ତାବିଜ ଗ୍ରହଣ ସମୟରେ ତହିଁର ନକଲ ଇତ୍ୟାଦି କାର୍ଯ୍ୟ ଯେତେଦିନେ ଶେଷ ହେବ ତହିଁ ଦୃଷ୍ଟିରେ ସବ୍‌ରେଜିଷ୍ଟ୍ରାର ତାହା ଫେରିଦେବାର ତାରିଖ ନିରୂପିତ କରି ଦାଖଲ କାରିକୁ ବୁଝାଇ ଦେଉଥିବେ ଯେ ସେ ସେହିଦିନ ଦସ୍ତାବିଜ ଫେରିନେବା ନିମନ୍ତେ ଉପସ୍ଥିତ ହେବ ଓ ଅମଲାଙ୍କୁ ତାକିଦ ହେବ କି ସେମାନେ ତାରିଖ ପୂର୍ବେ ଦସ୍ତାବିଜ ଫେରିଦେବା ନିମନ୍ତେ ପ୍ରସ୍ତୁତ ରଖିବେ । ଏପରି ନ ହେଲେ ଉଚ୍ଚସ୍ୱର ଡାକସ

ଅନେକ ସ୍ଥଳେ ବିଫଳ ହେବ ଓ ଲୋକେ ଥରକୁ ତିନିଥର କଚେରୀକୁ ଦଉଡ଼ିବେ ।

---

## ଦାଖଲଖାରଜ ମକଦ୍ଦମା ।

ଆମ୍ଭେମାନେ ଶୁଣିଲୁଁ ଯେ ମା ୫୦ ଣରୁ ଊଣା ନିଷ୍କର ଭୂମିର ଦାଖଲଖାରଜ ବର୍ତ୍ତମାନ ସ୍ଥଗିତ ରଖି ମା ୫୦ ଣ ଓ ତତୋଧିକ ଭୂମିର ଓ ଜମିଦାରର ଦାଖଲଖାରଜ କରିବାର ବୋର୍ଡରୁ ଆଜ୍ଞା ଆସିଅଛି । ବୋର୍ଡଙ୍କର ଇଚ୍ଛା ଯେ ମା ୫୦ ଣରୁ ଊଣା ଅଥବା କ୍ଷୁଦ୍ର ଲାଖରାଜ ଭୂମି ସବୁକୁ ଦାଖଲଖାରଜ ଆଇନାଧୀନତାରୁ ବର୍ଜିତ କରିବେ । ଏତେଦିନେ ବୋର୍ଡଙ୍କର ଏପରି ଇଚ୍ଛା ହେବାର କାରଣ ଏହି ଯେ ଆଜପର୍ଯ୍ୟନ୍ତ ଦାଖଲଖାରଜର ୭୩୮୦୦ ଦରଖାସ୍ତ ଦାଖଲ ହୋଇଅଛି ତହିଁ ମଧ୍ୟରୁ କେବଲ ୪୩୦୦ ମକଦ୍ଦମା ନିଷ୍ପତ୍ତି ହୋଇଅଛି ଓ ତହିଁରେ ସରକାରରୁ ଟ ୮୬୦୦୯ ଙ୍କା ଠିକା ଅମଲଙ୍କ ବେତନ ଇତ୍ୟାଦିରେ ଖର୍ଚ୍ଚ ପଡ଼ିଅଛି ବାକି ୬୯୫୦୦ ମକଦ୍ଦମା ନିଷ୍ପତ୍ତି କରିବାକୁ ପ୍ରାୟ ଆଉ ପାଞ୍ଚ ସାତ ବର୍ଷକାଳ ଲାଗିବ ଓ ଅନେକ ଖର୍ଚ୍ଚା ପଡ଼ିବ । ଏହି ଦୃଷ୍ଟିରେ ବୋର୍ଡଙ୍କର ଏସବୁ ବୁଦ୍ଧି ବାହାରି ଅଛି ।

ଦାଖଲଖାରଜ ଆଇନ ପ୍ରଚଳ ହେବା ସମୟରେ ଆମ୍ଭେମାନେ କ୍ଷୁଦ୍ର ଲାଖରାଜ ଭୂମିକୁ ବର୍ଜିତ ବିଧି ମଧ୍ୟରେ ଆଣିବାର ପ୍ରସ୍ତାବ କରିଥିଲୁଁ ଓ ଯେତେବେଳେ ଦରଖାସ୍ତ ଦାଖଲ ହେବାର ଆରମ୍ଭ ହେଲା ସେତେବେଳେ ଦୁଃଖୀ ଲାଖରାଜଦାରଙ୍କର କଷ୍ଟ ଓ ଖର୍ଚ୍ଚା କଥା ପୁନଃ ପୁନଃ ଲେଖିଥିଲୁଁ ତତ୍କାଳୀନ କଲେକ୍ଟର ଟେଏନବୀ ସାହେବ ଦଶ ମାଣରୁ ଊଣା ଲାଖରାଜ ଭୂମିକୁ ଖାରଜ ଦେବାର ପ୍ରସ୍ତାବ କରିଥିଲେ କିନ୍ତୁ ବୋର୍ଡ ସେତେବେଳେ କିଛି ଶୁଣିଲେ ନାହିଁ । ଦୁଃଖୀ ଲାଖରାଜଦାରମାନେ ଅନର୍ଥକ ଖର୍ଚ୍ଚାନ୍ତ ହେଲେ ଓ କଷ୍ଟ ପାଇଲେ । ଆଇନ ପ୍ରଚାର ସମୟରେ ଆଇନର ବର୍ଜିତ ବିଧି ଅନୁସାରେ ମା ୫୦ ଣରୁ ଊଣା ଜମି ସବୁ ଖାରଜ ଦେଇଥିଲେ ଦୁଃଖୀ ଲୋକେ ଖର୍ଚ୍ଚା ଓ କଷ୍ଟରୁ ରକ୍ଷା ପାଇଥାନ୍ତେ । ଯାହା ହେଉ ବର୍ତ୍ତମାନ ମଧ୍ୟ ତଦ୍ରୂପ ନିଷ୍କର ଭୂମି ସବୁ ବର୍ଜିତ କଲେ ଦୁଃଖୀ ଲୋକଙ୍କର ଅନେକ ଉପକାର ହେବ ସେମାନେ ସାକ୍ଷି ଆଣି ମକଦ୍ଦମା ନିଷ୍ପତ୍ତି କରାଇବା ଖର୍ଚ୍ଚା ଓ ଧନ୍ଦାରୁ ରକ୍ଷା ପାଇବେ ଏଥିର ଖର୍ଚ୍ଚା ଦୁଃଖୀଙ୍କ ପକ୍ଷରେ ସାମାନ୍ୟ ନୁହେ । ଏ ସ୍ଥଳରେ ମା ୫୦ ଣ ଓ ତତୋଧିକ ପରିମାଣର ନିଷ୍କର ଭୂମିର ସଂଖ୍ୟା ୩୦୦ ପର୍ଯ୍ୟନ୍ତ ହେବ । ବିଭାଗ ଓ ବିକ୍ରୟ ଯୋଗୁଁ ତହିଁ ସମ୍ପର୍କରେ ୧୦୦ ଦରଖାସ୍ତରୁ ଅଧିକ ହୋଇ ନ ପାରେ । ଏହା ଓ ଜମିଦାରୀ ସମ୍ପର୍କୀୟ ବାକି ୭୮୦୦ ମକଦ୍ଦମା ଅଳ୍ପ କାଳ ମଧ୍ୟରେ ନିଷ୍ପତ୍ତି ହୋଇଯିବ ଓ ଅଧିକା ଖର୍ଚ୍ଚା ପଡ଼ିବ ନାହିଁ ଏବଂ ଦୁଃଖୀ ଲୋକେ ରକ୍ଷା ପାଇଯିବେ । ଅତଏବ ବୋର୍ଡ ଯେ ଇଚ୍ଛା କରିଅଛନ୍ତି ତାହା ଶୀଘ୍ର କାର୍ଯ୍ୟରେ ପରିଣତ କରନ୍ତୁ । ଏପରି ହେବାର ଆଶା ଦେଖାଯାଏ କାରଣ ଚଳିତ ମାସ ତା ୧୫ ରିଖରେ ଏଠା ଦାଖଲଖାରଜ ଠିକା ଅମଲଙ୍କ ମଧ୍ୟରୁ ଜ ୬ ଣ ବରଖାସ୍ତ ହେଲେ ।

---

## କନଗ୍ରେସ ମହାସଭା ।

ବର୍ଲିନନଗରରେ ବସିଥିବା ଏହି ସଭାର କାର୍ଯ୍ୟ ଶେଷ ହୋଇ ଚଳିତମାସ ତା ୧୩ ରିଖ ଶନିବାର ସନ୍ଧିପତ୍ର ସ୍ୱାକ୍ଷରିତ ହେଲା । ସଭ୍ୟମାନେ ଯେ ଯାହା ରାଜ୍ୟକୁ ବିଦାୟ ହୋଇ ଗଲେ । ଲର୍ଡ ବିକନ୍‌ସ୍‌ଫିଲ୍‌ଡ ଓ ମାରକୁଇସସାଲିସବରୀ ଇଂଲଣ୍ଡରେ ପହୁଞ୍ଚି ଅଛନ୍ତି ଓ ଏହି ସନ୍ଧିପତ୍ର ବିଷୟ ସେଠାରେ ଭାରି ଆନ୍ଦୋଳିତ ହେଉଅଛି ସନ୍ଧିପତ୍ରର ମର୍ମ ଏକପ୍ରକାର ପାଠକମାନେ ଜାଣନ୍ତି ତଥାପି ତାହାଙ୍କ ସ୍ମରଣଶକ୍ତିକୁ ସାହାଯ୍ୟ କରିବା ଏବଂ ସନ୍ଦେହ ଭଞ୍ଜନ ନିମିତ୍ତ ଉକ୍ତ ସନ୍ଧିପତ୍ରର ସଂକ୍ଷେପ ବିବରଣ ଯାହା ତାରଡାକ ଦ୍ୱାରା ଏ ଦେଶରେ ପ୍ରଚାରିତ ହୋଇଅଛି ଏଠାରେ ପ୍ରକାଶ କରୁଅଛୁଁ; ଯଥା—

"ସନ୍ଧିପତ୍ରରେ ୬୪ ଟି ବିଧାନ ଅଛି । ସେ ସବୁର ମର୍ମ ଏହି, ରୁଷୀୟମାନେ ନଅ ମାସ କାଳ ୫୦ ହଜାର ସୈନ୍ୟ ନେଇ ବୁଲଗେରିୟା ଅଧିକାର କରି ରହିଥିବେ । ବୁଲଗେରିୟାରେ ଯେ ସବୁ ଦୁର୍ଗ ଅଛି, ଏକବର୍ଷ ମଧ୍ୟରେ ସେ ସବୁ ଭୂମିସାତ୍ କରିବାକୁ ହେବ । ପୂର୍ବ-ରୁମେଲିୟାର ଶାସନକାର୍ଯ୍ୟ ସଂଶୋଧନ ନିମିତ୍ତ ଗୋଟିଏ ଇଉରୋପୀୟ କମିଶନ ବସିବ । ଅଷ୍ଟ୍ରିୟା ଗବର୍ଣ୍ଣମେଣ୍ଟ ବସ୍ନିୟା ଏବଂ ହାରଜିଗୋବିନା ଅଧିକାର କରି ଶାସନ କରିବେ; କେତେ ଦିନ କରିବେ ତାହା ସ୍ଥିର ହୋଇ ନାହିଁ । ରୁମାନିୟା ସର୍ଭିୟା ଏବଂ ମଣ୍ଟିନିଗ୍ରୋ ସ୍ୱାଧୀନ ହେବେ, କିନ୍ତୁ ସୁଲତାନଙ୍କୁ ସେହି ସବୁ ଗବର୍ଣ୍ଣମେଣ୍ଟ କର ଦେବେ । ତୁରଷ୍କଗବର୍ଣ୍ଣମେଣ୍ଟ ଯେଉଁ ଋଣରେ ଜଡ଼ିତ ହୋଇଅଛନ୍ତି, ସର୍ଭିୟା, ମଣ୍ଟିନିଗ୍ରୋ ଏବଂ ବୁଲଗେରିୟାକୁ ତହିଁର କିୟଦଂଶ ନେବାକୁ ହେବ । ସୁଲତାନ କ୍ରୀଟରେ ୧୮୬୮ ଅବ୍ଦର ନିୟମିତ ଆଇନ ଚଳାଇବେ; ଏବଂ ତାହାଙ୍କ ରାଜ୍ୟର ସବୁଠାରେ ଧର୍ମସମ୍ପର୍କରେ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବେ । ବାଟୁମ, କାର୍ସ ଏବଂ ଆରଦାହାନ ଏହି ସ୍ଥାନମାନ ସୁଲତାନଙ୍କ ରୁଷତୁରୁଷ୍କ ସୀମା ମଧ୍ୟରେ ସଂଯୋଜିତ କରିବାକୁ ହେବ କିନ୍ତୁ ବେୟାଜିଦ ଏବଂ ଆଲାଶଗାର୍ଡ ଉପତ୍ୟକା ସୁଲତାନଙ୍କ ଅଧିକାରରେ ରହିବ । ଏହି ବର୍ଲିନର ସନ୍ଧିପତ୍ରରେ ଯେ ଯେ ସ୍ଥାନ ପରିବର୍ତ୍ତିତ ହୋଇଅଛି ସେହି ସ୍ଥାନ ବ୍ୟତୀତ ଆଉ ସମୁଦାୟ ଅଂଶରେ ୧୮୫୬ ଓ ୧୮୭୧ ଅବ୍ଦର ସନ୍ଧି ମାନ୍ୟ ହେବ ।"

ପାର୍ଲିମେଣ୍ଟ ମହାସଭାର ଉଭୟ ହାଉସରେ ଲିବରଲ ସମ୍ପ୍ରଦାୟ ଏ ସନ୍ଧିପତ୍ର ବିଷୟରେ ପ୍ରତିବାଦ କରିବାକୁ ପ୍ରସ୍ତୁତ ହେଉଅଛନ୍ତି ଏବଂ କନସରଭେଟିବ ସଂପ୍ରଦାୟ ଏ ସନ୍ଧିପତ୍ରକୁ ଅନୁମୋଦନ କରୁଅଛନ୍ତି । ଉଭୟସଂପ୍ରଦାୟ ମଧ୍ୟରେ ମହାସଭାରେ ଭାରି ତର୍କବିତର୍କ ହେବ । ସଂପ୍ରତି ସନ୍ଧିପତ୍ରର ଅନୁମୋଦନକାରୀମାନେ ଲର୍ଡ ବିକନ୍‌ସ୍‌ଫିଲ୍‌ଡଙ୍କର ଭାରି ପ୍ରଶଂସା କରୁଅଛନ୍ତି ଓ ଲର୍ଡ ବିକନ୍‌ସ୍‌ଫିଲ୍‌ଡ ସନ୍ଧିର ମର୍ମ ସର୍ବସାଧାରଣଙ୍କୁ ବୁଝାଉଅଛନ୍ତି । ଇଂଲଣ୍ଡ ସାଇପ୍ରସ ନେବା ବିଷୟରେ ଲର୍ଡବିକନ୍‌ସ୍‌ଫିଲ୍‌ଡ ଏହିପରି ବୁଝାଇ ଦେଇଅଛନ୍ତି କି ସିରିୟା କିମ୍ବା ଇଜେପ୍ଟ ନେଇଥିଲେ ଫ୍ରାନ୍ସର ମନଃପୀଡ଼ା ହୁଅନ୍ତା କିନ୍ତୁ ସାଇପ୍ରସ ନେବାରେ ଯେ ଫ୍ରାନ୍ସ ଅସନ୍ତୁଷ୍ଟ ନ ହେବେ ଏହା ନିଶ୍ଚୟ ବୋଲି ଯାଇ ନ ପାରେ । ବାସ୍ତବରେ ବୁଝିଲେ ସିରିୟା ନେବା ଓ ସାଇପ୍ରସ ନେବା ଏକ ସମାନ ଅଟଇ । ଏଥି ଉତ୍ତାରୁ ଦେଖାଯାଏ ଯେ ଇଂଲଣ୍ଡ ସାଇପ୍ରସ ନେବାରୁ ଇଟାଲି ଅସନ୍ତୋଷ ପ୍ରକାଶ କରିଅଛି ଏଣେ ବଟୌମ ନଗରକୁ ରୁଷିୟା ଗଲେ ତାହାଙ୍କୁ ଆକ୍ରମଣ କରିବା ସକାଶେ ୮୦୦୦ ଲୋକ ମେଳ ହେବାର ସମ୍ବାଦ ଆସିଅଛି ଏ ସମସ୍ତ ବିବେଚନା କଲେ ଏହି ସନ୍ଧିପତ୍ରଦ୍ୱାରା ଯୁଦ୍ଧ ନିବାରଣ ହେଲା ଅବଶ୍ୟ ନିଶ୍ଚୟରୂପେ ଏମନ୍ତ ବୋଲି ଯାଇ ନ ପାରେ ।

---

ଆମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗତସପ୍ତାହ ମଧ୍ୟରେ ଏ ସବ୍‌ଡିଭିଜନସ୍ଥ କେତେକ ପ୍ରଗନାରେ ବୃଷ୍ଟି ହୋଇଥିବାରୁ ଧାନ ଗଛମାନ ଉତ୍ତମରୂପେ ବଢ଼ୁଥିବାର କାନଗୋଇମାନେ ରିପୋର୍ଟ କରିଅଛନ୍ତି ଗତ

Split by PDF Splitter

Digitized by srujanika@gmail.com

Split by PDF Splitter



ଦୁଇଦିନ ହେଲା ଏ ନଗରରେ ବୃଷ୍ଟି ହେଉଥିବାରୁ ବର୍ଷାଋତୁ ପରି ଜଣାଯାଉ ଅଛି ଓ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାନୁସାରେ ଯୋଧ ଓ ସୋରୋ, ମଞ୍ଜୁରି, ଯାଜପୁର ଓ ଧାମନଗର ପ୍ରଗନ୍ନାମାନଙ୍କର ରଏତମାନେ ହାଇଲେବଲ କେନାଲରୁ ବିନା କରରେ କ୍ଷେତକୁ ଜଳ ନେବା ସକାଶେ ବ୍ରାହ୍ମଣୀ ଓ ବଇତରଣୀ ଡିବିଜନର ଏକ୍ଜିକ୍ୟୁଟିବ ଇଞ୍ଜିନିୟରଙ୍କ ବିଜ୍ଞାପନ ପ୍ରଚାର କରିଅଛନ୍ତି ଧାନ ଚାଉଳ ଦର ପୂର୍ବପରି ଅଛି କମି କିବା ବେଶୀ ହୋଇ ନାହିଁ ଲୋକମାନେ ଉତ୍ତମରେ ଅଛନ୍ତି କେବଳ ଜ୍ୱର ବେମାରରେ କେହି୨ ପୀଡିତ ଅଛନ୍ତି ମାତ୍ର ଉକ୍ତ ବେମାରି ବିଶେଷ ପ୍ରବଳ ନୁହେ ବର୍ତ୍ତମାନ ମହାର୍ଘ କାଳରେ ଲାଇସେନ୍ସଟେକ୍ସ ଲୋକମାନଙ୍କ ପକ୍ଷରେ ବିଚ୍ଛ କଷ୍ଟକର ହେଉଅଛି । ଦାଖଲଖାରଜ ମକଦ୍ଦମାମାନଙ୍କ ମଧ୍ୟରୁ ପର୍ଗଣମାଣରୁ କମ ଲାଗିଥିବା ମକଦ୍ଦମାର ବର୍ତ୍ତମାନ ବୋର୍ଡଙ୍କ ଆଜ୍ଞାନୁସାରେ ସ୍ଥଗିତ ରହିବାରୁ ଅନେକ ଗରିବ ଲାଖେରାଜଦାର ଚିନ୍ତିତ ହୋଇଅଛନ୍ତି ।

ଏ ସହରରେ ଦୁଇଜଣ ଯୋବା ଆପଣା୨ ପିଲାଭକଗୃହରେ ଗୃଗାନ ହୋଇ ଆପଣା୨ ମଧ୍ୟରେ ତକରାର ଆରମ୍ଭ କରି ଏକ ବ୍ୟକ୍ତି ଅତିଶୟ ରାଗରେ ଅପର ବ୍ୟକ୍ତିର ମର୍ମସ୍ଥାନରେ ଦନ୍ତାଘାତ କରିବାରୁ ଆଘାତିତ ବ୍ୟକ୍ତି ଡାକ୍ତରଙ୍କ ଚିକିତ୍ସାଧୀନରେ ଅଛି ଆଘାତକାରୀ ଉପରେ ଅଭିଯୋଗ ହୋଇ ମକଦ୍ଦମା ବିଚାରାଧୀନରେ ଅଛି ।

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ବିଡନ ସାହେବ ଛୁଟୀରୁ ଫେରି ଆସି ଆପଣା କର୍ମଭାର ଗ୍ରହଣ କରିଅଛନ୍ତି ।

ଡେପୁଟୀ କଲେକ୍ଟର ବାବୁ ଶ୍ରୀନାଥ ଭଦ୍ର ଖୋର୍ଦ୍ଧାକୁ ବଦଲୀ ହୋଇଅଛନ୍ତି ଓ ସେଠାର ଆସିଷ୍ଟାଣ୍ଟ ଫିଲିପସ୍ ସାହେବ ଅତିଶୀଘ୍ର ମାନ୍ଦ୍ରାଜକୁ ଯିବାର ଆଜ୍ଞା ପାଇଅଛନ୍ତି ।

ଅମ୍ଭମାନଙ୍କ ଜଏଣ୍ଟ ମାଜିଷ୍ଟ୍ରେଟ ହାଣ୍ଡ୍ଲି ସାହେବଙ୍କ କଲ୍ୟାଣରୁ ଏ ନଗରର ସମସ୍ତ ସଡକର ନଏନସ୍ପୁରମାନ ଏବର୍ଷ ଅତି ପରିଷ୍କାର ଅବସ୍ଥା ପ୍ରାପ୍ତ ହୋଇଅଛି ଓ ନଗରକୁ ପରିଷ୍କାର ରଖିବାପାଇଁ ସାହେବ ଯଥୋଚିତ ପରିଶ୍ରମ କରୁଅଛନ୍ତି । ନଦୀକୂଳର ଦୁର୍ଗନ୍ଧ ନିବାରଣ ପକ୍ଷରେ ସାହେବଙ୍କର ଦୃଷ୍ଟି ପଡିଲେ ଅମ୍ଭେମାନେ ବଡ ବାଧିତ ହେବୁଁ ।

ଏଠା ଅଦାଲତର ନାଜରକର୍ମ ଖାଲି ଅଛି । ଯେଉଁ ବ୍ୟକ୍ତି ଏ କର୍ମରେ ଥିଲେ ତାହାଙ୍କର ଉଲାଉଠା ରୋଗରେ ଗତ ରବିବାର ମୃତ୍ୟୁ ହେଲା । ଏ କର୍ମ ସକାଶେ ଅନେକ ଲୋକ ଦରଖାସ୍ତ ଦେଉଅଛନ୍ତି ।

ଗତ ସୋମବାର ପ୍ରାତଃକାଳରେ ଏ ନଗର ନୂଆସଡ଼କରେ ଗୋଟିଏ ଅତ୍ୟନ୍ତ ଶୋଚନୀୟ ଦୁର୍ଘଟଣା ହୋଇଥିଲା । ସେ ବଜାରର ପ୍ରଧାନ ମାରୱାଡି ମହାଜନ ବୁଧଗିର ଆପଣା ଦୋକାନରେ ଆପଣା ସଙ୍ଗୀ କେତେ ଲୋକ ସହିତ ଶୋଇଥିଲା । ସକାଳ ହୁଅନ୍ତେ ସମସ୍ତେ ଉଠିଗଲେ ବୁଧରାମ ଟିକିଏ ଆଳସ୍ୟ କରି ଶୋଇଥିଲା ଏମନ୍ତ ସମୟରେ ଅକସ୍ମାତ୍ ଦୋକାନ ଛାଞ୍ଚ ପଡିବାରୁ ସେ ତାହା ତଳେ ଚାପା ପଡି ମରିଗଲା । ଦୋକାନଘର କଚ୍ଚା ଦରଜଗମ ହୋଇଥିଲା ଓ ତାହା ଉପରେ ଏକ ଖପରଲି ଘରେ ଅଖା ଇତ୍ୟାଦି ଅନେକ ଭାରି ଦ୍ରବ୍ୟ ଥିବାରୁ ଏପରି ଦୁର୍ଘଟନା ହେବାର ଅନୁମାନ ହୁଅଇ । ବୁଧରାମ ସବଳ ଶରୀର ଓ ଉତ୍ତମ ଲୋକ ଥିଲା । ଶବ ବାହାରିବାରୁ ଦେଖାଗଲା ଯେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ କେବଳ ଶ୍ୱାସରୋଧ ହୋଇ ତାହାର ପ୍ରାଣ ବାହାରି ଯାଇଅଛି ।

ସର ଆର୍ଥର ଉଲସଲୀ ମାଲଟାରୁ ୭୦୦୦ ସେନା ଘେନି ସାଇପ୍ରସକୁ ଯାଇଅଛନ୍ତି ।

ଶ୍ରୀମତୀ ମହାରାଣୀଙ୍କ ପିଲାମାନଙ୍କ ଭରଣ ପୋଷଣ ନିମିତ୍ତ ବାର୍ଷିକ ଟ ୧୩,୧୦,୦୦୦ଙ୍କା ଗବର୍ଣ୍ଣମେଣ୍ଟ ରାଜସ୍ୱରୁ ପ୍ରଦତ୍ତ ହୁଅଇ ।

ଶ୍ରୀମତୀ ମହାରାଣୀ ଗୋଟିଏ ସୁନ୍ଦର ନିୟମ ପ୍ରଚାର କରିଅଛନ୍ତି । ସେ ଆଜ୍ଞା ଦେଇଅଛନ୍ତି କି କୌଣସି ମହିଳା ଛାଡପତ୍ର ଅଦାଲତରେ ଅପିଲାଣ୍ଟ ଅଥବା ରିସ୍ପାଣ୍ଡେଣ୍ଟ ଉପସ୍ଥିତ ହୋଇଥିଲେ ସେ ରାଜଭବନରେ ମହାରାଣୀଙ୍କର ସାକ୍ଷାତ୍ କରିପାରିବ ନାହିଁ ।

ହିନ୍ଦୁପେଟ୍ରିଅଟରେ ବାଇଗ୍ରେଗର ଗୋଟିଏ ଆଶ୍ଚର୍ଯ୍ୟ ଚିକିତ୍ସାର କଥା ଲେଖା ଅଛି । ଇଉରୋପରେ ଏକଜଣ ସ୍ତ୍ରୀର ଡାହାଣହାତରେ ବାତ ପଡ଼ ଭଳି ହୋଇଥିଲା ଓ ହାତଟି ଏକପ୍ରକାର ଅକର୍ମଣ୍ୟ ହୋଇଥିଲା । ତାହାର ସ୍ୱାମୀ କାହାଠାରୁ ଶୁଣିଲା ଯେ ମହୁମାଛି କାମୁଡ଼ିଲେ ବାତର ବେଦନା ଆରୋଗ୍ୟ ହୁଅଇ । ଏହୁଁ ସେ ଜିଅନ୍ତା ମହୁମାଛି ଆଣି ଆପଣା ସ୍ତ୍ରୀର ହାତରେ କିଛିକାଳ ବସାଇ ରଖିଲା ସେମାନେ ମନେଚ୍ଛା କାମୁଡ଼ିଲେ । ସେହି ରାତ୍ରରେ ସ୍ତ୍ରୀର ଉତ୍ତମ ନିଦ୍ରା ହେଲା । ସକାଳେ ଉଠିଲା ବେଳକୁ ଅନେକ ପରିମାଣରେ ବ୍ୟଥା ଊଣା ହୋଇଥିଲା ମାତ୍ର ହାତଫୁଲି ଯାଇଥିଲା । ସ୍ନିଗ୍ଧକାରକ ଔଷଧ ଲଗାଇବାରେ ଶୀଘ୍ର ଫୁଲା ଊଣା ହୋଇଗଲା ଏବଂ ଅଳ୍ପଦିନ ମଧ୍ୟରେ ବାତର କିଛିମାତ୍ର ଚିହ୍ନ ରହିଲା ନାହିଁ । ବାତ ରୋଗିମାନେ ପରୀକ୍ଷା କରି ଦେଖନ୍ତୁ । ଉପାୟଟି ବଡ ସହଜ ବୋଧ ହେଉଅଛି କେବଳ ମହୁମାଛିକି ଧରି ଆଣି ପୀଡା ସ୍ଥାନରେ ବସାଇବା ସମସ୍ତଙ୍କୁ ସହଜ ବୋଧ ହେବ ନାହିଁ ।

ଅମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର ରଙ୍ଗପୁର ସନ୍ଦର୍ଶନ କରି ଆଗାମୀ ମାସ ତା ୧ରିଖରେ କଲିକତାକୁ ଶୁଭାଗମନ କରିବେ ।

## ପ୍ରେରିତପତ୍ର ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଆଜି କାଲି କଟକ କଲେଜରେ ବଡ଼ ଗୋଳମାଲ ଲାଗିଅଛି । କଲେଜର ଅଧିକାଂଶ ଛାତ୍ର ବର୍ଗ ଏଭର ସାହେବଙ୍କ ଅଧ୍ୟାପନାରେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୁଦ୍ଧରେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ନିକଟରେ ଆବେଦନ କରିଅଛନ୍ତି ଏବଂ ଅଧ୍ୟାପନାର ଉତ୍କୃଷ୍ଟ ବନ୍ଦୋବସ୍ତ କରିବା ନିମନ୍ତେ ଡାଇରେକ୍ଟର ମହାଶୟଙ୍କୁ ପ୍ରାର୍ଥନା କରିଅଛନ୍ତି । ଯଦି ଛାତ୍ରମାନେ ପ୍ରକୃତ କଥା ଲେଖିଥାନ୍ତି, ତାହା ହେଲେ ସେମାନେ ନିନ୍ଦନୀୟ ହୋଇ ନ ପାରନ୍ତି । ଆଶା କରୁଁ ସେମାନେ କାହାର ଲୋହିତଚକ୍ଷୁ ଭ୍ରୂକୁଟୀକୁଟିଳମୁଖ ଦେଖି ଭୟରେ ସତ୍ୟର ଅପଳାପ କରିବେ ନାହିଁ ।

ବଶମ୍ବଦ
ବୈଶମ୍ପାୟନଉବାଚ ।

ସିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦ ଟଙ୍କା, ଡାକର ଖରଚା ଟ ୦ ୫ ଅଣା ଅତିରିକ୍ତ ଲାଗେ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ହାବଡାର ବଟାନିକେଲ ଗାର୍ଡ଼ନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

☞ ଏହି ଉତ୍କଳ ଦୀପିକା ସହର କଟକ ଦଉସାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ ଶ
ସଂ ୩୧ ଶ ସଂଖ୍ୟା
ତା ୩ ରଖ ମାହେ ଅଗଷ୍ଟ ସନ ୧୮୭୮ ମସିହା । ମୂ । ଶ୍ରାବଣ ୨୧ ନ ସନ ୧୨୮୫ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଁଇ ଡାକମାସୁଲ ଟ ୧୷୰

ଅମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ଯେ ଓଲାଉଠାରୋଗ ଏ ନଗରରେ ଅନେକ ଦିବସରୁ ଅଛି ମାତ୍ର ବାସ୍ତବରେ ତାହା ହୋଇନାହିଁ । ଏ ରୋଗ ଠିକ ପୂର୍ବପରି ନ ହେଉ ମାତ୍ର ବିଲକ୍ଷଣରୂପେ ପ୍ରବଳ ଅଛି ଓ ନିତ୍ୟ ୨ ଲୋକ ମରାପଡ଼ୁଅଛନ୍ତି । ତେବେ ଏ ରୋଗ ପ୍ରବଳ ହେଲେ ପୂର୍ବେ ଯେମନ୍ତ କାଳସୀ ଭଙ୍ଗ କରିବା ଓ ନଗର କୀର୍ତ୍ତନ ଇତ୍ୟାଦିର ବିଶେଷ ଚର୍ଚ୍ଚା ଥିଲା ଏବେ ସେପରି ନାହିଁ ବୋଧ ହୁଅଇ ତହିଁରୁ ଲୋକଙ୍କ ମନ ଛାଡିଗଲାଣି । ଗତ ସପ୍ତାହରେ ଦୁଇତିନି ସ୍ଥାନରେ ସପ୍ତାହ ଭାଗବତ ଓ ତଦୁପଲକ୍ଷରେ ସଂକୀର୍ତ୍ତନ ଇତ୍ୟାଦି ହୋଇଥିଲା ଅନ୍ୟ କୌଣସି ଦୈବୀ ଅନୁଷ୍ଠାନ ହୋଇ ନାହିଁ ।

---

ବିଲାତରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଗତମାସ ତା ୨୩ ରିଖରେ ଶ୍ରୀଯୁକ୍ତ ଗାଡଷ୍ଟୋନ ସାହେବ ହାଉସ ଅବକମନସରେ ଦେଶୀୟ ମୁଦ୍ରାଯନ୍ତ୍ର ଆଇନ ବିରୁଦ୍ଧରେ ଭାରତବର୍ଷରୁ ପ୍ରେରିତ ହୋଇଥିବା ଆବେଦନପତ୍ର ସମ୍ପର୍କରେ ଅପଣା ପ୍ରସ୍ତାବ ଆଗତ କରିଥିଲେ । ଅନେକ ତର୍କବିତର୍କ ହେଲାଉତ୍ତାରୁ ତାହାଙ୍କ ପ୍ରସ୍ତାବକୁ ୧୫୨ଜଣ ସଭ୍ୟ ଅନୁମୋଦନ କଲେ ମାତ୍ର ୨୦୮ ଜଣ ସଭ୍ୟ ତାହା ଅଗ୍ରାହ୍ୟ କଲେ ସୁତରାଂ ଉକ୍ତ ଦରଖାସ୍ତରେ କିଛି ଫଳ ହେଲା ନାହିଁ ଯାହା ହେଉ ଶ୍ରୀଯୁକ୍ତଗ୍ଲାଡଷ୍ଟୋନ ସାହେବ ଯେ ଅମ୍ଭମାନଙ୍କ ସକାଶେ କମନସ୍ ସଭାର ୩୬୦ ଜଣ ସଭ୍ୟଙ୍କୁ ଏକତ୍ରିତ କରି ପାରିଥିଲେ ଏବଂ ତହିଁମଧ୍ୟରୁ ୧୫୨ଜଣଦ୍ୱାରା ଅପଣା ମତ ସମର୍ଥନ କରିବାକୁ ପାରିଥିଲେ ବଡ ଧନ୍ୟବାଦର ବିଷୟ ଅଟଇ । ଗବର୍ଣ୍ଣମେଣ୍ଟଙ୍କ ହତ ତାଦୃଶ ନୁହଇ କେବଳ ୫୬ଟା ମତ ଅଧିକା ପାଇଥିଲେ

---

ସଂସ୍କୃତଭାଷା ଶିକ୍ଷାର ଉତ୍ସାହ ବର୍ଦ୍ଧନ ନିମିତ୍ତ ଗବର୍ଣ୍ଣମେଣ୍ଟ ଯେମନ୍ତ ଚତୁଷ୍ପାଠିର ଛାତ୍ରମାନଙ୍କୁ ଉପାଧି ଦେବାର ନିୟମ କଲେ ତହିଁ ସଙ୍ଗେ ୨ ମହାରାଜ ଯତୀନ୍ଦ୍ରମୋହନ ଠାକୁର ତହିଁର ସାହାଯ୍ୟ କରିବାକୁ ବାହାରିବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ମହାରାଜା ମାସକୁ ଟ ୮୯ ଙ୍କା ମୂଲ୍ୟର ଗୋଟିଏ ଛାତ୍ରବୃତ୍ତି ଏବଂ ଗୋଟିଏ ମେଡଲ୍ ଦେବା ପାଇଁ ସ୍ୱୀକୃତ ହୋଇ ଅଛନ୍ତି । ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କ ମଧ୍ୟରୁ ଏକଜଣକୁ ଏକବର୍ଷ ସକାଶେ ଉକ୍ତ ଛାତ୍ରବୃତ୍ତି ଦିଆ ଯିବ ଏବଂ ଅନ୍ୟ ଏକ ଜଣକୁ ମେଡଲଟି ଦିଆ ଯିବ । ଛାତ୍ରବୃତ୍ତି ମୃତ ମାନନୀୟ ପ୍ରସନ୍ନକୁମାର ଠାକୁରଙ୍କ ନାମରେ ସଂସ୍ଥାପିତ ହେବ ଏବଂ ମେଡଲଟି ମହାରାଜାଙ୍କର ପିତା ମୃତ ହରକୁମାର ଠାକୁରଙ୍କ ନାମରେ ପ୍ରଦତ୍ତ ହେବ । ମେଡଲଟି କି ଆକୃତିର ହେବ ଅମ୍ଭେମାନେ କହି ନପାରୁଁ ମାତ୍ର ଅମ୍ଭମାନଙ୍କ ବିବେଚନାରେ ତାହା ଗଡୁ କମ୍ପା ବାକ୍ସପରି ହେଲେ ଯେ ତାହାକୁ ପାଇବ ସେ ସହଜରେ ସଭାକୁ ପିନ୍ଧିଯିବ ଓ ତଦ୍ଦ୍ୱାରା ତାହାର ଗୌରବ ପ୍ରକାଶ ପାଇବ । ଅମ୍ଭେମାନେ ମହାରାଜାଙ୍କର ସୁବର୍ଣ୍ଣର ପୂର୍ବକ ବଦାନ୍ୟତା ପ୍ରକାଶ କରିବାର ଦେଖି ତାହାଙ୍କୁ ଧନ୍ୟବାଦ ଦେଉ ଅଛୁଁ ଏବଂ ଭରସା କରୁଁ ଯେ ଅନ୍ୟାନ୍ୟ ଧନାଢ୍ୟ ବ୍ୟକ୍ତିମାନେ ଏହି ପ୍ରକାରେ ଉତ୍ସାହ ଦେବାକୁ ପ୍ରବୃତ୍ତ ହେଲେ ସଂସ୍କୃତ ବିଦ୍ୟାର ଅନେକ ଉନ୍ନତି ହେବ । ଗଡଜାତର ରାଜାମାନେ ବିବେଚନା ଶୂନ୍ୟ ହୋଇ ଅନେକ ସମୟରେ ଆପଣା ଆଶ୍ରିତ ସାମାନ୍ୟ ପଣ୍ଡିତଙ୍କୁ ଗଡୁ କୋଳ ବା ମକରକୁଣ୍ଡଳୀ ଦେଇ ସମ୍ମାନ କର ଥାନ୍ତି । ଯେବେ ସେମାନେ ଏଣିକି ନିୟମ କରିବେ ଯେ ପରୀକ୍ଷୋତ୍ତୀର୍ଣ୍ଣ ନ ହେଲେ ସେ ପ୍ରକାର ସମ୍ମାନସୂଚକ ଦ୍ରବ୍ୟମାନ କାହାରିକୁ ଦିଆ ଯିବ ନାହିଁ । ତେବେ ଅଧିକା ବ୍ୟୟବିନା ସେମାନେ ସଂସ୍କୃତ ଭାଷାରେ ଯଥାର୍ଥ ଯୋଗ୍ୟତା ଲାଭ କରିବା ବିଷୟରେ ସୁନ୍ଦର ରୂପେ ସାହାଯ୍ୟ କରିବେ ।

---

ଅମ୍ଭେମାନେ ଜନରବ ଶୁଣୁଅଛୁଁ ଯେ ଲାଇସେନ୍ସ ଟାକ୍ସ ସର୍କଲ ଅଫିସରଙ୍କ ମଧ୍ୟରୁ ବାବୁ କେଶବାନନ୍ଦ ମହାପାତ୍ର ଇଂରାଜୀ ଜାଣି ନ ଥିବାରୁ ତାହାଙ୍କ ସ୍ଥାନରେ ଜଣେ ଇଂରାଜୀ ଜାଣିବା ବ୍ୟକ୍ତି ନିଯୁକ୍ତ ହେବାର ପ୍ରୟୋଜନ ହୋଇଅଛି ମାତ୍ର କଲେକ୍ଟର ସାହେବ ଏଠାରେ ସେପରି ବ୍ୟକ୍ତି ନ ପାଇବାରୁ ମେଦିନୀପୁରଠାରୁ ଜଣେ ସର୍କଲ ଅଫିସର ଅଣାଇବାର

Split by PDF Splitter
Digitized by srujanika@gmail.com

Split by PDF Splitter



ବନ୍ଦୋବସ୍ତ କରୁଅଛନ୍ତି । ସେଦିନ ଗ୍ରାପ୍ତ କଉନ ସାହେବ ଏଠା ଲୋକଙ୍କ ଭିତରେ ଧୂଳ ଦେଇ ମେଦନୀପୁରରୁ କେତେକ ଜଣ ଅମିନ ଓ ଅମଲା ଅଣାଇଲେ ବର୍ତ୍ତମାନ ପୁଣି ସରକାର ଅଫିସର ସେଷ୍ଟଠାରୁ ଅଣାଉ ଅଛନ୍ତି ଏଥିରୁ ବୋଧ ହୁଅଇ ସାହେବ ମେଦନୀପୁରରେ ଥିଲେ ବୋଲି ସେ ଦେଶର ମାୟା ଛଡୁ ନାହାନ୍ତି । ଏପରି ହେଲେ ଅମ୍ଭେମାନେ କାହାର ହେବୁଁ । ଯେ ହାକିମ ଯେତେବେଳେ ଯେଉଁ ଜିଲ୍ଲାରେ ଅବସ୍ଥିତ କରନ୍ତି ସେ ଜିଲ୍ଲା ପ୍ରତି ମାୟା କଲେସିନା ମଙ୍ଗଳ ହେବ ଯେବେ ଅପର ଜିଲ୍ଲା ପ୍ରତି ସ୍ନେହ ରହଇ ତେବେ ସେଠାରେ ନରହ ଏଠାକୁ ଆସିବାରତ ଭଲ ହେଲା ନାହିଁ ସାହେବ ଅବା ଏମନ୍ତ ଅନୁମାନ କରି ଥିବେ ଯେ ଏଜିଲ୍ଲାରେ ଆଉ ଯୋଗ୍ୟ ଲୋକ ନାହାନ୍ତି ଯେତେ ଥିଲେ ସମସ୍ତଙ୍କୁ ବାଛି ନେଇ ଅଛନ୍ତି ମାତ୍ର ଏକଥା ଅମ୍ଭେମାନେ ସ୍ୱୀକାର କରି ନ ପାରୁଁ । ଆମ୍ଭମାନଙ୍କ ବିବେଚନାରେ ଅନ୍ତର ଯୋଗ୍ୟ ଲୋକ ଅଛନ୍ତି କିନ୍ତୁ ସାହେବ ସେମାନଙ୍କୁ ଖୋଜି ନେବାର ଚେଷ୍ଟା କରୁ ନାହାନ୍ତି । ତାହାଙ୍କ କାର୍ଯ୍ୟରୁ ଜଣାଯାଏ ଯେ ଆପଣା କଚେରି ବାହାରେ ତାହାଙ୍କର ଦୃଷ୍ଟି ପଡଇ ନାହିଁ । ଯାହାଙ୍କୁ କଚେରିରେ ଦେଖିଲେ ତାହାଙ୍କୁ କର୍ମ ଦେଲେ ଯହିଁ ମନେ ବୁଝିଲେ ଯେ ଆଉ କେହି କଚେରିରେ ନାହାନ୍ତି ଅଥବା ଥିଲେ ଛଡି ନ ପାରନ୍ତି ତହିଁ ଜିଲ୍ଲାର ଅନ୍ୟାନ୍ୟ ବିଗଲୁ ନ ରହିଁ ଯାହାଙ୍କୁ ମେଦନୀପୁରରେ ଦେଖି ଥିଲେ ତାହାଙ୍କ ଆଡକୁ ଦୃଷ୍ଟିଗଲା । ଅମ୍ଭେମାନେ ଗ୍ରାପ୍ତ କଉନ ସାହେବଙ୍କୁ ଦୃଢରୂପେ ଅନୁରୋଧ କରୁଅଛୁଁ ଯେ ଏ ଜିଲ୍ଲା ପ୍ରତି ଭଲ କରି ଦୃଷ୍ଟି କରନ୍ତୁ ଆଉ ଏ ଦାରୁଣ କାଳମହାର୍ଘ ସମୟରେ ପରଲୋକଙ୍କୁ ଉପାସରେ ମାରି ପରକୁ ଗୁଅନ୍ତୁନା ।

---

ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ଓ ରୋଗ ।

ସ୍ଥାନାନ୍ତରେ ପାଠକମାନେ ଖଣ୍ଡିଏ ଇଂରାଜୀ ପ୍ରେରିତ ପତ୍ର ଦେଖିବେ । ତହିଁରେ ଲେଖାଅଛି କି ଭଲ ବୃଷ୍ଟି ହେଲେ ଓଲାଉଠାରୋଗ ଅବଶ୍ୟ ହେବାର ଅମ୍ଭେମାନେ ଯାହା ଲେଖିଥିଲୁଁ ଏଥିରୁ ଅତ୍ୟନ୍ତ ଶୀଘ୍ର ଏ ରୋଗର ଏକମାତ୍ର କାରଣ ନୁହେ ତହିଁର ଅନ୍ୟ ଏକ ପ୍ରଧାନ କାରଣ ଅଛି ତାହା ଏହି ଯେ ଖାଦ୍ୟ ଦ୍ରବ୍ୟର ଅଭାବ । ଅମ୍ଭେମାନେ ତାକ୍ତର ନୋହୁଁ ସୁତରାଂ ଏମନ୍ତ ଉପଯୁକ୍ତ ସମାଲୋଚନା କରି ନ ପାରୁଁ କିନ୍ତୁ ସାମାନ୍ୟ ବୁଦ୍ଧିରେ ବୋଧ ହେଉଅଛି ଯେ ଏହା ନିତାନ୍ତ ଅଯୌକ୍ତିକ ନୁହଇ । ଦୁର୍ଭିକ୍ଷ ସମୟରେ ଓଲାଉଠା ଓ ଅନ୍ୟାନ୍ୟ ପେଟର ରୋଗ ପ୍ରବଳ ହେବାର ଦେଖା ଯାଇଅଛି ଓ ବର୍ତ୍ତମାନ ଯେ ସମୟ ଉପସ୍ଥିତ ହୋଇଅଛି ଏହାକୁ ପ୍ରକୃତ ଦୁର୍ଭିକ୍ଷ ବୋଲିବା ଉଚିତ କିନା ଏଥିରେ କେହି ସନ୍ଦେହାନ ହେଲେହେଁ ଅନାୟାସରେ ଏମନ୍ତ ବୋଲା ଯାଇପାରେ ଯେ ଅଧିକାଂଶ ଲୋକଙ୍କ ପ୍ରତି ଏ ସମୟଟି ଦୁର୍ଭିକ୍ଷ ତୁଲ୍ୟ ହୋଇଅଛି । ଦୁର୍ଭିକ୍ଷ ସମୟରେ କେବଳ ଚାଉଳ ଓ ରବି ଦୁର୍ମୂଲ୍ୟ ହୋଇଥିଲା ଅଛିକାଳି ଚାଉଳ ଓ ରବିସଙ୍ଗେ ଲୁଣ ତେଲ ଘିଅ ମସଲା ପରିବା ସହିତ ସବୁ ଦୁର୍ମୂଲ୍ୟ । ପଇସା ଦେଇ କିଣିବାକୁ ସବୁ ଦ୍ରବ୍ୟ ମିଳୁଅଛି ବୋଲି ହାକିମମାନେ ଲୋକଙ୍କର କପରିମାଣରେ କଷ୍ଟ ହେଉଅଛି ବୁଝି ପାରୁ ନାହାନ୍ତି ମାତ୍ର ଦୁଃଖୀମାନେ ଏତେ ପଇସା କେଉଁଠାରୁ ଆଣିବେ ଯେ ପ୍ରୟୋଜନାନୁରୂପ ଖାଦ୍ୟଦ୍ରବ୍ୟ କିଣି ଖାଇବେ । ସୁତରାଂ ଅନେକ ଲୋକ ଏକ ଓଳି ଖାଇଲେ ଏକଓଳି ଉପବାସ ରହୁ ଅଛନ୍ତି ଓ ଆଉ କେତେ ଲୋକ ଦୁଇଓଳି ଖାଇବାକୁ ପାଇଲେ ସୁଦ୍ଧା ଉପଯୁକ୍ତ ପ୍ରକାର ଖାଦ୍ୟ ପାଉନାହାନ୍ତି । ପେଟ ବିକଳରେ ଯାହା ତାହା ଭୋଜନ କରିବାକୁ ପୀଡିତ ହେଉଅଛନ୍ତି । ଉଦାହରଣ ସ୍ୱରୂପ ବୋଲାଯାଇ ପାରେ ଯେ ଆଜି କାଲି ବଜାରକୁ କସ୍ତୁର ଫୁଟି ଆସୁଅଛି ଓ ତାହା ଅନ୍ୟାନ୍ୟ ଦ୍ରବ୍ୟାପେକ୍ଷା ସୁଲଭ ହୋଇଅଛି । ଫୁଟି ଅତ୍ୟନ୍ତ ଗରିଷ୍ଠ ଏହା ସମସ୍ତେ ଜାଣନ୍ତି ଓ ସୁକାଳରେ ତଦ୍ୱାରା କେହି ଉଦର ପୂର୍ତ୍ତି କରିବାକୁ ମନ ନ ବଳାଇ ଗୋଟାଏ ସାମୟିକ ଫଳ ବୋଲି ଖବା କଦାଚ ନ୍ୟୂନାଧିକ ସେବା କରନ୍ତି ମାତ୍ର ବର୍ତ୍ତମାନ ତାହା ଅନେକ ଲୋକଙ୍କର ଖାଦ୍ୟ ହୋଇଅଛି । ଏପ୍ରକାର ଖାଦ୍ୟରେ ରୋଗ ହେବାର କିଛି କି ଅଛି? ଏପରି ଏହା ଚାଉଳ ସବୁ ପଇସା ଟାଣି ନେବାରୁ ଉପଯୁକ୍ତ ପରିମାଣରେ ଲୁଣ ମସଲା ପ୍ରଭୃତି ଅନେକ ଲୋକ ପାଉ ନାହାନ୍ତି ଏଯୋଗୁଁ ମଧ୍ୟ ଯାହା ଭୋଜନ କରୁଅଛନ୍ତି ତାହା ଯଥାର୍ଥରୂପେ ପାକ ନ ପାଇବାରୁ ରୋଗ ହେବା ଆଶ୍ଚର୍ଯ୍ୟ ନୁହଇ । ଏହିପ୍ରକାରେ ଅମ୍ଭେମାନେ ବିବେଚନା କରି ଦେଖୁଅଛୁଁ ଯେ ପତ୍ର ପ୍ରେରକଙ୍କର ଲେଖା ନିତାନ୍ତ ଅମୂଳକ ନୁହଇ ତହିଁରେ ଅନେକ ସତ୍ୟ ଅଛି । କିନ୍ତୁ ଏଥିର ଉପାୟ କଅଣ? ଏଥିର ସଦୁତ୍ତର ଦେବା ବଡ କଠିନ ବ୍ୟାପାର ଓ ଅମ୍ଭେମାନେ ସେଥିପ୍ରକ୍ଷରେ ସାହସ କରିବାକୁ ଅସମର୍ଥ । ଅମ୍ଭେମାନେ କେବଳ ପ୍ରକୃତ ଅବସ୍ଥା ସର୍ବସାଧାରଣ ଏବଂ କର୍ତ୍ତୃପକ୍ଷଙ୍କ ଗୋଚରରେ ଆଣିବା କାରଣ ଏସମସ୍ତ କଥା ଲେଖିଲୁଁ ଯାହାଙ୍କ ଉପରେ ପ୍ରଜାଙ୍କ ରକ୍ଷାର ଭାର ଅଛି ଈଶ୍ୱର ଅବଶ୍ୟ ସେମାନଙ୍କୁ ତଦନୁରୂପ ବୁଦ୍ଧି ଦେଇଛନ୍ତି ସେମାନେ ସ୍ଥିର ଚିତ୍ତରେ ପ୍ରଜାଙ୍କ ଦୁଃଖକୁ ଭାଳିଲେ ଅବଶ୍ୟ ଉପଯୁକ୍ତ ପ୍ରତୀକାର ବାହାର କରି ପାରିବେ ।

---

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏଠାରେ ବୃଷ୍ଟି ହୋଇ ନାହିଁ ଏମନ୍ତ ବୋଲା ଯାଇ ନ ପାରେ ମେଘ ଗର୍ଜି ନାହିଁ କିମ୍ବା ଦୁଇ ଘେରଅଛା ପାଣି ପକାଇବାର କଥ ନାହିଁ । ଅତି ସାମାନ୍ୟରୂପ ଜଣା କଟି ହୋଇଥିବା କିନ୍ତୁ ଦୁଇକୂଳର ବାଲି ବୁଡିବା ପୂର୍ବ ଏକା ଦନରେ ଛଡି ଗଲା । ଏଥିରୁ ଜଣାଯାଏ ଯେ ନଦୀ ମୂଣ୍ଡରେ ଶୁଦ୍ଧା ଭଲବୃଷ୍ଟି ହୋଇ ନାହିଁ ।

ଯାଜପୁରର ଢାନଗୋଇମାନଙ୍କ ଗତହପ୍ତାହ ରିପୋର୍ଟରୁ ଜଣାଯାଏ ଯେ ପ୍ରାୟ ଯାଜପୁରର ସମସ୍ତ ପ୍ରଗନାରେ ଉଣା ଅଧିକ ବୃଷ୍ଟି ହୋଇଥିବାରୁ ଫସଲର ଅବସ୍ଥା ଉତ୍ତମ ଅଛି ଏପର୍ଯ୍ୟନ୍ତ କିଛି ଅନିଷ୍ଟ ହୋଇନାହିଁ କେବଳ ପଛ ବର୍ଷାହେତୁ ବିଆଲୀଧାନ କେତେଅଂଶରେ କ୍ଷତ ହୋଇଅଛି ।

ଗତ ସପ୍ତାହର ବୃଷ୍ଟି ବଙ୍ଗଳାର ଚତୁର୍ଦ୍ଦିଗରେ ଉତ୍ତମ ପରିମାଣରେ ହୋଇଅଛି ଏବଂ ଇଲିୟଟ ସାହେବ ବୋଲନ୍ତି କି ଯେଉଁ ସ୍ଥାନରେ ବୃଷ୍ଟିର ଆବଶ୍ୟକ ପରିମାଣ ଉଣା ଥିଲା ତାହା ଏହାଦ୍ୱାରା ପୂର୍ତ୍ତି ହୋଇଅଛି । କଟକ ଜିଲ୍ଲାରେ କଣ୍ଟିଘରଠାରେ ୨ ଇଞ୍ଚ ଓ ଏ ନଗରରେ ଏକଇଞ୍ଚ ବୃଷ୍ଟି ହୋଇଥିଲା । ଭାରତବର୍ଷର ସର୍ବତ୍ରରେ ଏ ବୃଷ୍ଟି ହୋଇଅଛି କେବଳ ପରିମାଣରେ ତାରତମ୍ୟ ପଡିଅଛି ଓ ପଞ୍ଜାବରେ ଯାହା ଅଭାବ ଥିଲା ସମ୍ପ୍ରତି ପୂର୍ତ୍ତି ହୋଇଅଛି ।

ଗତ ଜୁନମାସ ଶେଷ ପର୍ଯ୍ୟନ୍ତ ମା ୩୭୧୦୯ ଟଙ୍କା ଜମି ସରକାରେ ନାଲରୁ ଜଳ ନେବାର କବୁଲିୟତ୍ ହୋଇଥିଲା । ଗତ ବର୍ଷ ଏହି ସମୟ ପର୍ଯ୍ୟନ୍ତ କେବଳ ମା ୧୪୭୬୮ ଏକର କବୁଲିୟତ୍

Digitized by srujanika@gmail.com

ହୋଇଥିଲା । ଏ ବର୍ଷର କବୁଲିୟତି ସବୁ ବନ୍ଦୋବସ୍ତି ଅଟଇ । କେନ୍ଦ୍ରାପଡ଼ା କେନାଲ ଏଲାକାରେ ସର୍ବାପେକ୍ଷା ଅଧିକ କବୁଲିୟତି ହୋଇଅଛି ।

ମୋଜାମ୍ବିକରେ ଆଫୁଫସଲ ସଫଳ ହୋଇଅଛି । କଥିତ ହୁଅଇ ଯେ ସେଠାରେ ଉତ୍ତମ ଗଛ ହୋଇଅଛି ଏବଂ ଭାରତବର୍ଷ ଅପେକ୍ଷା ବଡ଼ ଫଳ ହୋଇଅଛି । ଭାରତବର୍ଷର ଆଫୁ ବ୍ୟବସାୟ ପକ୍ଷରେ ଏ ସମ୍ବାଦଟି ଭଲ ନୁହଇ ।

ଲାଇସେନ୍ସ ଟାକ୍ସ ଦରଖାସ୍ତର ଷ୍ଟାମ୍ପଫିସ ଗବର୍ଣ୍ଣମେଣ୍ଟ ଛାଡ଼ିଦେଇ ଗଣା କରି ଏକ ଅଣାରେ ରଖିଅଛନ୍ତି ।

ବମ୍ବେଇର ବିଖ୍ୟାତ ମହାଜନ ସର ଜବାସଜୀ ଯାହାଙ୍ଗିର ରେଡ଼ିମନିଙ୍କର ମୃତ୍ୟୁ ହୋଇଅଛି ବଡ଼ ଦୁଃଖର ବିଷୟ ଅଟଇ । ଏ ମହାତ୍ମା ପ୍ରାୟ ପାଞ୍ଚଲକ୍ଷ ଟଙ୍କା ସାଧାରଣ ହିତ କାର୍ଯ୍ୟରେ ଦାନ କରିଥିଲେ ଏବଂ ଏହାଙ୍କର ପୁତ୍ର ନ ହେବାରୁ ଆପଣାର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ସର୍ବସାଧାରଣଙ୍କୁ କରି ଗଲେ । ଏତେ ପ୍ରଶସ୍ତ ଓ ଉଦାର ଅନ୍ତଃକରଣ ଅତି ବିରଳ ଅଟଇ ।

୧ । ସୁଲଭସମାଚାର ଲେଖିଅଛନ୍ତି ଯେ । ଜଣେ ଅମେରିକାର କାରିଗର ପ୍ୟାରି ଏକ୍ଜିବିସନକୁ ଗୋଟିଏ ଅତି ଆଶ୍ଚର୍ଯ୍ୟ ଘଡ଼ି ପଠାଇ ଅଛନ୍ତି । ପ୍ରତିଥର ଘଣ୍ଟାବାଜିବାର ଛଅମିନିଟ ପୂର୍ବେ ଭିତରରୁ ଗୋଟିଏ ଅର୍ଗିନରେ ପରମାର୍ଥବିଷୟକ ଗୋଟିଏ ଗୀତ ବାଜଇ । ତହିଁ ଉତ୍ତାରୁ କେତେଗୁଡ଼ିଏ ଘଣ୍ଟା ବାଜଉଠେ ଏବଂ ଘଡ଼ି ବାଜିବା ସମୟରେ ହଠାତ୍ ଗୋଟିଏ ଦ୍ୱାର ଫିଟିଯାଏ ଏବଂ ତହିଁ ମଧ୍ୟରୁ ଈଶାଙ୍କର ମୂର୍ତ୍ତି ଗୋଟିଏ ବାହାର ହୁଏ । ତହିଁ ବାଦ ଆଉ ଦୁଇଟି ଦ୍ୱାର ଫିଟଇ ତାହା ଭିତରୁ ଈଶାଙ୍କର ବାରଜଣ ଶିଷ୍ୟଙ୍କର ମୂର୍ତ୍ତି ଗୋଟିଏ୨ ହୋଇ ବାହାରପଡ଼େ ସେମାନେ ଯେତେବେଳେ ଶ୍ରେଣୀବଦ୍ଧ ହୋଇ ଈଶାଙ୍କ ନିକଟ ଦେଇ ଗମନ କରନ୍ତି ଈଶା ମସ୍ତକ ଅବନତ କରନ୍ତି । କ୍ରମେ ସେମାନେ ଗୋଟିଏ୨ ହୋଇ ଏକ ଘରେ ପଶନ୍ତି । ପିତରଙ୍କର ମୂର୍ତ୍ତି ଯେତେବେଳେ ନିକଟ ବର୍ତ୍ତୀ ହୁଏ ତେତେବେଳେ ଶୟତାନ ନିକଟସ୍ଥ ଗୋଟିଏ ଝରକାବାଟେ ଦେଖି ତାଙ୍କୁ ପ୍ରଲୋଭନରେ ପକାଏ । ପାଞ୍ଚଥର ଶୟତାନ ଦେଖାଯାଏ ଏବଂ ପିଟର ଯିବା ସମୟରେ ଈଶାଙ୍କୁ ଅସ୍ୱୀକାର କରେ, ତତ୍କ୍ଷଣାତ୍ ଗୋଟିଏ ମୁରଗୀ ଡେଣାଝାଡ଼ି ବାହାରି ପଡ଼ି ବୋବାଇ ଉଠେ । ଏହି ସମୟରେ ଯୁଡାସ୍ ଇସ୍କେରିୟଟ ବାହାର ହୁଏ, ଶୟତାନ ଦ୍ୱାରାରୁ ଓହ୍ଲାଇ ଯୁଡାସର ପଛରେ ଯାଏ । ଏହି ସମସ୍ତ ବ୍ୟାପାରର ଶେଷଭାଗରେ ଈଶା ଏବଂ ମେରିଙ୍କର ମୂର୍ତ୍ତି ଏକାବେଳକେ ଦେଖାଯାଏ, ସେମାନେ ଚାଲିଗଲେ ଦ୍ୱାରଗୁଡ଼ିକ ବନ୍ଦ ହୋଇ ଯାଏ । ଯେତେଗୁଡ଼ିଏ ମୂର୍ତ୍ତି ବାହାରହୁଏ ସବୁଗୁଡ଼ିକ ପ୍ରାୟ ନଅଇଞ୍ଚ ଉଚ୍ଚ । ଘଡ଼ିର ଡାଏଲ କାଚଖଣ୍ଡିର ବ୍ୟାସ ୧୩ ଇଞ୍ଚ ହେବ । ସେଥିରେ ବାଲ୍ୟାବସ୍ଥା, ଯୌବନାବସ୍ଥା, ବୃଦ୍ଧାବସ୍ଥା ସମୟର ପ୍ରତିମୂର୍ତ୍ତି ଅଙ୍କା ଯାଇଅଛି । ତିଥି, ଋତୁ, ମାସର ତାରିଖ, ଘଣ୍ଟା, ମିନିଟ ଓ ସେକେଣ୍ଡ ପ୍ରଭୃତି ସୂଚିତ ହୁଏ । ବୁଧ, ବୃହସ୍ପତି, ମାସର ତାରିଖ, ଯୁଆର, ଭଟ୍ଟାର ସମୟ ଏବଂ ଗ୍ରହର ଚନ୍ଦ୍ର ସେଥିରେ ଦେଖାଯାଏ । ସବୁଉପରେ ଜଣେ ଅସ୍ତ୍ରଧାରୀ ପ୍ରହରୀ ଟହଲୁଥାଏ । ଏହି ଆଶ୍ଚର୍ଯ୍ୟ ଘଡ଼ିଟି ପ୍ରସ୍ତୁତ କରିବାକୁ ପ୍ରାୟ ୨୦ ବର୍ଷ ଲାଗି ଅଛି ।

୨ । ଜର୍ମ୍ମାନିର ଏକ ସମ୍ବାଦପତ୍ରରେ ଦୁଗ୍ଧ ପରୀକ୍ଷାର ଗୋଟିଏ ସହଜ ଉପାୟ ଏହିପରି ଲିଖିତ ଅଛି ଯେ ଗୋଟିଏ ଉତ୍ତମ ପାଲିସ ହୋଇଥିବା ଛୁଞ୍ଚି ଏକ ଦୁଗ୍ଧପୂର୍ଣ୍ଣ ପାତ୍ରରେ ବୁଡ଼ାଇ ତୋଳି ଧରିଲେ ଯେବେ ଦୁଗ୍ଧ ନିର୍ମଳ ଥିବ ତେବେ ଏକ ଟୋପା ଦୁଗ୍ଧ ଛୁଞ୍ଚି ଅଗରେ ଝୁଲିବ କିନ୍ତୁ ଏଥିରେ ଯେବେ ଟିକିଏ ପାଣି ଥିବ ଏକ ବିନ୍ଦୁ ସୁଦ୍ଧା ଛୁଞ୍ଚି ଅଗରେ ରହିବ ନାହିଁ ।

୩ । ମଧ୍ୟତ ବେମ୍ବାଇ ପ୍ରଦେଶରେ ନାରଦ ନାମକ ସ୍ଥାନର ଏକ ଦେବମନ୍ଦିରର ଗୋସ୍ୱାମୀଦ୍ୱାରା ଗୋଟିଏ ଭୟାନକ ନରହତ୍ୟା ହୋଇଅଛି । କେତେ ଗୁଡ଼ିଏ ବାଳକ ଏହି ଦେବମନ୍ଦିର ନିକଟରେ ଖେଳୁ ଥିଲେ ଗୋସ୍ୱାମୀ ସେମାନଙ୍କୁ ପ୍ରଦୀପ ଜାଳିବାକୁ କହିଲେ ପିଲାମାନେ କହିଲେ ବର୍ତ୍ତମାନ ସନ୍ଧ୍ୟାର ବିଳମ୍ବ ଅଛି ଦୀପ ଜାଳିବାର ସମୟ ହୋଇ ନାହିଁ ଏହି କଥାରେ ମହନ୍ତର କ୍ରୋଧ ଜଳି ଉଠିଲା ସେ ବାଳକମାନଙ୍କ ନେତାକୁ ଧରି ତାହାର ଶରୀରର ଛାଲ ଉଧାଡ଼ିବାକୁ ଲାଗିଲା ଏବଂ ତାହାର ପେଟକୁ କାଟି ଅନ୍ତ ନାଡ଼ୀ ବାହାର କରି ରେଚମୀ ଖାଇବାକୁ ଲାଗିଲା । ଏହି ହତ୍ୟାକାରୀର ବିଚାର ଉପସ୍ଥିତ ଜଜ ଶ୍ରୀଯୁକ୍ତ ବାବୁ ସତ୍ୟେନ୍ଦ୍ରନାଥ ଠାକୁରଙ୍କ ନିକଟରେ ହୋଇଥିଲା । ପରିଶେଷରେ ଗୋସ୍ୱାମୀ କହିଲା ଯେ ପିଲାଗୁଡ଼ାକ ଠାକୁରଙ୍କ ଶତ୍ରୁ ଥିଲେ ଠାକୁରଙ୍କ ହୁକୁମରୁ ମାରି ଅଛି । ସତ୍ୟେନ୍ଦ୍ର ବାବୁ କି କାରଣରୁ ଗୋସ୍ୱାମୀଙ୍କୁ ବନା ଦଣ୍ଡରେ ଛାଡ଼ିଦେଇ ଅଛନ୍ତି ବୋଲି ଯାଇ ନ ପାରେ । ଏଥିପାଇଁ ବମ୍ବାଇର ଲୋକମାନେ ତାଙ୍କ ଉପରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଅଛନ୍ତି ।

ସୁରଟରେ ନୂତନ ଲାଇସେନ୍ସ ଟାକ୍ସ ଘଟିତ ବିଦ୍ରୋହ ଉପସ୍ଥିତ ହେବାରେ ଗବର୍ଣ୍ଣମେଣ୍ଟ ସେଠାରେ ଶାନ୍ତିରକ୍ଷା ନିମିତ୍ତ ଜ ୧୧୦ ଣ ଅତିରିକ୍ତ ପୁଲିସ ନିଯୁକ୍ତ କରଅଛନ୍ତି ଏବଂ ଷ୍ଟେଟ ସେକ୍ରେଟରୀ ତାହା ମଞ୍ଜୁର କରଅଛନ୍ତି । ଏ ପୁଲିସର ଖର୍ଚ୍ଚା ସୁରଟବାସିଙ୍କୁ ଦେଣ ପଡ଼ିବ କି ?

କେହି୨ ବଡ଼ଲୋକ ଇଂଲଣ୍ଡଠାରୁ ଭାରତବର୍ଷକୁ ଆସିବାର ଗୋଟିଏ ନୂତନ ବାଟ ଫିଟାଇବାର ପ୍ରସ୍ତାବ କରୁଅଛନ୍ତି । ଏ ବାଟରେ ୧୫ ଦିନ ମଧ୍ୟରେ ଇଂଲଣ୍ଡ ଓ ଭାରତବର୍ଷ ମଧ୍ୟରେ ଯାତାୟାତ ହୋଇପାରିବ । ପାରସ୍ୟ ଉପସାଗର ଭିତର ଦେଇ ଏ ବାଟ ହେବ ଓ ସିରିୟା ଓ ଆସିୟାଷ୍ଟ ତୁରସ୍କର କେତେକ ଅଂଶ ଦେଇ ରେଲବାଟ ଯିବ । ସାଇପ୍ରସଦ୍ୱୀପ ଇଂଲଣ୍ଡର ଅଧିକାରରେ ଆସିବାରୁ ଏ ବାଟ ଇଂରାଜଙ୍କ ପକ୍ଷରେ ବଡ଼ ସହଜ ହେବ ।

---

## ପ୍ରେରିତପତ୍ର ।

---

ସମ୍ପାଦକ ମହାଶୟ !

କଟକ କଲେଜର ଛାତ୍ରମାନେ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବଙ୍କ ନିକଟରେ ଯେଉଁ ଆବେଦନ କରିଥିଲେ ତହିଁର କୌଣସି ଉତ୍ତର ନ ଆସିବାରୁ ଅଧ୍ୟକ୍ଷ ସାହେବ ଆଜକାଲି ଅନେକ ପ୍ରକାର ଉପାୟମାନ ଅବଲମ୍ବନ କରି ବସିଅଛନ୍ତି । ଆବେଦନ ପତ୍ର ପ୍ରେରଣ ହେବା ପର ପାଞ୍ଚ ଦିନ ଉତ୍ତାରୁ ଉକ୍ତ କଥା ଏଠାରେ ପ୍ରଚାର ହୁଏ । କର୍ଣ୍ଣଗୋଚର ମାତ୍ରକେ ସାହେବ ଓ ତାଙ୍କର କେତେକ ସହକାରୀ ଅଧ୍ୟାପକମାନଙ୍କର ଶିରୋବେଦନା ଉପସ୍ଥିତ ହୁଏ । ଶୁଣାଯାଏ ଯେ ସାହେବ ତତ୍କ୍ଷଣାତ୍ ଡାଇରେକ୍ଟରଙ୍କ ନିକଟକୁ ଟେଲିଗ୍ରାଫ କରି ଅଛନ୍ତି । ଏଥିଉତ୍ତାରେ କେହି୨ ଅଧ୍ୟାପକଙ୍କ ଉଦ୍ୟମରେ ଛାତ୍ରମାନଙ୍କ ମଧ୍ୟରୁ କେହି ଲୋହିତବର୍ଣ୍ଣ ଚକ୍ଷୁ ପ୍ରଭାବରେ ହେଉ, କେହି ମିଷ୍ଟ ବାକ୍ୟରେ ହେଉ, କେହିବା ବୃତ୍ତି ପାଇବା ଆଶାରେ ହେଉ ଶୁଣାଯାଏ ଯେ ପୂର୍ବୋକ୍ତ ଆବେଦନ ପତ୍ରରୁ ନାମ କର୍ତ୍ତନ କରିବା ସକାଶେ ଖଣ୍ଡିଏ ପୁନରାବେଦନ ପତ୍ରରେ ସ୍ୱାକ୍ଷର କରି ଦେଇ ଅଛନ୍ତି । ଯେମାନେ ଏପରି ସ୍ୱାକ୍ଷର କରି ଦେଇଅଛନ୍ତି ବୋଧହୁଏ ସେମାନଙ୍କର ଓଜର ଏହି ଯେ ଅଧ୍ୟକ୍ଷଙ୍କ ବିଷୟରେ କୌଣସି ବିଚାର ନ କରି ହଠାତ୍ ସେ

ମାନେ ଏକ ଆବେଦନ ପତ୍ର ସ୍ୱାକ୍ଷର କରି ପଠାଇ ଥିଲେ ବର୍ତ୍ତମାନ ଆପଣାର ଭ୍ରମ ସଂଶୋଧନାର୍ଥ ଅନ୍ୟ ଏକ ଆବେଦନ କରୁ ଅଛନ୍ତି ।

ଶ୍ରୀଯୁକ୍ତ ସାହେବ ମଜକୁର ଛାତ୍ରମାନଙ୍କ ଠାରୁ କେତେକ ଦୈନିକ ରଚନା କାଗଜ ଇତ୍ୟାଦି ସଞ୍ଚୟ କରି ଅନ୍ୟାନ୍ୟ କେତେକ ଉପାୟ ଉଦ୍ଭାବନ ପୂର୍ବକ ଡାଇରେକ୍ଟରଙ୍କ ପତ୍ରିକା ପୂର୍ବରୁ ଏକ କଇଫିୟତ୍ ଦେଇ ସେ ଅଛନ୍ତି । ଚତୁର୍ଥ ବାର୍ଷିକ ଶ୍ରେଣୀର ଛାତ୍ରମାନେ ରଚନା କାଗଜ ମାଗିବାରେ କହୁଲେ ଯେ "ଅମ୍ଭେ ଉକ୍ତ କାଗଜ ସବୁ କଲିକତା ପଠାଇ ଅଛୁଁ ଫେରି ଆସିଲେ ପାଇବ"। ମହାଶୟ ! ଆପଣଙ୍କ ଉପରେ ଏହିପରି ଗୃର୍ଯ୍ୟ ଆସିଥିଲେ ଆପଣ କଣ ଉପର ଲେଖିତ ମତେ ଆପଣାର ପ୍ରତୀକାର କରି ବସି ଥାନ୍ତେ ?

କେହି୨ କହନ୍ତି ଛାତ୍ରମାନେ କୌଣସି ବିଦ୍ୱେଷ ଭାବରେ ତାଙ୍କ ବିପକ୍ଷ ହୋଇ ଅଛନ୍ତି କିନ୍ତୁ ଆମ୍ଭ ଜାଣିବାରେ ତାହା ସମ୍ପୂର୍ଣ୍ଣ ଭୁଲ ଅଟେ । ସେମାନେ ଯେଉଁମାନେ ଆପଣା ବଳ ଓ ବୟସ ହ୍ରାସ କଲେ ଏବଂ ସମୁଦାୟ ଅପରାପର ଆଶା ତ୍ୟାଗ କରି ଏକମନା ହୋଇ ବସିଲେ ସେହି କାର୍ଯ୍ୟଟି ଯଦି ସଫଳ ନ ହେଲା ତେବେ ସେମାନଙ୍କ ତହିଁର ପ୍ରତୀକାର ଚିନ୍ତା କରି ବାକୁ କିଏ ମନା କରି ପାରେ ? ସେମାନଙ୍କ ଦୁଃଖାଗ୍ନି ଅନେକ ଦିନୁ ହୃଦୟ ମଧ୍ୟରେ ଲୁଚି ଥିଲା ଏବେ ପ୍ରଚଣ୍ଡ ଶିଖାରେ ପ୍ରଜ୍ୱଳିତ ହୋଇ ଉଠିଅଛି । ସ୍ୱଭାବକ ଯାହା ତାହା କିଏ ବନ୍ଦ କରି ପାରେ । କୌଣସି ଦୁରଭିସନ୍ଧି କିମ୍ବା କୌଣସି ମନ୍ଦଲୋକର ପରାମର୍ଶାନୁସାରେ ଏକତ୍ରିତ ହୋଇ ଏତେ ସହଜରେ ଏଡେ ଦୂର କୃତକାର୍ଯ୍ୟ ହେବା ଛାତ୍ରମାନଙ୍କ ଦ୍ୱାରା ସହଜରେ ହୋଇ ପାରେନା । ଅଷ୍ଟୁର ମଧ୍ୟ କଟକ କଲେଜ ଯେ ସାଧାରଣଙ୍କ ନିକଟରେ ଗୋଟିଏ ହାସ୍ୟାସ୍ପଦ ବସ୍ତୁ ଏହା କୃତବିଦ୍ୟ ମାତ୍ରକେ ସମସ୍ତେ ଜାଣନ୍ତି । ଗବର୍ଣ୍ଣମେଣ୍ଟ ଯଦ୍ୟପି କି ଓଡିଶାରେ ଗୋଟିଏ କଲେଜ ବସାଇଲେ ତୁଚ୍ଛ ନ ରଖି ବସାଇ ନାହାନ୍ତି । ପରୀକ୍ଷାର ଫଳ ମନ୍ଦ ହେଲେ ସମସ୍ତେ ଐକ୍ୟ ନ ହୋଇ କହନ୍ତି ଯେ ଓଡିଆଙ୍କର ବୁଦ୍ଧି ବୃତ୍ତି କଲେଜାଧ୍ୟୟନର ଉପଯୋଗୀ ନୁହେଁ । କିଆଁଟି ? ଓଡିଆମାନଙ୍କର ଅସୁବିଧା କେହି କିଛି ବୁଝନ୍ତି ? ଗଉର ଦେଖିଲେ ସମସ୍ତେ ପଦେ୨ ହାଣିଦେଇ ପାରନ୍ତି । ଯାହା ହେଉ ପୂର୍ବୋକ୍ତ ଘଟନାରେ ପ୍ରଶଂସିତ ଡାଇରେକ୍ଟର ସାହେବ କଣ ଆଜ୍ଞା ଦିଅନ୍ତି ଦେଖା ଯାଉ । ସମୟ ପଡିଲେ ବୋଧହୁଏ ଆପଣମାନେ ମଧ୍ୟ କମର ବାନ୍ଧିବାକୁ କୁଣ୍ଠିତ ହେବେ ନାହିଁ । ଓ ମଧ୍ୟ କଲେଜ ସଂସ୍ଥାପନାର୍ଥ ଯେଉଁମାନେ ଚନ୍ଦାଦାନ କରି ଅଛନ୍ତି ସେମାନଙ୍କ ଚନ୍ଦା ନିଷ୍ଫଳ ହେବାକୁ ଦେଖି ବୋଧ ହୁଏ ସେମାନେ କୌଣସି ସଦୁପାୟ ଅବଲମ୍ବନ କରି ବା ଇମନ୍ତେ ତ୍ରୁଟି କରିବେ ନାହିଁ । ଇତି ।

ତା ୩୦ ରିଖ ଜୁଲାଇ
ସନ ୧୮୭୮ } କେହି ଛତ୍ରେଷୀ

To the Editor of the Utkal Dipika.

Dear Sir,

In the last issue of the Utkal Dipika you have noticed the prevalence of cholera at Cuttack and the havoc it has spread among the people here. You seem to think that with a heavy down pour of rains it will disappear altogether. If its predisposing cause be the predominance of heat only, most probably, its progress will be arrested with the fall of temperature. But I think that there are other influences at work which have combined to foster its growth and devolopment; and they are (1) the insufficiency of food, (2) the use of turbid river water for drinking purpose. The first of these specially has operated a good deal in generating not only cholera, but other zymotic diseases which since of late have commenced to extend their influence in a great degree upon the people at large.

You are well aware that more than three-fourths of the urban population are extremely poor. The unusual rise of rice market now a days has told very much upon them. Most of them have in consequence had to live upon one meal a day, and that consisting of rice, salt and coarsest sorts of vegitables only. Fish and *dal* which form the principal ingredient of their diet have now in a manner been almost abandoned on account of their high price. The middle class of people also whose income ranges between 20 and 50 rupees a month have, in order to make the two ends meet, been constrained to make curtailment in the several items of their diet expences.

Cuttack was hitherto known to be the healthiest of all the stations in Bengal Presidency. But since after the last Orissa famine, with the rise of the market value of food grains, the health of its people, who are all *kinikhias* seems to have deteriorated. Typhoid, Intermittent and remittent fevers and several diseases of organs connected with the digestive system have made their appearance to a most formidable extent. Has the physical circumstance of the place undergone any change to favor the growth of these maladies? No. On the other hand its sanitary condition has been much improved. The continued prevalence therefore of disorder now-a-days among the poor people of the town seem to be the result of constitutional changes. This is evidently the case, for by resorting daily to scanty meals physical debility has ensued which again has predisposed the body to every sort of malady. This is a subject worth inquiring and I hope that some of your readers will take it up in right earnest.

Yours truly
QUIDNUNC.


## ବିଜ୍ଞାପନ ।

ସବଣ୍ୟବଗ ୨ ୟ ଭାଗ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ସିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦୦ ଙ୍କା, ଡାକର ଖରଚା ଟ ୦ ୩ ଅଣା ଅତିରିକ୍ତ ଲାଗିବ । (ନଗଦ ମୂଲ୍ୟରେ ବିକ୍ରୀତ )

କଲିକତା ସନ୍ନିକଟ ହାବଡାସ୍ଥ ବଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।


## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଲକ୍ଷ୍ମଣ ମିଶ୍ର | ପିପିଲି | ବକେୟା ଟ ୩ ।୵ |

☞ ଏହି ଉତ୍କଳ ଦୀପିକା । ସହର କଟକ ଦରଘାବଜାରକଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୩ଶ
ସଂ ୩୨ ସଂଖ୍ୟା

ତା ୧୦ ଋଷ ମାହେ ଅଗଷ୍ଟ ସନ ୧୮୭୮ ମସିହା । ମୂ । ଶ୍ରାବଣ ବ ୨୮ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୬୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୭୧
ମଫସଲଙ୍କର ଡାକମାସୁଲ ଟ ୧।୵

କୋର୍ଟ ଅବ୍ ୱାର୍ଡସ୍ ନାବାଳଗମାନଙ୍କର ସମ୍ପତ୍ତିପ୍ରତି ଯେମନ୍ତ, ସେମାନଙ୍କ ଶରୀର ରକ୍ଷା-ପ୍ରତି ତେମନ୍ତ ମନୋଯୋଗ କରନ୍ତି ନାହିଁ ପରି । ନୋହିଲେ ଗତମାସରେ ଯେଉଁ ଭୀଷଣ ଶୋକାବହ ଘଟଣା ହେଲା ତାହା କଦାଚ ଘଟି ନ ଥାନ୍ତା । ମୃତ ପ୍ରହ୍ଲାଦ ଚୌଧୁରୀଙ୍କ ପୁତ୍ର ନାବାଳଗ ଥିବାରୁ କୋର୍ଟ ଅବ୍ ୱାର୍ଡସ୍ ଅଧୀନରେ ରହି ଏଠାରେ ବିଦ୍ୟାଶିକ୍ଷା କରୁଥିଲେ । ଓଲାଉଠା ରୋଗରେ ତାହାଙ୍କର ମୃତ୍ୟୁ ହେଲା । ଦୁଃଖର ବିଷୟ ଯେ ତାହାଙ୍କର କିଛିମାତ୍ର ଚିକିତ୍ସା ହେଲା ନାହିଁ । ଜଣେ ବୃଦ୍ଧ ପେନସନ ଭୋଗୀ ଅମଲା ମାସକୁ ଟ ୨୦ଙ୍କା ବେତନରେ ନାବାଳଗର ମହାଫିଜ ନିଯୁକ୍ତ ହୋଇଥିଲେ । ସେ ରୋଗ ହେବାର ଦେଖି ଡାକ୍ତର କି ବୈଦ୍ୟ କାହାରିକୁ ଦେଖାଇଲେ ନାହିଁ । ଦ୍ରବ୍ୟବନ୍ତ ଲୋକ ସରକାରଙ୍କ ଖାସ ତତ୍ତ୍ୱାବଧାନରେ ରହି ଏପରି ମରିପଡିଲା ଏ ପାପର ଭାଗୀ କିଏ ହେବ ? ଭରସା କରୁଁ ଏଣିକି ନାବାଳଗଙ୍କ ଶରୀର ରକ୍ଷା ବିଷୟରେ ବୋର୍ଡ କିଛି କଠିନ ନିୟମ କରିବେ ।

---

ଏ ବର୍ଷ ବୃଷ୍ଟି କରିବାରେ ଇନ୍ଦ୍ରଦେବତା ଅନେକ ଦିନ ଫେଲ ହୋଇ ପରଶେଷରେ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ସପ୍ତାହରେ ଯେମନ୍ତ ସୁବୃଷ୍ଟି ହୋଇଅଛି ତହିଁରେ ସମସ୍ତ ଲୋକ ସନ୍ତୁଷ୍ଟ ହୋଇଅଛନ୍ତି । ଫସଲର ଅବସ୍ଥା ସମସ୍ତ ସ୍ଥାନରେ ଉତ୍ତମ ହୋଇଅଛି । କୌଣସିଠାରେ ଦୁର୍ଭିକ୍ଷର ଆଶଙ୍କା ନାହିଁ । ଶେଷ ପରୀକ୍ଷା ଅର୍ଥାତ୍ ଯାହା ଆଶ୍ୱିନ କି କାର୍ତ୍ତିକ ମାସରେ ହେବ ଯେବେ ତହିଁରେ ଏହିରୂପେ ଉତ୍ତୀର୍ଣ୍ଣ ହେବେ ତେବେ ଏ ବର୍ଷ ସମସ୍ତେ ନିଶ୍ଚିନ୍ତ ହୋଇଯିବେ । ଯାହା ହେଉ ବର୍ତ୍ତମାନ କେବଳ ବ୍ରହ୍ମଦେଶ ଛଡା ଭାରତବର୍ଷର ସର୍ବତ୍ରରେ ସୁବୃଷ୍ଟି ହୋଇଅଛି, ସର୍ ରିଚର୍ଡ ଟେମ୍ପଲ ଲେଖିଅଛନ୍ତି କି ବମ୍ବେଇ ପକ୍ଷରେ କୌଣସି ଚିନ୍ତା ନାହିଁ । ମାନ୍ଦ୍ରାଜର ଅବସ୍ଥା ସୁଖକର ଅଟଇ । ମହୀସୂରରେ ସାହାଯ୍ୟ କର୍ମ ସବୁ ଶେଷ ହୋଇ ଉକ୍ତ କର୍ମରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ବିଦାୟ ଦିଆ ଯାଉଅଛି । ଉତ୍ତର ପଶ୍ଚିମର ସର୍ବ ସ୍ଥାନରେ ଭଲ ବୃଷ୍ଟି ହୋଇଅଛି । ଆଗ୍ରା ଓ ରୋହିଲଖଣ୍ଡରେ ଭଲ ବୃଷ୍ଟି ହୋଇ ନ ଥିଲା କିନ୍ତୁ ଲେଫ୍ଟନାଣ୍ଟ ଗବର୍ଣ୍ଣର ସମ୍ପ୍ରତି ଲେଖିଅଛନ୍ତି କି ବର୍ତ୍ତମାନ ଯେମନ୍ତ ସୁବୃଷ୍ଟି ହେଉଅଛି କିଛି ଦିନ ଏହି ପରି ହେଲେ ଦୁର୍ଭିକ୍ଷର ସମସ୍ତ ଭୟ ନିବାରଣ ହେବ ।

---

ନଦିଆ ରେଭେନ୍ୟୁ ସେସ ମହକୁମାର ହେଡ୍‌କିରାଣୀ ବେଣୀଗୋପାଳ ମୁଖୁର୍ଯ୍ୟା ତହବିଲ ଭାଙ୍ଗି ଲକ୍ଷାବଧି ଟଙ୍କା ଆତ୍ମସାତ୍ କରିଥିବାର ଏଥିପୂର୍ବେ ଲେଖିଥିଲୁଁ । ସମ୍ପ୍ରତି ଅବଗତହେଲୁଁ ଯେ ବଡ ଧୂମଧାମରେ ତାହାଙ୍କର ବିଚାର ଦୌରା ଅଦାଲତରେ ହୋଇଥିଲା ! ଶ୍ରୀଯୁକ୍ତ ଡିକନ୍ସ ସାହେବ ଜଜ ଥିଲେ ଓ ଜୁରୀମାନେ ଯେ ଅଳ୍ପଦିନ ତଳେ ଏଠାକୁ ଏକଟିଂ ଜଜ ସ୍ୱରୂପ ଆସିଥିଲେ ସେହି ମହାଶୟ ଏ ମକଦମାର ବିଚାର କଲେ ଓ ବିଚାରରେ ଅନେକ ଦିନ ଲାଗିଲା । ଜୁରୀ ଓ ଜଜ ଏକମତ ହୋଇ ବେଣୀଗୋପାଳଙ୍କୁ ଦୋଷୀ କରିଅଛନ୍ତି ଓ ଜଜ ସାହେବ ତାହାଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତରବାସ ଦଣ୍ଡ ଦେଇଅଛନ୍ତି । ଏହାଙ୍କର ଚଳନ୍ତି ଅଚଳନ୍ତି ସମସ୍ତ ସମ୍ପତ୍ତି କ୍ରୋକ ହୋଇଅଛି ମାତ୍ର ତହିଁର ମୂଲ୍ୟ ଆତ୍ମସାତ୍ କରିଥିବା ଟଙ୍କାର ଚତୁର୍ଥାଂଶ ସୁଦ୍ଧା ହେବ ନାହିଁ । ଆମ୍ଭମାନଙ୍କର ପୁରୁଣା ଜଏଣ୍ଟ ମାଜିଷ୍ଟ୍ରେଟ ୱିଲିୟମସ୍ ସାହେବ ଏଠାରେ କଲେକ୍ଟର ମାଜିଷ୍ଟ୍ରେଟ ଥିଲେ ତାହାଙ୍କୁ କିଛି ଅର୍ଥଦଣ୍ଡ ପଡିବାର ସମ୍ଭାବନା ଥିବାରୁ ଆମ୍ଭେମାନେ ଦୁଃଖିତ ଅଛୁଁ । ବେଣୀଗୋପାଳ ଚୋରି କରି ବଡ ଐଶ୍ୱର୍ଯ୍ୟରେ ଥିଲା । କଥିତ ହୁଅଇ ଚାରିଜଣ ବୈଷ୍ଣବ ଚାକର ରଖି ନଗରକୀର୍ତ୍ତନ କରି ବୁଲୁଥିଲେ ଏବଂ ତାହାଙ୍କ ବଡଲୋକ ପଣିଆ ଦେଖି ଲୋକଙ୍କର ସନ୍ଦେହ ହେବ ବୋଲି ଏହି ପରି ରଟନା କରିଥିଲେ ଯେ ସେ ଏକମାଠିଆ ସ୍ୱର୍ଣ୍ଣମୋହର ଦୈବାତ୍ ପାଇଥିବାରୁ ତାହାଙ୍କର ଏପରି ବିଭବ ହୋଇଥିଲା । କେତେ କୌଶଳ କରି ବ ୭ ର୍ଷ କାଳ ସର୍ବସାଧାରଣଙ୍କ ଆଖିରେ ଧୂଳି ଦେଇ ଥିଲା ମାତ୍ର ଚୋର ଘର ସବୁ ଦିନ ଅଲୁଅ ନ ଥାଏ । ଶେଷକୁ ଆପଣା ଦୁଷ୍କର୍ମର ସମୁଚିତ ଫଳ ପାଇଲା ।

---

Digitized by srujanika@gmail.com

Split by PDF Splitter



ସମ୍ବାଦପତ୍ରମାନଙ୍କରେ ପାଠକଙ୍କୁ ଯେ କଲିକତାକୁ ଜଣେ ଅପୂର୍ବଗୁଣୀ ନାରୀ ଆସିଅଛନ୍ତି । ଏହାଙ୍କ ନାମ ରମାବାଈ ଜାତିରେ ମହାରାଷ୍ଟ୍ରୀୟ ବ୍ରାହ୍ମଣୀ ନିବାସ ମହୀସୂର ପ୍ରଦେଶ ବୟସ ୨୨ ବର୍ଷ ଦେଖିବାକୁ ସୁଶ୍ରୀ । ଅଦ୍ୟାପି ବିବାହ ହୋଇ ନାହାନ୍ତି ଏବଂ ଆପଣା ଭାଇ ସଙ୍ଗେ ତୀର୍ଥପର୍ଯ୍ୟଟନ କରୁଅଛନ୍ତି । ସଂସ୍କୃତଭାଷାରେ ଏହାଙ୍କର ଅସୀମ ବ୍ୟୁତ୍ପତ୍ତି ଏବଂ କବିତା ରଚନା କରିବାର କ୍ଷମତା ଅଦ୍ଭୁତ ଅଟଇ । ଏ ଭାଷା ସେ ଆପଣା ମାତାଠାରୁ ଶିକ୍ଷା କରିଥିଲେ ଓ ତାହାଙ୍କ ମାତା ଆପଣା ସ୍ୱାମିଠାରୁ ଶିକ୍ଷା ପାଇଥିଲେ । ଶ୍ରୀମଦ୍ଭାଗବତର ୧୮୦୦୦ ଶ୍ଳୋକ ଏହାଙ୍କର କଣ୍ଠସ୍ଥ ଏବଂ ପାଣିନି ବ୍ୟାକରଣ ଉତ୍ତମରୂପେ ପାଠ କରିଅଛନ୍ତି । ସମସ୍ୟା ପୂରଣ କରିବାକୁ ଏହାଙ୍କୁ କିଞ୍ଚିନ୍ମାତ୍ର କଷ୍ଟ ବୋଧ ହୁଅଇ ନାହିଁ । ଯେମନ୍ତ ପ୍ରଶ୍ନ କରି ମୁହୂର୍ତ୍ତେ ୧୦।୧୫ ମିନିଟ ମଧ୍ୟରେ ଶ୍ଳୋକ ରଚନା କରିଦେବେ । କଲିକତା ବିଶ୍ୱବିଦ୍ୟାଳୟର ସେନେଟ ଗୃହକୁ ଏକଦିନ ଯାଇଥିଲେ ସେଠାରେ ଅଧ୍ୟାପକ ଟନି ସାହେବ ସଂସ୍କୃତଭାଷାରେ ଏକ ଅଭିନନ୍ଦନସୂଚକ ଶ୍ଳୋକ ପାଠ କଲେ । ରମାବାଈ ତହିଁର ସଦୁତ୍ତର ତତ୍କ୍ଷଣାତ୍ ରଚନା କରି ଶୁଣାଇ ଦେଲେ । ଶ୍ରୀମତୀ ରାଜରାଜେଶ୍ୱରୀଙ୍କ ନାମରେ ଦୀର୍ଘଛନ୍ଦରେ ଦୁଇ ଶ୍ଳୋକ ମଧ୍ୟ ସେଠାରେ ରଚନା କରିଥିଲେ । ଆଉ ଏକଦିନ ମହାରାଜା ଜ୍ୟୋତୀନ୍ଦ୍ରମୋହନ ଠାକୁରଙ୍କ ଘରଠାକୁ ଯାଇଥିଲେ ସେଠାରେ ଅନେକ ପଣ୍ଡିତ ଏବଂ ଅନ୍ୟ ଶିକ୍ଷିତ ଦେଶୀୟ ଲୋକମାନେ ତାହାଙ୍କୁ ଦେଖିବା କାରଣ ଏକତ୍ରିତ ହୋଇଥିଲେ । ଯେ ଯେଉଁ ପ୍ରସଙ୍ଗରେ ଶ୍ଳୋକ କରିବାକୁ କହିଲେ ତାହା ସେ ୧୦।୧୨ ମିନିଟ ମଧ୍ୟରେ ରଚନା କରି ଶୁଣାଇଦେଲେ । ଏହାଙ୍କର ଚମତ୍କାରଗୁଣ ଦେଖି ଦର୍ଶକମଣ୍ଡଳୀ ଚମତ୍କୃତ ହେଲେ । ଯେମନ୍ତ ନାନା ଛନ୍ଦରେ ବିଶୁଦ୍ଧ ରଚନାର ଛଟା ତେମନ୍ତ ବୋଲିବାର ମଧୁର ପ୍ରଣାଳୀ ଏବଂ ସୁନ୍ଦର ଭାବସଙ୍ଘଟନ କରିବାରେ ପ୍ରଭୃତି ମତି । ଜଣେ ସ୍ତ୍ରୀଠାରେ ଏତେଗୁଣ ଲକ୍ଷିତ ହେବା ସାଧାରଣବ୍ୟାପାର ନୁହଇ ଏଥି ପାଇଁ ପଣ୍ଡିତମାନେ ତାହାଙ୍କୁ ଧନ୍ୟ ଧନ୍ୟ ବୋଲି ପ୍ରଶଂସା କଲେ । ରମାବାଈ ପୁରୀକୁ ଆସୁଅଛନ୍ତି ବୋଲି ଶୁଣାଯାଏ ତାହା ହେଲେ ଏଠା ଲୋକେ ଏହାଙ୍କ ଦର୍ଶନଲାଭ କରି ପାରନ୍ତି । ଆଜିକାଲି ସ୍ତ୍ରୀଶିକ୍ଷା ପ୍ରତି ଅନେକ ମନୋଯୋଗ ଦେଖାଯାଏ ମାତ୍ର ଯେପର୍ଯ୍ୟନ୍ତ ରମାବାଈଙ୍କ ପରି ଯୋଗ୍ୟତା କେହି ଲାଭ କରିବାର ଦେଖାଯାଇ ନାହିଁ ସେପର୍ଯ୍ୟନ୍ତ ଶିକ୍ଷାର ଉନ୍ନତି ହୋଇଅଛି ଏମନ୍ତ ବୋଲାଯାଇ ନ ପାରେ । କଥିତ ହୁଅଇ ଯେ ମାନ୍ଦ୍ରାଜ ଓ ବମ୍ବେଇ ପ୍ରଦେଶସ୍ଥ ମହାରାଷ୍ଟ୍ର ବ୍ରାହ୍ମଣଙ୍କ ସ୍ତ୍ରୀମାନେ ନିଜେ ନିଜେ ଶାସ୍ତ୍ର ପଢ଼ିବାକୁ ସକ୍ଷମ ହେବା ଆପଣାର ପ୍ରଧାନ କର୍ତ୍ତବ୍ୟ କର୍ମ ବୋଲି ଜ୍ଞାନ କରନ୍ତି ।

———

## ଶିକ୍ଷାବିଭାଗର ନୂତନ ବନ୍ଦୋବସ୍ତ ।

ଏ ସମ୍ପର୍କରେ ମହାମାନ୍ୟ ଲେଫଟେନାଣ୍ଟ ଗବର୍ଣ୍ଣରଙ୍କର ଏକ ନିର୍ଦ୍ଧାରଣ କଲିକତା ଗେଜେଟରେ ବାହାର ହୋଇଅଛି । ପାଠକମାନଙ୍କ ଜାଣିବା କାରଣ ତହିଁର ସଂକ୍ଷେପ ବିବରଣ ଅମ୍ଭେମାନେ ଏଠାରେ ପ୍ରକାଶ କରୁଅଛୁଁ ।

ସନ ୧୮୭୨ ସାଲରେ ମାନ୍ୟବର ସରଜର୍ଜ କାମ୍ବେଲସାହେବ ଶିକ୍ଷାବିଭାଗର ଯେଉଁ କାର୍ଯ୍ୟପଦ୍ଧତି କରିଯାଇଅଛନ୍ତି ମାନ୍ୟବର ଇଡନସାହେବ ତହିଁର ମୂଳ ଉଦ୍ଦେଶ୍ୟ ଶିରୋଧାର୍ଯ୍ୟ କରୁଅଛନ୍ତି ମାତ୍ର ମାଜିଷ୍ଟ୍ରେଟ ଇନସ୍ପେକ୍ଟର ଓ ଜିଲ୍ଲା କମିଟୀଙ୍କ କାର୍ଯ୍ୟରେ କେତେକ ଅସୁବିଧା ଥିବାରୁ ଯାହାଠାରୁ ଯେ କାର୍ଯ୍ୟ ପାଇବା ଅତ୍ୟନ୍ତ ପ୍ରୟୋଜନୀୟ ତାହା ସୁନ୍ଦରରୂପେ ମିଳୁ ନାହିଁ । ଏହି ସମସ୍ତ ଅସୁବିଧା ଗତବର୍ଷ ଗବର୍ଣ୍ଣମେଣ୍ଟଙ୍କ ଚିତ୍ତରେ ଉଦୟ ହେବାରୁ କେତେକ ନିୟମ ପରିବର୍ତ୍ତନ କରିବାକୁ ସ୍ଥିର କରି କମିଶନର ଓ ମାଜିଷ୍ଟ୍ରେଟମାନଙ୍କର ମତ ପ୍ରାର୍ଥନା କରିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶର ମତ ପ୍ରସ୍ତାବିତ ପରିବର୍ତ୍ତନ ସପକ୍ଷରେ ହେବାରୁ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ନିମ୍ନଲିଖିତ ନିୟମମାନ ସ୍ଥିର କରିଅଛନ୍ତି । ଏଣିକି ଏହି ସମସ୍ତ ନିୟମାନୁସାରେ କାର୍ଯ୍ୟ ଚଳିବ ।

ସର୍କଲ ଇନ୍ସପେକ୍ଟରମାନଙ୍କ ହାତରେ ହିସାବ ପତ୍ରର ଭାର ଥିବାରୁ ତାହାଙ୍କର ତତ୍ତ୍ୱାବଧାନ କାର୍ଯ୍ୟର ବ୍ୟାଘାତ ହୁଅଇ । ଏଣୁ କରି ହିସାବ ରଖିବା କାର୍ଯ୍ୟ ତାହାଙ୍କ ହାତରୁ ବାହାର କରି ଓ ଏ କର୍ମ ଡିରେକ୍ଟରଙ୍କ ଅଫିସରେ ହେବ । ଇନସ୍ପେକ୍ଟରମାନଙ୍କର ଏଲକା ଊଣା କରିବାର ଆବଶ୍ୟକ ଏଥି ପାଇଁ ବର୍ତ୍ତମାନ ଭାଗଲପୁର ଚଟ୍ଟଗ୍ରାମ ଓ ଛୋଟ ନାଗପୁର ଏହି ତିନ ବିଭାଗ ନିମିତ୍ତ ତିନି ଜଣ ସହକାରୀ ଇନସ୍ପେକ୍ଟର ହେବେ ଓଡ଼ିଶା ବିଭାଗେ ଏଥି ପୂର୍ବେ ଜଣେ ନିଯୁକ୍ତ ହୋଇଅଛନ୍ତି । ଯେ ସମସ୍ତ ସ୍ଥାନକୁ ଇନସ୍ପେକ୍ଟର ସ୍ୱୟଂ ଯାଇ ନ ପାରିବେ ସହକାରୀ ସେ ସ୍ଥାନକୁ ଯାଇ ଆବଶ୍ୟକୀୟ ସଂବାଦମାନ ଇନସ୍ପେକ୍ଟରଙ୍କ ନିକଟକୁ ପଠାଇବେ ।

ମାଜିଷ୍ଟ୍ରେଟମାନେ କେବଳ ଜିଲ୍ଲାର ପାଠଶାଳା ସମୂହ ଉପରେ ସାକ୍ଷାତ୍ ସମ୍ବନ୍ଧେ ତତ୍ତ୍ୱାବଧାନ ରଖିବେ ଏବଂ ତୃତୀୟଶ୍ରେଣୀ ନର୍ମାଲ ସ୍କୁଲର ଭାର ମଧ୍ୟ ଏହାଙ୍କ ଉପରେ ରହିବ । ଡିଷ୍ଟ୍ରିକ୍ଟ କମିଟୀ ପ୍ରାଥମିକ ଶିକ୍ଷା ସମ୍ବନ୍ଧରେ କେବଳ ମାଜିଷ୍ଟ୍ରେଟଙ୍କର ପରାମର୍ଶଦାତା ହେବେ । ଏହାଙ୍କ ଉପରେ ଜିଲ୍ଲା ସ୍କୁଲ ଏବଂ ଦ୍ୱିତୀୟଶ୍ରେଣୀର କଲେଜର ସାଧାରଣ ତତ୍ତ୍ୱାବଧାନର ଭାର ରହିବ । ପାଠଶାଳା ଛଡା ଆଉ ସମସ୍ତ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ସମ୍ପର୍କରେ ମାଜିଷ୍ଟ୍ରେଟ କେବଳ ପରାମର୍ଶଦାତା ଓ ପରିଦର୍ଶକ ହେବେ ଏସମସ୍ତ ବିଦ୍ୟାଳୟର ଭାର ସର୍କଲ ଇନସ୍ପେକ୍ଟରଙ୍କଠାରେ ରହିବ । ସମସ୍ତ ଜିଲ୍ଲା ସ୍କୁଲର ପ୍ରଥମ ଓ ଦ୍ୱିତୀୟଶ୍ରେଣୀର ନର୍ମାଲ ସ୍କୁଲ ଏବଂ ଲେଡଭୁକ୍ତ କର୍ମଚାରୀଙ୍କ ଅଧୀନ ନୁହେ ଏପରି କଲେଜ ଓ ମଦ୍ରାସା ଇନସ୍ପେକ୍ଟରଙ୍କର କର୍ତ୍ତୃତ୍ୱ ରହିବ । ଏମାନେ ଟ ୧୦୦୯ ଙ୍କାର ନ୍ୟୁନ କର୍ମଚାରୀ ନିଯୋଗ ଓ ପଦଚ୍ୟୁତ କରି ପାରିବେ । ମଧ୍ୟ ଓ ନିମ୍ନଶ୍ରେଣୀର ବିଦ୍ୟାଳୟର ସାହାଯ୍ୟଦାନ ପୁସ୍ତକ ନିର୍ଦ୍ଧାରଣ ପରୀକ୍ଷା ବୃତ୍ତି ପ୍ରଦାନ ଶିକ୍ଷକ ନିଯୋଗ ଇତ୍ୟାଦି ଏହିମାନେ କରିବେ । ଉଚ୍ଚବିଦ୍ୟାଳୟକୁ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ଦେବା ବିଷୟରେ ଇନସ୍ପେକ୍ଟର ମାଜିଷ୍ଟ୍ରେଟଙ୍କ ମତ ନେବେ ଓ ମତଭେଦ ହେଲେ ଡିରେକ୍ଟର ତହିଁର ମୀମାଂସା କରିବେ । ଜିଲ୍ଲା ସ୍କୁଲ ପ୍ରଭୃତିର ଛାତ୍ରମାନଙ୍କୁ ବୃତ୍ତି ଦେବା ବିଷୟରେ ମଧ୍ୟ ଇନସ୍ପେକ୍ଟର ଆପଣା ବିବେଚନାନୁସାରେ କର୍ମ କରିବେ ।

ଜଏଣ୍ଟ ଇନସ୍ପେକ୍ଟରମାନେ ସର୍କଲ ଇନସ୍ପେକ୍ଟରଙ୍କ ସମାନ କାର୍ଯ୍ୟ କରି ପାରିବେ ତେବେ ଏହାଙ୍କର କ୍ଷମତା କିଛି ଊଣା ହେବ ଅର୍ଥାତ୍ ଲେଡଭୁକ୍ତ କର୍ମଚାରୀର ଅଧୀନରେ ନଥିବା କଲେଜ ଉପରେ ଏହାଙ୍କର କିଛି କ୍ଷମତା ରହିବ ନାହିଁ । ଜିଲ୍ଲା ସ୍କୁଲ ତତ୍ତ୍ୱାବଧାନ କରି ପାରିବେ କିନ୍ତୁ ବିଶେଷ କର୍ତ୍ତୃତ୍ୱ ଇନସ୍ପେକ୍ଟରଙ୍କର ରହିବ । ଆଉ ଜିଲ୍ଲା ସ୍କୁଲ ଛଡା ଅନ୍ୟ ଗବର୍ଣ୍ଣମେଣ୍ଟ ସ୍କୁଲ ସମସ୍ତର ଟ ୫୦୯ ଙ୍କାର ନ୍ୟୁନ କର୍ମଚାରୀ ନିଯୋଗ ଓ ପଦଚ୍ୟୁତ କରି ପାରିବେ ।

ଡେପୁଟୀ ଇନସ୍ପେକ୍ଟର ହାଇ ସ୍କୁଲ ଛଡା

Digitized by srujanika@gmail.com

Split by PDF Splitter



ଆପଣା ଜିଲ୍ଲା ମଧ୍ୟରେ ଥିବା ସମସ୍ତ ସ୍କୁଲର ତତ୍ତ୍ୱାବଧାନ କରିବେ । କେବଲ କମିଟୀର ମେମ୍ବର ସ୍ୱରୂପ ଜିଲାସ୍କୁଲ ସନ୍ଦର୍ଶନ କରିପାରିବେ । ପାଠଶାଲ ସମ୍ପର୍କରେ ସେ ମାଜିଷ୍ଟ୍ରେଟଙ୍କର ଏବଂ ତଦୂର୍ଦ୍ଧ୍ୱ ସ୍କୁଲ ସମ୍ପର୍କରେ ଇନ୍‌ସ୍ପେକ୍ଟର ଓ ଜଏଣ୍ଟ ଇନ୍‌ସ୍ପେକ୍ଟରଙ୍କ ଅଧୀନ ରହିବେ । ମାଜିଷ୍ଟ୍ରେଟ୍ ଓ ଇନ୍‌ସ୍ପେକ୍ଟର ଦୁହେଁ ଏକ ସମୟରେ ତାହାଙ୍କୁ ପ୍ରୟୋଜନ କଲେ ମାଜିଷ୍ଟ୍ରେଟଙ୍କ ଆହ୍ୱାନକୁ ପ୍ରବଲ ବୁଝିବାକୁ ହେବ । ପାଠଶାଲାର ପ୍ରସ୍ତାବପତ୍ର ମାଜିଷ୍ଟ୍ରେଟଙ୍କ ଅନୁସାରେ ଏମାନେ ପାସ କରିବେ । ଏମାନେ ଗଜେଟେଡ କର୍ମଚାରୀ ସୁତରାଂ ଏହାଙ୍କ ନିୟୋଗ ଓ ପଦୋନ୍ନତି ଗବର୍ଣ୍ଣମେଣ୍ଟ କରିବେ

ଜିଲ୍ଲାର ମାଜିଷ୍ଟ୍ରେଟମାନେ ପାଠଶାଲାର ଭାର ଆପଣା ଅସିଷ୍ଟାଣ୍ଟଙ୍କୁ ଦେଇ ପାରିବେ । ଯେଉଁଠାରେ ଏପରି ଭାର ଦେବେ ସେଠାର ଡେ ଇନ୍‌ସ୍ପେକ୍ଟର ସେହି ଭାରପ୍ରାପ୍ତ ମାଜିଷ୍ଟ୍ରେଟଙ୍କର ଅଧୀନ ହେବ ।

ସବ୍ ଇନସ୍ପେକ୍ଟରଙ୍କ ନିୟୋଗ ପଦବୃଦ୍ଧି ଇତ୍ୟାଦି ଡିରେକ୍ଟର କରିବେ । କିନ୍ତୁ ମାଜିଷ୍ଟ୍ରେଟ ସେମାନଙ୍କୁ ସସପେଣ୍ଡ ବା କର୍ମରୁ ସ୍ଥଗିତ କରି ପାରିବେ ଓ ଆପଣା ଜିଲ୍ଲା ମଧ୍ୟରେ ବଦଲି କରି ପାରିବେ । ଅନ୍ୟ ଜିଲ୍ଲାକୁ ବଦଲି କରିବାର କ୍ଷମତା ଏକା ଡିରେକ୍ଟରଙ୍କଠାରେ ରହିବ ।

ଜିଲ୍ଲାର ଶିକ୍ଷାବିଭାଗର ଦପ୍ତର ଡେପୁଟୀ ଇନ୍‌ସ୍ପେକ୍ଟରର ଦପ୍ତର ହେବ ଏବଂ ଡେପୁଟୀ ଇନସ୍ପେକ୍ଟରଙ୍କ କାର୍ଯ୍ୟାଳୟ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟର ଶାଖାସ୍ୱରୂପ ଗଣ୍ୟ ହେବ ।

---

## ସାପ୍ତାହିକସଂବାଦ ।

ଯାଜପୁରରୁ ସମ୍ବାଦ ମିଳିଅଛି ଯେ ସେଠା ବଡଶାସନରେ ଶମ୍ଭୁଶାନ୍ତ ନାମକ ଏକ ବ୍ରାହ୍ମଣ ଘରେ ଅଜଳୁ ଗୃହଦାହ ହେଲା ହଠାତ୍ ଚଡକ ପଡିବାରୁ କେବଲ ପଟେ କାନ୍ଥ ଫାଟିଗଲା ଓ ଚାଳରୁ ଧୂଇଦଳ ହାତ ଯୋଡିଗଲା ବୃଷ୍ଟି ହେବାରୁ ଆଉ କିଛି କ୍ଷତି ହୋଇ ନାହିଁ ଗୃହରେ ଚଡ଼କ ପଡିବାର କେବେ ଶୁଣା ନ ଥିଲା । ପୂର୍ବେ ଯେଉଁ ଧୋବା ମୋକଦ୍ଦମା ବିଷୟ ଲେଖା ହୋଇଥିଲା ତହିଁରେ ସେ ସ୍ଥାନର ଜଏଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁତ ପେଗ୍‌ସାହେବ ଆସାମିକୁ ଦ ୩୨୩ ଧା । ମୂ । ଏକବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ଆଜ୍ଞା କରିଅଛନ୍ତି । ସାହେବ ମହୋଦୟ ଏଠା ସହର ପରିଷ୍କାର ବିଷୟରେ ବିଶେଷ ମନୋଯୋଗ ପୂର୍ବକ ଏକ ଡ୍ରେନ ପ୍ରସ୍ତୁତ କରିବାର ପ୍ରସ୍ତାବ କରି ମାପ ଇତ୍ୟାଦି କରାଇ ଅଛନ୍ତି ଓ ସ୍ୱୟଂ ଭ୍ରମଣ କରି ଦେଖୁ ଥିବାରୁ ଏ ନଗର ବର୍ତ୍ତମାନ ଏକ ପ୍ରକାର ଉତ୍ତମ ଅବସ୍ଥାରେ ଅଛି । ବର୍ଷା କାଳରେ କୁଆଖିଆଠାରୁ ଯାଜପୁରକୁ ଓ ଯାଜପୁରଠାରୁ ହ୍ରଭାବରକୁ ଯିବା ଆସିବାର ରାସ୍ତାମାନ ଉତ୍ତମ ରୂପେ ମରାମତ ନ ଥିବାରୁ ଗାଡୀ ପାଲିଙ୍କି ଇତ୍ୟାଦି ଯିବା ଆସିବାର ବିଶେଷ ଅସୁବିଧା ହୋଇଅଛି ତହିଁପ୍ରତି ଆମ୍ଭମାନଙ୍କର ପ୍ରଜାବତ୍ସଲ କମିଶନର ଦୃଷ୍ଟିପାତ କଲେ ଆମ୍ଭମାନଙ୍କ କଷ୍ଟ ନିବାରଣ ହେବ ।

✓ପୁରୀର ରାଜା ପ୍ରେସିଡେନସି ଜେଲର ଛାପାଖାନାରେ ଡିଷ୍ଟ୍ରିବ୍ୟୁଟର ଅର୍ଥାତ୍ ଅକ୍ଷର ବାଣ୍ଟିବାର କର୍ମ କରୁଅଛନ୍ତି ।

ଓଲଉଠା ରୋଗ ଅଦ୍ୟାପି ଊଣା ହୋଇ ନାହିଁ ନଗରର ନାନାସ୍ଥାନରେ ଲାଗି ରହିଅଛି ଓ ମନୁଷ୍ୟ ମରି ପଡୁଅଛନ୍ତି । ଏଥର ଏ ରୋଗ ଯେମନ୍ତ ପ୍ରବଲ ତେମନ୍ତ ଦୀର୍ଘକାଲ ସ୍ଥାୟୀ ହେଲା ।

ଏ ନଗର ମିଉନିସିପାଲିଟିର ସାବେକ କରାଣୀ ବାବୁ ମଧୁସୂଦନ ମିଶ୍ର କେବଲ ବରଖାସ୍ତ ହୋଇ ଖାସ୍ତ ପାଇଲା ନାହିଁ । ଶେଷରେ ତାହାକୁ ଫୌଜଦାରୀ ବିଚାରାଳୟକୁ ଆସିବାକୁ ହେଲା । ତାହା ନାମରେ ଏହି ଅଭିଯୋଗ ହୋଇଅଛି ଯେ ଗୋଟାଏ ସଡ଼କ ମରାମତ ସକାଶେ ଗୋଲକ ବାବୁଠାରୁ ଟ ୩୫୷ ଙ୍କା ଆଣି ମିଉନିସିପଲ ହିସାବରେ ତାହା ଜମା ନ ଦେଇ ଆପେ ରଖି ନେଇଅଛି ।

ଏଠା ଆବକାରୀ ଦାରୋଗା ଓ ଚାରିଜଣ ଚପରାଶୀ ରସବତ ନେବା ଅପରାଧରେ ଦଣ୍ଡ ପାଇ ଅଛନ୍ତି । ଦାରୋଗା ଉପରେ ଏକଶତ ଟଙ୍କା ଏବଂ ଚପରାସିଙ୍କ ଉପରେ ପାଞ୍ଚଟଙ୍କା ଲେଖାଏ ଅର୍ଥଦଣ୍ଡ ହୋଇଅଛି । ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଡେପୁଟୀ ମାଜିଷ୍ଟ୍ରେଟ ଏ ମୋକଦ୍ଦମାର ବିଚାର କରିଥିଲେ ଏବଂ ଆସାମିମାନେ କର୍ମଚ୍ୟୁତ ହେବେ ବୋଲି ସେ ଲଘୁ ଦଣ୍ଡ ଦେଇଥିବାର କଥିତ ହୁଅଇ । ଦାରୋଗା ପକ୍ଷରୁ ଅପିଲ୍ ହେବାର ଉଦ୍ୟମ ଲାଗିଅଛି ।

ଗତ ବାହୁଡା ଦିନ ଯେଉଁ ବ୍ୟକ୍ତି ବାଲେଶ୍ୱରରେ ଏକ ପିଲାକୁ ଯାହାରୁ ଚେଗ୍ର ନେଇ ତାହା ଦେହରୁ ଗହଣା ସବୁ କାଢି ନେଇଥିଲା ଗତ ଦୌରା ବିଚାରରେ ତାହା ପ୍ରତି ପାଞ୍ଚବର୍ଷ କାରାବାସ ଦଣ୍ଡ ବିଧାନ ହୋଇଅଛି ।

ମୌଲବୀ ଅବଦୁଲ ହାଇ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ମୁଙ୍ଗେରରୁ ବାଲେଶ୍ୱରକୁ ବଦଳ ହୋଇଅଛନ୍ତି ।

ଗୁଜରାଟରେ ଭାରି ବର୍ଷା ଓ ନଦୀ ବଢି ହୋଇଥିଲା । ବରୋଦାରେ ଘର ସବୁ ଧୋଇ ଯାଇଅଛି ଓ ନଗରର ଏକ ଭାଗ ପାଣିରେ ବୁଡି ରହିଥିଲା । ନର୍ମଦା ନଦୀର ପୁଲରୁ ଖଣ୍ଡେ ଭାଙ୍ଗି ଯାଇଅଛି ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଶୁଣିଲୁଁ ଯେ ଶିକ୍ଷାବିଭାଗର ବିଖ୍ୟାତ ଓ ପ୍ରଧାନ କର୍ମଚାରୀ ସଟକ୍ଲିଫ ସାହେବ ମାନବଲୀଲା ଶେଷ କରିଅଛନ୍ତି । ସେ ବିଲାତକୁ ଛୁଟୀ ନେଇ ଯାଇଥିଲେ ସେହିଠାରେ ତାଙ୍କର ମୃତ୍ୟୁ ହେଲା ।

ବମ୍ବେଇ ରେଲବାଟରେ କୌଣସି ଦୁର୍ଘଟନା ହେବାରୁ ଏକବ୍ୟକ୍ତି ମରିପଡିଲା । ତାହାର ସ୍ତ୍ରୀ ଟ ୬୦୦୦୦୷ ଙ୍କା କ୍ଷତିପୂରଣ ପାଇବା ସକାଶେ ରେଲବେ କମ୍ପାନି ନାମରେ ନାଲିଶ କରି ଅଛି ଏଥକୁ କମ୍ପାନି ଟ ୧୦୦୦୦୷ ଙ୍କା ଦେବାକୁ ସମ୍ମତ ଅଛନ୍ତି କିନ୍ତୁ ଏହା ଉକ୍ତ ସ୍ତ୍ରୀର ମନକୁ ଆସୁ ନାହିଁ । ସ୍ୱାମୀର ମୂଲ୍ୟ କେତେ ଟଙ୍କା କିପରି ସ୍ଥିର ହେବ ।

ନିଶ୍ୱାସ ଚଳିବା ବନ୍ଦ ହୋଇଗଲେ ତାହା ଫେରାଇ ଆଣିବାର ଗୋଟିଏ କଲ ପ୍ରସ୍ତୁତ ହୋଇଅଛି । କଥିତ ହୁଅଇ ଯେ ପାଣିରେ ବୁଡିଯିବା ଏବଂ ଅନ୍ୟକାରଣରୁ ନିଶ୍ୱାସ ବନ୍ଦ ହୋଇ ମୃତପ୍ରାୟ ହୋଇଥିବା କେତେବ୍ୟକ୍ତି ଏହାଦ୍ୱାରା ଆରୋଗ୍ୟ ଲାଭ କରି ଅଛନ୍ତି । ଏପରି କଲ ବଡ ଚମତ୍କାର ଓ ଉପକାରୀ ଅଟଇ ।

---

### ପ୍ରେରିତପତ୍ର ।

ଉତ୍କଳ ଦୀପିକା ସମ୍ପାଦକ ସମୀପେଷୁ

ମହାଶୟ !

ଆପଣଙ୍କର ଗତ ପତ୍ରରେ ହିତୈଷୀ ବ୍ୟକ୍ତିର ପତ୍ର ଦେଖି କିଛି ନ ବୋଲି ରହି ପାରିଲୁଁ ନାହିଁ । ସେ କହନ୍ତି ଯେ " ଅଧ୍ୟାପକଙ୍କ ଉଦ୍ୟମରେ ଛାତ୍ରମାନଙ୍କ ମଧ୍ୟରୁ କେହି ଲୋହିତ ବର୍ଣ୍ଣ ଚକ୍ଷୁ ପ୍ରଭାବରେ ହେଉ, କେହି ଚାଟୁ ବାକ୍ୟରେ ହେଉ, କେହି ବା ବୃତ୍ତି ପାଇବା

Digitized by srujanika@gmail.com

ଆଶାରେ ହେଉ ଶୁଣାଯାଏ ଯେ ପୂର୍ବୋକ୍ତ ଅବେଦନ ପତ୍ରରୁ ନାମ କର୍ତ୍ତନ କରିବା ସକାଶେ ଖଣ୍ଡିଏ ପୁନରାବେଦନ ପତ୍ରରେ ସ୍ୱାକ୍ଷର କରି ଦେଇଅଛନ୍ତି" ଏହି କଥାଟି ଅମ୍ଭେମାନେ ବୁଝି ପାରୁନାହୁଁ । ଅଧ୍ୟକ୍ଷଙ୍କ ନାମରେ ଅବେଦନ କରିବାର ପରଦିନଠାରୁ ପ୍ରତିଦିନ ଦୁଇ ଏକଜଣ ଲେଖାଏଁ ପ୍ରକାଶ୍ୟରୂପେ ସେମାନଙ୍କର ନାମ କର୍ତ୍ତନ କରାଇବା ନିମନ୍ତେ ଲେଖି ଅଛନ୍ତି । ଶୁଣାଯାଏ ଯେ ଅନେକେ ନାମ ସ୍ୱାକ୍ଷର କରିବା ମାତ୍ରେ ସେମାନଙ୍କର ନାମ କର୍ତ୍ତନ କରାଇବାକୁ ଆପଣାର ସଙ୍ଗିମାନଙ୍କୁ ଉପରୋଧ କରିଥିଲେ ସେଠାରେ ସେମାନଙ୍କୁ କିଏ ରକ୍ତ ବର୍ଣ୍ଣ ଚକ୍ଷୁ ଦେଖାଇବାକୁ ଯାଇଥିଲା । ଜଣା ଯାଉଛି ପ୍ରାୟ ସମସ୍ତ ବାଳକ ନାମ କର୍ତ୍ତନ କରାଇବାକୁ ଅବେଦନ କରି ଅଛନ୍ତି । ସେମାନଙ୍କୁ ଲେଖକ ବାରେ ପଚାରନ୍ତୁ ସେମାନେ କିକାରଣେ ଏହା କରୁଅଛନ୍ତି । ଲେଖକଙ୍କୁ ଅମ୍ଭେ ଗୋଟିଏ ପରାମର୍ଶ ଦେଉଅଛୁଁ ଯେ ସମସ୍ତ ବ୍ୟକ୍ତିର ଉଚ୍ଚାଭିଳାଷ ଅଛି କିନ୍ତୁ ସାଧନ କରିବାକୁ କ୍ଷମତା ନ ଥିଲେ ତାହା ପ୍ରକାଶ କରିବାକୁ ହେଲେ ଲୋକମାନେ ପାଗଳ କହନ୍ତି । ସମସ୍ତ ଲୋକଙ୍କର ଇଚ୍ଛା ଏହି ଯେ ଆପଣା ଦେଶରେ ପ୍ରେସିଡେନ୍ସି କଲେଜ କରିବ କିନ୍ତୁ ସେ ଇଚ୍ଛା କଲେ ପରିଣତ କରିବାର ଉପାୟ ନଥାଇ ଇଚ୍ଛା ପ୍ରକାଶ କରିଲେ ଲୋକମାନେ କି କହିବେ ? ହିତୈଷୀ ମହାଶୟ ଆଗେ ପ୍ରଚୁର ଅର୍ଥ ସଂଗ୍ରହ କରନ୍ତୁ ପରେ ଅମ୍ଭେମାନେ ମଧ୍ୟ ତାହାଙ୍କ ସହିତ ଯୋଗ ଦେଇ ଟନି ସାହେବଙ୍କୁ କଟକ କଲେଜର ଅଧ୍ୟକ୍ଷ, ନ୍ୟାସ ସାହେବଙ୍କୁ ଗଣିତର ଅଧ୍ୟାପକ, କିଂ ସାହେବ ବା ଓ୍ୱାଟ ସାହେବଙ୍କୁ ଉଦ୍ଭିଦ ବିଜ୍ଞାନର ଏବଂ ଉଇଲସନ ସାହେବଙ୍କୁ, କିମିଆ ଅଧ୍ୟାପକ କରାଇବା ନିମନ୍ତେ ଚେଷ୍ଟା କରିବୁଁ । ପ୍ରଚୁର ଅର୍ଥ ସଂଗ୍ରହ ନ କଲେ " ବ୍ରାହ୍ମଣଙ୍କର ଗାଈ କେଉଁଠାରେ ମିଳିବ " ( ଅଳ୍ପ ଦରରେ ବହୁମୂଲ୍ୟ ପଦାର୍ଥ କେତେ ଜଣ ପାଇ ପାରନ୍ତି?)
ତା ୪ ଋଣ ଅଗଷ୍ଟ ସନ ୧୮୯୮ ମହିମା

୨ ୟ ହିତୈଷୀ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସନ୍ନିଧିଷୁ ।

ଅବଧାନ, ଅମ୍ଭେ ଦେଶଭ୍ରମଣ କରୁଁ ଏକ ସ୍ଥାନରେ ପ୍ରବେଶ ହେଲୁଁ । ସେଠାରେ ଏକ ନାଏବ ବାବୁ ଅଛନ୍ତି, ତାଙ୍କ ଇଲାକାରେ ସେ-ସମୟରେ କେତେକଟଣ୍ଡ ଧର୍ମ ଶାଳ ହେଲା । ତହିଁ ମଧ୍ୟରେ ଦୁଇ ଏକ ଖଣ୍ଡର ବେତନ କିଞ୍ଚିତ ଅଧିକ । ନାଏବଙ୍କ କର୍ତ୍ତା ଲୋକ ମନୋନୀତ କରିବାର ଭାର ନାଏବଙ୍କୁ ଦେବାରେ ତାଙ୍କଠାରୁ ଅନେକ ଉମେଦୱାର ଦଉଡିଲେ । ଏହା ଦୋଷ ନୁହେ । ସତତର ଦେଖାଯାଏ । ତତ୍ପର କଣ କି ଉମେଦୱାରଙ୍କ ମଧ୍ୟରୁ କେହି କେହି ନାଏବଙ୍କୁ ଲାଞ୍ଚ ଦେବାର ବନ୍ଦୋବସ୍ତ କଲେ । ଏଥିରେ ଅମ୍ଭେ ଚକିତ ହୋଇ ପଚାରିବାରେ ସେଠାଲୋକ କହିଲେ ନାଏବବାବୁ ପ୍ରଧାନ ବ୍ୟକ୍ତି ହେଲେହେଁ ତାଙ୍କର ଛୋଟ ବୁଦ୍ଧି, ସେ ବଡ ଲାଞ୍ଚୁଆ, ଧର୍ମାଧର୍ମକୁ ଖାତିର ନାହିଁ କେବଳ ଅର୍ଥଇ ତାଙ୍କର ମୂଳ ଧର୍ମ । ଦେଖୁଁ ନିଲାମରେ ମୂଲ୍ୟ ବୃଦ୍ଧି ହେଲାପରି ସେ କର୍ମ ସବୁର ମୂଲ୍ୟ ହଜାରେଟଙ୍କା ପର୍ଯ୍ୟନ୍ତ ହୋଇଗଲା । ଏଥିରେ ନାଏବବାବୁ ଯେପରି ଉଲ୍ଲସିତ ହେଉ ଥାନ୍ତି ଅମ୍ଭେ ସେହିପରି ଦୁଃଖିତ ହେଉଥାଉଁ କାରଣ ପ୍ରଥମତଃ ଏପରି ବ୍ୟବହାର ଅନ୍ୟାୟ ଓ ଅନିଷ୍ଟକର ଦ୍ୱିତୀୟତଃ ଯେଉଁମାନେ ଅଧିକ ଟଙ୍କା ଯଚିଥିଲେ ସେମାନେ ନିତାନ୍ତ ଅନୁପଯୁକ୍ତ ଓ ସେହିମାନେ ନିଯୁକ୍ତ ହେବାର ସମ୍ଭାବନା ଥିଲା । ଭାଗ୍ୟବଶତଃ ନାଏବଙ୍କ କର୍ତ୍ତାଙ୍କ ମନରେ କି ଭାବ ଉଦୟ ହେଲା ସେ ଆପେ ଲୋକ ମନୋନୀତ କରି ନିଯୁକ୍ତ କଲେ ସୁତରାଂ ଉପଯୁକ୍ତ ଲୋକମାନେ ଦାନା ଭଣ୍ଡାରେ କର୍ମ ପାଇଲେ ଓ ଅମ୍ଭେ ବଡ ସନ୍ତୁଷ୍ଟ ହେଲୁଁ । ନାଏବବାବୁ ଯେପରି ହନ୍ତସନ୍ତ ହୋଇ ଥିବେ ତାହା ସହଜେ ଅନୁମାନ ହୋଇ ପାରେ

ତେବେ ଏ ପତ୍ର ଲେଖିବାର ଆବଶ୍ୟକ କଣ ? ନାଏବବାବୁ ବା ତାଙ୍କ ଭଳି ଲୋକଙ୍କୁ ପଦେ ଉପଦେଶ ଦେବାର ଅମ୍ଭର ଇଚ୍ଛା । ସେ ଉକ୍ତରୂପ କାଣ୍ଡଟି ଆପଣା ଇଚ୍ଛା ବା ଇଇଦ୍ଧାଗ୍ ଗୋପନରେ ଚଲାନ୍ତି କିନ୍ତୁ ପାପ ଲୁଚଇ ନାହିଁ ତାହା ପ୍ରାୟ ସର୍ବତ୍ରରେ ପ୍ରକାଶ ଓ ଅନେକ ଲୋକଠାରୁ ତାଙ୍କର ଏହି ସଂକ୍ରାନ୍ତ ନିନ୍ଦା ଶୁଣିଲୁଁ । ଲୋକନିନ୍ଦା ପ୍ରତି ବାବୁ ଦୃଷ୍ଟି ନ କଲେ ନାହିଁ ପରକାଳ ପ୍ରତି ଦୃଷ୍ଟି କରିବାର ଆବଶ୍ୟକ ସେଥିରୁତ କୌଣସିମତେ ଖଲାସ ନାହିଁ । ଯେ ମନ୍ଦ ଉପାୟରେ ଅର୍ଥ ଉପାର୍ଜ୍ଜନ କରି ଲୁଟମ୍ପ ପାଲେ ସେ ଏକା ପାପର ଓ ଦଣ୍ଡର ଭାଗୀ ହୁଏ, ଲୁଟମ୍ପମାନେ ଅର୍ଥ ଜନିତ ସୁଖ ସ୍ୱଚ୍ଛନ୍ଦରୂପେ ଭୋଗ କରନ୍ତି କିନ୍ତୁ ସେ ପାପ ବା ଦଣ୍ଡର ଭାଗୀ ନ ହୁଅନ୍ତି । ତେବେ ଅନ୍ୟପାଇଁ ଆପଣାର ପରକାଳ ନଷ୍ଟ କରିବାର କି ଆବଶ୍ୟକ ? ସଂସାରରେ କିଏ କାହାର ? ଉକ୍ତରୂପ ବ୍ୟବହାରଟି ଯେପରି ସାଧାରଣ ଅନିଷ୍ଟକର ସେ କିଏ ତାହାର ମଧ୍ୟ ଅମଙ୍ଗଳକର ଅତଏବ ନାଏବବାବୁ ବା ତାଙ୍କ ଭଳି ଲୋକେ ଏ ପାପକୁ ତ୍ୟାଗ କରନ୍ତୁ । ସେମାନେ ଅମ୍ଭର କଥା ଘେନା କରନ୍ତୁ ନ କରନ୍ତୁ ଅମ୍ଭର କର୍ତ୍ତବ୍ୟକର୍ମ କଲୁଁ । ଆପଣ ଏ ପତ୍ରିକାକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କରି ଆପଣଙ୍କର କର୍ତ୍ତବ୍ୟ କର୍ମ ସାଧନ କରନ୍ତୁ । ଇତି ଶ୍ରାବଣ ଦ ୨୪ ନ ସନ ୧୮୫ ସାଲ ।

କେହି ହିତୈଷୀ ।

ବିଜ୍ଞାପନ

ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ପ୍ରକାଶ କରାଯାଉ ଅଛି ଯେ ଅମ୍ଭ ଉତ୍କଳୀୟମାନଙ୍କର ମୃତକ ମୃତକାଦି ଶୌଚାଶୌଚ ନିର୍ଣ୍ଣୟପୁସ୍ତକ ଶୁଦ୍ଧି ଚନ୍ଦ୍ରିକାର ଶ୍ଲୋକ ଓ ଉତ୍କଳ ଭାଷାରେ ତହିଁର ଅର୍ଥ ଏକତ୍ର ଛପା ହୋଇ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଛାପାଖାନାରେ ବିକ୍ରି ନିମିତ୍ତ ରଖା ଯାଇଅଛି, ଯେଉଁମାନେ ଏହି ପୁସ୍ତକ ନେବାକୁ ଇଚ୍ଛୁକ ହେବେ ଉକ୍ତ ଛାପାଖାନାରେ ତତ୍ତ୍ୱ କଲେ ପାଇ ପାରିବେ । ଏ ପୁସ୍ତକର ଖଣ୍ଡକୁ ମୂଲ୍ୟ ଟ୦୵ ଅଣା ଲେଖାଏଁ ଏପରି ଅନ୍ୟସ୍ଥାନକୁ ପଠାଇଲେ ଡାକ ମାସୁଲ ଅଧିକା ଲାଗିବ । ଇତି ।

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମା ।

ସବର୍ଣ୍ଣବଶ ୨ ୟ ବାର ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ୧। ଅଣା;

ସିନକୋନା ଜ୍ୱରଘ୍ନ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜ୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ପକ୍ଷରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦୲ଙ୍କା, ଡାକର ଖରଚ ଟ ୦ ୷ ଅଣା ଅତିରିକ୍ତ ଲାଗିବ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସନ୍ନିକଟ ହାବଡାସ୍ଥ ବଟାନିକେଲ ଗାର୍ଡ଼ନର ସୁପରଇଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଅବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗନ୍ନାଥଦାସ | କଲିକତା | ବକାୟା ଟ ୮।୵ |
| | | ଅଗ୍ରିମ ଟ ୨୷୵ |
| " ବାଳକୃଷ୍ଣ ମହାପାତ୍ର | | ବକାୟା ଟ୧୦୲ |
| " ରାମଗୋପାଳ ଚତୁର୍ଦ୍ଧୁରୀ | ପୁରୀ | " ଟ୧୫। |
| " ରାମପ୍ରସାଦସିଂହ | କଟକ | " ଟ ୨୲ |
| ଶ୍ରୀଯୁକ୍ତ ଫେଲରସାହେବ | ଯାଜପୁର | ଅଗ୍ରିମ ଟ ୨୷୵ |
| ବାବୁ ନନ୍ଦକୁମାର ମହାନ୍ତି | ବରଡ | " ଟ ୨୷୵ |
| ଶ୍ରୀଯୁକ୍ତ ରାଜା କଣ୍ଡେ ଦଣ୍ଡପେ | | ବକାୟା ଟ୧୦୲ |
| " ରାଜା କଣ୍ଡେ ଡାଲବେର | | " ଟ ୨। |
| ଶ୍ରୀକ୍ଷତ୍ରିବର ଭଗବାନସିଂହ କୋଠଦେଶ | | ଅଗ୍ରିମ ଟ ୨୷୵ |

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ୍ଣ ୧୩ଶ
ସଂ ୩୩ ଖ୍ୟା

ତା ୧୭ ଦଶ ମାହେ ଅଗଷ୍ଟ ସନ ୧୮୭୮ ମସିହା । ମୂ । ଭାଦ୍ରବ ଦି ୩ ନ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬॥
ମଫସଲପାଇଁ ଡାକମାସୁଲ ଟ୧୲୵

ଗବର୍ଣ୍ଣମେଣ୍ଟଇଣ୍ଡିଆ ଆଜ୍ଞା ଦେଇ ଅଛନ୍ତି କି ଲାଇସେନସ୍ ଟାକସ୍ ଆଇନର ୧୭ ଓ ୧୯ ଧାରାର ବିଧାନାନୁସାରେ କଲେକ୍ଟର ସାହେବଙ୍କ ନିକଟରେ ଯେଉଁ ଦରଖାସ୍ତ ଦିଆଯିବ ତହିଁରେ କେବଳ ଏକଅଣା ମୂଲ୍ୟର କୋର୍ଟଫିସ ଲଗିବ । ପୂର୍ବେ ଅଧିକ ମାସୁଲ ପଡୁଥିଲା ସମ୍ପ୍ରତି ଊଣା ହେଲା ବଡ ସୁଖର ବିଷୟ ଅଟଇ । ଟାକସ୍ ସମ୍ପର୍କରେ ଷ୍ଟାମ୍ପ ମାସୁଲ ରହିତ ହୋଇଥିଲେ ଆହୁରି ଭଲ ହୋଇ ଥାନ୍ତା ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଡେଲିନ୍ୟୁସରେ ପାଠକଲୁଁ ଯେ ପୁରୀ ରାଜାଙ୍କୁ କ୍ଷମା ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଆବେଦନ ପତ୍ରମାନ ଶୀଘ୍ର ଉପସ୍ଥିତ ହେବ । ଏ ଆବେଦନ ପତ୍ରମାନଙ୍କରେ ଭାରତବର୍ଷର ସ୍ୱାଧୀନ ଓ କରଦ ମହାରାଜା ଓ ରାଜାମାନେ ଏବଂ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସ୍ୱାକ୍ଷର କରିବେ । ଭରସା ହୁଅଇ ଗବର୍ଣ୍ଣମେଣ୍ଟ ଏମାନଙ୍କ ଅନୁରୋଧ ରକ୍ଷା କରିବାକୁ କୁଣ୍ଠିତ ହେବେ ନାହିଁ ।

---

ଆମ୍ଭେମାନେ ଗତ ସପ୍ତାହରେ ଭ୍ରମବଶତଃ ଲେଖିଥିଲୁଁ ଯେଉଁ ଷ୍ଟିବନସ୍ ସାହେବ ଏଠାରେ ଜଏଣ୍ଟମାଜିଷ୍ଟ୍ରେଟ ଥିଲେ ନଦୀଆ ଜିଲ୍ଲାର ସ୍ରେଡସେସ ତହବିଲ ଦଙ୍ଗା ମକଦ୍ଦମାରେ ତାହାଙ୍କର ବିପଦ ହେବାର ସମ୍ଭାବନା । ବାସ୍ତବରେ ତାହା ନୁହେ । ନଦୀଆର କଲେକ୍ଟର ଅନ୍ୟଏକ ଷ୍ଟିବନସ୍ ସାହେବ । ଏଠାର ଷ୍ଟିବନସ୍ ସାହେବ ଏକଟିଂ ଜଜ ହୋଇ ବଙ୍ଗଳାର ଅନ୍ୟ ସ୍ଥାନକୁ ଯାଇ ଥିଲେ । ବର୍ତ୍ତମାନ ସେ ଜଏଣ୍ଟମାଜିଷ୍ଟ୍ରେଟ ପଦରେ ଅଛନ୍ତି ।

---

ବୋର୍ଡରେବେନ୍ୟୁ ଅତି ସୁବିଚାର ପୂର୍ବକ ନିୟମ କରି ଅଛନ୍ତି କି ଖାସମହାଲର ବାକୀ ଖଜଣା ଉପରେ କଲନ୍ତର ବସିବ ନାହିଁ । ଖାସମହାଲର ଖଜଣା ରାଜସ୍ୱ ତୁଲ୍ୟ ଅଟଇ ଓ ରାଜସ୍ୱ ଉପରେ କଲନ୍ତର ନେବାର ନିୟମ ନାହିଁ । ବିଶେଷ ଖାସମହାଲ ରଯତଠାରୁ ବାକୀ ଖଜଣା ଆଦାୟ କରିବାର ବଡ ସହଜ ଏବଂ ଚଞ୍ଚଳ ଉପାୟ ଅଛି ଯାହାକି ଲୋକଙ୍କ ଜମିଦାରୀ ପକ୍ଷରେ ନାହିଁ । କୋର୍ଟଅବଓ୍ୱାର୍ଡସ ଅଧୀନରେ ଥିବା ମହାଲର ବାକୀ ଖଜଣା ଉପରେ ନ୍ୟାଯ୍ୟମତେ କଲନ୍ତର ଧରି ଯାଇ ପାରେ ମାତ୍ର ମାମଲା କେବା ପୂର୍ବେ ପ୍ରାପ୍ୟ ଖଜଣା ଉସୁଲ ହେଲେ କଲେକ୍ଟର ମହାଲର ମେନେଜରମାନେ ଆପଣା ଇଚ୍ଛାମତେ ସୁଧ କ୍ଷମା ଦେବେ ତେବେ ଖଜଣା ଦେଣହେବାର କେତେ ବିଲମ୍ବରେ ଆଦାୟ ହେଲା ଏଥି ପକ୍ଷରେ ଦୃଷ୍ଟି କରିବେ ।

---

ଏ ସପ୍ତାହରେ ପ୍ରାୟ ପ୍ରତିଦିନ ବୃଷ୍ଟି ହୋଇ ଅଛି ଏବଂ ମୋଟରେ ଗତ ବର୍ଷ ଏହି ସମୟ ପର୍ଯ୍ୟନ୍ତ ଯେତେ ବୃଷ୍ଟି ହୋଇଥିଲା ଏ ବର୍ଷ ତହିଁରୁ ଅଧିକ ହୋଇଅଛି । ବିଆଳି ଫସଲ ଯେ ପରିମାଣରେ ନଷ୍ଟ ହେବାର ଅନୁମାନ ହୋଇଥିଲା ତହିଁରୁ ଊଣା ହେବ ବୋଲି ଜଣା ଯାଏ ଏବଂ କେତେ ସ୍ଥାନରେ ବିଆଳି ପାଚିବାର ମଧ୍ୟ ଶୁଣା ଯାଇଅଛି । ନଈ ବଢ଼ି ପ୍ରବଳ ହୋଇ ନାହିଁ କିନ୍ତୁ ଅଧୂଆଣିରୁ ଅଧିକ ହୋଇଥିଲା । ଯାଜପୁର ଅଞ୍ଚଳରେ ନଦୀ କୂଳର କ୍ଷେତ କେତେକ ପରିମାଣରେ ଅଧିକ ନଦୀ ବୃଦ୍ଧି ନ ହେବାହେତୁ ବେଉଷଣ ହୋଇ ପାରି ନାହିଁ । ଭାରତ ବର୍ଷର ଅନ୍ୟାନ୍ୟ ସକଳ ସ୍ଥାନରେ ବୃଷ୍ଟି ହୋଇଅଛି କେଉଁ ୨ ସ୍ଥଳରେ ବରଂ ଯୋଇ ହୋଇଅଛି ମାତ୍ର କୌଣସି ସ୍ଥାନରେ ଅଉ ମରୁଡିର ଆଶଙ୍କା ରହି ନାହିଁ । ବ୍ରହ୍ମଦେଶ ପ୍ରତି ସର୍ବ ଶେଷରେ ଇନ୍ଦ୍ର ଦେବତାଙ୍କ ଦୃଷ୍ଟି ପଡିବାରୁ ଯଦ୍ୟପି କି ପ୍ରଥମେ ଆଶଙ୍କା ହୋଇଥିଲା ମାତ୍ର ବର୍ତ୍ତମାନ ତାହା ନାହିଁ ଏ ମାସର ବୃଷ୍ଟି ଚତୁର୍ଦ୍ଦିଗରେ ହୋଇଅଛି । ମୂଳ କଥା ଏହି ଯେ ଦୁର୍ଭିକ୍ଷର ସମସ୍ତ ଆଶଙ୍କା ବର୍ତ୍ତମାନ ସକାଶେ ଲୋକଙ୍କ ଚିତ୍ତରୁ ଅନ୍ତର ହୋଇଅଛି ।

---

ଗବର୍ଣ୍ଣମେଣ୍ଟ-ଇଣ୍ଡିଆଙ୍କ ଘୋଷଣା କ୍ରମେ ଚଳିତମାସ ପ୍ରଥମ ଦିନଠାରୁ ଲବଣ କର ଆହୁରି କିଛି ଊଣା ହୋଇ ଅଛି । ବଙ୍ଗଳା ପ୍ରଦେଶରେ ପୂର୍ବେ ମହଣ ପ୍ରତି ଲବଣକର ଟ ୩

Digitized by srujanika@gmail.com

Split by PDF Splitter

146



ଥିଲା ଗତ ନବେମ୍ବରରେ ଦୁଇଅଣା ଊଣା ହୋଇ ୫ ୩୵ ରେ ରହି ଥିଲା । ସମ୍ପ୍ରତି ଆଉ ଦୁଇଅଣା ଊଣା ହୋଇ ଅର୍ଥାତ୍ ୫ ୨।୵ ରେ ରହିଲା । ଏରୂପ କର ଊଣା ହେବାରୁ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନ ନିମିତ୍ତ ସ୍ଥାନୀୟ ଯୋଗ୍ରାନ ଲୁଣ ସକାଶେ ଉଲ୍ଲିଖିତ ନିୟମରେ ଦର ନିଆଯିବାର ଆଜ୍ଞା ହୋଇଅଛି ଯଥା;—

| | |
|---|---|
| କଟକ ଓ ପୁରୀ ଜିଲ୍ଲାରେ ମହଣ ପ୍ରତି | ୫ ୨। |
| କଟକ ଜିଲ୍ଲାର ଉତ୍ତର ସୀମା ଏବଂ ବାଁସବାଁସ ନଦୀ ମଧ୍ୟରେ ଥିବା କୌଣସି ସ୍ଥାନରେ | ୫ ୨।୵ |
| ବାଁସବାଁସ ନଦୀ ଏବଂ ବାଲେଶ୍ୱରର ଉତ୍ତର ସୀମାମଧ୍ୟରେ ଥିବା କୌଣସି ସ୍ଥାନରେ | ୫ ୨।୶ |

ଏଥର ମାସୁଲ ଊଣା ହେବାରେ ବଜାରରେ ଲୁଣ କିଛି ଶସ୍ତା ହୋଇଅଛି ଓ ବୋଧ ହୁଅଇ ଏଣିକି ଆଉ ମାନ୍ଦ୍ରାଜି ଲୁଣ ଏ ପ୍ରଦେଶକୁ ଆମଦାନୀ ହେବ ନାହିଁ ଓ ଜିଲ୍ଲାଲୁଣ ଖର୍ଚ୍ଚ ହେଲେ ମଲଙ୍ଗିମାନଙ୍କର ଉପକାର ହେବ ।

---

ଗତ ଜୁଲାଇ ମାସ ତା ୨୦ ଋଖ ପର୍ଯ୍ୟନ୍ତ ମା ୫୨୭୦୨ ଣ ଜମିରୁ ନାଲ ଜଳ ନେବା ସକାଶେ କବୁଲିୟତ୍ ହୋଇ ଥିଲା । ଏ ସବୁ କବୁଲିୟତ୍ ପାଞ୍ଚ ବର୍ଷିଆ ଅଟଇ ଓ ଦର ମାଣ ପ୍ରତି ୫ ୧।। ଙ୍କା ଲେଖାଏଁ । ଏଣିକି ବୃଷ୍ଟି ହେବାରୁ ବୋଧହୁଏ ଆଉ ବିଶେଷ କବୁଲିୟତ୍ ହୋଇ ନ ଥିବ । ଯାହା ହୋଇଅଛି ଏକପ୍ରକାର ମନ୍ଦନୁହେ । ଏବର୍ଷ ବୃଷ୍ଟିକାଳ ଆରମ୍ଭ ହେବାରେ ଅନେକ ବିଲମ୍ବ ହେବାରୁ ଲୋକେ ତରତର ହୋଇ କବୁଲିୟତ୍ କରି ଗଲେ ଏବଂ ଯଦ୍ୟପି କି ସେ ସମୟରେ ନାଲମାନ ପ୍ରୟୋଜନ ମତେ ଜଳ ଯୋଗାଇ ପାରିଲା ନାହିଁ କିନ୍ତୁ ନଦୀରେ କିଞ୍ଚିତ୍ ପାଣି ପଡନ୍ତେ ନାଲ ଜଳ ପ୍ରାପ୍ତ ହେଲା ଓ ତହିଁରେ କୃଷିର ଉପକାର ହେଲା । ଅନେକ ସ୍ଥାନରୁ ଆମ୍ଭେମାନେ ଶୁଣିଅଛୁଁ ଯେ ନାଲ ଜଳ କବୁଲିୟତୀ କ୍ଷେତରେ ଅନ୍ୟ କ୍ଷେତ ଅପେକ୍ଷା କୃଷି ଭଲ ହୋଇ ଅଛି କାରଣ ପ୍ରଥମ ଲଗ୍ନିତ କ୍ଷେତର ରୋଉଷଣ ଶୀଘ୍ର ହେଲା । ଅତଏବ ଦେଖାଯାଏ ଯେ ନାଲ କେବଳ ବୃଷ୍ଟିର ସହକାରୀ ସ୍ୱରୂପ ଉପକାରୀ ଅଟଇ । ଆଦୌ ବୃଷ୍ଟି ନ ହେଲେ ନାଲ ଜଳ ଦେଇ ପାରିବ ନାହିଁ କିନ୍ତୁ ଥରେ ବର୍ଷାକାଳ ଆରମ୍ଭ ହୋଇ ସମୟାନସାରେ ବୃଷ୍ଟି ନ ହେଲେ ନାଲ ଜଳ ତହିଁର ସମସ୍ତ ଅନିଷ୍ଟ ନିବାରଣ କରିବାକୁ ସକ୍ଷମ ହୁଅଇ ।

---

ଦାଖଲଖାରଜ ମୋକଦ୍ଦମା ।

ଏଥିପୂର୍ବେ ଲେଖାଯାଇଥିଲା ଯେ ପଞ୍ଚାଶମାଣ ଓ ତଦୂର୍ଦ୍ଧ ପରିମାଣ ଲଖରାଜଭୂମିର ଦାଖଲଖାରଜ ହେବ ଓ ପଞ୍ଚାଶମାଣର ନ୍ୟୂନ ସମସ୍ତ ଭୂମିର ଦାଖଲଖାରଜ ହେବ ନାହିଁ । ସମ୍ପ୍ରତି ବାଲେଶ୍ୱରର ସମ୍ବାଦଦ ମାନଙ୍କରୁ ଅବଗତ ହେଲୁଁ ଯେ ଉକ୍ତ ଆଜ୍ଞା ପଞ୍ଚାଶମାଣ ପକ୍ଷରେ ନ ବର୍ତ୍ତି ପଞ୍ଚାଶବଧା ପକ୍ଷରେ ବର୍ତ୍ତିବ ଏପରି ବୋର୍ଡରୁ ଆଜ୍ଞା ଅସିଅଛି ପଞ୍ଚାଶବଧା ଏଦେଶର ପ୍ରଚଳିତ ୨୪ ଦସ୍ତୀ ପଦକାରେ ମା ୧୬।୧୩୵ କୁ ସରି ଅଟଇ ଏଥିରୁ ନ୍ୟୂନଜମିର ଦାଖଲଖାରଜ ହେବ ନାହିଁ । ଅନ୍ୟାନ୍ୟ ପଦକାରେ ମାପ ହୋଇଥିବା ଜମିରୁ ଦ ୨୪ ସ୍ତିରେ କସୋଟ କରି ଉପରଲିଖିତ ମା୧୬।୧୩୵ କିମ୍ବା ଊର୍ଦ୍ଧ ହେଲେ ଦାଖଲଖାରଜ ହେବ ଅନ୍ୟଥା ହେବ ନାହିଁ । ଏ ଆଜ୍ଞାରେ ମଧ୍ୟ ଅନେକ ମୋକଦ୍ଦମା ଊଣା ପଡିବ ଓ ଅନେକ ଦୁଃଖୀଅ ଧକାଖର୍ଚ୍ଚାରୁ ବଞ୍ଚି ଯିବେ । କିନ୍ତୁ ଆମ୍ଭେମାନେ ଏଥିପୂର୍ବେ ଯେଉଁ ମତ ପ୍ରକାଶ କରିଥିଲୁଁ ତହିଁ ସମ୍ପର୍କରେ ଗୋଟିଏ ଯୁକ୍ତିପୂର୍ଣ୍ଣ ଆପତ୍ତି ଶୁଣିବାରୁ ସର୍ବସାଧାରଣଙ୍କୁ ତାହା ଜଣାଉଅଛୁଁ । ଉକ୍ତ ଆପତ୍ତି ଏହି କି ଅଳ୍ପଜମିର ଦାଖଲଖାରଜ ବର୍ତ୍ତମାନ ନ କଲେ ଦୁଃସ୍ଥଲୋକମାନେ ଆଉ ଅଧିକ ଖର୍ଚ୍ଚରେ ପଡିବେ ନାହିଁ ମାତ୍ର ଯେତେ ଖର୍ଚ୍ଚ କରିଅଛନ୍ତି ତାହାତ ଫେରି ପାଇବେ ନାହିଁ ଏବଂ ଗବର୍ଣ୍ଣମେଣ୍ଟ ପ୍ରଥମେ ସେମାନଙ୍କୁ ଏକପ୍ରସ୍ତ ଅଧିକ ଖର୍ଚ୍ଚ କରାଇ ଶେଷରେ ତାହାଙ୍କ କାର୍ଯ୍ୟ ନ କରିବା କିମ୍ବା ନିତାନ୍ତପକ୍ଷରେ ତାହାଙ୍କ ଖର୍ଚ୍ଚ ଅର୍ଥାତ୍ ଦରଖାସ୍ତର କୋର୍ଟଫିସ ଇତ୍ୟାଦି ଫେରି ନ ଦେବା ନ୍ୟାୟବାନ୍ ଗବର୍ଣ୍ଣମେଣ୍ଟର ଉପଯୁକ୍ତ କାର୍ଯ୍ୟ ବୋଲାଯାଇ ନ ପାରେ । ଅଥଚ ଦେଖାଯାଏ ଯେ କେବଳ ଅଳ୍ପପରିମାଣ ଦୁଃଖୀ ଲଖରାଜଦାରଙ୍କୁ ବାଧ୍ୟ କରି ଖର୍ଚ୍ଚାନ୍ତ କରାଇବା ଓ ଯାହାଙ୍କ ଘରେ ଧନ କଇସ୍ଥା ନାହିଁ ତାହାଙ୍କ ଘରେ ବିରୋଧ ଜନ୍ମାଇ ଦେବା ଏ ଆଇନ ବଳରେ ପ୍ରଧାନ ଆପତ୍ତି ଅଟଇ ନୋହିଲେ ଏ ଆଇନଦ୍ୱାରା ଯେ ଅନେକ ଲାଭ ଅଛି ତହିଁରେ କିଛି ସନ୍ଦେହ ନାହିଁ । ଏସ୍ଥଳେ ଯେବେ ଅଳ୍ପ ଲଖରାଜ ଭୋଗିମାନେ ଯେତିକି ଖର୍ଚ୍ଚ କରିଅଛନ୍ତି ଯେବେ ତେତିକିକେ ସେମାନଙ୍କର ନାମ ଦାଖଲଖାରଜ ହୋଇପାରେ ତେବେ ତାହା ନ କରି ସେମାନଙ୍କ ଦରଖାସ୍ତ ଫେରାଇ ଦେବା ଉଚିତ ବୋଧ ହେଉ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଏଥିରେ ଅଧିକ ବ୍ୟୟ ପଡିବ ନାହିଁ ଓ ଯାହା ସାମାନ୍ୟ ବ୍ୟୟ ପଡିବ ତାହା କୋର୍ଟଫିସଦ୍ୱାରା ପ୍ରଥମେ ଆଦାୟ କରି ନେଇ ଅଛନ୍ତି । ଏଥର ଯେବେ ବିନା ଆପତ୍ତିରେ ମୋକଦ୍ଦମା ଅର୍ଥାତ୍ ଯହିଁରେ କେହି ମୁକାହେମ ହୋଇ ନାହିଁ ଓ ସମସ୍ତ ସରିକଦାରମାନେ ପରସ୍ପରର ସତ୍ୱ ସ୍ୱୀକାର କରଅଛନ୍ତି ସେସବୁ ମକଦ୍ଦମା ଏକାବେଳକେ ନିଷ୍ପତ୍ତି କରି ଦେଲେ ଅଧିକାଂଶ ଦରଖାସ୍ତକାରିଙ୍କୁ ଆଉ କଚେରିଠାକୁ ଆସିବାକୁ ହେବ ନାହିଁ ସେମାନେ ଆପଣା ଘରେ ବସି କାର୍ଯ୍ୟ ପାଇବେ । ଆଉ ଯେଉଁସମସ୍ତ ମୋକଦ୍ଦମାରେ ଆପତ୍ତି ହେବ ସେଥିର ପକ୍ଷମାନେ ଯଦ୍ୟପି କି ଖର୍ଚ୍ଚାରେ ପଡିବେ ମାତ୍ର ସେମାନଙ୍କର ସତ୍ୱ ବିଷୟରେ ଆଉ ଭବିଷ୍ୟତକୁ ଦ୍ୱନ୍ଦ ରହିବ ନାହିଁ ଯେମନ୍ତ ଏକପକ୍ଷରେ କୌଣସି ଦୁଷ୍ଟ ଲୋକର ଅନର୍ଥକ ଆପତ୍ତି ହେତୁରୁ କେହି କେହି ଖର୍ଚ୍ଚାନ୍ତ ହେବେ ତେମନ୍ତ ପକ୍ଷାନ୍ତରେ କେତେ ଲୋକର ଭ୍ରାତୃବିବାଦ ବା ଅନ୍ୟାନ୍ୟପ୍ରକାର ବିବାଦ କି ଯାହା ସମୟରେ ଅଦାଲତରେ ପଡି ଉଭୟପକ୍ଷଙ୍କୁ ଅଧିକ କ୍ଳେଶ ଓ ଅଧିକ ଖର୍ଚ୍ଚରେ ପକାନ୍ତା ତାହା ଅପେକ୍ଷାକୃତ ଅଳ୍ପ ଖର୍ଚ୍ଚରେ ନିଷ୍ପତ୍ତି ହୋଇଯିବ । ଏହି ସମସ୍ତ ବିବେଚନାରେ ଆମ୍ଭେମାନେ ଆପତ୍ତିକାରିଙ୍କ ସହିତ ଐକ୍ୟ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଯେ ଅଳ୍ପପରିମାଣ ଲଖରାଜଭୂମିର ଦାଖଲଖାରଜ ଦରଖାସ୍ତମାନ ଏକାବେଳକେ ଫେରିକି ପକାଇ ନ ଦେଇ ଯହିଁରେ ଦରଖାସ୍ତକାରମାନେ ଯେତେଦୂର ଅନାୟାସରେ ଫଳ ପାଇ ପାରନ୍ତି ତାହା ସେମାନଙ୍କୁ ଦେବା ପକ୍ଷରେ ଯତ୍ନବାନ୍ ହେଉନ୍ତୁ ।

---

ଝୁଲଣଯାତ୍ରା ଓ ସଙ୍ଗୀତବାଦ୍ୟ ।

ଏ ବର୍ଷ ଝୁଲଣ ଯାତ୍ରା ଏକ ପ୍ରକାର ସାମାନ୍ୟରୂପେ ନିର୍ବାହ ହୋଇ ଗଲା ବୋଲିବାକୁ ହେବ ପୂର୍ବ କାଳରୁ ଯେତେ ଦେବ ମନ୍ଦିରରେ ଯାତ୍ରା ହୁଅଇ ସେ ସମସ୍ତଠାରେ ଦୁଇ ଏକପଣ୍ଡା ଲେଖାଏଁ ଗୋଟିଯୋ ନାଚ ଭିନ୍ନ ଆଉ କିଛି ଆଡମ୍ବର ନ ଥିଲା । ପ୍ରତି ବର୍ଷ ଯେତେ ନାଚୁଆ ଅଣିଲା ଏ ସମୟରେ ମୋଫସଲରୁ ଆସନ୍ତି ଏ ବର୍ଷ ତେତେ ନାହିଁ । ସମ୍ଭବ ହୁଅଇ ମାତ୍ର

Digitized by srujanika@gmail.com

ଭୟ ଓ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ଏଥିର ହେତୁ ଅଟଇ ମଧ୍ୟ ଉକ୍ତ ଦୁଇ କାରଣରୁ ଲୋକଙ୍କର ଅନୁରାଗ ବିଶେଷ ଊଣା ପଡ଼ିଅଛି । ପେଟପୂରା ଭୋଜନ ନ ମିଳିଲେ ତବେ ଯାତ୍ରା ଦେଖିବା ବୁଲିବା ବା ଖେଳ କୌତୁକରେ ସମୟ କାଟିବ । ଏତ ଗଲା ସାଧାରଣ ଯାତ୍ରା କଥା ।

ଏ ନଗରର ଶ୍ରୀ ବିନୋଦବିହାରୀ ଠାକୁରଙ୍କ ନିକଟରେ ପ୍ରତି ବର୍ଷ ଯେଉଁ ବିଶେଷ ଯାତ୍ରା ହୁଅଇ ଅର୍ଥାତ୍ ଯେଉଁମାନେ ଗାଇବାକୁ ବା ବଜାଇବାକୁ ପାରନ୍ତି ସେମାନେ ଏଠାରେ ସମବେତ ହୋଇ ସଙ୍ଗୀତ କାର୍ଯ୍ୟ ଦେଖାନ୍ତି ତାହା ମଧ୍ୟ ଏ ବର୍ଷ ସାମାନ୍ୟରୂପେ ହୋଇ ଗଲା । ଏକପକ୍ଷରେ ତୁଳଣଯାତ୍ରାକୁ ସଙ୍ଗୀତ କାର୍ଯ୍ୟର ପ୍ରଦର୍ଶନ ବୋଲିବାକୁ ହେବ ଏବଂ ଏଥିର ଅବନତି ଅତ୍ୟନ୍ତ ଦୁଃଖର ବିଷୟ ଅଟଇ । ଏଥିରୁ ଏତିକି ପ୍ରକାଶ ପାଉଅଛି ଯେ ସଙ୍ଗୀତର ଜ୍ଞାନ କ୍ରମଶଃ ଊଣା ହୋଇ ହୀନାବସ୍ଥାକୁ ପ୍ରାପ୍ତ ହେଲଣି । ପୂର୍ବେ ଏଠାରେ ଏ ନଗରବାସୀ ଅନେକ ସଙ୍ଗୀତ ଜାଣିବା ବ୍ୟକ୍ତି ଏକତ୍ରିତ ହୋଇ ଗାୟନ ଓ ବାଦ୍ୟଦ୍ୱାରା ଲୋକଙ୍କୁ ମୋହିତ କରୁ ଥିଲେ ଓ କେତେ ବିଦେଶୀୟ ସଙ୍ଗୀତ ନିପୁଣ ଲୋକ ତାହାଙ୍କ ସଙ୍ଗେ ଯୋଗ ଦେଇ ଅଧିକ ଶୋଭା ବଢାଉ ଥିଲେ । ଏବେ ନା ଏଠାରେ ସେପରି ଲୋକ ଅଛନ୍ତି ନା ବିଦେଶରୁ କେହି ଆସୁଅଛନ୍ତି । ସୁତରାଂ ସଙ୍ଗୀତବିଦ୍ୟା ଲୋପ ହେବା ଉପରେ ଅଛି । ଆମ୍ଭମାନଙ୍କ ପ୍ରାଚୀନ ଶାସ୍ତ୍ରାନୁଯାୟୀ ସଙ୍ଗୀତ ଗୋଟିଏ ସାମାନ୍ୟ ବିଦ୍ୟା ନୁହଇ ବରଂ ସବୁ ବିଦ୍ୟାର ସାର ବୋଲି ବର୍ଣ୍ଣିତ ହୋଇଅଛି ଓ ତାହା ଶିକ୍ଷା କରି ଯୋଗ୍ୟତା ଲାଭ କରିବା ଅଳ୍ପକଥା ନୁହଇ । ଭଲ ଶିକ୍ଷକ ରଖି ବହୁକାଳ ଶ୍ରମ ନ କଲେ କିଞ୍ଚିନ୍ମାତ୍ର ଲାଭ ହେବା ସୁକଠିନ । ଏଥିକୁ ନଗର ମଧ୍ୟରେ ଏମନ୍ତ ଦ୍ରବ୍ୟବନ୍ତ ଲୋକ ନାହାନ୍ତି କି ଯାହାଙ୍କର ଏ ବିଦ୍ୟାରେ ରୁଚି ବା ଇଚ୍ଛା ଅଛି । ଯେଉଁମାନେ ଏଠାରେ ବଡଲୋକ ବୋଲାଉ ଅଛନ୍ତି ସେମାନଙ୍କର ଅର୍ଥ ଉପାର୍ଜନ ଓ ଶରୀର ପୋଷଣରେ ଦିନଯାଏ କଦାଚିତ୍ ପାଞ୍ଚଜଣ ବସି ମନ ଆନନ୍ଦ କରିବାକୁ ହେଲେ ପିଲାଙ୍କ ପରି ଖେଳ କୌତୁକ ବା ଅନର୍ଥକ ଗଳ୍ପଦ୍ୱାରା ତାହା ଚରିତାର୍ଥ କରନ୍ତି । କି ନବ୍ୟ କି ପ୍ରାଚୀନ ଏଠାର ସମସ୍ତ ସମ୍ପ୍ରଦାୟ ନିକଟରେ ସଙ୍ଗୀତ ବିଦ୍ୟାର ସମାନରୂପ ଅନାଦର ହୋଇଅଛି । ଏପରି ଅବସ୍ଥାରେ ଏ ବିଦ୍ୟା କି ପ୍ରକାରରେ ଏଠାରେ ରହିବାର ସମ୍ଭବ । ଉତ୍ସାହ ନ ପାଇବାରୁ ଅନ୍ୟ ଦେଶରୁ କେହି ସଙ୍ଗୀତ ବିଦ୍ୟାର ପଣ୍ଡିତ ଆସୁ ନାହାନ୍ତି କି ଏଠା ଲୋକେ ଶିକ୍ଷା କରୁ ନାହାନ୍ତି । ସୁତରାଂ ଏଠାରେ ଏ ବିଦ୍ୟାର ଚର୍ଚ୍ଚା ପ୍ରାୟ ଲୋପ ହେଲା । ଆମ୍ଭେମାନେ ଏ ଅବସ୍ଥା ଦେଖି ବଡ ଦୁଃଖିତ ଓ ଲଜ୍ଜିତ ହେଉ ଅଛୁଁ କିନ୍ତୁ ଏଠାର ଧନୀ ବିଦ୍ୱାନ୍ ଓ ଦେଶ ହିତୈଷୀ ବ୍ୟକ୍ତିମାନେ ମନୋଯୋଗ ନ କଲେ କଦାଚ ଏ ଦୁଃଖ ଘୁଞ୍ଚିବାର ନୁହଇ । କଲିକତାରେ ଡାକ୍ତର ଶୌରେନ୍ଦ୍ରମୋହନ ଠାକୁରଙ୍କ ଯୋଗେ ସଙ୍ଗୀତ ବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ତାହା ଦେଖି ବଙ୍ଗଳାର ଅନ୍ୟାନ୍ୟ କେତେ ସ୍ଥାନରେ ଏପରି ବିଦ୍ୟାଳୟମାନ ସ୍ଥାପିତ ହେବାର ଶୁଣାଯାଏ ଓ ଯଦ୍ୟପି କି ଅବଧି ପ୍ରତ୍ୟକ୍ଷ ଫଳ କିଛି ଆମ୍ଭେମାନେ ଦେଖି ନାହୁଁ ମାତ୍ର ଭରସା ହୁଅଇ ଯେ ସମୟରେ ତାହା ଦେଖା ଯିବ । ଏ ଅଞ୍ଚଳରେ ମୟୂରଭଞ୍ଜର ମହାରାଜା ଏକ ବିଦ୍ୟାଳୟ ସ୍ଥାପନ କରିବାର ଶୁଣାଯାଏ । ମହାରାଜାଙ୍କର ଏ କାର୍ଯ୍ୟଟି ଯେବେ ଫଳପ୍ରଦ ହୁଏ ତେବେ ବଡ ସୁଖର ବିଷୟ ହେବ । ମହାରାଜା କେବଳ ଆପଣା କିଲ୍ଲା ପ୍ରତି ପକ୍ଷପାତୀ ନ ହୋଇ ଯେବେ ଓଡ଼ିଶାର ଭିନ୍ନ କିଲ୍ଲାରୁ ଦୁଇ ତିନୋଟି ଲେଖାଏ ପିଲାଙ୍କୁ ବୃତ୍ତି ଦେଇ ସଙ୍ଗୀତ ବିଦ୍ୟାରେ ସୁଶିକ୍ଷିତ କରି ପଠାଇ ଦେବେ ତେବେ ତାହାଙ୍କର ଯଶ କୀର୍ତ୍ତି ଚିରଅଟଳ ବାଜି ଯିବ ଏବଂ ଓଡ଼ିଶା ବାସୀଏ ତାହାଙ୍କ ନିକଟରେ ଗୋଟିଏ ମହତ୍ ବିଦ୍ୟାର ପୁନରୁଦ୍ଧାର ସକାଶେ କୃତଜ୍ଞ ରହିବେ ।

---

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଗୋରଥା ଅଞ୍ଚଳକୁ ଗତ ବୁଧବାର ଯାତ୍ରା କରି ଅଛନ୍ତି । ତା ୮।୧୦ ଦିନ ମଧ୍ୟରେ ଫେରି ଆସିବେ । ଶୁଣାଯାଏ ଯେ ସେ ଅଞ୍ଚଳରେ ଖାଦ୍ୟ ବିହୀନେ ଲୋକଙ୍କର ଅତି କଷ୍ଟ ହେଉଥିବାର ସମ୍ବାଦ ପାଇ ପ୍ରକୃତ ଅବସ୍ଥା ଦେଖିବାକୁ ଯାଇଅଛନ୍ତି ।

ଓଲାଉଠାରୋଗ ଏ ନଗରକୁ ଛାଡ଼ ନାହିଁ । ପୂର୍ବଠାରୁ ଏହାର ବଳ କିଞ୍ଚିତ ଊଣା ହେଲେହେଁ ଲୋକ ମରିବାର ବନ୍ଦ ନାହିଁ । ମୋଫସଲର ନାନାସ୍ଥାନରେ ଏ ରୋଗରେ ମନୁଷ୍ୟ ମରି ପଡ଼ିବାର ମଧ୍ୟ ସମ୍ବାଦ ଆସୁଅଛି । ଏତେଦିନ ଏରୋଗ ଛାଡୁନାହିଁ ବଡ ଦୁଃଖର ବିଷୟ ଅଟଇ ।—

କଲିକତା ହାଇକୋର୍ଟରେ ସମ୍ପ୍ରତି ଗୋଟିଏ ଅଭିନବ ଓ ଅତ୍ୟନ୍ତ କଦର୍ଯ୍ୟ ମୋକଦ୍ଦମାର ବିଚାର ହୋଇଅଛି । ସିଲହଟଜିଲାର ଜଣେ ମୁନସଫ ବାବୁ ଯୋଗେନ୍ଦ୍ର ନାଥ ଘୋଷ ନାଲିଶ କରିଥିଲେ ଯେ ତାଙ୍କ ସ୍ତ୍ରୀ କ୍ଷେତ୍ରମଣି ଦାସୀକୁ କଲିକତା ନିବାସି ଉପେନ୍ଦ୍ରଲାଲ ଘୋଷ କି ସେ ହାଇକୋର୍ଟର ଜଣେ ଆଟୋର୍ଣ୍ଣି ଅଟଇ ଫୁସଲାଇ ନେଇ ତାହାସଙ୍ଗେ ପାପପ୍ରଣୟ କରିଅଛି । କ୍ଷେତ୍ରମଣି ଆସାମୀ ଉପେନ୍ଦ୍ର ଲାଲର ଭଣଜୀ ଅଟଇ ଓ ବିଖ୍ୟାତ ଡେପୁଟୀକଲେକ୍ଟର ରାୟ ଈଶ୍ୱର ଚନ୍ଦ୍ର ମିତ୍ର ବାହାଦୁରଙ୍କର କନ୍ୟା । ସରକାର ମୁଦେଇ ପକ୍ଷରୁ ମୋକଦ୍ଦମା ଚଳାଇବା ସକାଶେ ବେଲ ସାହେବ ବାରିଷ୍ଟର ଓ ଆସାମୀ ପକ୍ଷରୁ ବ୍ରାନସନ ସାହେବ ବାରିଷ୍ଟର ନିଯୁକ୍ତ ହୋଇ ଥିଲେ । ନୂତନପ୍ରକାର ମୋକଦ୍ଦମା ଦେଖିବାକୁ ଏତେଲୋକ ଆସିଥିଲେ ଯେ ନିଶ୍ୱାସ ମାରିବାକୁ ସ୍ଥାନ ନ ଥିଲା । ମୁଦେଇ ପକ୍ଷର ଯୋବାନବନ୍ଦିରେ ପ୍ରକାଶ ପାଇଲା ଯେ କ୍ଷେତ୍ରମଣି ଆପଣା ବାପଘରୁ ବାହାରି ଯାଇ କୃଷ୍ଣମଣି ନାମରେ ଏକ ବିଧବା ଘରେ ଥିଲା । କୃଷ୍ଣମଣିର ଅପର ନାମ ବିନୋଦିନୀ ଓ ସେ ଉପେନ୍ଦ୍ର ଲାଲର ଟିଆଣୀ ହୁଅଇ । ସେ ଯେଉଁ ଘରେ ଥିଲା ତାହା ଉପେନ୍ଦ୍ର ଭଡ଼ା କରି ଦେଇଥିଲା । ଓ ସେଠାରେ କୃଷ୍ଣମଣି ବାଳିକାବିଦ୍ୟାଳୟ କରିବି ବୋଲି କେତେଗୁଡ଼ିଏ ବେଞ୍ଚ ଚୌକି ଆଣାଇ ରଖିଥିଲା । କ୍ଷେତ୍ରମଣି ଆସିବା ପୂର୍ବ ଉପେନ୍ଦ୍ର ସେଠାକୁ ଦୁଇ ଚାରିଦିନରେ ଥରେ ଯାଉଥିଲା କିନ୍ତୁ କ୍ଷେତ୍ରମଣି ଆସିଲାଦିନଠାରୁ ଉପେନ୍ଦ୍ର ପ୍ରତିଦିନ କଚେରୀ ଫେରନ୍ତା ସେଠାକୁ ଯାଇ ରାତ୍ରି ଘ ୧୦।୧୧ ଟା ପର୍ଯ୍ୟନ୍ତ ରହୁଥିଲା ସେହିଠାରେ ଭୋଜନ ହେଉଥିଲା ଓ କ୍ଷେତ୍ରମଣି ସଙ୍ଗେ ଏକାଘରେ ଏକା ବିଛଣାରେ ବସା ଉଠା କରୁଥିବାର ଦୁଇଜଣ ଦାସୀ କହିଲେ । କୃଷ୍ଣମଣି କେବଳ ଉପେନ୍ଦ୍ର କେବେ ସେଠାକୁ ଯିବାର ଓ କ୍ଷେତ୍ରମଣି ସଙ୍ଗେ ଏକାନ୍ତ ସାକ୍ଷାତ୍ ନ ହେବାର କହିଲା । କ୍ଷେତ୍ରମଣି ଆପଣା ଯୋବାନବନ୍ଦିରେ ଯଥାସାଧ୍ୟ ଆପଣା ନିର୍ଦ୍ଦୋଷତା ଦେଖାଇଲା । ପରିଶେଷରେ ଜୁରି ଫୁସଲାଇ ନେବା ଅଭିଯୋଗରେ ଆସାମିକୁ ଖଲାସ ଓ ଅନ୍ୟ ଅଭିଯୋଗରେ ଦୋଷୀ କରିବାକୁ

Split by PDF Splitter
Digitized by srujanika@gmail.com

ଅସାମିର ଏକବର୍ଷ କଠିନ ପରିଶ୍ରମ ସହିତ କାରାବାସ ଦଣ୍ଡ ହେଲ ।

ମାନ୍ଦ୍ରାଜରେ ଅବଧି ଚାଉଳର ଦର ପୂର୍ବ ପ୍ରାୟ ରହିଅଛି ଟଙ୍କାକୁ କଲିକତା ସେ ୧୦ସେରଠାରୁ ଅଧିକ କୌଣସିଠାରେ ହୋଇ ନାହିଁ । ଦକ୍ଷିଣ କାନାଡାରେ ଉକ୍ତ ଭାଉ ପ୍ରଚଳିତ ଅଛି ଭିଜାଗାପଟ୍ଟଣରେ ଟଙ୍କାକୁ ସେ ୭ ର ଏଥିରୁ ଊଣା କୌଣସିଠାରେ ବିକ୍ରୟ ହେଉନାହିଁ । ମାନ୍ଦ୍ରାଜରେ ସନ୍ତୋଷ ବୃଷ୍ଟି ହେବାରୁ ଆଗାମୀ ଫସଲର ଆଶା ଉତ୍ତମ ଜଣା ଯାଏ ମାତ୍ର ନୂଆ ଫସଲ ବଜାରକୁ ନ ଆସିବା ପର୍ଯ୍ୟନ୍ତ ଭାଉ ଊଣା ହେବ ନାହିଁ ।

ସମ୍ବର ହ୍ରଦ ପର୍ଯ୍ୟନ୍ତ ମୃଜପୁତନା ରେଲ ବାଟକୁ ବିସ୍ତାର କରିବା କାରଣ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ୫ ଲକ୍ଷରୁ ଅଧିକ ହେବ ଅନୁମାନିକ ବ୍ୟୟ ମଞ୍ଜୁର କରି ଅଛନ୍ତି ।

ନାଗପୁରଠାରୁ ରାୟପୁର ପର୍ଯ୍ୟନ୍ତ ରେଲ ବାଟ ନିର୍ମାଣ ହେବାର ପ୍ରସ୍ତାବ ଏତେଦିନେ ମଞ୍ଜୁର ହେବାର ଶୁଣି ଆମ୍ଭେମାନେ ଆନନ୍ଦିତ ହେଲୁଁ । କଥିତ ହୁଅଇ ଯେ ଏ ବାଟଟି ଅତି ଶୀଘ୍ର ନିର୍ମାଣ ହେବା ପକ୍ଷରେ ଗବର୍ଣ୍ଣମେଣ୍ଟ ଦୃଢ ଆଜ୍ଞା ଦେଇଅଛନ୍ତି । ରାୟପୁର ପର୍ଯ୍ୟନ୍ତ ରେଲ ବାଟ ପ୍ରସ୍ତୁତ ହେଲେ ସମ୍ବଲପୁର ପର୍ଯ୍ୟନ୍ତ ରେଲବାଟ ଆଣିବାର ଉଦ୍ୟମ ମଧ୍ୟପ୍ରଦେଶର ପ୍ରଧାନ କମିଶ୍ନର କରିବେ ବୋଲି ଆମ୍ଭମାନଙ୍କର ଆଶା ହେଉଅଛି ।

ଇଉରୋପର ତାରଡାକ ସମାଚାରରୁ ଜଣା ଯାଏ ଯେ ଅଷ୍ଟ୍ରିୟାର ସୈନ୍ୟକୁ ବୋସନିୟା ଓ ହର୍ଜଗୋବିନାର ଲୋକମାନେ ବଡ଼ା ଆପତ୍ତିରେ ଘାଟ ଦେଉନାହାନ୍ତି । କେତେଥର ବାଟରେ ଦୁଇପକ୍ଷର ଭେଟ ହୋଇଯାଇଅଛି ମାତ୍ର ଅଷ୍ଟ୍ରୀମାନେ ସବୁଥର ଜୟ ଲାଭ କରି ଅଛନ୍ତି ।

ସାଇପ୍ରସଦ୍ୱୀପରେ ଭାରତବର୍ଷୀୟ ସେନାଙ୍କର ରହିବାର ହେବ ନାହିଁ । ଏମାନେ ପାଞ୍ଚ ହପ୍ତା ମଧ୍ୟରେ ଫେରି ଆସିବେ ଉକ୍ତ ଦ୍ୱୀପରେ କେବଳ ଦୁଇ ପଲଟନ ଇଂରାଜୀ ପଦାତିକ ଏବଂ ଏକ ପଲଟନ ଗୋଲନ୍ଦାଜ ରହିବେ ଓ ଏତିକି ସେ ସ୍ଥାନ ନିମନ୍ତେ ଯଥେଷ୍ଟ ବୋଲି ସ୍ଥିର ହୋଇଅଛି ।

ତୁରସ୍କ ସେନାର ଏକ ଅଂଶ ଏବଂ ମୋସ୍ତରର ଲୋକମାନେ ଅଷ୍ଟ୍ରିୟା ଅଧୀନ ହେବାକୁ ଅସ୍ୱୀକାର କରି ତୁରସ୍କ ସଙ୍ଗେ ବିଦ୍ରୋହାଚରଣ କରି ଗବର୍ଣ୍ଣର ଏବଂ ଅନ୍ୟାନ୍ୟ ତୁରସ୍କୀୟ କାଜିମଙ୍କୁ ବଧ କରିଅଛନ୍ତି । ସୁଲତାନଙ୍କର ସଂଯୋଗ ଥିବାର ସନ୍ଦେହ ହୋଇଅଛି ।

ଇଂଲଣ୍ଡର ଆୟବ୍ୟୟର ବଜେଟ ବାହାର ଅଛି ତହିଁରେ ଦେଖା ଯାଏ ଯେ ଆୟକୁ ବ୍ୟୟ ବଳିଯାଇ ଚାରିକୋଟି ଟଙ୍କା ନିଅଣ୍ଟ ହୋଇଅଛି । ଏ ଟଙ୍କା ଋଣଦ୍ୱାରା ପୂର୍ତ୍ତି କରିବାର ପ୍ରସ୍ତାବ ହୋଇଅଛି । ଯେବେ ଯୁଦ୍ଧ ଖର୍ଚ୍ଚ ସକାଶେ ପୂର୍ବେ ମଞ୍ଜୁର ହୋଇଥିବା ଛକୋଟି ଟଙ୍କା ସହିତ ଉପର ଲିଖିତ ନିଅଣ୍ଟ ଯୋଡ଼ିଥାଏ ତେବେ ତେତେ ଆଶ୍ଚର୍ଯ୍ୟର ବିଷୟ ନୁହଇ କୋଉଲେ ଇଂଲଣ୍ଡ ଓ ଭାରତ ବର୍ଷର ଅବସ୍ଥା ସମାନ ବୋଲିବାକୁ ହେବ ।

ଆମେରିକାରେ ଆଉ ଗୋଟିଏ ନୂଆ ବାହାରିଲଣି । ତାହା ଏହି ଯେ ପାଣିରେ ବତୀ ଜାଳିବା । ଏହି ସୂତ୍ରରେ ନିଉୟର୍କ ନଗର ରୋଷନାଇ ହୋଇଅଛି । ପାଣିରୁ ଏକ ପ୍ରକାର ବାଷ୍ପ ବାହାର କରି ଯେମନ୍ତ କଲିକତାରେ ପଥର କୋଇଲାର ଗ୍ୟାସଦ୍ୱାରା ରୋଷନାଇ ହୁଏ ତଦ୍ୱାରା ସେହିପରି ରୋଷନାଇ ହେଉଅଛି । କୋଇଲା ଗ୍ୟାସଠାରୁ ଜଳର ଗ୍ୟାସ ଅଧିକ ପରିଷ୍କାର ଆଲୁଅ ହେଉଅଛି ମଧ୍ୟ ସୁଲଭ ଅଟଇ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ସମ୍ପ୍ରତି ଆପଣା ମହକୁମାପ୍ରତି ଦୃଷ୍ଟି ପକାଇଅଛନ୍ତି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ରାଜସ୍ୱ ବିଷୟକ କେତେକ କାର୍ଯ୍ୟଭାର ଦେବାରୁ ଇଣ୍ଡିଆ ମହକୁମାର କିଛି କାର୍ଯ୍ୟ ଊଣା ପଡ଼ିଅଛି ଓ ତଦନୁସାରେ ବ୍ୟୟଲାଘବ ପଡ଼ିପାରେ ଏହି ଉଦ୍ଦେଶରେ ସେକ୍ରେଟରିମାନଙ୍କର ନିରସ୍ତାର ନୂତନ ବନ୍ଦୋବସ୍ତ କରିବା କାରଣ ଏକ କମିଟୀ ନିଯୁକ୍ତ ହୋଇଅଛି ।

ବଙ୍ଗଳାର ନବାବ ନାଜିମ ଅତ୍ୟନ୍ତ ଋଣଗ୍ରସ୍ତ ହେବାରୁ ଗବର୍ଣ୍ଣମେଣ୍ଟ ତାହାଙ୍କୁ ବିଲାତକୁ ଘେନି ଯାଇ ମାସି କେତେକହଜାର ଟଙ୍କା ଖୋରାକୀ ଦେଇ ରଖିଲେ ଓ ଏମନ୍ତ ବନ୍ଦୋବସ୍ତ କଲେ ଯେ ତାହାଙ୍କର ସମସ୍ତ ଦେଣ କ ତହିଁର ପରିମାଣ ସେ ସମୟରେ ତିରିଶଲକ୍ଷ ଟଙ୍କା ଥିଲା, ସମ୍ପ୍ରତି ସମ୍ପୂର୍ଣ୍ଣରୂପେ ଆଦାୟ ହୋଇଗଲା । ବର୍ତ୍ତମାନ ଶୁଣାଯାଏ ଯେ ନବାବ ନାଜିମ ଆଉ ଭାରତବର୍ଷକୁ ପ୍ରତ୍ୟାଗମନ କରିବାର ଇଚ୍ଛା ରଖନ୍ତି ନାହିଁ ଓ ବିଲାତରେ ଆୟୁ ଶେଷ କରିବେ । ସେଠାରେ ସେ ଗୋଟିଏ ବିବାହ କରିଅଛନ୍ତି ଓ ତାହା ଅନ୍ତୁ ପାଞ୍ଚୋଟି ପିଲା ଜନ୍ମ ହୋଇଅଛି । ଏହି ପରିବାରର ମାୟାରେ ପଡ଼ି ସେ ସୁଖରେ ଅଛନ୍ତି । ବ୍ରିଟିଶ ଗବର୍ଣ୍ଣମେଣ୍ଟ ତାହାଙ୍କୁ ବିଲାତରେ ରଖି ତାହାଙ୍କର ଉପକାର କଲେ କି ଅପକାର କଲେ ବୁଝିବାର କଠିନ । ଏକ ପକ୍ଷରେ ଯେମନ୍ତ ଋଣରୁ ମୁକ୍ତ ପାଇଲେ ପକ୍ଷାନ୍ତରେ ତେମନ୍ତ ଦେଶତ୍ୟାଗୀ ହେଲେ ।

ସନ ୧୮୭୮ ସାଲର ଅ ୧୧ ଇନ ଅର୍ଥାତ୍ ଷ୍ଟାମ୍ପବିଷୟକ ସଂଶୋଧିତ ଆଇନକୁ ସେକ୍ରେଟରୀ ଅବ୍‌ଷ୍ଟେଟ ଅନୁମୋଦନ କରିଅଛନ୍ତି ତାହା ଆଗାମୀ ଅକ୍ଟୋବର ମାସଠାରୁ ପ୍ରଚଳିତ ହେବ ।

## ପତ୍ରପ୍ରେରକଙ୍କପ୍ରତି

ଶ୍ରୀ ସତ୍ୟବାଦୀ—କଟକ କଲେଜ ବିଷୟରେ ଆଉ ପ୍ରେରିତ ପତ୍ର ପ୍ରକାଶ କରିବାର ଆବଶ୍ୟକ ନାହିଁ । ଦୁଇଗଣ୍ଡ ଆବେଦନ ପତ୍ର ଶ୍ରୀଯୁକ୍ତ ଡିରେକ୍ଟର ସାହେବଙ୍କ ନିକଟକୁ ପ୍ରେରିତ ହୋଇଅଛି ଭରସା କରୁଁ ତହିଁର ସୁବିଚାର ସେଠାରେ ହେବ ।

## NOTICE.

### FOR SALE.

For particulars apply to Mr. H. P. WYLLY.

A turn out complete consisting of.—

Price Rs. 450. { An office Jan, A waler horse, A set of single harness.

Also an English dog cart, in good order. Price Rs. 300.

### ବିକ୍ରୟର ବିଜ୍ଞାପନ

ଖରିଦେଚ୍ଛୁକମାନେ ଶ୍ରୀଯୁକ୍ତ ଏଚ, ପି, ଓ୍ୱାଲି ସାହେବଙ୍କ ସହିତ କଥାବାର୍ତ୍ତା କରିବେ

ଗୋଟାଏ ଅଫିସ ଯାନ ଗାଡ଼ି<br>
" ଦେଲର ଘୋଡ଼ା<br>
ଏବଂ ଘୋଡ଼ାର ସାଜ } ମୂଲ୍ୟ ଟ ୪୫୦ ଟଙ୍କା

ଗୋଟାଏ ଉତ୍ତମ ବିଲାତୀ ଡଗକାର୍ଟଗାଡ଼ି

ମୂଲ୍ୟ ଟ ୩୦୦ ଟଙ୍କା

### ସିନକୋନା ଚୂର୍ଣ୍ଣ ।

ଏହା ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି ।

କୁଇନାଇନ ପରି ଏହା ସାମାନ୍ୟ ଏବଂ କମ୍ପ ଜ୍ୱରର ଚିକିତ୍ସାରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦ଟଙ୍କା, ଡାକର ଖରଚା ଟ ॰ ୩ ଅଣା ଅତିରିକ୍ତ ଲାଗେ । (ନଗଦ ମୂଲ୍ୟରେ ବିକ୍ରୀତ)

କଲିକତା ସିବିକଟ ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଆବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

☞ ଏହି ଉତ୍କଳ ଦୀପିକା ।ସହର କଟକ ଦରଘାବଜାରରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

EGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୩ଶ
ସଂ ୩୪ ଖ୍ୟା

ତା ୨୪ ଋଶ ମାହେ ଅଗଷ୍ଟ ସନ ୧୮୭୮ ମସିହା । ମୂ । ଭାଦ୍ରବ ଦ ୧୦ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୦
ମଫସଲର୍ଥାଇ ଡାକମାସୁଲ ଟ୧୫/

ରମାବାଈଙ୍କର କଲିକତାରେ ଭାରି ମର୍ଯ୍ୟାଦା ହୋଇ ଅଛି । ସେଠା ବଡଲୋକମାନେ ତାହାଙ୍କୁ ଆମନ୍ତ୍ରଣ କରି ସେଠାର ପଣ୍ଡିତମାନଙ୍କ ସଭାରେ ବସାଇ ତାହାଙ୍କର ଅଲୌକିକ ଗୁଣ ପ୍ରତ୍ୟକ୍ଷ କରି ଆନନ୍ଦିତ ହେଉ ଅଛନ୍ତି ଓ ଯଥାଶକ୍ତି ଅର୍ଥଦାନଦ୍ୱାରା ମଧ୍ୟ ତାହାଙ୍କର ସମ୍ମାନ କରୁ ଅଛନ୍ତି । ହାଇକୋର୍ଟର ପ୍ରଧାନଜଜ ଏକଦିନ ପାଦ୍ରି କୃଷ୍ଣମୋହନ ବାନୁର୍ଯ୍ୟାଙ୍କ ଘରଠାରେ ତାହାଙ୍କ ସହିତ ସାକ୍ଷାତ କରି ୫୦ ଟଙ୍କା ନଜର ଦେଇଥିଲେ । ଭରସାକରୁଁ ରମାବାଈଙ୍କର ଦୃଷ୍ଟାନ୍ତ ଦେଖି ବଙ୍ଗମହିଳାମାନେ ଉଚ୍ଚଶିକ୍ଷା ଲାଭ କରିବାକୁ ଆନ୍ତରିକ ଉତ୍ତେଜିତ ହେବେ ।

---

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି କି ପୁରୀର ରାଣୀ ଅର୍ଥାତ ଦଣ୍ଡପାଇଥିବା ରାଜାଙ୍କ ମାତା ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ସେବା ଇତ୍ୟାଦି ଯଥା ବିଧାନରେ ଚଳାଇ ଆସୁ ଅଛନ୍ତି ମାତ୍ର ଗବର୍ଣ୍ଣମେଣ୍ଟ ରାଜାଙ୍କ ଦଣ୍ଡପାଇବା ସମୟଠାରୁ ଅବଧି ବେଳେମାତର ପେନସନ ଅଟକାଇ ରଖି ଅଛନ୍ତି । ବାସ୍ତବରେ ରାଣୀ ଉତ୍ତମରୂପେ ମନ୍ଦିର କାର୍ଯ୍ୟ ଚଳାଉ ଅଛନ୍ତି ଓ ତାହାଙ୍କଠାରୁ ଅଧିକ କେହି କରି ପାରିବ ନାହିଁ । ଆମ୍ଭେମାନେ ଶୁଣିଅଛୁଁ ଯେ କମିଶନର ସାହେବ ରାଣୀଙ୍କୁ ପେନସନ ଦେବା ଓ ମନ୍ଦିରର ସମସ୍ତ ଭାର ଅର୍ପଣ କରିବା ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରି ଅଛନ୍ତି ଏପର୍ଯ୍ୟନ୍ତ ଯେବେ କୌଣସି ଆଜ୍ଞା ଆସି ନ ଥାଏ ତେବେ କମିଶନର ସାହେବ ଦାଦନ ସ୍ୱରୂପ ଟଙ୍କା ଦେଇ ପାରନ୍ତି । ଏପରି କଷ୍ଟ ସମୟରେ ପେନସନ ବନ୍ଦକରି ରଖିବା ଭଲ ନୁହଇ ।

---

କଟକ ଓ ଚାନ୍ଦବାଲି ମଧ୍ୟରେ ସରକାରୀ ଜାହାଜ ପ୍ରତିସପ୍ତାହରେ ଥରେ ଲେଖାଏଁ ଯାତାୟାତ କରିବାର କଥା ଗବର୍ଣ୍ଣମେଣ୍ଟ ସ୍ଥିର କରି ପରୀକ୍ଷା ସ୍ୱରୂପ ତାହାର କାର୍ଯ୍ୟ ଦେଖୁଥିଲେ । ପରୀକ୍ଷା ସଫଳ ହେବାରୁ ଚଳିତ ମାସ ଆରମ୍ଭରୁ ନିୟମିତ ରୂପେ ଯାତାୟାତ କରିବାର ବିଜ୍ଞାପନ ସ୍ଥାନୀୟ ଗଜେଟରେ ପ୍ରକାଶିତ ହୋଇ ଅଛି । ଯଦ୍ୟପି କି ଗବର୍ଣ୍ଣମେଣ୍ଟ ଉକ୍ତ ବିଜ୍ଞାପନଟି ଆମ୍ଭମାନଙ୍କ ନିକଟକୁ ପଠାଇବାରେ କୃପଣତା କଲେ ତଥାପି ସର୍ବସାଧାରଣଙ୍କ ଉପକାର ନିମିତ୍ତ ଆମ୍ଭେମାନେ ଅଦ୍ୟ ଏକ ଅତିରିକ୍ତ ପତ୍ରିକାରେ ତାହା ପ୍ରକାଶ କଲୁଁ । ଆମ୍ଭେମାନେ ଭରସା କରୁଁ ଯେ ପଥିକମାନେ ଏ ସୁଯୋଗର ସମ୍ପୂର୍ଣ୍ଣ ଫଳ ଲାଭ କରିବାକୁ ଯତ୍ନ କରିବେ ।

---

ଆମ୍ଭେମାନେ ଶୁଣିଅଛୁଁ ଯେ କଦମାଳର ସଦର ମୁକାମରେ ଗୋଟିଏ ପୋଷ୍ଟାଫିସ ନାହିଁ କିମ୍ବା ଡାକଟିକଟ ମିଳଇ ନାହିଁ । ଯାହାର ପ୍ରୟୋଜନ ହୁଏ ସେ ରସୁଲକୁଣ୍ଡାରୁ ଆଣାଇ ରଖିଥାଏ ଓ ପ୍ରୟୋଜନ ସମୟରେ ସଉଣାଇ ଥିଲେ ହରବର କଥା ହୁଅଇ । ଯେଉଁ କଦମାଳର ଶାସନ ସକାଶେ ସରକାର ଇଚ୍ଛିଲେ କଚେରି ଡାକ୍ତରଖାନା ସ୍କୁଲ ଇତ୍ୟାଦି ବସାଇ ଅଛନ୍ତି ଏବଂ ଯେଉଁ ସ୍ଥାନର ଲୋକ ଅତ୍ୟନ୍ତ ବଣୁଆ ହେଲେହେଁ ସ୍ୱେଚ୍ଛାପୂର୍ବକ ଟଙ୍କା ଦେଇ ସ୍କୁଲ ବସାଇବା ଓ ନାନାଦିଗରୁ ସନ୍ତାନମାନ ପଠାଇବାର ଚେଷ୍ଟା କରୁ ଅଛନ୍ତି ସେଠାରେ ଗୋଟିଏ ଡାକଘର ନ ଥିବା କେମନ୍ତ କଥା । ଗମନାଗମନର ସୁଯୋଗ ସହିତ ସମ୍ବାଦ ପଠାଇବାର ସୁଯୋଗ କରିବା ଉଚିତ ତାହା ନ ହେଲେ ବାଣିଜ୍ୟର ସୁବିଧା ହେବା ଅସମ୍ଭବ । ଆମ୍ଭେମାନେ ଭରସା କରୁଁ ଯେ ଡାକଘରର ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଥିପକ୍ଷରେ ମନୋଯୋଗୀ ହେବେ । ଆପାତତଃ ଜଣେ ସ୍କୁଲ ମାଷ୍ଟରକୁ ପୋଷ୍ଟାଫିସର ଭାର ଦେଲେ ଅଳ୍ପ ବ୍ୟୟରେ କାର୍ଯ୍ୟ ଚଳିପାରେ । ପରନ୍ତୁ ଡାକଘରର କାର୍ଯ୍ୟ ବିସ୍ତାର ହେଲେ ସ୍ୱତନ୍ତ୍ର ଲୋକ ଉପଯୁକ୍ତ ବେତନରେ ନିଯୁକ୍ତ ହେବ ।

---

ଲଣ୍ଡନରୁ ତାରଡାକଯୋଗେ ସମ୍ବାଦ ଆସିଅଛି କି ଚଳିତମାସ ତା ୧୬ ଋଶରେ ପାର୍ଲିମେଣ୍ଟର ଅଧିବେଶନ ବନ୍ଦ ହେଲା । ଶ୍ରୀମତି ମହାରାଣୀ ସଭ୍ୟମାନଙ୍କୁ ବିଦାୟ ଦେବାକାଳରେ ଯେଉଁ ବକ୍ତୃତା କରିଥିଲେ ତାହା ଲର୍ଡଚାନ୍ସଲର ପାଠ କଲେ । ତହିଁରେ ଲେଖାଅଛି ଯେ "ବର୍ଲିନକଂଗ୍ରେସ ଦ୍ୱାରା ଯେଉଁ ଶାନ୍ତିସ୍ଥାପନ ହୋଇଅଛି ତାହା ସନ୍ତୋଷ ଜନକ ଏବଂ

Digitized by srujanika@gmail.com

ସ୍ଥାୟୀ ଅଟେ । ତୁରସ୍କ ଯଦ୍ୟପି ବ ବହୁତ କ୍ଷତ ଗ୍ରସ୍ତ ହୋଇଅଛି ମାତ୍ର ସେଠା ପ୍ରଜାଙ୍କ ଭଲାଗେ ମଙ୍ଗଳ କର ବନ୍ଦୋବସ୍ତ ହୋଇଅଛି ଏବଂ ତୁରସ୍କର ସ୍ୱାଧୀନତା ଅନ୍ୟ କୌଣସି ଆକ୍ରମଣରୁ ରକ୍ଷା ପାଇବାର ଉପାୟ ହୋଇଅଛି । ଆସିୟାସ୍ଥ ତୁରସ୍କର ସୁଶାସନ କରିତ୍ ସଦୁପାୟମାନ ଅବଲମ୍ବନ କରିବାକୁ ସୁଲତାନ ଅଙ୍ଗୀକାର କରି ଅଛନ୍ତି ଏବଂ ଉକ୍ତ କାର୍ଯ୍ୟର ସାହାଯ୍ୟ କରିବା ସାଇପ୍ରସ ଦ୍ୱୀପର ଅଧିକାର ଆମ୍ଭେ ଗ୍ରହଣ କରି ଅଛୁଁ । ଆମ୍ଭେ ଆହ୍ୱାନ କରିବା ମାତ୍ରକେ ଆମ୍ଭର ସେନାମାନେ ଯେପରି ତତ୍ପର ହୋଇ ଉପସ୍ଥିତ ହେଲେ ଓ ଉପନିବେଶମାନଙ୍କର ସେନାମାନେ ସାହାଯ୍ୟ ଦାନ କରିବାକୁ ପ୍ରସ୍ତୁତ ହୋଇ ଯେ ପ୍ରକାର ସ୍ୱଦେଶାନୁରାଗର ପରିଚୟ ଦେଲେ ଏବଂ ସାମ୍ରାଜ୍ୟର ରକ୍ଷାକାରୀଙ୍କ ମଧ୍ୟରେ ଗଣା ହେବା କାରଣ ଆମ୍ଭର ଭାରତବର୍ଷୀୟ ସେନାମାନେ ଯେ ପ୍ରକାର ଆଗ୍ରହ ଦେଖାଇଲେ ତହିଁର ଯଥୋଚିତ ପ୍ରଶଂସା ଆମ୍ଭେ କରି ପାରୁ ନାହୁଁ । ଭାରତବର୍ଷର ଦେଶୀୟ ରାଜାମାନେ ସୈନ୍ୟ ସାହାଯ୍ୟ ଦେବାର ଇଚ୍ଛା ପ୍ରକାଶ କଲେ ଏଥିରେ ଆମ୍ଭେ ଭାରି ଆନନ୍ଦିତ ହୋଇ ଅଛୁଁ । ଆମ୍ଭ ପ୍ରତି ସେମାନଙ୍କର ଭକ୍ତିର ଆଉ ଗୋଟିଏ ପ୍ରତ୍ୟୟ ଓ ନୂତନ [illegible] ପ୍ରାପ୍ତ ହେଲା । ଏଦେଶୀୟ ରାଜାଙ୍କ ସହିତ ଆମ୍ଭର ସମ୍ପୂର୍ଣ୍ଣ ଭାବ ରହି ଅଛି ” ଏଥି ଉତ୍ତାରୁ ପାର୍ଲିଆମେଣ୍ଟର ବର୍ତ୍ତମାନ ଅଧିବେଶନରେ ଯେଉଁ ସମସ୍ତ କାର୍ଯ୍ୟ ହୋଇଥିଲା ତହିଁର ପ୍ରସଙ୍ଗରେ କେତେ କଥା ହୋଇ ବକ୍ତୃତା ଶେଷ ହେଲା ।

ଭାରତବର୍ଷ ସମ୍ପର୍କରେ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆଙ୍କର ବକ୍ତୃତା ବଡ ସୁନ୍ଦର ହୋଇ ଅଛି ଏହା ଶୁଣି ଭାରତବାସିମାନେ ଅତ୍ୟନ୍ତ ଆନନ୍ଦିତ ହେବେ ।

———

ଆମ୍ଭମାନଙ୍କ କମିଶନର ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ପ୍ରଜା ପାଳିବା ଗୁଣ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଖୋର୍ଦ୍ଧା ଅଞ୍ଚଳରେ ଲୋକଙ୍କର ଅନ୍ନ କଷ୍ଟର କଥା ଶୁଣିବା ମାତ୍ରକେ ଏ ବର୍ଷାକାଳରେ ସେ ଦିନେ ମାତ୍ର ବିଲମ୍ବ ନ କରି ମୋଫସଲକୁ ଯାତ୍ରା କଲେ । ଶୁଣିଲୁଁ ଯେ ସେ ସ୍ୱୟଂ ପାଣି କାଦୁଅରେ ଗ୍ରାମ ବୁଲି ଲୋକଙ୍କ ଅବସ୍ଥା ଦେଖୁଅଛନ୍ତି ଏବଂ ସାହାଯ୍ୟ ଦେବାର ବନ୍ଦୋବସ୍ତ କରୁଅଛନ୍ତି । ପୀଡିତ ବୃଦ୍ଧ ଏବଂ ଅତ୍ୟନ୍ତ ଦୁଃଖି ଲୋକଙ୍କୁ ପ୍ରତିଦିନ ଚାଉଳ ବିତରଣ କରିବାର ଆୟୋଜନ କରିଅଛନ୍ତି ଏବଂ ଯେଉଁମାନେ କାର୍ଯ୍ୟ କରି ପାରନ୍ତି ତାହାଙ୍କୁ ବନ୍ଧର କର୍ମ କରିବାର ଉପାୟ କରି ଦେଇ ଅଛନ୍ତି । ଚନ୍ଦକା ଓ ତହିଁ ଚତୁର୍ଦ୍ଦିଗସ୍ଥ ନିକଟବର୍ତ୍ତୀ ସ୍ଥାନ ସମସ୍ତରେ ଏ କାର୍ଯ୍ୟର ତତ୍ତ୍ୱାବଧାନ କରିତ ସବ୍ ଡେପୁଟି ବାବୁ ନାରାୟଣ ନାୟକ ନିଯୁକ୍ତ ହୋଇ ଅଛନ୍ତି । ସାହେବ ପ୍ରଶଂସିତ ଖୋର୍ଦ୍ଧା ଓ ବାଣପୁର ଏଲାକା ସମସ୍ତ ଏହି ପରି ଭ୍ରମଣ କରି ପ୍ରୟୋଜନ ମତେ ଲୋକଙ୍କର ପ୍ରାଣ ରକ୍ଷାର ଉପାୟ କରି ଦେଇ ଏ ନଗରକୁ ଫେରି ଆସିବେ । ସାହେବଙ୍କର ଏ କାର୍ଯ୍ୟଟି ବଡ ପ୍ରଶଂସନୀୟ ଅଟଇ ଓ ଏଥି ପାଇ ସେ ଧନ୍ୟବାଦର ଯୋଗ୍ୟ ଅଟନ୍ତି ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଅନ୍ୟାନ୍ୟ ସ୍ଥାନ ପ୍ରାୟ ଖୋର୍ଦ୍ଧା ଇଲାକାରେ ମଧ୍ୟ ପ୍ରଚୁର ବୃଷ୍ଟି ହୋଇଅଛି ଓ ଏଣିକି ଫସଲର ଅବସ୍ଥା ଆଶାପ୍ରଦ ଅଟଇ ମାତ୍ର ବିଲମ୍ବରେ ହେବାରୁ ସମ୍ପ୍ରତି ନୂତନ ଶସ୍ୟ ହାତକୁ ଆସିବ ନାହିଁ ଓ ତାହା ହସ୍ତଗତ ହେବା ପର୍ଯ୍ୟନ୍ତ ଲୋକଙ୍କର କଷ୍ଟ ହେଉ ଥିବ । ସମ୍ପ୍ରତି ଟଙ୍କାକୁ ଚାଉଳ ସେ ୭ ର ଠାରୁ ସେ ୯ ର ପର୍ଯ୍ୟନ୍ତ ମିଳୁ ଅଛି । ବୁଝିଲେ ସର୍ବସରେ ଏହି ଅବସ୍ଥା ସାମାନ୍ୟ ଅବସ୍ଥାର ଲୋକ ଯେ କେତେ ଦୁଃଖ ପାଉ ଅଛନ୍ତି ଓ କେତେ ଓଳି ଉପବାସ ଶୋଉ ଅଛନ୍ତି ତହିଁର ସୀମା ନାହିଁ । ଯେବେ ସ୍ଥାନୀୟ ହାକିମମାନେ ଅନୁସନ୍ଧାନ କରି ଦେଖନ୍ତେ ତେବେ ଅନେକ ଦୁର୍ଦ୍ଦଶାପନ୍ନ ବ୍ୟକ୍ତିଙ୍କ ଭେଟ ପାନ୍ତେ । ଶୁଣୁ ଅନାହାରରେ ଲୋକ ମରୁ ଅଛନ୍ତି ଯଦ୍ୟପି କି ଏମନ୍ତ ଆମ୍ଭେମାନେ କହିବାର କୌଣସି ନିଶ୍ଚୟ ଉଦାହରଣ ପାଇ ନାହୁଁ ମାତ୍ର ସଦର ମୋଫସଲ ସ୍ଥଅନ୍ତେ ଅତିକାଳ ବସ୍ତ୍ରର ଲୋକ ଓଲାଉଠା ଓ ଅନ୍ୟାନ୍ୟ ପୀଡାରେ ଯେ ମରୁ ଅଛନ୍ତି ଏଥିରେ ସନ୍ଦେହ ନାହିଁ ଏବଂ ଏତାଦୃଶ ମୃତ୍ୟୁର କାରଣ ସହିତ ଅନ୍ନକଷ୍ଟର ଯେ କୌଣସି ସମ୍ବନ୍ଧ ନାହିଁ ଏମନ୍ତ ଆମ୍ଭମାନଙ୍କର ବିଶ୍ୱାସ ହେଉ ନାହିଁ । ଆମ୍ଭେମାନେ ଅନୁମାନ କରୁଁ ଯେ ଏହା ଅନ୍ନକଷ୍ଟ ସମସ୍ତ ଅନିଷ୍ଟର ମୂଳ ଅଟଇ । ଅନ୍ତତଃ ଯେ ସ୍ଥଳେ ଅନେକ ଲୋକ ପେଟପୂରି ଖାଇବା ସକାଶେ ପଇସା ପାଉ ନାହାନ୍ତି ସେ ଭଲ ଓଷଧ କିଣିବେ କେଉଁଠାରୁ ?

———

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ବର୍ଷା କିଛି ଊଣା ଅଛି ମାତ୍ର ତହିଁ ପାଇଁ କେହି ଭାବିତ ନାହାନ୍ତି । ଓଲାଉଠାର କୋପ ଊଣା ହୋଇଅଛି ସୁଖର ବିଷୟ ଅଟଇ ।

କଟକ କଲେଜର ଛାତ୍ରମାନଙ୍କ ଦରଖାସ୍ତ କଲେଜର ପ୍ରିନ୍ସିପାଲଙ୍କ ନିକଟକୁ ଅନୁସନ୍ଧାନ ନିମିତ୍ତ ଡିରେକ୍ଟରଙ୍କ ନିକଟରୁ ଆସିଅଛି । ବୋଧ ହୁଏ ପିଲାଙ୍କ କଥାରେ ଜଣେ ପ୍ରଧାନ କର୍ମଚାରୀଙ୍କୁ ଅପଦସ୍ଥ କରିବା ଡିରେକ୍ଟର ସାହେବ ଯୁକ୍ତିଯୁକ୍ତ ଜ୍ଞାନ କଲେ ନାହିଁ ।

ଚଳିତ ମାସ ତା ୩ ରିଖରେ ଶେଷ ହୋଇ ଥିବା ସାପ୍ତାହିକ ବିଜ୍ଞାପନରୁ ଜଣାଯାଏ ଯେ ମା ୬୨୯୬୧ ଏ ଭୂମି ସକାଶେ ଚାଲ ଜଳର କବୁଲିୟତ ହୋଇଅଛି । ଏ କବୁଲିୟତ ସମସ୍ତ ପାଞ୍ଚ ବର୍ଷୀୟ ଅଟଇ । ସୁତରାଂ ପ୍ରାୟ ବାର୍ଷିକ ଏକଲକ୍ଷ ଟଙ୍କା ଜଳକର ଆଦାୟ ହେବାର ଉପାୟ ହୋଇଅଛି ।

ଗତ ଜୁନ ମାସରେ କଟକଠାରୁ ଟ ୨୯୦୭୩୪୯ ଙ୍କର ଦ୍ରବ୍ୟ ରପ୍ତାନି ହୋଇଥିଲା । ଏଥିମଧ୍ୟରେ ପ୍ରଧାନ ଚାଉଳ ଓ ରବି ଅଟଇ । ଏହି ମାସ ମଧ୍ୟରେ ଟ ୧୬୦୦୦୦୯ ଙ୍କାର ଦ୍ରବ୍ୟ ଆମଦାନି ହୋଇଥିଲା ।

ଏହିମାସରେ ବାଲେଶ୍ୱରଠାରୁ ଟ ୩୦୭୦୮୪୯ ଙ୍କାର ଦ୍ରବ୍ୟ ରପ୍ତାନି ଓ ଉକ୍ତ ବନ୍ଦରକୁ ଟ ୩୯୧୩୧୦୯ ଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା । ଆମଦାନୀ ମଧ୍ୟରେ ସୂତା ଓ ଲୁଗା ପ୍ରଧାନ ଏବଂ ରପ୍ତାନି ମଧ୍ୟରେ ରୂପା ମୁଦ୍ରା ଓ ଅନ୍ୟାନ୍ୟ ଦ୍ରବ୍ୟ ପ୍ରଧାନ ଅଟେ ।

ଖୋର୍ଦ୍ଧାସବଡିଭିଜନର ପ୍ରଧାନ କ୍ଲାର୍କ ବାବୁ ଗଦାଧର ଦାସ ଯାଜପୁରର ସରକଲ ଅଫିସର ନିଯୁକ୍ତ ହୋଇ ଅଛନ୍ତି । ମେଦିନୀପୁରରୁ ଲୋକ ଅଣାଇବାର ହେଲା ନାହିଁ ସୁଖର ବିଷୟ ଅଟଇ ।

ଅନେକ ଦିନ ହେଲା ଜଣେ ଡେପୁଟୀ ହତାକ ଉପରେ ଏକ ବ୍ୟକ୍ତିର ନାକ ଘଷାଇବାର ଆମ୍ଭେମାନେ ଅବଗତ ହୋଇଥିଲୁଁ ଗତ ସପ୍ତାହରେ ଆଉ ଜଣେ ଡେପୁଟୀ ମିଶନ ଉପରେ ଜଣେ ଅମଲଙ୍କୁ ନାକ ଘଷିବାର ଆଜ୍ଞା ଦେଇଥିଲେ ଏ ଠ ଫଉଜଦାରୀ ଅମଲ ମାଜିଷ୍ଟ୍ରେଟ ସାହେବଙ୍କ ହୁକୁମ ଲେଖିବାବେଳେ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଡେପୁଟୀ କଲେକ୍ଟରଙ୍କ ନାମ ଉତ୍ତାରୁ ରାୟ ବାହାଦୁର ଲେଖି ନ ଥିଲା । ବାବୁ

Split by PDF Splitter

Digitized by srujanika@gmail.com

ଏହା ଦେଖି ଅମଲଙ୍କୁ ଉଚ୍ଚାର ସମୟରେ ସେ ଭୂମଦଶତଃ ଛନ୍ଦ ଯାଉଥିବାର କହି କ୍ଷମା ପ୍ରାର୍ଥନା କଲ । କିନ୍ତୁ ଯେଉଁ ପଦ ତହିରୁ ମିଳ ଅଛି ଅମଲ ତାହାକୁ ଲୋପ କରିବ ଏ ହେମାଙ୍ଗଦ କ ସହ୍ୟ ହୋଇପାରେ ? ସୁତରାଂ ବାବୁ ଅଭିନ୍ନ ସୁଚାକ୍ଷୁତ ହୋଇ କଥା ଗଲ ସୁତ୍ରେ ଦେଇ ଅମଲଙ୍କୁ ତହିଁର ନାକ ଘସିବାକୁ ଅଜ୍ଞା ଦେଲେ । ଅମଲ କିଂବା ମୁଣ୍ଡ ନୁଆଁଇ ନାକ ଘସିଲ କି ସଲମ କଲ କିଛି ବାରି ହେଲ ନାହିଁ । କାରଣ ଦେଖିବାଲେକେ କହୁଥିଲେ ଯେ ନାକ ଘସିଲପରି ଜଣା ଯାଉ ନ ଥିଲ । ଶୁଣିଲୁଁ ଯେ ଅମଲ ଆପଣା ମନୋଦୁଃଖ ମାଜିଷ୍ଟ୍ରେଟଙ୍କୁ ଜଣାଇଥିଲ କିନ୍ତୁ ପ୍ରତୀକାର ପାଇଲ ନାହିଁ । ଅମଲଙ୍କର କି ଏବେ ପୂର୍ବ ମର୍ଯ୍ୟାଦା ଅଛି ଯେ ପାଇବେ । ସୁଖର ବିଷୟ ଯେ ରାୟ ବାହାଦୁର ପଦର ଗୌରବ ରକ୍ଷା ହେଲ ନୋହିଲେ ଗୋଟାଏ ଅମଲର କଲମରେ ତାହା ଲୋପ ହେବାର ଆଉ ବାକି କି ଥିଲ ।

ଗତ ବୁଧବାର ବାଲେଶ୍ୱରରେ ହରିତ ବର୍ଣ୍ଣ ଏକ ପ୍ରକାର ପଦାର୍ଥ ବୃଷ୍ଟି ହୋଇ ଯାଇଅଛି । ପ୍ରଥମତଃ ବୃକ୍ଷମାନଙ୍କ ପତ୍ରରେ ପକାକୋଠା ଛାତ ଉପରେ ଦେଖାଗଲା ଯେ କହଲ ହରିତ ଲ ବିନ୍ଦୁ ତୁଲ୍ୟ ବିନ୍ଦୁମାନ ପଡି ରହିଅଛି । କିନ୍ତୁ ଅନେକ କେହି ବିନ୍ଦୁ ପଡିଥିବା ପତ୍ରମାନ ଆଣି ପରୀକ୍ଷା କଲେ, ମାତ୍ର ସେଥିରେ ହରିତା ଲର ଚିହ୍ନ ଆଦୌ ନ ଥିଲ । ଜଣାଯାଏ ଏହି ବୃଷ୍ଟି ଅଧିକ ଦୂର ବ୍ୟାପୀ ନୁହେ । ଏପରି ବୃଷ୍ଟି ଏଠାରେ କେବେ ଦେଖା ନ ଥିଲ । ଉ,ଦ,

ରମାବାଈଙ୍କର ଗୁଣର କଥା ଅନେକ ଲେଖିଅଛୁଁ ମାତ୍ର ସେ କିପ୍ରକାର ଶ୍ଳୋକ ରଚନା କରନ୍ତି ତହିଁର ଉଦାହରଣ କିଛି ପାଠକମାନଙ୍କୁ ଜଣାଇ ନଥିଲୁଁ । ସମ୍ପ୍ରତି ଏଡୁକେଶନ ଗେଜେଟରେ ପାଠ କଲୁଁ କି ଯେଉଁ ଦିନ କଲିକତା ହାଟଖୋଲର ରାୟଙ୍କ ଘରେ ସଭା ହୋଇଥିଲ ସେଦିନ ଅନ୍ୟାନ୍ୟ ପ୍ରସଙ୍ଗ ଉତ୍ତାରୁ ନବଦ୍ୱୀପର ନୈୟାୟିକ ଶ୍ରେଷ୍ଠ ଅଜିତନାଥ ନ୍ୟାୟରତ୍ନ "ମାନବାସ୍ତିତରେଖା" ଏହି ଶେଷ ଚରଣାର୍ଦ୍ଧ ଦେଇ ଗୋଟିଏ ଶ୍ଳୋକ ପ୍ରଣୟନ କରିବାକୁ କହିଲେ । ସାତ ମିନିଟ ମଧ୍ୟରେ ନିମ୍ନଲିଖିତ ଶ୍ଳୋକଟି ରଚିତ ହେଲ ।

ଅପରଜନମନୋଜ୍ଞଂ ବାକ୍ୟମୂର୍ତ୍ତ୍ୟା ସ୍ୱଧର୍ମଂ
ପ୍ରବଣମିବ ରସାଦ୍ୱୌ ବାରପୃଷ୍ଠଂ ଭଜିତ୍ୟାଃ ।
ଯଦହ ସକଲଭୂଷ୍ଟିଂ ସମ୍ୟଗପାଦ୍ୟ ସଦ୍ୟଃ
ପ୍ରମଦ ଅଭିବଦତୋ ମାନବାସ୍ତିତରେଖା ।

ତତ୍ପରେ ପଣ୍ଡିତ ସାରଦାଚରଣ ତର୍କାଳଙ୍କାର "ନଖଲୁ କାମିନୀନାଂ କ୍ରମଃ" ଏହି ଶେଷ ଚରଣାର୍ଦ୍ଧ ଦେଇ ଶ୍ଳୋକରଚନା କଲେ । ୫ ମିନିଟରେ ଏହି ଶ୍ଳୋକଟି ହେଲ ।

ଦେବ୍ୟଚକଚଃ ସୁରେମହିତ ଅର୍ଯ୍ୟପାଦସ୍ୟ ଯତ୍ର
ମନେହ ବିବୁଧାନ୍ ଧ୍ୟା ବିଜିତ କାବ୍ୟ ବାଚଶ୍ଚିତେଃ ।
ପ୍ରଲାପଇବ ଭାଷ୍ୟତୋ ବିଗତ ଲଜ୍ଜ ବନ୍ଧି ପ୍ରଷ୍ଟୁ ୫୦ ।
ନବୋଧକ ପରହାସ୍ୟବୌ ନଖଲୁ କାମିନୀନାଂ କ୍ରମଃ ॥

ଏ ବର୍ଷ ଆମେରିକାରେ ଗହମର ଶସ୍ୟ ବିସ୍ତର ହୋଇଅଛି । ବର୍ତ୍ତମାନରେ କେବଳ ଗହମ ଦ୍ୱାରା ଲୋକଙ୍କ ହାତକୁ ଟଙ୍କା ଆସେ ଏଥିପାଇଁ ସେମାନେ ଚେଷ୍ଟା କରୁ ଅଛନ୍ତି କି ବିସ୍ତର ଗହମ ଅମଲ କରି ଇଉରୋପର ପ୍ରଧାନ ସ୍ଥାନମାନଙ୍କୁ ରପ୍ତାନି କରିବେ । ଏତେ ବାଦାବାଦିରେ ଗହମ ଶସ୍ତା ହେବକି? କିଛି ଦିନ ହେଲେ ରକ୍ଷା ।

ଢାକାର ବାରିଷ୍ଟର ବବ୍ରୁଆନ ସାହେବଙ୍କ ପେନସନ ଦେବାର ଦରଖାସ୍ତ କରିବା ସକାଶେ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇ ଅଛନ୍ତି । ଢାକାର ଜଜ କଲର କାର୍ଯ୍ୟ ଭଲ ନ ଚଳିବାରେ ଏପରି ହୋଇ ଅଛି ।

ମିଷ୍ଟର ଅମିର ଅଲି କିଛି ଦିନ ସକାଶେ କଲିକତା ନଗରର ପ୍ରଧାନ ମାଜିଷ୍ଟ୍ରେଟ ହୋଇ ଅଛନ୍ତି । ଏଥି ପୂର୍ବେ କେହି ଦେଶୀୟ ଲୋକ ଏ କର୍ମରେ ନିଯୁକ୍ତ ହୋଇ ନ ଥିଲେ ।

ବଙ୍ଗଳାରେ ଏ ବର୍ଷ ଆଉଷ ଫସଲ ସର୍ବତ୍ରରେ ଭଲ ହୋଇ ଅଛି ।

ମାନ୍ୟବର ଲେଫ୍‌ଟେନଣ୍ଟ ଗବର୍ଣ୍ଣର ସାହେବ ଗତ ତା ୨୧ ରିଖରେ କଲିକତାରୁ ଦାର୍ଜିଲିଂକୁ ଯାତ୍ରା କରିଥିବେ । ଭାଗଲପୁର ପାଟନା ପ୍ରଭୃତି କେତେସ୍ଥାନ ଦେଖିଯିବାର କଥା ଅଛି । ଅକ୍ଟୋବର କି ନଭେମ୍ବର ମାସରେ କଲିକତାକୁ ଫେରି ଆସିବାର କଥା ଅଛି ।

ସିଲହଟର ଅସିଷ୍ଟାଣ୍ଟ କମିଶ୍ନର ବାଇଟ ସାହେବଙ୍କ ନାମରେ ହାଗ୍ରଥନ ନାମକ ଏକ ବ୍ୟକ୍ତି ହାଇ କୋର୍ଟରେ ନାଲିଶ କରି ଥିବାର ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ । ନାଲିଶ ବଡ କଠିନ ପ୍ରକାରର ଥିବାର କଥିତ ହୁଅଇ ।

ରାଜା ଶୌରୀନ୍ଦ୍ରମୋହନ ଠାକୁର ଇଉରୋପର ଆଉ ଏକ ପ୍ରଦେଶରୁ ସମ୍ମାନ ପାଇ ଅଛନ୍ତି । ସାକ୍ସନୀର ଅଧିପତି ଏହାଙ୍କର ସଙ୍ଗୀତ ଶିକ୍ଷାର ଉନ୍ନତି ଓ ଭାରତବର୍ଷର ସଙ୍ଗୀତ ଶାସ୍ତ୍ରର ଅଭିଜ୍ଞତା ଦୃଷ୍ଟିରେ ଏହାଙ୍କୁ ଗୋଟିଏ ପଦ ଦେଇ ଅଛନ୍ତି ଓ ଉକ୍ତ ପଦର ସନନ୍ଦ ସହିତ ଦୁଇଟି ଉପାଧି ଭୂଷଣ ପଠାଇ ଅଛନ୍ତି । ଗୋଟିଏ ଭୂଷଣ ଗଳରେ ଏବଂ ଗୋଟିଏ ବକ୍ଷଃସ୍ଥଳରେ ପିନ୍ଧା ଯାଏ ।

ଶିକ୍ଷା ବିଭାଗର ଏକଟିଂ ଡିରେକ୍ଟର ଶ୍ରୀଯୁକ୍ତ କ୍ରଫ୍ଟ ସାହେବ ଉକ୍ତ ପଦରେ ବାହାଲ ହୋଇ ଅଛନ୍ତି ।

ବମ୍ବେଇରେ ଏ ବର୍ଷ ଜୁଲାଇମାସରେ ପ୍ରାୟ ୫୦,୩୦ ଇଞ୍ଚ ବୃଷ୍ଟି ହୋଇ ଅଛି । ଗତ ପଞ୍ଚାଶ ବର୍ଷ ମଧ୍ୟରେ ଏପରି ବୃଷ୍ଟି କେବେ ହୋଇ ନ ଥିଲ ଏଥିପୂର୍ବେ କେବଳ ସନ ୧୮୨୮ ସାଲରେ ପ୍ରାୟ ୪୩ ଇଞ୍ଚ ବୃଷ୍ଟି ହୋଇଥିଲ ।

ବଙ୍ଗଳାର ଜଣେ ପୂର୍ବ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଗ୍ରେ ସାହେବଙ୍କର ଭ୍ୟକ୍ତ ସମ୍ପତ୍ତି ଛ ଲକ୍ଷ ଟଙ୍କା ଅଟଇ ବୋଲି ପ୍ରକାଶ ପାଉଅଛି । ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ସେ ବହୁତ ଦିନ ଉଚ୍ଚ ବେତନର କର୍ମମାନ କରି ଏତିକି ଟଙ୍କା ସଞ୍ଚୟ କରିଥିଲେ ଏହା ଅଧିକ ନୁହଇ । ସର ରିଚର୍ଡ ଟେମ୍ପଲ ଏଥିରୁ ଅଧିକ ଟଙ୍କା ସଞ୍ଚୟ କରି ଅଛନ୍ତି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ସର ଉଇଲିୟମ ହର୍ଶଲ ଆଉ ଭାରତବର୍ଷକୁ ଫେରି ଆସିବେ ନାହିଁ । ସେ ବିଲାତରେ ଚିନ୍ତାରେ ଥାଇ ସେଠାରେ ବିଧିମତେ ପାଦ୍ରିଙ୍କ ଦଳଭୁକ୍ତ ହୋଇ ଅଛନ୍ତି । ସର ଉଇଲିୟମ ହର୍ଶଲ ବାସ୍ତବରେ ଧାର୍ମିକ ଥିବାର ଆମ୍ଭେମାନେ ଦେଖିଅଛୁଁ ସେ ଏଠାରେ କମିଶ୍ନର ଥିଲବେଳେ ଖ୍ରୀଷ୍ଟିୟାନମାନଙ୍କୁ ଜେଜ ଦେଇଥିଲେ ।

---

## ପ୍ରେରିତପତ୍ର ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅମୃର ନିମ୍ନସ୍ଥ ପଂକ୍ତିଚୟ ଆପଣଙ୍କ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ ଦେଇ ବାଧିତ କରିବେ ।

ଏହି କଟକଜିଲା ଅନ୍ତର୍ଗତ କୋଦଣ୍ଡା ପ୍ରଗଣା ସଂଲଗ୍ନ ସିଦ୍ଧେଶ୍ୱରପୁର ଗ୍ରାମ ନିବାସୀ ଏକ ପ୍ରଧାନ ଜମିଦାର ଚଉଧୁରି ବାବୁ କୁଳମଣି ଆଚାର୍ଯ୍ୟ ଆଜକୁ ଦୁଇମାସ ହେବ ଏକ ଆତ୍ମଜ ପୁତ୍ର ଏବଂ କେତେଜଣ ପରିବାରଙ୍କର ସହିତ ମାସି ରୋଗାକ୍ରାନ୍ତ ହୋଇ ମାନବଲୀଳା ସମ୍ବରଣ

କର ଅଛନ୍ତି । କିନ୍ତୁ ଏପରି ଅବସ୍ଥାରେ ତାହାଙ୍କର ଏକମାତ୍ର ଭ୍ରାତା ଶ୍ରୀଯୁକ୍ତ ବାବୁ ନରସିଂହ ପଟ୍ଟନାୟକ ଯେତ ଏ ଉପଦ୍ରବର କ୍ରମଶଃ ବୃଦ୍ଧି ଦେଖି ନିରୁତ୍ସାହ ପ୍ରାୟ ହେଲେ ଏବଂ ଏପରି ସମୟ ହେଲା ଯେ କେହି ଗୋଟିଏ ଦ୍ରବ୍ୟ ମଧ୍ୟ ଉପସ୍ଥିତ ହେଲା ନାହିଁ । ଯାହା ହେଉ ଏହାଙ୍କର ଏକ ଜ୍ଞାତିବର୍ଗ ମୃତ ଜମିଦାର ଠାକୁର ରଘୁନାଥ ସାମନ୍ତରାୟ ମହାପାତ୍ର ଯାହାଙ୍କ ସହିତରେ କୁଳମଣି ବାବୁଙ୍କର ବିବାଦ ପୂର୍ବରୁ ଚାଲିଆସୁଥିଲା ଏବଂ ଅଟ୍ନା ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର ଶ୍ରୀ ଗୃଥାମାଧବ ସାମନ୍ତରାୟ ମହାଶୟଙ୍କର ସହିତ ମଧ୍ୟ କେତେକ ବିଷୟରେ ବିବାଦ ମଧ୍ୟ ଚାଲିଆସୁଥିଲା ବର୍ତ୍ତମାନ କୁଳମଣିବାବୁଙ୍କ ମୃତ୍ୟୁରେ ଶ୍ରୀଯୁକ୍ତ ଦୟାଶୀଳ ଗୃଥାମାଧବ ବାବୁ ସେ ସମସ୍ତ ବିବାଦ ଝଗଡ଼ାକୁ ଏକାବେଳକେ ବିସ୍ମରଣ କରି ଏବଂ ସଂସାରର ସବୁ ଅସ୍ଥାୟୀ ଏହାକୁ ଦୃଢ଼ବିଶ୍ୱାସ ଧରି ଏବଂ ଅନିଷ୍ଟ କରଣେଚ୍ଛୁକ ପରିବାରମାନଙ୍କୁ ନିବର୍ତ୍ତ କରି ବାବୁ ମହାଶୟଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ସ୍ୱହସ୍ତରୁ ମଧ୍ୟ ଯଥା ଯୋଗ୍ୟ ବ୍ୟୟାଦି କିମ୍ବା ସମାପନ ପର ବର୍ତ୍ତମାନ ଯେପରି ଶ୍ରୀଯୁକ୍ତ ବାବୁ ନରସିଂହ ପଟ୍ଟନାୟକ ଆପଣାର ମୃତ ଭ୍ରାତାଙ୍କର ପୁତ୍ର ପତ୍ନ୍ୟାଦି ମାନଙ୍କର ଯେପରି ମହାପିତ ଯଥା ବ୍ୟୟାଦିରେ ନିର୍ବାହ ହୁଏ ଏତଦ୍ବିଷୟରେ ଆପଣାର ଉକୀଲ ମୁକ୍ତାର୍ଦମାନଙ୍କର ଦ୍ୱାରା ନିଜେ ଯାତଶୟ ପରିଶ୍ରମର ସହିତ ଯତ୍ନ କରୁ ଅଛନ୍ତି ଯାହା ହେଉ ଗୃଥାମାଧବ ବାବୁଙ୍କର ଏପରି ଅଳ୍ପ ବୟସରେ ଏପରି ସଦାଶୟ ଏବ ଏକତାର ଭାବ ଦେଖି ଧନ୍ୟବାଦ ନ ଦେଇ ରହି ପାରିଲୁଁ ନାହିଁ । ଉପସଂହାରରେ ଏତିକି କହୁଅଛୁଁ ଯେ କୁଳମଣିବାବୁଙ୍କ ମୃତ୍ୟୁରେ ସମସ୍ତେ ଯେପରି ଦୁଃଖିତ ଅଛନ୍ତି ଏବଂ ସମସ୍ତେ ଯେପରି ପ୍ରଶଂସା କରୁଅଛନ୍ତି ନରସିଂହବାବୁ ସେହିପରି ଗୃଥାମାଧବ ବାବୁଙ୍କ ସହିତ ଏକତାରେ ନିବଦ୍ଧ ହୋଇ ସେହିପରି ପ୍ରଶଂସାଭାଜନ ହେଉନ୍ତୁ ।

୨୬।୭।୭୮ } ଏକାନ୍ତ ବଶମ୍ବଦ
କଟକ } ପଣ୍ଡିତ ଶ୍ରୀ ମଧୁସୂଦନ ନନ୍ଦଶର୍ମା

ଭ୍ରାତୃ ବିବାଦ ଓଡ଼ିଶା ଜମିଦାରଙ୍କର ପ୍ରଧାନ ଦୋଷ ଏବଂ ସର୍ବନାଶର କାରଣ । ଯେ କେହି ଏଥିରୁ ସାବଧାନ ପୂର୍ବକ କ୍ଷାନ୍ତ ହେବ ଏବଂ ଅସଦ୍ଭାବରେ ଯାହା ଅତି କ୍ଳେଶରେ ସାଧ୍ୟ ହେବାର କଠିନ ତାହାକୁ ସଦ୍ଭାବରେ ଅତି ସହଜରେ ସାଧ୍ୟ କରନେବ ସେ ଅବଶ୍ୟ ସୁଖରେ କାଳଯାପନ କରିବ । ମୂଳକଥା ଏହି ଯେ ଅନେକ ଜମିଦାର ଅର୍ଥଲୋଲୁପ ଚାଟୁକାରଙ୍କର କୁମନ୍ତ୍ରଣାର ବଶବର୍ତ୍ତୀ ହୋଇ ଆପଣାର ବୃଥା ଗୌରବ ବଢ଼ାଇବା ଇଚ୍ଛାରେ ଯତ୍ପରୋନାସ୍ତି କ୍ଷତିଗ୍ରସ୍ତ ହେଉ ଥାନ୍ତି ଅଥଚ ତାହା ଜାଣିପାରନ୍ତି ନାହିଁ ଓ ଯେତେବେଳେ ଜାଣିପାରନ୍ତି ସେତେବେଳକୁ କିଛି ନ ଥାଏ । ଅତଏବ ଅସତ୍ସଙ୍ଗ ତ୍ୟାଗ କରି ସର୍ବଦା ଭଲଲୋକଙ୍କ ସମାଜରେ ରହିବା ଏବଂ ସୁଯୋଗ୍ୟ ଓ ଯଥାର୍ଥବାଦୀ ମନ୍ତ୍ରୀଙ୍କ ପରାମର୍ଶରେ କର୍ମ କରିବା ନିତାନ୍ତ କର୍ତ୍ତବ୍ୟ ଅଟଇ । ଯେଉଁ ଜମିଦାର ଏହି ଭାବରେ ଚଳିବେ ସେ ନିଶ୍ଚୟ ପ୍ରଶଂସନୀୟ ହେବେ ସନ୍ଦେହ ନାହିଁ ।—ଉ; ଦୀ, ସଂ ।

---

ଶ୍ରୀମତ୍ସକଳଗୁଣସମ୍ପନ୍ନ ସର୍ବଜନୋପକାରୀ ହେବା ଉତ୍କଳଦୀପିକା ଅଡିଟରଙ୍କ ସନ୍ନିଧିକି ।

ମହାଶୟ !

ଏତନ୍ନିମ୍ନଲିଖିତ କେତେକ ପଂକ୍ତିକି ଆପଣଙ୍କ ପତ୍ରିକାନ୍ତରେ ସ୍ଥାନଦାନ ଦେଲେ ଅମ୍ଭେ ଚିରବାଧିତ ହେବୁଁ ବୃଦ୍ଧ ଶ୍ରୀପଣ୍ଡିତ ମାର୍କଣ୍ଡେୟ ମହାପାତ୍ରେ ଅମ୍ଭ ଓଡ଼ିଶାରେ ପଣ୍ଡିତ ମୂର୍ଦ୍ଧନ୍ୟପ୍ରାୟ ଉଦୟ ହେବାରୁ, ମଞ୍ଜୁଷା ଶ୍ରୀଶ୍ରୀ ଶ୍ରୀରାଜା ସି ଏସ, ଆ ଇ, ଯେ ଭକ୍ତମାନ୍ୟ ମହାଶୟଙ୍କୁ ଭୂଦାନ, ମାସକୁ ୪ ଙ୍କା ବେତନ, ପଞ୍ଚବସ୍ତ୍ରାଦିଭୂଷଣ ପ୍ରଦାନ କରି ତର୍କପଞ୍ଚାନନ ବୋଲି ଉପାଧି ଦେଇ ପରମସନ୍ତୁଷ୍ଟ ହେଲେ । ଏଯେ ଆନନ୍ଦଜନକ ବିଷୟ ।

ଶ୍ରୀନାରାୟଣ ବଡଯେନା ମାନନ୍ତ
ମଞ୍ଜୁଷା ହେଡ ଦର୍ଓ୍ୟାନ

ଭଦ୍ରଯଥା; ।

ମଞ୍ଜୁଷାରାଜ୍ୟାଧିପତି ଶ୍ରୀଶ୍ରୀ ଶ୍ରୀରାଜମଣି ରାଜଦେଓବ୍ରାଜା ସି, ଆ ଇଙ୍କର ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ନିବାସି ଶ୍ରୀଶ୍ରୀ ଜଗନ୍ନାଥ ଦେଉଳ ପୁରୋହିତ ଶ୍ରୀମଦ୍ଜଗଦାଦି ଷଟ୍କର୍ମନିରତ ହେବା ପଣ୍ଡିତ ମାର୍କଣ୍ଡେୟ ମହାପାତ୍ରଙ୍କୁ ଦେବାର ପ୍ରଶଂସା ପତ୍ର ମିଦଂ ।

ଆପଣ ତର୍କବେଦାନ୍ତଶାସ୍ତ୍ର ସମ୍ୟକ୍ପ୍ରକାରେ ଅଧ୍ୟୟନ କରି, ଅମ୍ଭସମ୍ମୁଖରେ ହେବା ପଣ୍ଡିତଗୋଷ୍ଠୀରେ ପ୍ରଥମଶ୍ରେଣୀରେ ସର୍ବୋତ୍କୃଷ୍ଟରେ ସ୍ଥିତ ହୋଇ ଅମ୍ଭଙ୍କୁ ପରମାନନ୍ଦ କରାଇବାରୁ ଆପଣଙ୍କୁ ତର୍କପଞ୍ଚାନନ ବୋଲି ପଦ ଦେଲୁଁ । ମଞ୍ଜୁଷା ଶ୍ରୀଶ୍ରୀ ଶ୍ରୀରାଜାଙ୍କ ପଣ୍ଡିତ ସହି । ତା ୧୫ ରିଖ ଅଗଷ୍ଟ ସନ ୧୮୭୮

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଉ ଅଛୁଁ ଯେ ଅମ୍ଭେମାନେ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଗୋଟିଏ ପୁସ୍ତକାଳୟ କରିବାକୁ ମନସ୍ଥ କରି ଅଛୁଁ । ଉକ୍ତ ପୁସ୍ତକାଳୟରେ ଓଡ଼ିଆ ବଙ୍ଗଳା ଓ ସଂସ୍କୃତ ପୁସ୍ତକମାନ ରହିବ । ଅତଏବ ସର୍ବସାଧାରଣ ବିଶେଷତଃ ଦେଶହିତୈଷୀ ମହୋଦୟଗଣଙ୍କ ନିକଟରେ ପ୍ରାର୍ଥନା ଯେ ସେମାନେ କିଛି ୨ ଅର୍ଥ ସାହାଯ୍ୟ କରି ଅମ୍ଭମାନଙ୍କ ଏ ଉତ୍ସାହକୁ କାର୍ଯ୍ୟରେ ପରିଣତ କରନ୍ତୁ । ଆଉ ଯେଉଁ ମହାତ୍ମାମାନେ ଓଡ଼ିଆ ବଙ୍ଗଳାରେ ଯେ ୨ ପୁସ୍ତକମାନ ମୁଦ୍ରିତ କରି ଅଛନ୍ତି ସେମାନେ ତହିଁରୁ ଖଣ୍ଡି ଏ ୨ ଦେଲେ ଅମ୍ଭମାନଙ୍କର କୃତଜ୍ଞତାର ପାତ୍ର ହେବେ ସନ୍ଦେହ ନାହିଁ ।

ପ୍ରକାଶ ଥାଉ ଯେ ଯେଉଁମାନେ ପୁସ୍ତକ ଟଙ୍କା ପ୍ରେରଣ କରିବେ ସେମାନେ ଉତ୍କଳଦୀପିକାର ସମ୍ପାଦକ ବାବୁ ଶ୍ରୀ ଗୌରୀଶଙ୍କର ରାୟ ଅଥବା ଉତ୍କଳମଧୁପର, ସମ୍ପାଦକ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ନିକଟକୁ ପଠାଇବେ ଓ ଯେଉଁମାନେ ଯାହା ପଠାଇବେ ମଧୁପରେ ତାହାର ପ୍ରାପ୍ତି ସ୍ୱୀକାର କରା ଯିବ ।

୧୬।୮।୭୮ } ଉତ୍କଳ ସଭାର
କଟକ } ସଭ୍ୟ ସମୂହ

---

## ସିଙ୍କୋନା ଦ୍ରବ୍ୟ ।

ଏହା ଗବର୍ଣ୍ଣମେଣ୍ଟଦ୍ୱାରା ଦାର୍ଜିଲିଙ୍ଗରେ ପ୍ରସ୍ତୁତ ହେଉଅଛି । କୁଇନାଇନ ପରି ଏହା ସାମାନ୍ୟ ଏବ କମ ଜ୍ୱରର ପକ୍ଷରେ ସମାନ ଉପକାରୀ ଔଷଧ । ଟିନରେ ବନ୍ଦ ଏକ ପୌଣ୍ଡର ମୂଲ୍ୟ ଟ ୨୦୧ ଙ୍କା, ଡାକର ଖରଚା ଟ ° ୩ ଅଣା ଅତିରିକ୍ତ ଲାଗିବ । (ନଗଦ ମୂଲ୍ୟରେ ବଣ୍ଟିତ)

କଲିକତା ସନ୍ନିକଟ ହାବଡ଼ାସ୍ଥ ବଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ମୂଲ୍ୟସହିତ ଅବେଦନପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବ ।

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ହାଡ଼ିବନ୍ଧୁ ଚୌଧୁରୀ | ଅଗ୍ରିମ ଟ ୬୧ |
| „ ଗୌରଚନ୍ଦ୍ର ରାୟ ବଟକ | ବକାୟା ଟ ୫୧ |
| „ କଲ୍ପତରୁ ଦାସ ଢେଙ୍କାନାଳ | ଅଗ୍ରିମ ଟ ୩ [illegible] |
| ଶ୍ରୀ ଶ୍ରୀ ରାଜା ବଷ୍ଟେ ହିନ୍ଦୋଳ | ବକାୟା ଟ ୭୧ |

☞ ଏହି ଉତ୍କଳ ଦୀପିକା ।ସହର କଟକ ପଇସାବଜାରକଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ପାଇନିୟର ନାମକ ସରକାରୀ ଅଗ୍ନିପୋତ ଯେ କି ଚଢ଼ନଦାରମାନଙ୍କର ନାବସ୍ୱରୂପେ ଗୋଟିଏ ଚଢ଼ନଦାର ନୌକାକୁ ଟାଣି ନେଇ ପରୀକ୍ଷାଭାବରେ କଟକଠାରୁ ଚାନ୍ଦବାଲି ଓ ଚାନ୍ଦବାଲିଠାରୁ କଟକ ମଧ୍ୟରେ ଯାତାୟାତ କରୁଅଛି ତାହା ଅନ୍ୟହୁକୁମ ନ ହେବା ପର୍ଯ୍ୟନ୍ତ ଉକ୍ତ ସ୍ଥାନମାନଙ୍କରେ ସେହିରୂପ ଗତାୟାତ କରି ଚଢ଼ନଦାର ପ୍ରଭୃତିଙ୍କି ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ମୁକାମମାନଙ୍କରୁ ଉଠାଇ ନେଇ ଓହ୍ଲାଇ ଦେଉଥିବ ।

କଟକ ଓ ଚାନ୍ଦବାଲିଠାରୁ ପ୍ରସ୍ଥାନର ସମୟ ଓ ଜାହାଜ ଭଡ଼ା ଓ ଦ୍ରବ୍ୟମାନଙ୍କର ଭଡ଼ାର ଦର ନିମ୍ନରେ ଲେଖା ଯାଉଅଛି ।

୧୮୭୮ ସାଲ ଅଗଷ୍ଟ ମାସ ତା ୧ ରିଖଠାରୁ ଓ ତତ୍ପରେ ପାଇନିୟର ନାମକ ଅଗ୍ନିପୋତ ପ୍ରତିମଙ୍ଗଳବାର ଯୋବ୍ରାଘାଟ ଛାଡ଼ିବ ଓ ପ୍ରତିଗୁରୁବାର ସନ୍ଧ୍ୟା ଘ ୪ ଟା ସମୟରେ ଚାନ୍ଦବାଲିଘାଟ ଛାଡ଼ିବ କିନ୍ତୁ କଲିକତାର ଅଗ୍ନିପୋତ ପହୁଞ୍ଚିବାର ସୁବିଧା ବିବେଚନାରେ ଚାନ୍ଦବାଲି ଛାଡ଼ିବାର ସମୟ ନିରୂପଣ ହେବ ।

### କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ଯେତେ ଭଡ଼ା ଲାଗିବ ତହିଁର ନିରଖ ।

୧ମ ଶ୍ରେଣୀ । ଅର୍ଥାତ ଯେଉଁମାନଙ୍କୁ ଜ ୨ ଣ ଚାକର ମିଳିବ ଓ ମ ୪ ମଣ ଓଜନର ସରଞ୍ଜାମ ନେଇ ପାରିବେ ଏପରି ଚଢ଼ନଦାରମାନଙ୍କୁ ଟ ୨୫ ଟଙ୍କା ଦେବାକୁ ହେବ ।

୨ୟ ଶ୍ରେଣୀ । ଅର୍ଥାତ ଯେଉଁମାନଙ୍କୁ ଜ ୧ ଣ ଚାକର ମିଳିବ ଓ ମ ୨ ମଣ ଓଜନର ସରଞ୍ଜାମ ନେଇ ପାରିବେ ଏପରି ଚଢ଼ନଦାରମାନଙ୍କୁ ଟ ୧୦ ଟଙ୍କା ଦେବାକୁ ହେବ ।

୩ୟ ଶ୍ରେଣୀ । ଅର୍ଥାତ ଯେଉଁମାନଙ୍କୁ ଚାକର ମିଳିବ ନାହିଁ ଓ ମ ୨ ମଣ ଓଜନର ସରଞ୍ଜାମ ନେଇ ପାରିବେ ଏପରି ଚଢ଼ନଦାରମାନଙ୍କୁ ଟ ୨ ଟଙ୍କା ଦେବାକୁ ହେବ ।

ଗଣ୍ଠିର ଆକୃତି ଅନୁସାରେ ଫି ଗଣ୍ଠିରେ ଟ ୦। ଅଣାଠାରୁ ଟ ୧ ଟଙ୍କା ପର୍ଯ୍ୟନ୍ତ ମାସୁଲ ଲାଗିବ ମାତ୍ର ବସ୍ତା ଓ ବଡ଼ ୨ ହାଲୁକା ଆଧାରର ପରିମାଣାନୁସାରେ ୫୦ କ୍ୟୁବିକ ଫିଟ ପରିମାଣର ଫି ଟନକୁ ଟ ୭ ଟଙ୍କା ମାସୁଲ ଲାଗିବ ଓ ଛୋଟ ଆକୃତିର ଭାରି ୨ ଗଣ୍ଠିର ୨୮ ମହଣିଆ ଫି ଟନକୁ ଟ ୭ ଟଙ୍କା ମାସୁଲ ଲାଗିବ । ଜାହାଜର ଛାତ ଉପରେ ପାଲକି ନେବାକୁ ହେଲେ ଟ ୫ ଟଙ୍କା ଭଡ଼ା ଲାଗିବ ।

### ମଧ୍ୟବର୍ତ୍ତୀ ମୁକାମମାନଙ୍କୁ ଯାହାଜ ଭଡ଼ାର ନିରଖ ।

| | ୧ମ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|---|
| କଟକଠାରୁ ଜଗତପୁର | ଟ ୧ | ଟ ୦ ୳ | ଟ ୦ / |
| ଏଜନ ବାଘବରିଆ | ଟ ୨ | ଟ ୧ | ଟ ୦ ୵ |
| ଏଜନ କେନ୍ଦୁପାଟଣା | ଟ ୫ | ଟ ୨ | ଟ ୦ ।/ |
| ଏଜନ ଧାମପୁର | ଟ ୭ | ଟ ୩ | ଟ ୦ ।୵ |
| ଏଜନ କେନ୍ଦ୍ରାପଡ଼ା | ଟ ୮ | ଟ ୪ | ଟ ୧ |
| ଏଜନ ପଟାମୁଣ୍ଡେଇ | ଟ ୧୨ | ଟ ୫ | ଟ ୧ |
| ଏଜନ ହଁସୁଆ | ଟ ୧୭ | ଟ ୭ | ଟ ୧। |
| ଏଜନ ଚାନ୍ଦବାଲି | ଟ ୨୫ | ଟ ୧୦ | ଟ ୨ |

ଉପରଲିଖିତ ସ୍ଥାନମାନଙ୍କ ମଧ୍ୟବର୍ତ୍ତୀ ସ୍ଥାନମାନଙ୍କ ସକାଶେ ଅତିରିକ୍ତ ଭଡ଼ା ନିଆଯିବ ନାହିଁ ।

ମାଲ ସବୁ ବର୍ତ୍ତମାନ କଟକ, କେନ୍ଦୁପାଟଣା, କେନ୍ଦ୍ରାପଡ଼ା, ପଟାମୁଣ୍ଡେଇ, ହଁସୁଆ ଓ ଚାନ୍ଦବାଲିର ତଳଲିଖିତ ଦରରେ ରେଜେଷ୍ଟରି କରି ରୱାନା କରିବାକୁ ହେବ ।

### ଗଣ୍ଠିରର ଦର ।

| | | | | | | |
|---|---|---|---|---|---|---|
| କଟକଠାରୁ କେନ୍ଦୁପାଟଣା | ଟ ୦ / | ଠାରୁ | ଟ ୦ ୲ | ପର୍ଯ୍ୟନ୍ତ | ଆକୃତି ବିବେଚନାରେ ଫି ଟନକୁ | ଟ ୧୳ |
| „ କେନ୍ଦ୍ରାପଡ଼ା | ଟ ୦ ୵ | „ | ଟ ୦ ।୵ | | „ | ଟ ୨। |
| „ ପଟାମୁଣ୍ଡେଇ | ଟ ୦ ୷ | „ | ଟ ୦ ୳ | | „ | ଟ ୩୳ |
| „ ହଁସୁଆ | ଟ ୦ । | „ | ଟ ୦ ୴ | | „ | ଟ ୫୳ |
| „ ଚାନ୍ଦବାଲି | ଟ ୦ । | „ | ଟ ୦ ୧ | | „ | ଟ ୭।୵ |

କଟକଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ ଯେତେ ଭଡ଼ା ଲାଗିବାର ଓ ଅସବାବ ସବୁର ଯେତେ ଦର ଉପରେ ନିରୂପଣ ହୋଇଅଛି ସେହି ଦର ଅନୁସାରେ ଚାନ୍ଦବାଲିଠାରୁ କଟକ ପର୍ଯ୍ୟନ୍ତ ଲାଗିବ ।

Digitized by srujanika@gmail.com

## ମଧ୍ୟବର୍ତ୍ତୀ ମଜୁଲ ସକାଶେ ଯାତ୍ରୀଙ୍କ ଓ ଅସବାବର ଭଡ଼ା ।

| | ଫି ଗଣ୍ଡିରକୁ | ଫି ଟନକୁ | ୧ମ ଶ୍ରେଣୀ | ୨ୟ ଶ୍ରେଣୀ | ୩ୟ ଶ୍ରେଣୀ |
|---|---|---|---|---|---|
| ଚାନ୍ଦବାଲିଠାରୁ ହଁସୁଆ ... ... | ଟ ୦।୵ ରୁ ଟ ୦। | ଟ ୧ ୳ | ୫ | ୨ | ।/ |
| „ ପଟାମୁଣ୍ଡେଇ ... ... | ।/ ରୁ ଟ ୦।/ | ଟ ୩ । | ୧୨ | ୫ | ୳ |
| „ କେନ୍ଦ୍ରାପଡ଼ା ... ... | ।॥ ରୁ ଟ ୦ ୳ | ଟ ୪୧ | ୧୬ | ୬ | ୧ |
| „ ଧାମପୁର ... ... | | | ୧୮ | ୮ | ୧ ।/ |
| „ କେନ୍ଦୁପାଟଣା ... ... | । ରୁ ଟ ୦ ୳ | ଟ ୫ ୳ | ୨୦ | ୯ | ୧ ୳ |
| „ କଟକ ... ... | । ରୁ ଟ ୧ | ଟ ୭୧ | ୨୫ | ୧୦ | ୨ |

ପୂର୍ବୋକ୍ତ ସ୍ଥାନମାନଙ୍କ ମଧ୍ୟରେ ଥିବା ମୁକାମମାନଙ୍କରେ ଚଢ଼ନଦାରଙ୍କ ମାଲ ଉତ୍ତିବା ଗଲେ ତହିଁ ନିମିତ୍ତ କୌଣସି ଅତିରିକ୍ତ ଭଡ଼ା ଲାଗିବ ନାହିଁ ।

ଅଗ୍ନି ପୋତରେ ପ୍ରଥମ ଶ୍ରେଣୀସ୍ଥ ଜ ୪ ଣ ଚଢ଼ନଦାରଙ୍କ ସକାଶେ ସ୍ଥାନ ଅଛି ଓ ୩ୟ ଶ୍ରେଣୀସ୍ଥ ଅର୍ଥାତ ଯେଉଁ ଚଢ଼ନଦାରମାନେ ଛାତ ଉପରେ ରହିବେ ଏପରି ଜ ୩୦ ଣ ଚଢ଼ନଦାରଙ୍କ ସକାଶେ ସ୍ଥାନ ଅଛି ଓ ତହିଁ ସଙ୍ଗେ ଥିବା ନୌକାରେ ୨ୟ ଶ୍ରେଣୀସ୍ଥ ଜ ୬ ଣଙ୍କ ନିମିତ୍ତ ଓ ୩ୟ ଶ୍ରେଣୀସ୍ଥ ଅର୍ଥାତ ଯେଉଁ ଚଢ଼ନଦାରମାନେ ଛ ଛାତ ଉପରେ ରହିବେ ଏପରି ଜ ୧୦ ଣ ଚଢ଼ନଦାରଙ୍କ ସକାଶେ ସ୍ଥାନ ଅଛି ।

ବିଳମ୍ବ କମ୍ବା ଅଟକ କମ୍ବା ଅନପେକ୍ଷିତ ଘଟନା ହେତୁରୁ ଗବର୍ଣ୍ଣମେଣ୍ଟ ଦାୟୀ ହେବେ ନାହିଁ କିନ୍ତୁ ସୁରକ୍ଷା ଓ ଠିକ ସମୟରେ ଯିବା ଆସିବା ଓ ଚାନ୍ଦବାଲିକି ଯିବା ଓ ସେଠାରୁ ଫେର ଆସିବାରେ ଅଟକ କମ୍ବା ବିଲମ୍ବ ନିବାରଣ ପକ୍ଷରେ ଯଥାସାଧ୍ୟ ଚେଷ୍ଟା କରାଯିବ ।

କଟକ,
୨୫।୭।୭୮

ସ୍ୱାକ୍ଷର ଜେ ମାକ୍‌ମିଲନ ।
ଏକଜେକ୍ୟୁଟିବ ଇଞ୍ଜିନିୟର ମହାନଦୀ ବିଭାଗ

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା. ୧୩ ଗ
ସଂ ୩୫ ଖ୍ୟା
ତା ୩୧ ଏଣ ମାହେ ଅଗଷ୍ଟ ସନ ୧୮୭୮ ମସିହା । ମୁ । ଭାଦ୍ରବ ଦ ୧୭ ଦ ସନ ୧୨୮୫ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୬୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୧
ମଫସଲପାଇଁ ଡାକମାସୁଲ ଟ୧୯/

କୌଣସି ସ୍ତ୍ରୀ ଆପଣା ସ୍ୱାମିର ଜନ୍ମା ପୁତ୍ରର ଉତ୍ତରାଧିକାରଣୀ ହେଲା ଉତ୍ତାରୁ ଭ୍ରଷ୍ଟା ହେଲେ ଉତ୍ତରାଧିକାରିତ୍ୱରୁ ବଞ୍ଚିତ ହୋଇ ନ ପାରେ ଏପରୁ ପୂର୍ବରୁ ନିଷ୍ପତ୍ତି ହୋଇ ଅଛି ମାତ୍ର ସମ୍ପ୍ରତି ଏକ ମୋକଦ୍ଦମାରେ ହାଇକୋର୍ଟ ବିଚାର କରି ଅଛନ୍ତି କି କୌଣସି ଭ୍ରଷ୍ଟାସ୍ତ୍ରୀ ଆପଣା ମୃତପୁତ୍ରର ଉତ୍ତରାଧିକାରଣୀ ହୋଇ ନ ପାରେ ।

---

ସନ ୧୮୭୯ ସାଲର ଟ ୫ ସୁଧର ଗବର୍ଣ୍ଣମେଣ୍ଟ ପ୍ରମିସରି ନୋଟ ଆଗାମି ମଇମାସ ତା ୧ ରିଖରେ ଆଦାୟ କରିବାର ବିଜ୍ଞାପନ ଗବର୍ଣ୍ଣମେଣ୍ଟ ଦେଇ ଅଛନ୍ତି । ଏଥିସକାଶେ ଆଉ ଗୋଟିଏ ଲୋନ ଫିଟିବ ଯେ ତହିଁରେ ଦୁଇ ପ୍ରକାର ପ୍ରମିସରି ନୋଟ ବାହାରିବ । ଏଥିର ସୁଧ ବାର୍ଷିକ ଶତକଡା ଟ ୫ ହେବ । ଏଥିର ବିଶେଷ ବିବରଣ ଯାହାଙ୍କୁ ଜାଣିବାର ପ୍ରୟୋଜନ ହେବ ସେ ବିସ୍ତାରିତ ବିଜ୍ଞାପନ ଗବର୍ଣ୍ଣମେଣ୍ଟ ଗଜେଟରେ ଦେଖିବେ ।

---

କଟକ ମିଉନିସିପାଲିଟିର କମିଶନରମାନେ ଏ ନଗର ସକାଶେ କେତେକ ଉପବିଧି କରି ଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟବଙ୍ଗାଳ ସେ ସମସ୍ତ ମଞ୍ଜୁର କରି ସର୍ବସାଧାରଣଙ୍କ ଜାଣିବା କାରଣ ଗଜେଟରେ ପ୍ରଚାର କରି ଅଛନ୍ତି । ଚଳିତମାସ ତା ୨୦ ରିଖର ବଙ୍ଗଳା ଗଜେଟରେ ଉପବିଧିମାନ ଛପା ହୋଇଅଛି । ପାଇଖାନା ବିଷୟରେ କେତେଗୁଡିଏ ନୂତନ ନିୟମ ହୋଇଅଛି ଏବଂ ସନ୍ଧ୍ୟା ଉତ୍ତାରୁ ସଡକରେ ଶଗଡ ଯାତାୟାତ କଲେ ତହିଁରେ ଗୋଟାଏ ଆଲୁଅ ବନ୍ଧା ଥିବାର ନିୟମ ହୋଇଅଛି ।

---

ଗବର୍ଣ୍ଣମେଣ୍ଟ ଇଣ୍ଡିଆରୁ ଏକ ସରକ୍ୟୁଲର ବାହାରି ଅଛି ତହିଁରେ ଲେଖାଅଛି ଗତ ଦୁଇବର୍ଷ ହେଲା ଯେଉଁ ଦୁର୍ଭିକ୍ଷ ମାନ୍ଦ୍ରାଜ ପ୍ରଦେଶରେ ବର୍ତ୍ତମାନ ରହିଅଛି ଓ ଯହିଁ ହେତୁରୁ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ କଷ୍ଟ ହୋଇଅଛି ତାହା ଶୀଘ୍ର ଶେଷ ହେବାର ସମ୍ଭାବନା ଅଛି । କେତେ ଜିଲ୍ଲାରେ ଅତ୍ୟନ୍ତ ଅନ୍ନକଷ୍ଟ ପଡିବାରୁ ଅନେକ ଲୋକ ଅପରାଧ କରି ଜେଲରେ ପଡି ଅଛନ୍ତି । ଖାଦ୍ୟଦ୍ରବ୍ୟର ମୂଲ୍ୟ ସାଧାରଣ କାଳର ନ୍ୟାୟ ଏ ପ୍ରକାର କଇଦଙ୍କ ମଧ୍ୟରୁ ଯେଉଁମାନେ କ୍ଷମା ପାଇବାର ଯୋଗ୍ୟ ସେମାନଙ୍କୁ ଛାଡିଦିଆଯିବ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଜିଲ୍ଲା ମାଜିଷ୍ଟ୍ରେଟ ଓ ଜଜଙ୍କ ସହିତ ପରାମର୍ଶ କରି ଏମାନଙ୍କର ତାଲିକା ପ୍ରସ୍ତୁତ କରି ରଖିବେ ।

---

ସମ୍ବାଦପତ୍ରମାନଙ୍କରେ ଲେଖାଯାଏ ଯେ ରୁଷୀୟ ସମ୍ରାଟ୍ କାବୁଲକୁ ଦୂତ ପ୍ରେରଣ କରି ଅଛନ୍ତି । କି କାର୍ଯ୍ୟ ସାଧନନିମିତ୍ତ ଦୂତ ଆସିଅଛି ପ୍ରକାଶ ପାଇ ନାହିଁ କିନ୍ତୁ କାବୁଲର ଅମୀର ଦୂତ ଓ ତାହାଙ୍କ ସମଭିବ୍ୟାହାରି ଲୋକଙ୍କର ଯଥାବିହିତ ସମ୍ମାନପୂର୍ବକ ଅଭ୍ୟର୍ଥନା କଲେ ଏବଂ ସମ୍ରାଟଙ୍କର ପତ୍ର ପାଠକରି ତହିଁର ପ୍ରତ୍ୟୁତ୍ତର ଦେଲେ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଏ ସମ୍ବାଦ ପାଇ ଏଠାରୁ ଦୂତ ପଠାଇବାର ସ୍ଥିର କରି ଅଛନ୍ତି ଏବଂ ଏଥିମଧ୍ୟରେ ଦଳ ବଳ ସଙ୍ଗେ ନେଇ ଦୂତ ଯାଇଥାନ୍ତେ କିନ୍ତୁ ଅମୀର ଆପଣାର ଯେଉଁ ପୁତ୍ରଙ୍କୁ ଉତ୍ତରାଧିକାରୀ ନିଯୁକ୍ତ କରିଥିଲେ ତାହାଙ୍କର ମୃତ୍ୟୁ ହେବାରୁ ଦୂତ ପଠାଇବାର ସ୍ଥଗିତ ରହିଲା କାରଣ ଅମୀର ଏତେବେଳେ ମହା ଶୋକରେ ଥିବେ । କଥିତ ହୁଅଇ ଯେ କାବୁଲର ଉତ୍ତରପଶ୍ଚିମ ସୀମାରେ ରୁଷୀୟ ସେନା ରହିବାର ଗୋଟିଏ ସ୍ଥାନ ପ୍ରାର୍ଥନା ସକାଶେ ରୁଷୀୟଦୂତ ଆସିଥିଲେ ।

---

ଏଠା କଲକ୍ଟର ମହକୁମାର ଜଣେ ତହସିଲଦାର ସେମ ଯାଚକ ଟ ୧୭୫୩ ଙ୍କା କଲକ୍ଟର ତହବିଲରୁ ଆତ୍ମସାତ୍ କରି ହାଜତରେ ପଡିଅଛି ଓ ମୋକଦ୍ଦମା ସ୍ୱୟଂ ମେଜିଷ୍ଟରଙ୍କର ଅନୁସନ୍ଧାନରେ ଅଛି । ସେମଯାଚକ ଦେଶୀୟ ଖ୍ରୀଷ୍ଟିୟାନ ଓ ଆଠବର୍ଷ ହେଲା ତହସିଲଦାରି କର୍ମରେ ନିଯୁକ୍ତ ଥାଇ ବିଶ୍ୱାସୀ ଓ ସଚ୍ଚରିତ୍ର ଲୋକ ସ୍ୱରୂପ ଗୃହୀତ ହୋଇଥିଲା । ବୋଧହୁଏ ଏହି ହେତୁରୁ ତାହାପ୍ରତି ଅଧିକ ଆକଟ ନ ଥିଲା ସୁତରାଂ ତହବିଲ ଖାଇବାକୁ ଅଧିକ ଅଟକ ନ ରହିଲା । ସେ ତିନିଶହ ବର୍ଷରୁ କ୍ରମାଗତ ତହବିଲ ଖାଇ ଶେଷରେ ଧରା ପଡିଲା । କିନ୍ତୁ-

Digitized by srujanika@gmail.com

ଦନ ହେଲା ତାହା କର୍ମର ବିଶୃଙ୍ଖଳା ହେତୁ ତାହା ଉପରେ କେତେକଥର ଜରିମାନା ହେଲା ଓ ଦିନେ ରବର୍ଟସାହେବ ତାହାର ରେଜିଷ୍ଟ୍ରି ବହି ତଦନ୍ତ କରିବାରେ ଦେଖିଲେ ଯେ ବହିରେ ଅନେକ ସ୍ଥାନରେ କାଟକୁଟ ଓ ଦୁଇଏକ ପତ୍ର ଅନ୍ତର ହୋଇଅଛି । ସେ ଏଥିର ରିପୋର୍ଟ ଓ୍ୱାଲସାହେବଙ୍କ ନିକଟକୁ କରିବାରୁ ଓ୍ୱାଲସାହେବ ସେମଯାତଙ୍କୁ ସସପେଣ୍ଡ କରି ତାକୁ ଜବାବଦିହିରେ ଆଣିବାରେ ସେ ସାତଶଟଙ୍କା ଆପେ ଆତ୍ମସାତ୍ କରିଥିବାର ମାନିଲା ବାକିଟଙ୍କା ପକ୍ଷରେ କହିଲା ଯେ କିଛି ଚୋରି ଯାଇଅଛି ଓ କିଛି ତାହାର ଅଧୀନସ୍ଥ ଅମଲାମାନେ ଉଧାର ନେଇ ଦେଇ ନାହାନ୍ତି । କିନ୍ତୁ ସେ ଏଥିର କିଛି ପ୍ରମାଣ ନ ଦେଲା ଓ୍ୱାଲସାହେବ ତାକୁ ତତ୍‌କ୍ଷଣାତ୍ ଫଉଜଦାରୀକୁ ପଠାଇଲେ । ଓ ଅମଲାଙ୍କ ବିପକ୍ଷରେ ପ୍ରମାଣ ନ ଥିବାରୁ ସେମାନଙ୍କୁ ସେ ମୋକଦ୍ଦମାରେ ଲିପ୍ତ କରି ନ ପାରିଲେ । ବର୍ତ୍ତମାନ ମଫସଲ ତଦନ୍ତ ହେଉଅଛି ତାହା ଶେଷ ହେଲାରୁ ଆତ୍ମସାତ୍ ଟଙ୍କାର ପରିମାଣ ନିଶ୍ଚୟ ଜଣାଯିବ । ମକଦ୍ଦମା ଚଳୁଥିବାରୁ ସେଥିପକ୍ଷରେ ଆମ୍ଭେମାନେ କିଛି କହି ନ ପାରୁଁ ବର୍ତ୍ତମାନ କହିବାର ଏତିକି ଯେ ପୂର୍ବେ ସେମଯାତଙ୍କର ସୁଖ୍ୟାତି ଶୁଣିଥିଲୁଁ ବର୍ତ୍ତମାନ ତାହାର ଏପରି ଅପଖ୍ୟାତିରେ ଦୁଃଖିତ ହୋଇଅଛୁଁ ।

---

## ସୁହୃଦ ସମାଜ ।

ଏହି ନାମରେ ଗୋଟିଏ ସଭା ଏ ନଗରରେ ସ୍ଥାପିତ ହୋଇଅଛି ଏଥିର ସଭ୍ୟ ଏ ନଗରବାସୀ କେତେଜଣ ଇଂରେଜ ଏବଂ ଦେଶୀୟ ଭଦ୍ରଲୋକ ଅଟନ୍ତି । ଏ ପ୍ରଦେଶର ମଙ୍ଗଳକର ବିଷୟମାନ ଆଲୋଚନା କରିବା ଏବଂ ଏ ପ୍ରଦେଶର ସହିତ ସମ୍ପର୍କ ରଖୁଥିବା ପ୍ରସଙ୍ଗ ସମସ୍ତର ତର୍କବିତର୍କ କରିବା ଏ ସଭାର ଉଦ୍ଦେଶ୍ୟ ଅଟଇ ଗତ ସପ୍ତାହ ଶୁକ୍ରବାର ଏ ସଭାର ଅଧିବେଶନ ହୋଇଥିଲା ତହିଁରେ ଏହି କଥାର ତର୍କବିତର୍କ ହୋଇଥିଲା ଯେ ଦୁର୍ଭିକ୍ଷର ବ୍ୟୟ ସ୍ଥାନୀୟ କରଦ୍ୱାରା ଆଦାୟ କରିବାର ଯେ ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି ତହିଁରେ ଲୋକଙ୍କର ମତ କିରୂପ ଏବଂ କେଉଁ କରଦ୍ୱାରା ତାହା ଆଦାୟ ହେଲେ ଭଲ ହେବ । ବର୍ତ୍ତମାନ ଏହି ଉଦ୍ଦେଶ୍ୟରେ ଲାଇସେନ୍ସ ଟାକ୍ସ ହୋଇଅଛି ଏହି କର ଥିବା ଉଚିତ କିମ୍ବା ଏଥି ବଦଳରେ ଅନ୍ୟ କୌଣସି ଟାକ୍ସ ଯଥା ମନୁଷ୍ୟ ଉପରେ କି ଗୃହସ୍ଥ ଉପରେ କି ହଳ ଉପରେ ଟାକ୍ସ ଅଥବା ବିବାହ ଟାକ୍ସ କି ସଦାବର୍ତ୍ତ ଜମିର ଟାକ୍ସ ଉଚିତ ହେବ ! ସଭ୍ୟମାନଙ୍କର ମତ ଏହି ହେଲା ଯେ ସଦାବର୍ତ୍ତ ଭୂମିର ଟାକ୍ସ ସର୍ବାପେକ୍ଷା ଉଚିତ ସାଧାରଣ ହିତସକାଶେ ହୋଇଥିବା ଦାନ ଅପବ୍ୟୟିତ ହେଉଅଛି ତହିଁର କିଛି ପ୍ରତୀକାର ହେଉ ନାହିଁ ବଡ ଦୁଃଖର ବିଷୟ ଅଟଇ । ଏଥିରେ ଅନ୍ତତଃ ଏକଲକ୍ଷଟଙ୍କା ବର୍ଷରେ ଆୟ ହେବ ଓ ତାହା ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଯଥେଷ୍ଟ ଅଟେ । ଏଥିଉତ୍ତାରୁ ବିବାହଟାକ୍ସ ଭଲବୋଲି ଅନେକ ସଭ୍ୟଙ୍କ ମତ ହେଲା ଏବଂ ଲୋକସଂଖ୍ୟା ଉପରେ ଟାକ୍ସ ବସାଇବା ମଧ୍ୟ କେତେକ ସଭ୍ୟଙ୍କ ମନକୁ ଘେନିଲା । ଜଣପ୍ରତି ବର୍ଷକେ ଏକପଇସା ଲେଖାଏ ଟାକ୍ସ କଲେ କୋଡିଏହଜାରରୁ ଅଧିକ ଟଙ୍କା ମିଳିପାରେ ।

ସାକ୍ଷାତ୍‌ଟାକ୍ସ ଅପେକ୍ଷା ଦ୍ରବ୍ୟାଦିଦ୍ୱାରା କର ନେବାର ରୀତିକୁ ସଭ୍ୟମାନେ ପ୍ରଶଂସା କଲେ । ସମସ୍ତେ ଏକମତ ହୋଇ କହିଲେ ଯେ ଲୁଣର ମାସୁଲ ଗବର୍ଣ୍ଣମେଣ୍ଟ ଊଣା କରିଦେବାରେ ଲୋକଙ୍କର ତାଦୃଶ ଉପକାର ହୋଇ ନାହିଁ କିନ୍ତୁ ଅନେକ ରାଜସ୍ୱ ଅନର୍ଥକ କ୍ଷତି ହୋଇଅଛି । ବରଂ ଦୁଇ ଟଙ୍କା ଚାରିଅଣାରେ ବଢାଇ ଲାଇସେନ୍ସ ଟାକ୍ସ ନେଇ ନ ଥିଲେ ଲୋକେ ଏତେ କଷ୍ଟ ମଣନ୍ତେ ନାହିଁ ଯାହା କି ଲାଇସେନ୍ସ ଟାକ୍ସ ବସିବାରୁ ହୋଇଅଛି ।

---

## ଜଣେ ସରକଲଅଫିସର ।

ଯଦ୍ୟପି କି ଗତ ଦୁଇ ତିନିସପ୍ତାହରୁ ବାବୁ ଗଣେଶପ୍ରସାଦସିଂହ ସରକଲ ଅଫିସରଙ୍କ ନାମରେ କେତେକ ଜନରବ ଏ ନଗରରେ ଉଠିଥିଲା ତଥାଚ କାହାର ବିଶ୍ୱାସ ନ ଥିଲା ଯେ ସେ ଏତେଶୀଘ୍ର କର୍ମରୁ ବରଖାସ୍ତ ହେବେ । ଗତ ଶନିବାର କଲେକ୍ଟରସାହେବ ତାହାଙ୍କୁ ବରଖାସ୍ତ କଲେ ଏ ସମ୍ବାଦରେ ସମସ୍ତେ ଚମକି ଉଠିଲେ କାରଣ ସାହେବଙ୍କଠାରେ ତାହାଙ୍କର କି ଅପରାଧ କିପରି ପ୍ରକାଶ ପାଇଲା ତାହା କେହି ସ୍ଥିର କରି ପାରିଲେ ନାହିଁ ଏବଂ ଅଦ୍ୟ ମଧ୍ୟ ସେକଥା ଆମ୍ଭେମାନେ ଶୁଣିନାହୁଁ । ସାହେବ ତାହାଙ୍କୁ ସରକଲ ଅଫିସର କର୍ମରୁ ବରଖାସ୍ତକରି ଆପଣାର ବାହାଲି କର୍ମକୁ ଫେରି ଅଧିକାର ଆଜ୍ଞା ଦେଇ ଅଛନ୍ତି । ଏଥିରୁ ଏହି ଅନୁମାନ ହେଉଅଛି କି ସାହେବ ତାହାଙ୍କୁ ସରକଲ ଅଫିସରର ଅନୁପଯୁକ୍ତ ଜ୍ଞାନ କରି ଅଛନ୍ତି । ଯେବେ ତାହାଙ୍କର ଚରିତ୍ରଦୋଷରୁ ବରଖାସ୍ତ କରିଥାନ୍ତେ ତେବେ ତାହାଙ୍କର ଅସଲ କର୍ମକୁ ଫେରି ଯିବାକୁ ବୋଲନ୍ତେ ନାହିଁ । କାରଣ ଅସଲ କର୍ମଟି ବେଉସେନ ମହକୁମାର ହେଡକ୍ଲର୍କୀ ଏବଂ ନଦ୍ୟାର ବେଣୀଗୋପାଳ ବାବୁ ଏହି ମହକୁମାରେ ରହି ଯେପରି ହାକିମମାନଙ୍କୁ ଚିଠା କାଢି ଦେବାର ପ୍ରକାଶ ପାଇଅଛି ତହିଁଉତ୍ତାରୁ ଅସଚ୍ଚରିତ୍ର ସନ୍ଦେହ ଯାହା ଉପରେ ହେବ ତାହାକୁ ଏମନ୍ତ ମହକୁମାରେ କାର୍ଯ୍ୟ କରିବା ସକାଶେ କେଉଁ ବିବେକ ହାକିମ ଅନୁମତି ଦେବ ? ସୁତରାଂ ଆମ୍ଭେମାନେ ଯାହା ଅନୁମାନ କରୁଅଛୁଁ ଯେ ଗଣେଶବାବୁଙ୍କୁ ସରକଲ ଅଫିସରୀ କର୍ମର ଅଯୋଗ୍ୟ ଜ୍ଞାନକରି ହାକିମ ବରଖାସ୍ତ କରିଅଛନ୍ତି ତାହାଇ ବଳବତ୍ ଅଟଇ ।

ପକ୍ଷାନ୍ତରେ ଗଣେଶବାବୁଙ୍କ ଚରିତ୍ରବିରୁଦ୍ଧରେ ଅନେକ ଜନରବ ଏ ନଗରରେ ଉଠିଅଛି ଏବଂ ଲୋକଙ୍କର ଏହିପରି ବିଶ୍ୱାସ ହୋଇଅଛି ଯେ ଏହି ସବୁ ଜନରବ ଊଣା ଅଧିକରେ ହାକିମଙ୍କ କର୍ଣ୍ଣଗୋଚର ହୋଇଥିବ ଯେ ସେଥିହେତୁରୁ ଏପରି ଘଟଣା ହୋଇଅଛି । ଏପରି ଅନୁମାନ କରିବା ଅସଙ୍ଗତ ନୁହେ ମାତ୍ର ଆମ୍ଭେମାନେ ବିବେଚନା କରୁଁ ଯେ ଏତିକରେ ନିଶ୍ଚିନ୍ତ ରହିବା ଭଲ ହୋଇ ନାହିଁ । ଚରିତ୍ର ଉପରେ ଦୋଷାରୋପ ହେଲେ ତହିଁର ଅନୁସନ୍ଧାନ କରିବା ଉଚିତ । ଏ ବିଷୟରେ ଆମ୍ଭେମାନଙ୍କର କିଛି କହିବାକୁ ବାକି ରହିଲା ।

ସମ୍ପ୍ରତି କର୍ତ୍ତବ୍ୟ ଏହି ଯେ ଲାଇସେନ୍ସ ଟାକ୍ସ କାର୍ଯ୍ୟରେ ଶିକ୍ଷିତ ନବଯୁବକମାନେ ନିଯୁକ୍ତ ହେବାର ଦେଖି ଆମ୍ଭେମାନେ ଅତି ଆନନ୍ଦିତ ହୋଇ ଥିଲୁଁ । କଗ୍ରମାନଙ୍କର କପାଳ ଫିଟିବାର ମନେ କରିଥିଲୁଁ । ସେସମୟରେ ଆମ୍ଭେମାନେ ସେମାନଙ୍କୁ ନ୍ୟାୟ ଓ ସଦ୍‌ବ୍ୟବହାର ପୂର୍ବକ ଉତ୍ତମରୂପେ କାର୍ଯ୍ୟ କରି ନବ୍ୟଦଳର ମର୍ଯ୍ୟାଦା ଓ ଗୌରବ ବଢାଇବା କାରଣ ଅନୁରୋଧ କରିଥିଲୁଁ ଓ ମଧ୍ୟ ଭରସା କରିଥିଲୁଁ କିନ୍ତୁ ଗଣେଶବାବୁଙ୍କ ବରଖାସ୍ତିରେ କିଞ୍ଚିତ ହତାଶ ହୋଇ ବଡ ଦୁଃଖିତ ହୋଇଅଛୁଁ ।

---

## ବ୍ୟଭିଚାରର ମକଦ୍ଦମା ।

ଦଣ୍ଡବିଧିର ଅନ୍ୟାନ୍ୟ ଅପରାଧ ସମ୍ପର୍କୀୟ ମକଦ୍ଦମା ପରି ଜାଣି ଶୁଣି ଅନ୍ୟର ସ୍ତ୍ରୀ ସହିତ

Split by PDF Splitter
Digitized by srujanika@gmail.com